# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୯/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, August 9/2019 | ★★★★★★

୪୫ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପୁମା ସହ ଚୁକ୍ତି କଲେ ଦୂତୀ**
ଓଡ଼ିଶା ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଜଣାଶୁଣା ସ୍ପୋର୍ଟ୍ସ କମ୍ପାନୀ ପୁମା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି।

୧୯

୧୦

**'ସୁମର ସିଂ ଡାଏରିଜ୍'ରେ କରିସ୍ମା**
ଅଭିନେତ୍ରୀ କରିସ୍ମା ଶର୍ମା ଡ୍ରାମା ସିରିଜ୍ 'ସୁମର ସିଂ ଡାଏରିଜ୍'ରେ ଅଭିନୟ କରିବାକୁ ଯାଉଛନ୍ତି।



# ଟାଟା: ଖଣି ହାତେଇବାକୁ ବ୍ୟାକୁଳ

- ଅହେତୁକ ଅନୁକମ୍ପା ପ୍ରଦର୍ଶନ
- ରାଜ୍ୟ ସୁପାରିସ ପରେ କେନ୍ଦ୍ର କରୁଛି ବିଚାର
- ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ଲାଲା ସୁନୀଲ କୁମାର ରଥ/କୁମାରଶ୍ରୀ ସାହୁ
କଟକ ଅଫିସ,୮।୮

ଟାଟା ସାମ୍ରାଜ୍ୟର ଜନ୍ମ ଓଡ଼ିଶାର ପ୍ରାକୃତିକ ସମ୍ପଦରୁ ହୋଇଛି। ଆମ ମଧ୍ୟରେ କ୍ୱଚିତ୍ ଥିବେ ଯେଉଁମାନେ ଟାଟା ଶିଳ୍ପ ଇତିହାସ ଜାଣିଥିବେ। ସେହି ସାମ୍ରାଜ୍ୟର ପ୍ରଥମ ବୃହତ୍ ଶିଳ୍ପ ଥିଲା ଜାମ୍‌ସେଦପୁରସ୍ଥିତ ଟାଟା ଇସ୍ପାତ କାରଖାନା। ଜାଣିବାର କଥା ଯେ, ଏହି ଇସ୍ପାତ କାରଖାନାକୁ କଞ୍ଚାମାଲ୍ ଅର୍ଥାତ୍ ଲୁହାପଥର ଓଡ଼ିଶାରୁ ଯାଉଥିଲା। ଏବେ ମଧ୍ୟ ଯାଉଛି। କାରଖାନା ଓଡ଼ିଶାର ସୀମାନ୍ତ ପଡ଼ୋଶୀ ରାଜ୍ୟରେ ସ୍ଥାପନ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଟାଟା ଇସ୍ପାତର ଅଧାରୁ ଅଧିକ କଞ୍ଚାମାଲ୍ ଓଡ଼ିଶାରେ ଥିବା ତାହାର କ୍ୟାପ୍ଟିଭ ଖଣିରୁ ଯାଉଛି। ଖବର ମିଳିଛି ଯେ, ଓଡ଼ିଶାର ଯେତିକି ପ୍ରାକୃତିକ ସମ୍ପଦ ସେହି କମ୍ପାନୀ ଦଖଲ କରି ବସିଥିଲା, ଏବେ ଏହାର ଲୋଭ ପ୍ରବଳ ମାତ୍ରାରେ ବୃଦ୍ଧି ପାଇଛି। ମାଇନ୍‌ସ ଆଣ୍ଡ ମିନେରାଲ୍ ଡେଭଲପ୍‌ମେଣ୍ଟ ଆଣ୍ଡ ରେଗୁଲେଶନ (ଏମ୍‌ଏମ୍‌ଡିଆର) ଆଇନ ଅନୁଯାୟୀ ସବୁ ଖଣି ମାଲିକଙ୍କୁ ୧୦ବର୍ଗ କି.ମି. ମଧ୍ୟରେ କାର୍ଯ୍ୟ କରିବାକୁ ସରକାରୀ ଅନୁମତି ମିଳିଥାଏ। ହେଲେ ସେତିକିରେ ସନ୍ତୁଷ୍ଟ ହେବା ପରିବର୍ତ୍ତେ ଟାଟା ଇସ୍ପାତ ସମୟର ସୁବିଧା ଉଠାଇ ଓଡ଼ିଶାର ୪୯.୬୧ବର୍ଗ କି.ମି ଖଣି ଅଞ୍ଚଳକୁ ହାତେଇଛି। ଏହାପରେ ବି ସନ୍ତୁଷ୍ଟ ହୋଇପାରିନି କମ୍ପାନୀ। ଓଡ଼ିଶାର ଖଣିଜ ସମ୍ପଦକୁ ବ୍ୟବହାର କରି ନେବାରେ ଅଧିକ ଇଚ୍ଛା ପ୍ରକାଶ କରି ୨୦୧୭ ଅକ୍ଟୋବର ୧୩ତାରିଖରେ ପତ୍ର ସଂଖ୍ୟା. ୦୪୯୧ରେ ଟାଟା ଷ୍ଟିଲ ଲିମିଟେଡ ରାଜ୍ୟ ସରକାରଙ୍କୁ ଖଣି ଅଞ୍ଚଳର ପରିସୀମାକୁ ୧୨୫ବର୍ଗ କି.ମି.କୁ ବୃଦ୍ଧି କରିବାକୁ ଆବେଦନ କରିଥିଲା। ଆଉ ଟାଟାର ଏଭଳି ଆବେଦନରେ ରାଜ୍ୟ ସରକାର ମଧ୍ୟ ତତ୍ପରତା ପ୍ରକାଶ ପୂର୍ବକ ପଦକ୍ଷେପ ନେଇଥିଲେ। ଖଣି ବିଭାଗ ୨୦୧୭ ନଭେମ୍ବର ୨୦ରେ ପତ୍ର ସଂଖ୍ୟା ୯୫୩୧ରେ ଖଣି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ୭ଜଣିଆ ଟିମ୍ ଗଠନ କରିଥିଲା। ଏହି ଟିମ୍ ଗଠନ ଟାଟା ଆବେଦନର ମାତ୍ର ୫ସପ୍ତାହ ମଧ୍ୟରେ କରାଯାଇଥିଲା। ଟାଟା ଷ୍ଟିଲ୍‌ର ଖଣି ଅଞ୍ଚଳ ସମ୍ପ୍ରସାରଣ ଅନୁମତି ସମ୍ପର୍କିତ ଆବେଦନକୁ ବିଚାର କରି ୨୦୧୮ମାର୍ଚ୍ଚ ୧୩ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟକୁ ଏକ ସୁପାରିସ ପତ୍ର ପଠାଯାଇଥିଲା, ଯେଉଁଥିରେ ଖଣି କମ୍ପାନୀଗୁଡ଼ିକୁ ୧୦ବର୍ଗ କି.ମି. ପରିବର୍ତ୍ତେ ୭୫ବର୍ଗ କି.ମି. ଜମି ପ୍ରଦାନ କରିବାକୁ ସୁପାରିସ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପଠାଯାଇଥିବା ଏହି ସୁପାରିସ ପତ୍ରରୁ ଜଣାପଡୁଛି ଯେ, କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଉତ୍ତମ ବୁଝାମଣା ହୋଇପାରିଛି। ଏବେ ଟାଟାର ଆବେଦନ ସହିତ ରାଜ୍ୟର ସୁପାରିସ କେନ୍ଦ୍ର କୋଳରେ ପଡ଼ିଛି। ଦିଲ୍ଲୀରେ ଯଦି ଭୁବନେଶ୍ୱର ଭଳି ଉଚ୍ଚକୋଟିର ବୁଝାମଣା ହୋଇଯିବ ତେବେ ଓଡ଼ିଶା ରାଜ୍ୟର ଖଣିଜ ସମ୍ପଦ ଟାଟା କମ୍ପାନୀ ମାଡ଼ି ବସିବା ସହଜ ହୋଇଯିବ। ଅପରପକ୍ଷରେ ଟାଟା କମ୍ପାନୀ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅନୁକମ୍ପାମୂଳକ ସୁପାରିସକୁ ଯୁକ୍ତିହୀନ ଏବଂ ଅବିଧେୟ ବୋଲି ଦର୍ଶାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ରିଟ୍ ପିଟିଶନ (ପିଆଇଏଲ୍)୨୫୦୨/୨୦୧୯) ରୁଜୁ ☞ପୃଷ୍ଠା-୪




ଟାଟା କମ୍ପାନୀ ରାଜ୍ୟ ସରକାରଙ୍କ ନିକଟରେ କରିଥିବା ଆବେଦନ ପତ୍ରର ନକଲ।

जाति

ଜାତି ଉଦ୍ଦେଶ୍ୟରେ ବାର୍ତ୍ତା: ଦେଶବାସୀ ଉପତ୍ୟକା ଓ ଲଦାଖର ବିକାଶରେ ସହାୟକ ହୁଅନ୍ତୁ

# କଶ୍ମୀରରେ ଖୁବ୍‌ଶୀଘ୍ର ବିଧାନସଭା ନିର୍ବାଚନ

**ପ୍ରଧାନମନ୍ତ୍ରୀଙ୍କ ୪୦ ମିନିଟ ଭାଷଣର ମୁଖ୍ୟାଂଶ**

- ମୁଖାର୍ଜୀ, ବାଜପେୟୀ ଓ ପଟେଲଙ୍କ ସ୍ୱପ୍ନ ସାକାର ହୋଇଛି
- ଅନୁଚ୍ଛେଦ ୩୭୦କୁ ଅସ୍ତ୍ର ଭାବେ ବ୍ୟବହାର କରୁଥିଲା ପାକିସ୍ତାନ
- ଇସ୍‌ଲାମାବାଦର ଷଡ଼ଯନ୍ତ୍ରକୁ ଜବାବ ଦେଇଛନ୍ତି ଉପତ୍ୟକାବାସୀ
- କିଛି କାଳ ପାଇଁ କେନ୍ଦ୍ର ଅଧୀନରେ ରହିବ ଜମ୍ମୁ-କଶ୍ମୀର
- ପର୍ଯ୍ୟଟନ ଓ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯିବ



ନୂଆଦିଲ୍ଲୀ,୮।୮
(ପି.ଟି./ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରରେ ଖୁବ୍‌ଶୀଘ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଉପତ୍ୟକାବାସୀ ସେମାନଙ୍କ ମତାଧିକାର ସାବ୍ୟସ୍ତ କରି ନିଜ ନିଜ ପ୍ରତିନିଧି ବାଛିବାର ସୁଯୋଗ ପାଇବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସ୍ପଷ୍ଟ କରିବା ସହ ଏହାକୁ ନେଇ ରହିଥିବା ଅନିଶ୍ଚିତତା ଦୂର କରିଛନ୍ତି। ସମ୍ବିଧାନ ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ଜମ୍ମୁ-କଶ୍ମୀର ଓ ଲଦାଖକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯିବା ପରେ ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ୪୦ ମିନିଟ ଧରି ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ରାତି ୮ଟାରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ଏକ ଐତିହାସିକ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ଶ୍ୟାମା ପ୍ରସାଦ ମୁଖାର୍ଜୀ, ଅଟଳବିହାରୀ ବାଜପେୟୀ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସମେତ କୋଟି କୋଟି ଭାରତୀୟଙ୍କ ସ୍ୱପ୍ନ ପୂରଣ ହୋଇଛି। ଅନୁଚ୍ଛେଦ ୩୭୦ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସୁଧ କମାଅ**


NECC NATIONAL EGG CO-ORDINATION COMMITTEE | 08.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 57 | 102 | 112 |
| DKL | 55 | 100 | 110 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 56 | 101 | 111 |
| BHM | 54 | 98 | 108 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers



DSPL-64

ଓଡ଼ିଶା ଶାସନ

**ପକ୍କାଘର ହିତାଧିକାରୀ ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ସର୍ଭେ କାର୍ଯ୍ୟକ୍ରମ**

- SECC-2011 ସର୍ଭେ ଆଧାରରେ ପୂର୍ବରୁ ପକ୍କାଘର ପାଇବା ତାଲିକା (Wait List) ପ୍ରସ୍ତୁତ କରାଯାଇଥିଲା।
- ଏହି ତାଲିକାରେ ନାମ ନଥିବା ଯୋଗ୍ୟ ପରିବାର ଗୁଡ଼ିକୁ ତାଲିକାରେ ଯୋଡ଼ିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ସର୍ଭେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।
- ପ୍ରତି ପଞ୍ଚାୟତ ପାଇଁ ଏକ ବ୍ଲକସ୍ତରୀୟ ଟିମ୍ ଗଠନ କରାଯାଇ, ଏହି ସର୍ଭେ କାର୍ଯ୍ୟ ଚାଲୁ ରହିଛି। ସର୍ଭେ ଟିମ୍ ପ୍ରତ୍ୟେକ କଚ୍ଚାଘରକୁ ଯାଇ ତଥ୍ୟ ସଂଗ୍ରହ କରୁଛନ୍ତି।
- ଏହି ସର୍ଭେ ସମୟରେ କାହା ଦ୍ୱାରା ପ୍ରଭାବିତ ନ ହୋଇ ସର୍ଭେ ଟିମ୍‌କୁ ସଠିକ୍ ତଥ୍ୟ ପ୍ରଦାନ କରନ୍ତୁ ଏବଂ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ସଠିକ୍ ଭାବେ ପ୍ରସ୍ତୁତିରେ ସହଯୋଗ କରନ୍ତୁ।
- ସର୍ଭେ ସମୟରେ କୌଣସି ସୁବିଧା ଅସୁବିଧା ଉପୁଜିଲେ, ତାହାର ତୁରନ୍ତ ନିରାକରଣ ପାଇଁ ସ୍ଥାନୀୟ ବିଡ଼ିଓଙ୍କ ସହିତ ଯୋଗାଯୋଗ କରନ୍ତୁ।



Vibes / PR001

ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
19001/13/0002/1920

INEET Concept, Creativity, Care, Confidence & Technology : The Undisputed Leader for NEET (UG) in Odisha

* Highest Success Rate * Best Care * Effective Examination System * Scientific Coaching * Scholarship for Poor Students

# INEET

Concept, Creativity, Care, Confidence & Technology

Presents

# SCHOLARSHIP TEST

## 1 YEAR REGULAR COURSE FOR NEET-UG : 2020

**Eligibility : Student Scores Above 480 Marks in NEET-UG : 2019**

**SCHEDULE FOR SUBMISSION OF SCHOLARSHIP FORM, FEE DETAILS AND IMPORTANT DATES:**

| EVENTS | | DATES |
|---|---|---|
| Submission of Scholarship Test Form | | 07.08.2019 to 21.08.2019 |
| Examination Fee | Unreserved | Rs. 500/- |
| | For BPL Category | Rs. 300/- |
| Collection of Admit Card from Office | | 23.08.2019 & 24.08.2019 |
| Date of Examination | | 26.08.2019 |
| Timing of Examination | | 02:00 p.m. to 5:00 p.m. |
| Examination Centre | | Bhubaneswar |
| Declaration of Result on Office Notice Board or by Message | | 30.08.2019 |
| Admission Starts | | 03.09.2019 |
| Orientation Programme | | 04.09.2019 |
| Class Communicate from | | 05.09.2019 |

*Scholarship to Successful Students will Avail :

| | | |
|---|---|---|
| Transport Fee | : | NIL (100% Scholarship) |
| Study Material Fee | : | NIL (100% Scholarship) |
| Examination Fee | : | NIL (100% Scholarship) |
| Admission Fee | : | Rs. 5000/- |
| Tution Fee | : | NIL (100% Scholarship) |

# REGISTRATION STARTS

From 07 August To 21 August 2019

* T & C Apply

INEET Concept, Creativity, Care, Confidence & Technology — Exclusive Institute for NEET & AIIMS

E-mail: info@ineet.org.in | Website : www.ineet.org.in

**Corporate Office :** Cave Road, Above SBI, Khandagiri, Bhubaneswar - 30, Odisha, Tel : 0674-2384899/9337108835

**Branch Office :** Gate No -2, Near Kalinga Stadium, Jayadev Vihar, BBSR - 13, Odisha, Tel : 0674-2420811/9337108833

**Founder P1 Sir**



ଉତ୍ତରାଖଣ୍ଡର ପୌଡ଼ି ଜିଲା କୋଟ୍‌ଦ୍ୱାରଠାରେ ଜଣେ ନେପାଳୀ ନାବାଳିକା(୧୦)ଙ୍କୁ ଗଣବଳାତ୍କାର କରାଯିବା ପରେ ହତ୍ୟା କରାଯାଇଛି। ସୋମବାର ସନ୍ଧ୍ୟାରୁ ନିଖୋଜ ଏହି ନାବାଳିକାର ମୃତଦେହ ରେଳଷ୍ଟେଶନ ନିକଟରୁ ମଙ୍ଗଳବାର ଉଦ୍ଧାର କରାଯାଇଥିଲା। ନେପାଳର ଦୁଇ ଯୁବକ ଏହି ନାବାଳିକାକୁ ଅପହରଣ କରି ବଳାତ୍କାର କରିବା ପରେ ହତ୍ୟା କରିଥିବା ପୋଲିସ କହିଛି। ଗିରଫ ଦୁଇ ଅଭିଯୁକ୍ତ ମଧ୍ୟ ଏହା ପ୍ରକାଶ କରିଛନ୍ତି। ଘରପାଖ ଦୋକାନକୁ ଯାଉଥିବାବେଳେ ନାବାଳିକାକୁ ଅପହରଣ କରିଥିବା ଅଭିଯୁକ୍ତଦ୍ୱୟ ମାନିଥିବା ପୋଲିସ ଏଏସ୍‌ପି ପ୍ରଦୀପ ରାୟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବର୍ଷକୁ ୪ ଥର ବସିବ ଅଭିଭାବକ-ଶିକ୍ଷକ ବୈଠକ

#### ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୮।୮(ବ୍ୟୁରୋ):** ପିଲାମାନଙ୍କ ପାଠପଢ଼ା ଠିକ୍ ଚାଲିଛି ନା ନାହିଁ ସେଦିଗରେ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ବିଶେଷତଃ ଅଭିଭାବକ ଏବଂ ଶିକ୍ଷକ ବୈଠକ ଉପରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ସ୍କୁଲରେ ପିଲାଙ୍କୁ କ'ଣ ଅସୁବିଧା ହେଉଛି, ଅଭିଭାବକମାନେ କିଛି ଭଲ ପରାମର୍ଶ ଦେବାକୁ ଚହୁଁଥିଲେ ଏହି ବୈଠକରେ ଆଲୋଚନା କରାଯିବ। ପୂର୍ବରୁ ବର୍ଷକୁ ଦୁଇଥର ଏହି ବୈଠକ ବସିବାକୁ ସରକାରୀ ନିୟମ ରହିଥିଲା। ହେଲେ ଅଧିକାଂଶ ସ୍କୁଲରେ ଏହି ବୈଠକ କରାଯାଉ ନ ଥିବା ଜଣାପଡିଛି। ଏନେଇ ବହୁ ଅଭିଭାବକ ଅଭିଯୋଗ କରିଛନ୍ତି। କିନ୍ତୁ ଏ ଦିଗରେ ସରକାର ଅଧିକ ଗୁରୁତ୍ୱ ଦେଇ ବର୍ଷକୁ ୪ଥର ଅଭିଭାବକ ଏବଂ ଶିକ୍ଷକମାନଙ୍କ ବୈଠକ କରିବାକୁ ନିୟମ କରାଯାଇଛି। ଏଥିସହିତ ବର୍ଷକୁ କେଉଁ ତାରିଖରେ ଏହି ବୈଠକ ହେବ ସେନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ବୈଠକ ଏପ୍ରିଲ ମାସର ଦ୍ୱିତୀୟ ସପ୍ତାହରେ, ଦ୍ୱିତୀୟ ବୈଠକ ଜୁଲାଇ ପ୍ରଥମ ସପ୍ତାହ, ତୃତୀୟ ବୈଠକ ନଭେମ୍ବର ପ୍ରଥମ ସପ୍ତାହ ଏବଂ ୪ର୍ଥ ବୈଠକ ଜାନୁୟାରୀ ଶେଷ ସପ୍ତାହରେ ହେବ ବୋଲି ଜଣାପଡିଛି। ଯଦି ଏହି ସମୟ ବ୍ୟବଧାନରେ ଅଭିଭାବକ ଏବଂ ଶିକ୍ଷକ ବୈଠକ ନ ବସେ ତେବେ ଅଭିଭାବକ ସଭାପତି ଏବଂ ଯେଉଁ ଶିକ୍ଷକଙ୍କ ଦାୟିତ୍ୱ ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ସାପ କାମୁଡ଼ାରେ ପୁଅ ମୃତ, ବାପା ଗୁରୁତର

**ଅନୁଗୋଳ ଅଫିସ, ୮।୮:** ଅନୁଗୋଳ ଜିଲା ତଳଗଡ଼ ପଞ୍ଚାୟତ କନ୍ତମେଘ ଗ୍ରାମରେ ସାପ କାମୁଡ଼ାରେ ପୁଅ ଟୁକୁନା ଗଡନାୟକ(୧୨)ଙ୍କ ମୃତ୍ୟୁ ହୋଇଥିବାବେଳେ ବାପା ସୁକାନ୍ତ ଗଡ଼ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ରାତି ପ୍ରାୟ ୨ଟାରେ ଉଭୟେ ଶୋଇଥିବା ବେଳେ ଏକ ଚିତି ସାପ କାମୁଡି ଦେଇଥିଲା। ପରିବାର ଲୋକେ ଦୁଇଜଣଙ୍କୁ ମେଡିକାଲ ନେବା ପରିବର୍ତ୍ତେ ଗୁଣିଆ ପାଖରେ ଝଡାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ବାପ ଓ ପୁଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ପୁଅ ଟୁକୁନାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାପା ସୁକାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ରେଫର କରାଯାଇଥିବା ସୂଚନା ମିଳିଛି।




# ପ୍ରଣବ, ନାନାଜୀ, ଭୂପେନଙ୍କୁ ଭାରତ ରତ୍ନ



**ନୂଆଦିଲ୍ଲୀ,୮।୮(ପି.ଟି.)**

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସ୍ୱର୍ଗତ ଭାରତୀୟ ଜନସଂଘ ନେତା ନାନାଜୀ ଦେଶମୁଖ ଏବଂ ସ୍ୱର୍ଗତ ଗାୟକ ଭୂପେନ ହଜାରିକାଙ୍କୁ ଗୁରୁବାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖାର୍ଜୀ, ହଜାରିକାଙ୍କ ପୁତ୍ର ତେଜ୍ ଏବଂ ଦେଶମୁଖଙ୍କ ଘନିଷ୍ଠ ସମ୍ପର୍କୀୟ ବିକ୍ରମଜିତ୍ ସିଂଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ହଜାରିକା ଓ ଦେଶମୁଖଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରାଯାଇଛି।

ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହୁ କେନ୍ଦ୍ରମନ୍ତ୍ରୀ, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସମେତ ଅନେକ ଅତିଥି ଉପସ୍ଥିତ ଥିଲେ। ୪ବର୍ଷର ବ୍ୟବଧାନ ପରେ ଚଳିତବର୍ଷ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଇଛି। ୨୦୧୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ବନାରସ ହିନ୍ଦୁ ୟୁନିଭର୍ସିଟି ପ୍ରତିଷ୍ଠାତା ମଦନ ମୋହନ ମାଲବ୍ୟାଙ୍କୁ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱାରା ଭାରତ ରତ୍ନ ପ୍ରଦାନ କରାଯାଇଥିଲା।

ଭାରତ ରତ୍ନ ପାଇବାରେ ପ୍ରଣବ ମୁଖାର୍ଜୀ ହେଉଛନ୍ତି ପଞ୍ଚମ ରାଷ୍ଟ୍ରପତି। ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରପତି ଥିଲେ। ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନପ୍ରାପ୍ତ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ରାଜେନ୍ଦ୍ର ପ୍ରସାଦ, ଜାକିର ହୁସେନ ଏବଂ ଭିଭି ଗିରିଙ୍କ ଏଲିଟ୍ କ୍ଲବରେ ପ୍ରଣବ ସାମିଲ ହୋଇଛନ୍ତି। ଦେଶମୁଖ ୧୯୨୮ରୁ ମୃତ୍ୟୁ ପର୍ଯ୍ୟନ୍ତ ଆରଏସ୍‌ଏସ୍ ସହ ଜଡିତ ରହିଥିଲେ। ୨୦୧୦ରେ ମଧ୍ୟପ୍ରଦେଶର ସତ୍‌ନାଠାରେ ୯୪ବର୍ଷରେ ତାଙ୍କର ପରଲୋକ ଘଟିଥିଲା। ସେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଥିଲେ। ପରେ ଉକ୍ତ ସଂଗଠନ ଭାରତୀୟ ଜନତା ପାର୍ଟିରେ ପରିଣତ ହୋଇଥିଲା। ୧୯୨୬ରେ ଜନ୍ମିତ ହଜାରିକା ଜଣେ ପ୍ରଚ୍ଛଦପଟ ଗାୟକ, ଗୀତିକାର, ସଂଗୀତଜ୍ଞ, କବି ଏବଂ ଅହମିୟା ଫିଲ୍ମ ନିର୍ମାତା। କେନ୍ଦ୍ର ସରକାର ମୁଖାର୍ଜୀ, ଦେଶମୁଖ ଏବଂ ହଜାରିକାଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ଜାନୁୟାରୀରେ ନିଷ୍ପତ୍ତି ନେଇଥିଲେ। ଚଳିତ ବର୍ଷ ଏହି ୩ଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୪୮ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ରତ୍ନ ପ୍ରଦାନ କରାଗଲାଣି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଭାରତ ରତ୍ନରେ ସମ୍ମାନିତ ବ୍ୟକ୍ତିବିଶେଷ ଓ ପରିବାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

#### ବନ୍ୟା ପ୍ରଭାବ: ଶକ୍ତି ଉତ୍ପାଦନ ପ୍ରଭାବିତ

## ଦୈନିକ ୧୬ କୋଟି ବ୍ୟୟରେ କିଣାଯାଉଛି ୯୦୦ ମେଗାୱାଟ୍ ବିଜୁଳି

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ପ୍ରାନ୍ତରେ ଲଗାଣ ବର୍ଷା ଯୋଗୁ କେତେକ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି। ତେଣୁ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ ପ୍ରଭାବିତ ହୋଇଥିବା ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ବିଶେଷ କରି ଇନ୍ଦ୍ରାବତୀ କ୍ୟାଚମେଣ୍ଟ ଅଞ୍ଚଳରେ ବନ୍ୟା ପାଣିର ପ୍ରକୋପ ଦେଖିବାକୁ ମିଳିଛି। ସେହିପରି ଏନ୍‌ଟିପିସି ୟୁନିଟ୍‌କୁ କୋଲ ଲିଙ୍କେଜ୍ ଦ୍ୱାରା କୋଇଲା ପଠାଇବାରେ ବିଳମ୍ବ ହୋଇଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଏହା ଦ୍ୱାରା ଏନ୍‌ଟିପିସିର ୩ଟି ୟୁନିଟ୍‌ରେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ତେଣୁ ଆବଶ୍ୟକ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ସରକାର ଦୈନିକ ପ୍ରାୟ ୧୬ କୋଟି ଟଙ୍କା ବ୍ୟୟ କରି ୯୦୦ ମେଗାୱାଟ୍ ଶକ୍ତି କ୍ରୟ କରୁଥିବା ଶକ୍ତିମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ୭୨ ଘଣ୍ଟା ମଧ୍ୟରେ ଏନ୍‌ଟିପିସି ୟୁନିଟ୍‌ଗୁଡିକ କୋଇଲା ପଠାଇବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି।




#### ସୁଧୁରୁଛି ବନ୍ୟା ପରିସ୍ଥିତି

## ଆଜି କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଧୀରେ ଧୀରେ ରାଜ୍ୟରେ ସୁଧୁରୁଛି ବନ୍ୟା ପରିସ୍ଥିତି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଦୁର୍ବଳ ହୋଇ ଛତିଶଗଡ଼ ଆଡ଼କୁ ମୁହାଁଇଛି। ଏହାର ପ୍ରଭାବରେ ଗୁରୁବାର ଆଭ୍ୟନ୍ତରୀଣ ଓଡ଼ିଶାର ୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିଲେ ମଧ୍ୟ ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ତେବେ ମାଲକାନଗିରି, ଗଜପତି, ରାୟଗଡା, କୋରାପୁଟ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲାରେ ବନ୍ୟା ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ବହୁ ଅଞ୍ଚଳ ଏବେ ବି ପାଣି ଘେରରେ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା ଓ ପୋଲ ଭାସିଯିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗୁରୁବାର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦକ୍ଷିଣ ଓଡ଼ିଶାରେ ବନ୍ୟା ହେବାନେଇ ଯେଉଁ ଆଶଙ୍କା ରହିଥିଲା ତାହା ଟଳିଯାଇଛି। ବର୍ଷାର ପରିମାଣ କମିବା ସହ ଯେଉଁ ଅଞ୍ଚଳ ପାଣିଘେରରେ ରହିଥିଲା ସେଠାରେ ପାଣିର ସ୍ତର ହ୍ରାସ ପାଇଛି। ମାଲାକାନାଗିରି ଓ ରାୟଗଡ଼ା ଭଳି ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୁଧୁରୁଛି ବୋଲି ମାର୍ଣ୍ଡି କହିଛନ୍ତି। ରାଜ୍ୟ ସରକାର ବନ୍ୟା ଅଞ୍ଚଳରେ ପୂରା ନଜର ରଖିଛନ୍ତି। ଏହି ଅଞ୍ଚଳକୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। କୋରାପୁଟର ୨ଟି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଥିଲା, କିନ୍ତୁ ଏବେ ସ୍ଥିତି ସୁଧୁରିଛି ବୋଲି ସେ ସୂଚନା ଦେଇଛନ୍ତି। ରାୟଗଡାରେ ୩୧୨୮ ଜଣଙ୍କୁ ପ୍ରଶାସନ ସ୍ଥାନାନ୍ତର କରିଥିବା ବେଳେ ମାଲକାନଗିରିର ୬ଟି ବ୍ଲକର ୨୦୭୨ ଜଣ, କଳାହାଣ୍ଡିରେ ୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ଅଞ୍ଚଳକୁ ଓଡ୍ରାଫ, ଅଗ୍ନିଶମ ବାହିନୀ, ଡାକ୍ତରୀ ଦଳ ଆଦି ପଠାଯାଇଛି। ବନ୍ୟାରେ ଭାସି ଯାଇ ଡୁମୁଡିବନ୍ଧ ଓ କୋଟଗଡ ବ୍ଲକର ୨ ଜଣ ଲୋକ ନିଖୋଜ ଅଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବିପନ୍ନ ଲୋକଙ୍କ ନିକଟରେ ରିଲିଫ୍ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ କ୍ଷତିଗ୍ରସ୍ତ ଜିଲାର ଜିଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ବନ୍ୟା ଛାଡ଼ିବା ପରେ ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପଠାଇବା ଓ କ୍ଷତିଗ୍ରସ୍ତ ଅଞ୍ଚଳରେ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେଠୀ ଜିଲ୍ଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଶୁକ୍ରବାର ଓଡ଼ିଶାର ବିଭିନ୍ନ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ଛତିଶଗଡ଼ ଆଡ଼କୁ ଏହି ଲଘୁଚାପ ମୁହାଁଇଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସହ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

### ଆଜିର ମନ୍ତବ୍ୟ

" ମୋଦି ସରକାର ୩୭୦ ଧାରା ଉଚ୍ଛେଦ କରି ଜମ୍ମୁ-କଶ୍ମୀରରେ ଶାନ୍ତି ସ୍ଥାପନ କରିବା ସହ ଆତଙ୍କବାଦ ଦୂର ଲାଗି ଯେଉଁ ଉଦ୍ୟମ କରିଛନ୍ତି, ତାହା କେତେ ସଫଳ ହେବ ସମୟ କହିବ।

– କମଳନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଜୁନ୍‌ରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନ ଯାତ୍ରୀଙ୍କ ଟ୍ରାଫିକ୍‌ରେ ୭.୯% ବୃଦ୍ଧି ଘଟିଛି।

– ଇଣ୍ଟରନ୍ୟାଶନାଲ ଏୟାର ଟ୍ରାଫିକ ଆସୋସିଏଶନ



ଦିଲ୍ଲୀ ବିଧାନସଭାର ବାଚସ୍ପତି ରାମନିବାସ ଗୋଏଲ ଗୁରୁବାର ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ପୁଣି ୨ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ସେମାନେ ହେଲେ ଅନିଲ କୁମାର ବାଜପେୟୀ ଓ ଦେବେନ୍ଦ୍ର ସେହ୍‌ରାୱତ୍। ଏହି ଦୁଇ ବିଧାୟକ ଚଳିତ ବର୍ଷ ପ୍ରାରମ୍ଭରେ ଭାଜପାରେ ସାମିଲ ହୋଇଥିଲେ। ଏନେଇ ଏଏପି ମୁଖପାତ୍ର ତଥା ବିଧାୟକ ସୌରଭ ଭରଦ୍ୱାଜ ପିଟିଶନ ଦାୟର କରିବାରୁ ବାଚସ୍ପତି ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିସହ ଗାନ୍ଧିନଗର ଓ ବିଜ୍‌ୱାସନ ଆସନ ଖାଲି ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................



ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଟାଟା: ଖଣି...

କରାଯାଇଛି। ଆବେଦନକାରୀ ବିଜୟ ମିଶ୍ର ଏଥିରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଝାଡ଼ଖଣ୍ଡ ସରକାର ଏବଂ ଟାଟା ଷ୍ଟିଲ୍‌କୁ ପକ୍ଷଭୁକ୍ତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ସେପ୍ଟେମ୍ବର ୧୩କୁ ଧାର୍ଯ୍ୟ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ମାତୃଗୁପ୍ତ ମିଶ୍ର ପରିଚାଳନା କରୁଛନ୍ତି। ଅପରପକ୍ଷରେ ଏହି ମାମଲାରେ ପକ୍ଷଭୁକ୍ତ ହେବାପାଇଁ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ସ୍ପଞ୍ଜ ଆଇରନ, ପେଲେଟ ମାନୁଫ୍ୟାକ୍ଚର ଆସୋସିଏଶନ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଣା ମୁଖାର୍ଜୀ ଓ ଯଶୋବନ୍ତ ଦାଶ ପକ୍ଷ ରଖିବାକୁ ହାଇକୋର୍ଟରେ ଆବେଦନ କରିଥିବା ଜଣାପଡ଼ିଛି। ଟାଟା ପକ୍ଷରୁ ଏଇଚ୍. ରାୱଲ ଏହି ମାମଲା ପରିଚାଳନା କରୁଛନ୍ତି। ତେବେ ଏନେଇ ଟାଟା କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କେହି ମତାମତ ଦେବାକୁ ପ୍ରସ୍ତୁତ ହେଲେ ନାହିଁ।



URGENT
By E-mail/FAX

Government of Odisha
Steel & Mines Department

No. 1792/ IV(AB)SM-47/2017 /SM, Bhubaneswar, Dated the 13-3-2018

From
Sri B. K. Dehury
Additional Secretary to Government

To
The Secretary,
Ministry of Mines, Government of India,
Shastri Bhawan, New Delhi

Sub- Relaxation of area limit for iron/ manganese mining lease for the mining blocks earmarked for captive use to 75 Sqkms in exercise of powers under section 6(1)(b) of the MMDR Act, 1957

X-Sub: Proposal for relaxation of area limit u/s 6(1)(b) for mining leases of iron ore and its prescribed group of associated minerals in the State of Odisha from present 10 sqkms to 75 sqkms

Sir,

I am directed to say that the State of Odisha has, as of now, steel plants with installed capacity of about 33 MTPA with commitment for another over 56 MTPA in next few years. The major project proponents like SAIL, TATA and JSPL who have already installed the integrated steel plants (ISPs) in the State, have plans for expansion of their installed capacities. Further, JSW's plan to establish a 12 MTPA ISP has already been cleared by the State Government. And, to achieve these projected targets, there is a requirement of assured supply of iron ore, the major raw material for steel making.

2. One of the steel industries in the State M/s Tata Steel Ltd, has requested the State Government vide letter dated 13.10.2017(Annexure-I) to increase the area limit for iron ore and manganese ore in the State of Odisha to support growth of steel capacity. The State Government has constituted a Committee comprising Director of

True Copy

ରାଜ୍ୟ ସରକାର କେନ୍ଦ୍ର ନିକଟରେ କରିଥିବା ସୁପାରିସ ପତ୍ରର ନକଲ।

## ଗାଁ ଦାଣ୍ଡରେ ଶାଶୁଙ୍କୁ ଘୋଷାଡ଼ି ପିଟିଲେ ବୋହୂ

ପରଜଙ୍ଗ, ୮।୮(ଡି.ଏନ.ଏ.)

ଢେଙ୍କାନାଳ ପରଜଙ୍ଗ ଥାନା ମୁଣ୍ଡେଇଲୋ ପଞ୍ଚାୟତ ଗେନ୍ଥେଇକାଟେଣୀ ଗ୍ରାମର ଜଣେ ମହିଳା ବୃଦ୍ଧା ଶାଶୁଙ୍କୁ ଗାଁ ଦାଣ୍ଡରେ ଘୋଷାଡ଼ି ନିସ୍ତୁକ ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ ହୋଇଛି। ପୀଡ଼ିତା ବୃଦ୍ଧା ପାରେଇ ନାୟକ (୮୨) କହିଛନ୍ତି, ପୁଅ ଲଛମନ ନାୟକ ଏବଂ ବୋହୂ ସବିତା ତାଙ୍କୁ ଅକଥନୀୟ ନିର୍ଯାତନା ଦେଉଛନ୍ତି। ବୋହୂ ଅଧିକାଂଶ ଦିନ ମାରପିଟ କରୁଛନ୍ତି। ତାଙ୍କୁ ନ୍ୟାୟ ଦେବାକୁ ସେ ଗଣମାଧ୍ୟମ ମାଧ୍ୟମରେ ପ୍ରଶାସନକୁ ନିବେଦନ କରିଛନ୍ତି।

ଏ ନେଇ ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ କୁହନ୍ତି, ସୂଚନା ମିଳିବା ପରେ ପୋଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲା। ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରମାଣ ଥିବା ସତ୍ତ୍ୱେ ପୋଲିସ କାହିଁକି ନିଜଆଡୁ ମାମଲା ରୁଜୁ କରୁନାହିଁ ବୋଲି ପଚାରିବାରୁ ସେ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ନିର୍ଯାତନାର ଶିକାର ହୋଇଥିବା ଜଣେ ବୟସ୍କ ମହିଳାଙ୍କୁ ପୋଲିସ ନ୍ୟାୟ ଦେଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପ୍ରଥମ ପୃଷ୍ଠାରୁ...

### କଶ୍ମୀରରେ ଖୁବ୍‌ଶୀଘ୍ର...

ହଟିବା ପରେ କଶ୍ମୀରବାସୀଙ୍କ କ'ଣ ଲାଭ ହେବ ତାହା କେହି କହିପାରୁ ନ ଥିଲେ। ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଯୋଗୁ ଆତଙ୍କବାଦ, ପରିବାରବାଦ ଓ ଭ୍ରଷ୍ଟାଚାର ବୃଦ୍ଧି ପାଉଥିଲା। ପାକିସ୍ତାନ ଦ୍ୱାରା ଏହା କେବଳ ଏକ ଅସ୍ତ୍ର ଭାବେ ବ୍ୟବହୃତ ହେଉଥିଲା। ୩ ଦଶକରେ ୪୨,୦୦୦ ନିର୍ଦ୍ଦୋଷ ଅକଥନୀୟ ଯନ୍ତ୍ରଣା ଭୋଗି ପ୍ରାଣ ହରାଇଛନ୍ତି। ଜମ୍ମୁ-କଶ୍ମୀରର ବିକାଶ ହୋଇପାରିଲା ନାହିଁ, ଯାହାର ସେମାନେ ହକ୍‌ଦାର। ଏବେ ଅବସ୍ଥା ସୁଧୁରିବ। ସବୁ ସରକାର ଲୋକଙ୍କ ମଙ୍ଗଳ ପାଇଁ ଆଇନ ପ୍ରଣୟନ କରନ୍ତି। ଉଭୟ ପାର୍ଲାମେଣ୍ଟ ବାହାରେ ଓ ଭିତରେ ବିତର୍କ ହୁଏ। ଏହି ପ୍ରକ୍ରିୟା ଦେଇ ଗତି କରୁଥିବା ଆଇନ ଦେଶବାସୀଙ୍କ ହିତସାଧନ କରେ। କିନ୍ତୁ ତାହା ଦେଶର ଏକ ଭାଗରେ ଲାଗୁ ନ ହେବା ସମସ୍ତଙ୍କ ପରିକଳ୍ପନାର ବାହାରେ। ସେମାନଙ୍କ ଶିଶୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟ ମୌଳିକ ଅଧିକାରଗୁଡ଼ିକରୁ ବଞ୍ଚିତ। ସେମାନଙ୍କ ଦୋଷ କ'ଣ। ଝିଅମାନେ ଅନେକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସଫେଇ କର୍ମଚାରୀ, ଦଳିତ, ସଂଖ୍ୟାଲଘୁମାନେ ଅନେକ ସୁବିଧା ପାଉନାହାନ୍ତି। ସର୍ବନିମ୍ନ ମଜୁରି ଆଇନ କେବଳ କାଗଜକଲମରେ ସୀମିତ। ନିର୍ବାଚନ ବେଳେ ଏସ୍‌ସି, ଏସ୍‌ଟି ସଂରକ୍ଷଣ ସୁବିଧା ଜମ୍ମୁ-କଶ୍ମୀରବାସୀଙ୍କୁ ମିଳୁନାହିଁ।

ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଇତିହାସ ପାଲଟିବା ପରେ ନକାରାତ୍ମକ ପ୍ରଭାବରୁ ଉପତ୍ୟକା ଖୁବ୍‌ଶୀଘ୍ର ମୁକ୍ତ ହେବ ବୋଲି ବିଶ୍ୱାସ। ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳର କର୍ମଚାରୀ ଓ ପୋଲିସ କର୍ମୀଙ୍କ ଭଳି ସୁବିଧା ମିଳିବ। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଭତ୍ତା ମିଳିବ। ଶୀଘ୍ର ଜମ୍ମୁ-କଶ୍ମୀର ଏବଂ ଲଦାଖରେ ସବୁ କେନ୍ଦ୍ରୀୟ ଓ ରାଜ୍ୟ ପଦବୀ ପୂରଣ କରାଯିବ। ନିଯୁକ୍ତି ସୁଯୋଗ ମିଳିବ। କର୍ମସଂସ୍ଥାନ ସୃଷ୍ଟି କରାଯିବ। ସେନା ଓ ଅର୍ଦ୍ଧସାମରିକ ବଳରେ ନିଯୁକ୍ତି ପାଇଁ ରାଲି କରାଯିବ। ପ୍ରଧାନମନ୍ତ୍ରୀ ବିସ୍ତାର ଯୋଜନା କାର୍ଯ୍ୟକାରୀ କରାଯିବ। ରାଜସ୍ୱ ନିଅଣ୍ଟର ପ୍ରଭାବକୁ ହ୍ରାସ କରାଯିବ। ୩୭୦ ଉଚ୍ଛେଦ ପରେ କିଛି କାଳ ପାଇଁ ଜମ୍ମୁ-କଶ୍ମୀରକୁ କେନ୍ଦ୍ର ସରକାରଙ୍କ ଅଧୀନରେ ରଖାଯିବା ନିଷ୍ପତ୍ତି ଭାବିଚିନ୍ତି ନିଆଯାଇଛି। ରାଷ୍ଟ୍ରପତି ଶାସନ ଅମଳରେ ସୁଶାସନ, ଆର୍ଥିକ ବିକାଶ ହୋଇଛି। ଦଶନ୍ଧି ଧରି ଅଟକି ରହିଥିବା ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଆଇଆଇଟି, ଏମ୍ସ ଭଳି ପ୍ରୋଜେକ୍ଟ ଏବଂ ଦୁର୍ନୀତି ନିରୋଧୀ ବ୍ୟୁରୋ କାମ ତ୍ୱରାନ୍ୱିତ ହୋଇଛି। ରେଲୱେ, ବିମାନବନ୍ଦର କାମ ମଧ୍ୟ ଜୋରସୋରରେ ଚାଲିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦି ଆହୁରି କହିଛନ୍ତି, ଦେଶର ଗଣତନ୍ତ୍ର ମଜଭୁତ। ଲୋକସଭା ପାଇଁ ଉପତ୍ୟକାରେ ବହୁ ଲୋକ ଭୋଟ ଦେଉଥିଲେ। ହେଲେ ବିଧାନସଭା ଓ ସ୍ଥାନୀୟ ନିର୍ବାଚନରେ ସାମିଲ ହୋଇପାରୁ ନ ଥିଲେ କି ଭୋଟ ଦେଇପାରୁ ନ ଥିଲେ। ସେମାନଙ୍କ ଉପରେ କ'ଣ ଏମିତି ଅନ୍ୟାୟ ଚାଲିଥାଆନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏବେ ସେଠାକାର ଭୋଟର ନିଜର ଜନ ପ୍ରତିନିଧି ବାଛିବେ। ନୂଆ ବ୍ୟବସ୍ଥାରେ ଆତଙ୍କବାଦ ଓ ବିଚ୍ଛିନ୍ନତାବାଦରୁ ମୁକ୍ତି ମିଳିବ। ଜମ୍ମୁ-କଶ୍ମୀରର ବିକାଶ ଧାରା ସଫଳତାର ନୂଆ ଉଚ୍ଚତାକୁ ସ୍ପର୍ଶ କରିବ। ନାଗରିକଙ୍କୁ ସେମାନଙ୍କ ଅଧିକାର ମିଳିବ। ଫଳରେ କେନ୍ଦ୍ରଶାସିତ ଅଞ୍ଚଳ ବଜାୟ ରହିବାର ଆବଶ୍ୟକତା ରହିବନାହିଁ। କିନ୍ତୁ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ହୋଇ ରହିବ। ସଚ୍ଚୋଟତା ସହ ପ୍ରତିନିଧି ବାଛିବାର ସୁଯୋଗ ଖୁବ୍‌ଶୀଘ୍ର ମିଳିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବ୍ଲକ୍ ଡେଭେଲପ୍‌ମେଣ୍ଟ କାଉନ୍‌ସିଲ୍ ଶୀଘ୍ର ଗଠନ ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ୪-୫ ମାସ ପୂର୍ବରୁ ଜମ୍ମୁ-କଶ୍ମୀର ଏବଂ ଲଦାଖ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରତିନିଧିମାନେ ଭଲ କାମ କରୁଛନ୍ତି। ସେମାନେ ଅଭିନନ୍ଦନର ଅଧିକାରୀ। ପଞ୍ଚାୟତ ପ୍ରତିନିଧି ଓ ପ୍ରଧାନଙ୍କ ଯୋଗୁ ଗ୍ରାମୀଣ ସ୍ତରରେ ବିକାଶ ସାଧିତ ହୋଇପାରିଛି। ଏବେ ପଞ୍ଚାୟତ ସଦସ୍ୟମାନେ ନୂଆ ବ୍ୟବସ୍ଥାରେ ଉତ୍ତମ କାର୍ଯ୍ୟକରି ଉଦାହରଣ ସୃଷ୍ଟି କରିବେ। ଜନତା ବିଚ୍ଛିନ୍ନତାବାଦୀଙ୍କୁ ପ୍ରତ୍ୟାଖ୍ୟାନ କରି ନୂଆ ଆଶା ଓ ବିକାଶ ଦିଗରେ ଉତ୍ସାହର ସହ ଲକ୍ଷ୍ୟ ପୂରଣ କରିବେ।

ଲଦାଖ ଓ ଜମ୍ମୁ-କଶ୍ମୀରର ଯୁବପିଢ଼ି ନିଜ ନିଜ କ୍ଷେତ୍ରରେ ବିକାଶ ଦିଗରେ ଅଗ୍ରସର ହେବେ। ପର୍ଯ୍ୟଟନ କେନ୍ଦ୍ର ପାଇଁ ଆବଶ୍ୟକ ପରିବର୍ତ୍ତନ ଅଣାଯାଉଛି। ଏଥିପାଇଁ ଦେଶବାସୀଙ୍କ ସମର୍ଥନ ଲୋଡ଼ା। ପ୍ରାୟ ସବୁ ଫିଲ୍ମ ଶୁଟିଂ ପାଇଁ ସାରା ବିଶ୍ୱର ପ୍ରଯୋଜକ ଏଠାକୁ ଆସିବେ। ହିନ୍ଦୀ ଓ ତେଲୁଗୁ ସିନେମା ଶୁଟିଂ ପାଇଁ ଏହି କ୍ଷେତ୍ରକୁ ବାଛିବେ। ସେମାନେ ନିଜ ନୀତି ନିଷ୍ପତ୍ତିରେ ପ୍ରାଥମିକତା ଦିଅନ୍ତୁ। ସ୍ଥାନୀୟ ଅଧିବାସୀ କାରିଗରି ବିଜ୍ଞାନ ସହ ଯୋଡ଼ିହୋଇ ନିଜ ଜୀବନକୁ ସହଜ କରନ୍ତୁ। କ୍ରୀଡ଼ା କ୍ଷେତ୍ରରେ ବିକାଶ ପାଇଁ ନୂଆ ସ୍ପୋର୍ଟସ ଏକାଡେମୀ, ଷ୍ଟାଡିୟମ୍ ନିର୍ମାଣ କରାଯିବ। କଶ୍ମୀରର ପିଲା ଦୁନିଆଁରେ ନାମ ରଖିବ। ଲଦାଖ ଯୁବପିଢ଼ିଙ୍କୁ ସବୁ ପ୍ରକାର ସୁଯୋଗ ମିଳିବ। ଭିତ୍ତିଭୂମିର ଆଧୁନିକୀକରଣ କରାଯିବ।

ଗଣତନ୍ତ୍ରରେ କେତେଜଣ ସମର୍ଥନ ଓ କେତେଜଣ ସମାଲୋଚନା କରନ୍ତି। ସେମାନଙ୍କୁ ଅନୁରୋଧ ଦେଶହିତରେ ବ୍ୟବହାର କରନ୍ତୁ ଓ ଏହି ଦୁଇ ନୂଆ କେନ୍ଦ୍ରଶାସିତ ଅଞ୍ଚଳର ଲୋକଙ୍କ ବିକାଶରେ ସହାୟକ ହୁଅନ୍ତୁ। ବିଲ୍ ସପକ୍ଷରେ କିଏ ଭୋଟ ଦେଲା କିଏ ନ ଦେଲା ତହିଁରୁ ଊର୍ଦ୍ଧ୍ୱକୁ ଯାଇ କାମ କରନ୍ତୁ। ୩୭୦ରୁ ମୁକ୍ତି ଏକ ସତ୍ୟତା। ହାତଗଣତି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ଜବାବ ଦେଇଛନ୍ତି। ପାକିସ୍ତାନକୁ ମଧ୍ୟ ଉଚିତ ଜବାବ ମିଳିଛି। ସ୍ୱପ୍ନ ସାକାର କରିବାର ସୁଯୋଗ ସେମାନଙ୍କ ଅଧିକାର। ଧୀରେ ଧୀରେ ସ୍ଥିତି ସୁଧୁରିବ ଓ ସବୁକିଛି ସ୍ୱାଭାବିକ ହେବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ସେ ଇଦ୍ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଇଦ୍ ପାଳନ ବେଳେ ଯେପରି କାହାରି କିଛି ଅସୁବିଧା ହେବନାହିଁ ସେଦିଗରେ ସରକାର ଧ୍ୟାନ ଦେଉଛନ୍ତି। ସୁରକ୍ଷା ବଳ, ପୋଲିସ ପ୍ରଶାସନର କାର୍ଯ୍ୟ ପ୍ରଶଂସନୀୟ। ପରିବର୍ତ୍ତନ ଲୋକହିତରେ ସମ୍ଭବ। ଜମ୍ମୁ-କଶ୍ମୀର ଦେଶର ମୁକୁଟ। ଏହାର ସୁରକ୍ଷା ପାଇଁ ଜମ୍ମୁ-କଶ୍ମୀରବାସୀ ତ୍ୟାଗ କରିଛନ୍ତି। ମିଳିମିଶି ସେମାନଙ୍କ ସ୍ୱପ୍ନକୁ ସାକାର କରିବା। ଏହା ସାରାଦେଶର ପ୍ରଗତିରେ ଓ ସ୍ୱାଭାବିକ ଭାବେ ବିଶ୍ୱଶାନ୍ତିରେ ମଧ୍ୟ ସହାୟକ ହେବ। ଆସନ୍ତୁ ନୂଆ ଭାରତ ସହ ନୂଆ ଜମ୍ମୁ-କଶ୍ମୀର ଓ ନୂଆ ଲଦାଖର ନିର୍ମାଣ କରିବା ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଶୁଭଗ୍ରହ ଯୁକ୍ତ ଚନ୍ଦ୍ର ଯୋଗୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଅବଶ୍ୟ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ବ୍ୟସ୍ତ ରହିପାରନ୍ତି।

**ବୃଷ** – ସପ୍ତମସ୍ଥ ଚନ୍ଦ୍ର ପ୍ରଭାବରେ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିକଟ ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** – ତୃତୀୟସ୍ଥ ମଙ୍ଗଳଜନିତ ସହକର୍ମୀ କିମ୍ବା ବନ୍ଧୁ, ଆତ୍ମୀୟସ୍ୱଜନ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ** – ଗୁରୁଯୁକ୍ତ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟ ପରିସ୍ଥିତିରେ କୌଣସି ଉନ୍ନତି ଦେଖାଯାଇ ନ ପାରେ। କୌଣସି ଅତୀତ ଘଟଣା ପ୍ରତି ସିଂହାବଲୋକନ କରି ଅନୁତାପ କରିପାରନ୍ତି। ପ୍ରିୟଜନଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ** – ବ୍ୟୟଭାବସ୍ଥ ବୁଧ ପ୍ରଭାବରେ ଆଜିର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିବେ। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** – ଏକାଦଶସ୍ଥ ଗ୍ରହ ଯୋଗୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। କିନ୍ତୁ ଗତକାଲିର ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**ତୁଳା** – ଧନସ୍ଥାନରେ ଗୁରୁଚାନ୍ଦ୍ରୀ ଯୋଗ ହେତୁ ଅର୍ଥଲାଭ, ସାମାଜିକ ସମ୍ମାନ ଓ ନୂତନ କାର୍ଯ୍ୟାରମ୍ଭରେ ସଫଳତା ପାଇପାରିବେ। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। କୌଣସି ଜିନିଷ କ୍ରୟ କରିବା ସକାଶେ ସ୍ଥିର କରିପାରନ୍ତି।

**ବିଛା** – ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ବିଶେଷ ଭଲ ନ ରହିବା କାରଣରୁ ମନଟା କାହିଁକି କେମିତି କେମିତି ଲାଗିପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ଏମିତି କିଛି ପରିସ୍ଥିତିରେ ଚଳିବାକୁ ବାଧ୍ୟ ହେବେ ଯଦ୍ୱାରାକି ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡ଼ିବ।

**ଧନୁ** – ଅଷ୍ଟମସ୍ଥ କର୍ମାଧିପତି ଯୋଗୁ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କାମଟି ଆଜି ଯଥା ସମୟରେ ହୋଇଯିବ। ଯେ କୌଣସି ପ୍ରତିଯୋଗିତାରେ ଯୋଗଦେଲେ ଅବଶ୍ୟ ସଫଳତା ପାଇବା ଯୋଗୁ ମନ ଖୁସି ରହିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧ କରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** – ସପ୍ତମସ୍ଥ କର୍ମାଧିପତି ଯୋଗୁ ସ୍ଥଗିତ ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, ସଂସ୍କୃତି, ଆନୁଷ୍ଠାନିକ କାମ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ଟିକିଏ କଥାରେ ରାଗିଯାଇ ଯାହା ପଡ଼ିଲା ତାହା କହି ପକାଇବେ।

**କୁମ୍ଭ** – ମଙ୍ଗଳଜନିତ ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ତଥାପି ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଦୀର୍ଘ ଦିନରୁ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ** – ରାହୁ ଚତୁର୍ଥଭାବସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହୋଇପାରେ।

ଆଜି ଶ୍ରାବଣ ଶୁକ୍ଳ ନବମୀ ଯୁକ୍ତ ଦଶମୀ ଶୁକ୍ରବାର, ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ, ଶ୍ରୀକ୍ଷେତ୍ରେ ଝୁଲଣ ଅଧିବାସ ଯାତ୍ରା, ଅଗଷ୍ଟ ୯ ତାରିଖ, ଭାରତଛାଡ଼ ଦିବସ, ଅଗଷ୍ଟକ୍ରାନ୍ତି ଦିବସ,ବିଶ୍ୱ ଜନଜାତି ଦିବସ, ନାଗାସାକି ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୯ମି. ମଧ୍ୟେ, ଘ୪।୪୩ମି. ଗତେ ଘ୬।୧୯ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୯ମି. ଗତେ ଘ୮।୨୧ମି. ମଧ୍ୟେ, ଘ୧୧।୪୨ମି. ଗତେ ଘ୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302

**real estate**

**SALE**

SUM Hospital ନିକଟରେ ଏବଂ ତମାଣ୍ଡୋ ବଜାର ପଛପଟେ ଘରବାରି plot ମିଳୁଅଛି। 9439864322. D-66752

ଭୁବନେଶ୍ୱର ବାଳକାଟିବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-550/- (Spot possession then registration). 9348020724, 7978939440. D-66744

ଭୁବନେଶ୍ୱର AIIMS Medical ଠାରୁ 500 mtr ଦୂରତାରେ yellowzone ଘରବାରି boundary 30' ରାସ୍ତାଥାଇ sqft- 1850/- ରେ plot ବିକ୍ରିହେବ। 6370292040. D-66746

Ready for construction BDA Plot 30' road, electric pole, boundary sft. 600/- ରେ ଭୁବନେଶ୍ୱର Pitapalli, NH sideରେ ମିଳୁଅଛି। Contact: 6371719107, 6371574344. D-13815

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508. D-66753

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

Ready to construction BDA yellowzone boundary, Electricity plot near VSS Nagar, Chakeisihani. 7978666923, 7326065426. D-66751

ଭୁବନେଶ୍ୱର ଜଟଣୀ ଗେଟ୍ NH5 ରୁ ଅଳ୍ପଦୂରତାରେ 1200sqft, 2,16,000/, IIT Argul ରେଲୱେ ଷ୍ଟେସନଠାରେ 1200sqft 2,00,000/- ରେ outright ରେ ମିଳୁଅଛି। 9776974912, 8144706560. D-66750

ନଖରା ତ୍ରିନାଥବଜାରଠାରେ SC plot ଘରବାରି ପାଚେରି ସହ 1500କୁ 5,25,000/, general plot sqft- 400/- outrightରେ ମିଳୁଅଛି। 9348847649, 8249243709. D-66749

Ready to move 4BHK flat near Hotel Mayfair, Jaydev Vihar, price Rs. 5500/- per sqft & triplex and duplex at Rangabazar near BJEM English Medium School-II. Price start Rs. 45lakhs. Call: 9040046767, 9040007267. D-67340

ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740. D-67339

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66937

3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999. D-66278

ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: 8249870448. D-13744

ପିଚୁରୋଡକୁ ଲାଗି 400 decimal plot patta boundary, electricity ଥାଇ IIT ଅରଗୁଳରେ ବିକ୍ରିହେବ। owner 9437580925. D-66171

ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଛି। 9078699286. D-66755

New duplex for sale near Patia, Housingboard colony, land area of 1600 sqft. & construction area of 2830sqft.. Price 95lakhs (Negotiable). Contact: 9439585947 /9938788797. D-67033

**construction**

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13806

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

Single furnished room near BDA, Keshari Talkies, Plot-5, Bhubaneswar. Contact: 9238579309. D-66172

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Full body herbal massage with refreshment expert therapist. 7381239385, 06742540855. D-67337

Experience full body massage with us (expert). Call: 7377048581, 06742597822. D-67338

Herbal full body massage by smart / expert therapist. Contact: 8338067247. D-67335

Summer special mesmerizing offer expert therapeutic refreshing massage appointment. 9668374480. D-67336

Newly opening Ayurvedic body massage smart therapist, Shree herbal, 775 0020754. D-67343

All Health care services home available here in most income save 20000 only for Girls. 9583808247. D-13781

Welcome Seva Care enjoy sensual service by smart Therapist: 6371291612. D-67034

Kajal ayurvedic massage club fully relaxed by smart lady, home service available. 9937637219. D-66939

**education**

Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-67345

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13802

**AFFIDAVIT**

By virtue of an affidavit sworn before the Notary Public, Koksara, Dt. 16.07.2019, I Laxman Pal, S/o- Late Gobind Pal of Village - Moter, P.S.- Koksara, Dist- Kalahandi (Odisha) has changed the name of my son from " Indu Sekhar Pal" to " Alok Pal". Henceforth he shall be known as " Alok Pal" for all purposes. D-13825

**LEGAL NOTICE**

Notice under Order XLI, Rule-11 of C.P.C.
ମାନନୀୟ କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ଅଦାଲତ। R.F.A. 7/2019
ରଞ୍ଜନ ପଣ୍ଡା... ଅପିଲାଣ୍ଟ
ବନାମ
ସୁନିତୀ ପଣ୍ଡା... ରେସ୍ପୋଣ୍ଡେଣ୍ଟ
ପ୍ରାପ୍ତେଷୁ,
ସୁନିତୀ ପଣ୍ଡା, ସ୍ୱାମୀ-ରଞ୍ଜନ ପଣ୍ଡା, ସା/ପୋ.ଅ-ମୁଣ୍ଡେଇଲୋ, ଥାନା-ପରଜଙ୍ଗ, ଜିଲ୍ଲା-ଢେଙ୍କାନାଳ। ତୁମ୍ଭଙ୍କୁ ଜଣାଇ ଦିଆଯାଉ ଅଛି କି କାମାକ୍ଷାନଗର ସିନିୟର ସିଭିଲ୍ ଜଜ୍‌ଙ୍କ ଅଦାଲତଙ୍କର ଗତ ତା. ୨୦.୦୨.୨୦୧୯ ରିଖ ସିଭିଲ୍ ସୁଟ୍ ନଂ-୨୬୦/୨୦୧୫ ର ଜଜ୍‌ମେଣ୍ଟ ବିରୁଦ୍ଧରେ ରଞ୍ଜନ ପଣ୍ଡା ଅପିଲ ଦାଖଲ କରିଅଛନ୍ତି। ଅଦାଲତ ତା. ୩୦.୦୮.୨୦୧୯ ରିଖ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଅଛନ୍ତି। ଯଦି ଧାର୍ଯ୍ୟ ତାରିଖରେ ତୁମ୍ଭେ ନିଜେ କିମ୍ବା କ୍ଷମତା ପ୍ରାପ୍ତ ବ୍ୟକ୍ତି ବା ଓକିଲ ଜରିଆରେ ହାଜର ନ ହୁଅ ତୁମ ଅନୁପସ୍ଥିତିରେ ଅପିଲ ଶୁଣାଣି କରାଯିବ।
ସ୍ୱ ୨୦୧୯ ମସିହା ଜୁଲାଇ ମାସ ୩୧ ତାରିଖ ଅଦାଲତଙ୍କ ସହି ଓ ମୋହର ଯୁକ୍ତରେ ଦିଆଗଲା।
S.d/-
ଅତିରିକ୍ତ ଜିଲ୍ଲା ଜଜ୍
କାମାକ୍ଷାନଗର
ଧ-୬୬୮୧୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ବିବାହ ଶୁଭେଚ୍ଛା ଜଣାନ୍ତୁ ଟ୨୧୦/-, ରଙ୍ଗୀନ ଟ୪୨୦/-(ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ନୂଆପଡା ରେଞ୍ଜର ସୁସରଙ୍ଗି ସଂରକ୍ଷିତ ଜଙ୍ଗଲରେ ୨ ଛୁଆ ସମେତ ୪ କଲରାପତରିଆ ବାଘ ରହିଥିବା ଜଣାପଡ଼ିବା ପରେ ସେହି ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଦିନତମାମ ଜଙ୍ଗଲରେ ଥିବା ପାହାଡ଼ ଶିଖରରେ ବାଘ ହାକୁଟି ମାରୁଥିବାବେଳେ ରାତିରେ ଜଙ୍ଗଲ ତଳି ଅଞ୍ଚଳରେ ପଇଁତରା ମାରୁଥିବାରୁ ଏହା ଲୋକଙ୍କୁ ଭୟଭୀତ କରିଛି । ଖବର ପାଇ ନୂଆପଡା ରେଞ୍ଜର ଅସିତ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର ଜଙ୍ଗଲ ବୁଲି ବାଇନାକୁଲାରରେ ଦୁଇଟି ବାଘ ଶୋଇଥିବାର ଦୃଶ୍ୟ ଦେଖିବାକୁ ପାଇଥିଲେ

# ଲୋକାୟୁକ୍ତ ସଦସ୍ୟ ଆର୍.ପି. ଶର୍ମା କାର୍ଯ୍ୟରେ ଯୋଗଦେଲେ

## ଶୀଘ୍ର ଅନ୍‌ଲାଇନରେ ଆରମ୍ଭ ହେବ ଅଭିଯୋଗ

ଭୁବନେଶ୍ୱର,୮।୮(ବ୍ୟୁରୋ)



ଲୋକାୟୁକ୍ତ ସଦସ୍ୟ ଭାବେ ମନୋନୀତ ହୋଇଥିବା ପୂର୍ବତନ ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ଗୁରୁବାର ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଭୁବନେଶ୍ୱର ସତ୍ୟନଗରସ୍ଥିତ ତୋଷାଳି ପ୍ଲାଜାର ତୃତୀୟ ମହଲାରେ ଥିବା କାର୍ଯ୍ୟାଳୟରେ ଲୋକାୟୁକ୍ତ ସମ୍ପାଦକ ମାନସ ରଞ୍ଜନ ତ୍ରିପାଠୀଙ୍କ ସମେତ ଅନ୍ୟ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ସେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସହ କିଛି ସମୟ ଆଲୋଚନା କରି କୋର୍ଟ ରୁମ୍ ସମେତ ଅନ୍ୟ ବିଭାଗଗୁଡିକ ବୁଲି ଦେଖିଥିଲେ। ଲୋକାୟୁକ୍ତ କାର୍ଯ୍ୟାଳୟରେ କେତେଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି, କେଉଁ କର୍ମଚାରୀ କେଉଁ ଦାୟିତ୍ୱରେ ରହିଛନ୍ତି, ସୁରକ୍ଷା ଓ ଅନ୍ୟ ଜରୁରୀ ବ୍ୟବସ୍ଥା ସମ୍ପର୍କରେ ଡା. ଶର୍ମା ପଚାରି ବୁଝିଥିଲେ। ଦୁଇଦିନ ତଳେ ଲୋକାୟୁକ୍ତ ସଦସ୍ୟଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଡା. ଶର୍ମାଙ୍କ ନାମରେ ମୋହର ମାରିଥିଲେ। ଏହାପରେ ସେ ପୋଲିସ ଡିଜି ପଦରୁ ସ୍ୱେଚ୍ଛାକୃତ ଅବସର ପାଇଁ କେନ୍ଦ୍ରର ଅନୁମତି ଲୋଡ଼ିଥିଲେ। ଅନୁମତି ମିଳିବା ପରେ ଗୁରୁବାର ଡା. ଶର୍ମା ନୂତନ ପୋଲିସ ଡିଜି ବିଜୟ କୁମାର ଶର୍ମାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ସହ ଅପରାହ୍ନରେ ଲୋକାୟୁକ୍ତ ସଦସ୍ୟ ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଗତ ୨୦ ତାରିଖରେ ପ୍ରଥମ ଲୋକାୟୁକ୍ତ ଅଧ୍ୟକ୍ଷ ଭାବେ ଜଷ୍ଟିସ ଅଜିତ ସିଂହ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପୂର୍ବରୁ ଏପ୍ରିଲ ୪ରେ ପ୍ରଥମ ସଦସ୍ୟ (ନ୍ୟାୟିକ) ଭାବେ ଓଡିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଜୟ କୁମାର ନାୟକ ଓ ଦ୍ୱିତୀୟ ସଦସ୍ୟ ଭାବେ ପୂର୍ବତନ ଭାରତୀୟ ବନସେବା ଅଧିକାରୀ ଦେବବ୍ରତ ସ୍ୱାଇଁ କାର୍ଯ୍ୟରେ ଯୋଗଦେଇଥିଲେ। ଏବେ ତୃତୀୟ ସଦସ୍ୟଭାବେ ଡା. ଶର୍ମା କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

ଲୋକାୟୁକ୍ତ ଆଇନ ମୁତାବକ ଅଧ୍ୟକ୍ଷଙ୍କ ବ୍ୟତୀତ ୫ଜଣ ସଦସ୍ୟ ରହିପାରିବେ। ଦୁର୍ନୀତି ବିରୋଧରେ ଅଭିଯୋଗ ଗ୍ରହଣ କରିବା ସହ ଶୁଣାଣି କରି ଆଇନ ଅନୁଯାୟୀ ଦଣ୍ଡବିଧାନ କରିବା ପାଇଁ ଲୋକାୟୁକ୍ତ କାମ କରିବ। ଅଭିଯୋଗ ପାଇବାର ୬୦ ଦିନ ମଧ୍ୟରେ ସ୍ୱତନ୍ତ୍ର ଏଜେନ୍ସି ଦ୍ୱାରା ଅଭିଯୋଗର ତଦନ୍ତ କରି ରିପୋର୍ଟ ସଂଗ୍ରହ କରିବା ସହ ମାମଲାର ଶୁଣାଣି କରିବ। ୨୦୧୮ ଫେବୃଆରୀରେ ଲୋକାୟୁକ୍ତ ଗଠନ ହେବାପରଠାରୁ ଅଦ୍ୟାବଧି ୧୯୪ ମାମଲା ପଞ୍ଜୀକରଣ ହୋଇଥିଲା। ଏବେଠାରୁ ଏହାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ଅଭିଯୋଗଗୁଡିକର ପଞ୍ଜୀକରଣ ମାନୁଆଲ ଭାବେ ହେଉଥିବାବେଳେ ଖୁବ୍‌ଶୀଘ୍ର ଏହା ଅନ୍‌ଲାଇନ୍‌ରେ କରାଯିବାକୁ ସ୍ୱତନ୍ତ୍ର ପୋର୍ଟାଲ ଖୋଲିବାର ବ୍ୟବସ୍ଥା ହେଉଥିବା ସୂଚନା ମିଳିଛି।

**କେନ୍ଦ୍ରାପଡ଼ା ଜିଲାରେ ଜଳଶକ୍ତି ଅଭିଯାନ ଶୁଭାରମ୍ଭ**

# ‘ଆଗାମୀ ପିଢ଼ି ପାଇଁ ଏବେଠୁ ସଂରକ୍ଷଣ ଆବଶ୍ୟକ’

କେନ୍ଦ୍ରାପଡା ଅଫିସ, ୮।୮

ଆଗାମୀ ପିଢ଼ି ପାଇଁ ଏବେଠାରୁ ଜଳ ସଂରକ୍ଷଣ ଆବଶ୍ୟକ। କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ଏକମାତ୍ର ଜିଲା ଭାବେ କେନ୍ଦ୍ରାପଡ଼ା ସ୍ଥାନ ପାଇଥିବାରୁ ଗୁରୁବାର ସହରର ଟାଉନହଲଠାରେ ଏହାର ଶୁଭାରମ୍ଭ ଅବସରରେ ଏହିମତ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଦାସ କହିଥିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏହି ଅଭିଯାନ ଦ୍ୱାରା ଆଗାମୀ ଦିନରେ ଜଳସଙ୍କଟ ଦୂର ହୋଇପାରିବ। ଜଳ ସଂରକ୍ଷଣ ଓ ବର୍ଷାଜଳ ଅମଳ, ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର, ଜଳ ଛାୟା ବିକାଶ, ବ୍ୟାପକ ବନୀକରଣ ଦ୍ୱାରା ପାନୀୟ ଜଳ ସମସ୍ୟା ଦୂର ହେବା ସହିତ କେନ୍ଦ୍ରାପଡ଼ା ଜିଲା ଭୂତଳ ଜଳସ୍ତରକୁ ବୃଦ୍ଧି କରିହେବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏହାର ପ୍ରମୁଖ ଦାୟିତ୍ୱ ତୁଲାଇବେ ବୋଲି ମନ୍ତ୍ରୀ ଦାସ କହିଥିଲେ। ଏଥିସହ ପ୍ରତି ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନରେ ସାମିଲ ମହିଳାମାନେ ଜଳ ସଂରକ୍ଷଣ ଓ ବନୀକରଣ ପ୍ରତି ସଚେତନତା ସୃଷ୍ଟି କରିବେ। ଏହି ଅଭିଯାନରେ ଛାତ ଉପରେ ବର୍ଷା ଜଳକୁ ସଂରକ୍ଷଣ କରି ଭୂପୃଷ୍ଠକୁ ଛାଡିବା ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିପାଇଁ ୨୦୦୦ରୁ କମ୍ ବର୍ଗଫୁଟ ବିଶିଷ୍ଟ ଛାତକୁ ଚିହ୍ନଟ କରାଯାଉଛି। ଜଳ ଯୋଗାଣ ପ୍ରକଳ୍ପର ପରିଚାଳନା, ରକ୍ଷଣାବେକ୍ଷଣ, ପାନୀୟ ଜଳ ଗୁଣାତ୍ମକ ମାନ ନିୟମିତ ଯାଞ୍ଚ ଏବଂ ରାସାୟନିକ ପରୀକ୍ଷା ଆଦି ଦ୍ୱାରା ଶୁଦ୍ଧ ପାନୀୟ ଜଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲାବାସୀଙ୍କ ସହଯୋଗ ଆବଶ୍ୟକ ଥିବା ମନ୍ତ୍ରୀ ଦାସ ପ୍ରକାଶ କରିଥିଲେ।





ଉଦ୍‌ଘାଟନୀ ଉତ୍ସବରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

ଉଦ୍‌ଘାଟନୀ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ, ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା, ୟୁନିସେଫ୍‌ର ଜଳ ପରିମଳ ବିଭାଗୀୟ ଅଧିକାରୀ ନରେନ୍ଦ୍ର ସିଂହ ଚୌହାନ, ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ପ୍ରଦୀପ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଜିଲାର ସାମୁଦ୍ରିକ ତଟବର୍ତ୍ତୀ ଅଞ୍ଚଳର ଭୂପୃଷ୍ଠରେ ଲୁଣା ଅଂଶ ରହିବା, ପ୍ରବାହିତ ନଦୀଗୁଡିକ ପ୍ରଦୂଷିତ ହେବା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଭିତରକନିକାର ଜୈବ ବିବିଧତା ବଜାୟ ରଖିବା, ଜିଲାରେ ଆଗାମୀ ପିଢ଼ି ପାଇଁ ପାନୀୟ ଜଳ ସମସ୍ୟା ଦୂର କରିବା ନିମନ୍ତେ ଜଳ ସଂରକ୍ଷଣ ଓ ବନୀକରଣକୁ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ସଭା ପ୍ରାରମ୍ଭରେ ଜନସଚେତନତା ପାଇଁ ଜଳଶକ୍ତି ରଥ ଶୁଭାରମ୍ଭ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପଠନ ସହ ଜଳ ଶକ୍ତି ସମ୍ବନ୍ଧୀୟ ବୃତ୍ତଚିତ୍ର ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପିଡି ଦିଲ୍ଲୀପ କୁମାର ପରିଡ଼ା ପରିଚାଳନା କରିଥିଲେ।

## ଡିଜିପି ଭାବେ ଦାୟିତ୍ୱ ନେଲେ ବି.କେ.ଶର୍ମା

# ‘ଟେକ୍ନୋଲୋଜିକୁ ଅଧିକ ଗୁରୁତ୍ୱ ଦିଆଯିବ’



- ପୋଲିସର ମାନସିକତା ଓ ଚାରିତ୍ରିକ ସଂଶୋଧନ ପାଇଁ ପରାମର୍ଶ
- ୫-ଟି ମନ୍ତ୍ରକୁ ପୋଲିସ ବିଭାଗରେ ପ୍ରୟୋଗ କରାଯିବ

**କଟକ ଅଫିସ/ ଭୁବନେଶ୍ୱର, ୮।୮(ବ୍ୟୁରୋ):** ଓଡ଼ିଶା ପୋଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପାଇଥିବା ରାଜ୍ୟ ଅଗ୍ନିଶମ ବିଭାଗ ଡିଜି ବିଜୟ କୁମାର ଶର୍ମା ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବାହ୍ନରେ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସେ ପହଞ୍ଚିବା ପରେ ପ୍ରଥମେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ବରିଷ୍ଠ ପୋଲିସ ଅଫିସରମାନେ ତାଙ୍କୁ ସ୍ୱାଗତ କରିବା ପରେ ଡିଜିପିଙ୍କ ଚାମ୍ବରକୁ ନିଆଯାଇଥିଲା। ଏହାପରେ ସେ ପୂର୍ବତନ ଡିଜିପି ଡା. ଆର୍.ପି. ଶର୍ମାଙ୍କଠାରୁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

ନୂଆ ଦାୟିତ୍ୱ ଗ୍ରହଣ କରିବା ପରେ ଡିଜିପି ଶର୍ମା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହ ଓଡିଶା ପୋଲିସର ଆଗାମୀ କାର୍ଯ୍ୟ ପନ୍ଥା ଓ ତାଙ୍କ କର୍ତ୍ତବ୍ୟ ବିଷୟରେ କହିଥିଲେ। ସେ କହିଲେ, ପୋଲିସ ବ୍ୟବସ୍ଥାରେ ଟେକ୍ନୋଲୋଜିକୁ ଆହୁରି ଅଧିକ ଗୁରୁତ୍ୱ ଦିଆଯିବ। ନାରୀ ସୁରକ୍ଷା, ମାଓବାଦୀ ଦମନ, ସାଇବର ଅପରାଧ ନିୟନ୍ତ୍ରଣ, ପୋଲିସ କାର୍ଯ୍ୟଧାରାରେ ସ୍ୱଚ୍ଛତା ତଥା ଗୋଇନ୍ଦା ବିଭାଗକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଡିଜିପି କହିଛନ୍ତି।

ଏହାପରେ ଅପରାହ୍ନ ୫ଟାରେ ଡିଜିପି ଶର୍ମା ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସରେ ପହଞ୍ଚିବା ପରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛଦେଇ ସ୍ୱାଗତ କରିଥିଲେ। ଡିସିପି ଅନୁପ ସାହୁ ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଏ ଅବସରରେ ସେ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି ମନ୍ତ୍ରକୁ ପୋଲିସ ବିଭାଗରେ ପ୍ରୟୋଗ କରିବେ। ଥାନାରେ କାର୍ଯ୍ୟରତ ପୋଲିସର ମାନସିକତା ଓ ଚାରିତ୍ରିକ ସଂଶୋଧନ ହେବା ଦରକାର। ଲୋକଙ୍କୁ ଉଚିତ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି।।

JDCA
JD Centre of Art

**Notice Inviting Tender of Brick Wall Work for Block A, JD Centre of Art, Bhubaneswar, Odisha**

An International Art Museum

Applicants are invited for percentage rate bids from the eligible contractors with valid license from CPWD/PWD/MES etc. for the civil work of JD Centre of Art with a built-up area of abt. 27,000 sqft. at A5 Jagamara, Bhubaneswar. Sealed applications are to be submitted at the address mentioned below & by email. Refer to the website for details and changes etc.

| Estimated Cost of Works (Rs.) | Earnest Money Deposit (Rs.) | Cost of Tender Document pay by DD/Cheque (Rs.) | Completion Period |
|---|---|---|---|
| 70,75,550/- | 1,41,500/- | 2,000/- | 5 months |

| Publication of Tender | Last Date of Submission | Date of Tender Opening |
|---|---|---|
| 09.08.2019 | 28.08.2019 1700 hrs | 29.08.2019 1600 hrs |

For queries & tender documents: spaces@jdcentreofart.org
A20 VIP Colony, Nayapalli, Bhubaneswar 751015
T: 0674 254195, 2555077, +91 9310322133

## କାନ୍ଥ ଭୁଶୁଡ଼ି ଶିଶୁ ପୁତ୍ର ମୃତ

### ମା’, ଶିଶୁକନ୍ୟା ଗୁରୁତର

**ଆଠମଲ୍ଲିକ/ମାଧପୁର, ୮।୮:** ଅନୁଗୋଳ ଜିଲା କିଆକଟା ଥାନା ଅନ୍ତର୍ଗତ ହେଲେଇ ଗ୍ରାମରେ ବୁଧବାର ରାତିରେ ମାଟି କାନ୍ଥ ଭୁସୁଡ଼ି ଜଣେ ୨ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ଏଥିସହ ମା’ ଓ ୪ ବର୍ଷର ଶିଶୁ କନ୍ୟା ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡିଛି, ବୁଧବାର ରାତିରେ ପ୍ରବଳ ବର୍ଷା ହେଉଥିବାବେଳେ ସୁଶୀଳ ହାତୀଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ପୁଅ ସିପୁନ ଓ ଝିଅ ପ୍ରିୟଙ୍କା ସହ ବାରଣ୍ଡାକୁ ଲାଗି ରହିଥିବା ଏକ ମାଟି ଘରେ ଦଉଡିଆ ଖଟରେ ଶୋଇଥିଲେ। ଏହି ସମୟରେ ହଠାତ୍ ମାଟି କାନ୍ଥ ଭାଙ୍ଗି ଉପରେ ପଡିଯିବାରୁ ଶିଶୁ ସିପୁନଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ମା’ ଝିଅଙ୍କୁ ପ୍ରଥମେ ବୌଦ୍ଧ ଓ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।







CLASSIFIED DISPLAY







MORE SPACE • SAME PRICE
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable



ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

# ସୁଧ କମାଅ

ଭାରତୀୟ ରିଜର୍ଭ ବ୍ୟାଙ୍କ ବୁଧବାର ରେପୋ ରେଟ୍ (ଦରକାର ବେଳେ ଯେଉଁ ସୁଧହାରରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କଠାରୁ ଋଣ ନିଅନ୍ତି) ୩୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଏହି ହ୍ରାସ ପରେ ରେପୋ ହାର ୫.୭୫ରୁ କମି ୫.୪୦ ପ୍ରତିଶତ ହୋଇଛି। ଚଳିତ ବର୍ଷ ଚତୁର୍ଥ ଥର ପାଇଁ ରିଜର୍ଭ ବ୍ୟାଙ୍କ ସିଧାସଳଖ ଏହି ହ୍ରାସ ଘଟାଇଛି। ଶେଷଥର ପାଇଁ ରେପୋ ହାର ଏହିପରି ତଳ ସ୍ତରରେ ରହିଥିଲା ୨୦୧୦ ଜାନୁୟାରୀରେ ଏବଂ ସେତେବେଳେ ଏହା ଥିଲା ୫.୫୦ ପ୍ରତିଶତ। ଗତ ଫେବୃୟାରୀ, ଏପ୍ରିଲ ଓ ଜୁନ୍‌ରେ ସର୍ବୋଚ୍ଚ ବ୍ୟାଙ୍କ ରେପୋ ହାର ୨୫ ବେସିସ୍ ପଏଣ୍ଟ ଲେଖାଏ ହ୍ରାସ କରିଥିଲେ ଏବଂ ବର୍ତ୍ତମାନର ହ୍ରାସକୁ ମିଶାଇଲେ ଚଳିତ ବର୍ଷ ମୋଟ ୧୧୦ ବେସିସ୍ ପଏଣ୍ଟ ହ୍ରାସ ଘଟିଛି। ତେବେ ସବୁଠାରୁ ବଡ଼କଥା ହେଉଛି ଏହି ରେପୋ ହାର ହ୍ରାସ କରିବା ସହିତ ରିଜର୍ଭ ବ୍ୟାଙ୍କ ଭବିଷ୍ୟତ ପାଇଁ ମଧ୍ୟ ତା'ର ଉଦାର ଆଭିମୁଖ୍ୟ ପ୍ରକାଶ କରିଛି। ଅର୍ଥାତ୍ କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ଦେଇଛି ଯେ, ନିକଟ ଭବିଷ୍ୟତରେ ଏହି ସୁଧହାର ଆଉ ବଢ଼ିବ ନାହିଁ। ଏହା ଗତ ଜୁନ୍ ମାସରୁ ତା'ର ଉଦାର ଆଭିମୁଖ୍ୟ ପ୍ରଦର୍ଶନ କରିଆସୁଛି। ବାରମ୍ବାର ସୁଧହାର ହ୍ରାସର ଲକ୍ଷ୍ୟ ହେଉଛି ମାନ୍ଦା ଧରିଆସିଥିବା ଅର୍ଥନୀତିକୁ ଅଧିକ ଗତିଶୀଳ କରିବା। ୨୦୧୯-୨୦ ପାଇଁ ଜିଡିପି ଅଭିବୃଦ୍ଧି ଜୁନ୍ ପଲିସି ଘୋଷଣା ସମୟରେ ବ୍ୟାଙ୍କ ୭ ପ୍ରତିଶତରୁ ୬.୯ ପ୍ରତିଶତକୁ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରିଥିବା ବେଳେ ଏଥିରୁ ଅର୍ଥନୀତି ବିତ୍ତୀୟ ବର୍ଷର ପ୍ରଥମାର୍ଦ୍ଧରେ ୫.୮ରୁ ୬.୬ ପ୍ରତିଶତ ଏବଂ ବର୍ଷର ଦ୍ୱିତୀୟାର୍ଦ୍ଧରେ ୭.୩ରୁ ୭.୫ ପ୍ରତିଶତ ସଂକୁଚିତ ହେଉଥିବା ଜଣାପଡୁଛି। ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରଥମ ତ୍ରିମାସୀରେ ଜିଡିପି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ଅନେକ ବାଜିମରା ଚାଲିଛି। ଅଟୋମୋବାଇଲ କ୍ଷେତ୍ରରେ ବ୍ୟାପକ କର୍ମନିଯୁକ୍ତି ହ୍ରାସ ଘଟିବା ସହ ଅନେକ କମ୍ପାନୀ ଦିନ ଦିନ ଧରି ବନ୍ଦ ରହୁଛି ଏବଂ କାମ କରିବାର ଶିଫ୍ଟ (ଅନେକ ଶିଳ୍ପକାରଖାନାରେ ୨୪ ଘଣ୍ଟାକୁ ୩ ଭାଗ କରି ତିନୋଟି ଶିଫ୍ଟରେ ୮ ଘଣ୍ଟା ଲେଖାଏ କାମ କରାଯାଏ) ସଂଖ୍ୟା କମାଇଦିଆଯାଉଛି। ଏଥିରୁ ଜଣାପଡୁଛି ଯେ ଏହି ଶିଳ୍ପରେ ପ୍ରବଳ ମାନ୍ଦାବସ୍ଥା ଦେଖାଯାଇଛି। ଏକ ରଏଟର୍ସ ରିପୋର୍ଟରେ ପ୍ରକାଶ ପାଇଛି ଯେ, କେବଳ ଗତ ଚାରିମାସ ଭିତରେ ଅଟୋ ନିର୍ମାତା, ପାର୍ଟ ନିର୍ମାତା ଓ ଡିଲରମାନେ ପ୍ରାୟ ୩,୫୦,୦୦୦ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। କାର୍ ଓ ମୋଟରସାଇକେଲ ନିର୍ମାତାମାନେ ୧୫,୦୦୦ କର୍ମଚାରୀଙ୍କୁ ଛଟେଇ କରିଥିବା ବେଳେ ପାର୍ଟସ ନିର୍ମାତାମାନେ ପ୍ରାୟ ଏକଲକ୍ଷ କର୍ମଚାରୀଙ୍କୁ ବିଦା କରିଦେଇଛନ୍ତି। ଡିଲର ପଏଣ୍ଟରେ ଅନେକ ନିଯୁକ୍ତି ହ୍ରାସ ଘଟିଥିବା ବେଳେ ଅନେକେ ଦୋକାନ ବନ୍ଦ କରିଦେଇଛନ୍ତି। ଚାହିଦା ହ୍ରାସ ପାଇବାରୁ ଉତ୍ପାଦନ କମ୍ କରିବାକୁ ପଡ଼ିଲା, ତେଣୁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ପଡ଼ିଲା ନାହିଁ। ଏହା ହେଉଛି ଛଟେଇର କାରଣ। ଯେଉଁ କ୍ଷେତ୍ର ଦେଶର ଜିଡିପିକୁ ୭ ପ୍ରତିଶତରୁ ଅଧିକ ଅବଦାନ ରଖୁଥିଲା, ତାହା ଏବେ ଘୋର ସଂକଟ ଦେଇ ଗତି କରୁଛି। ବୃହତ୍ତମ କାର୍ ନିର୍ମାତା ମାରୁତି ସୁଜୁକି ଗତ ଛଅମାସ ଭିତରେ ତା'ର ୬ ପ୍ରତିଶତ ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିଛି। ଗତ ଦୁଇ ସପ୍ତାହ ଭିତରେ ଟାଟା ମୋଟର୍ସ ସପ୍ତାହବ୍ୟାପୀ ତା'ର ଚାରୋଟି କାରଖାନା ବନ୍ଦ କରିଥିବା ବେଳେ ମହୀନ୍ଦ୍ରା ଗତ ଏପ୍ରିଲରୁ ଜୁନ୍ ଭିତରେ ବିଭିନ୍ନ ସ୍ଥାନରେ ଥିବା ତା'ର କାରଖାନାଗୁଡ଼ିକୁ ୫ରୁ ୧୩ ଦିନ ଯାଏ ଉତ୍ପାଦନ ବନ୍ଦ ରଖିଥିଲା। ହୋଣ୍ଡା ଗତ ଜୁଲାଇ ୧୬ ତାରିଖରୁ ରାଜସ୍ଥାନରେ ଥିବା ତା' କାରଖାନାରେ କେତେକ କାର୍ ମଡେଲର ଉତ୍ପାଦନ ବନ୍ଦ କରିଦେଇଛି ଏବଂ ଜୁଲାଇ ୨୭ ତାରିଖରୁ ଗ୍ରେଟର ନୋଏଡାରେ ଥିବା ତା'ର ଦ୍ୱିତୀୟ କାରଖାନାରୁ ଉତ୍ପାଦନ ପୂରା ବନ୍ଦ କରିଦେଇଛି। ଏଥିରୁ ଜଣାପଡୁଛି ଯେ, ଆମ ଦେଶରେ ଗାଡ଼ିର ଚାହିଦା ହ୍ରାସ ପାଇଛି ଏବଂ ଅର୍ଥନୀତିରେ ସାମଗ୍ରିକ ଉତ୍ଥାନ ନ ଘଟିଲେ ଏଥିରେ ତୁରନ୍ତ କୌଣସି ସୁଧାର ଆସିପାରିବ ନାହିଁ।

ଖାଉଟିମାନଙ୍କର ଉପଭୋଗ, ଚାହିଦା ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ସୁଧହାର ହ୍ରାସ ନିଶ୍ଚୟ ସହାୟକ ହେବ। ଆର୍‌ବିଆଇ ରେପୋ ହାର ହ୍ରାସ କରିବା ପରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମଧ୍ୟ ଯଥାଶୀଘ୍ର ଉପଭୋକ୍ତାମାନଙ୍କ ଋଣ ଉପରେ ସୁଧହାର ହ୍ରାସ କରିବା ଉଚିତ। ତେବେ ଅତୀତରେ ବ୍ୟାଙ୍କଗୁଡ଼ିକ ଏ କ୍ଷେତ୍ରରେ ଯାହା କରିଛନ୍ତି, ତାହା ଉତ୍ସାହଜନକ ନୁହେଁ। ଏସ୍‌ବିଆଇ ପରି ବଡ଼ ବ୍ୟାଙ୍କ ଏ କ୍ଷେତ୍ରରେ ଅତ୍ୟନ୍ତ କଞ୍ଜୁସି ପ୍ରଦର୍ଶନ କରିଛନ୍ତି। କେତେକ ବ୍ୟାଙ୍କ ଖାଉଟିଙ୍କୁ ଲାଭ ନ ଦେଇ ଚୁପ୍‌ଚାପ୍ ବସିଯାଇଥିବା ବେଳେ ଆଉ କେତେକ ବ୍ୟାଙ୍କ ରେପୋ ହାର ହ୍ରାସରୁ ନିଜେ ପାଉଥିବା ଲାଭର ଏକଚତୁର୍ଥାଂଶ ପରି ସାମାନ୍ୟ ଲାଭ ଗ୍ରାହକଙ୍କୁ ଦେଉଛନ୍ତି। ଆର୍‌ବିଆଇର ରେଟ୍ ହ୍ରାସ ଘୋଷଣା ପରେ ଏସ୍‌ବିଆଇ ଋଣ ସୁଧହାର ମାତ୍ର ୧୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଗାଡ଼ି ବିକ୍ରିରେ ହ୍ରାସ, ପୁଞ୍ଜିନିବେଶରେ ହ୍ରାସ ଏବଂ ରପ୍ତାନି ହ୍ରାସ ଆଦି ଯୋଗୁ ଭାରତୀୟ ଅର୍ଥନୀତି ମାନ୍ଦାବସ୍ଥାରେ ସନ୍ତୁଳି ହେଉଛି। ଏ ପରିପ୍ରେକ୍ଷୀରେ ଅର୍ଥନୀତିକୁ ଚଳଚଞ୍ଚଳ କରିବାକୁ ହେଲେ ଏକ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଗତ ବଜେଟରେ ବିତ୍ତୀୟ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଅର୍ଥନୀତିକୁ ସୁଧାରିବାର ଦାୟିତ୍ୱ ରହିଛି ଆର୍‌ବିଆଇ ଉପରେ। ମୁଦ୍ରାସ୍ଫୀତି ନିରବଚ୍ଛିନ୍ନ ଭାବେ ଦୁର୍ବଳ ହେବା ଯୋଗୁ ଆର୍‌ବିଆଇର କାମ ସହଜ ହେଲା। ତେବେ ରିଜର୍ଭ ବ୍ୟାଙ୍କର ପଦକ୍ଷେପ ପରେ ବ୍ୟାଙ୍କଗୁଡ଼ିକ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଆସନ୍ତା ସେପ୍ଟେମ୍ବର ମାସରୁ ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବାବେଳେ ସୁଧହାର ହ୍ରାସ କରି ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ କମ୍ପାନୀଗୁଡ଼ିକର ବିକ୍ରି ବଢ଼ାଇବା ଓ ଅର୍ଥନୀତିରେ ସୁଧାର ଆଣିବାରେ ସାହାଯ୍ୟ କରିପାରିବେ। ତେବେ ବ୍ୟାଙ୍କଗୁଡ଼ିକ ଯେତେ ଶୀଘ୍ର ଏହା କରିବେ ସେତେ ଭଲ।

## ଆଜିର ଅର୍ଥନୀତି

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | E | | 8 | 0 | 1 | | | | | | |
| 0 | B | 6 | 9 | | | | | 3 | D | | | | | |
| | E | | | | | | | | 1 | | | | | |
| | | | B | | C | 5 | | | | | | | | |
| 2 | D | | | | 1 | B | | | | A | 6 | | 9 | 4 |
| | | 5 | | | A | | | 8 | | 2 | | D | B | |
| | | | | | | 4 | | | | 6 | | | | A |
| | | 9 | | 4 | | | 6 | B | | | 5 | | 0 | |
| 8 | 6 | | | 5 | 2 | D | 7 | 9 | | | E | | | |
| | 4 | A | 7 | 9 | | | E | 5 | | | | | 6 | |
| 6 | | D | C | | 0 | | 8 | | | 4 | | | 3 | 7 |
| | 0 | 4 | 8 | | 9 | | | E | | | | | A | |
| E | | | A | | | 0 | | | | D | | B | 8 | |
| | | | 3 | | | | | 4 | | | 9 | | | 5 |
| C | 1 | | | | | | 2 | | 8 | | | | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 1 | 8 | 6 | 9 | 7 | A | C | 0 | 5 | 2 | 4 | E | 3 | D |
| 4 | A | 6 | E | 2 | C | D | 8 | 9 | 0 | 3 | 7 | 1 | 5 | B |
| 5 | E | D | 4 | 3 | 8 | 7 | B | 1 | 9 | 6 | A | C | 0 | 2 |
| 7 | C | 2 | 5 | A | 0 | E | 3 | 4 | B | D | 1 | 8 | 6 | 9 |
| 3 | 9 | 0 | D | 1 | B | 2 | 5 | 6 | 8 | E | C | A | 7 | 4 |
| 1 | 3 | 5 | 0 | D | 4 | 6 | 9 | E | 2 | C | 8 | 7 | B | A |
| 8 | 0 | C | 7 | E | 1 | 5 | 2 | B | 3 | A | D | 9 | 4 | 6 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

# ଭାରତଛାଡ଼ ଆନ୍ଦୋଳନ ଓ ରକ୍ତତୀର୍ଥ ଇରମ୍



ଡ. ପ୍ରଫୁଲ୍ଲ କୁମାର ସାହୁ

ଅଗଷ୍ଟ ବିପ୍ଳବ ଆମ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଯୁଗାନ୍ତକାରୀ ଅଧ୍ୟାୟ। ୧୯୪୨ ଅଗଷ୍ଟ ୮ ତାରିଖ ବମ୍ବେର ଗ୍ୱାଲିୟର ଟ୍ୟାଙ୍କ୍ (ଅଗଷ୍ଟ କ୍ରାନ୍ତି) ମଇଦାନରେ ଅନୁଷ୍ଠିତ କଂଗ୍ରେସର ଖୋଲା ଅଧିବେଶନରେ ଭାରତଛାଡ଼ ଆନ୍ଦୋଳନ ଡାକରା ଦେଲେ ଗାନ୍ଧିଜୀ। ସ୍ୱାଧୀନତା ସଂଗ୍ରାମର ଅନ୍ତିମ ଲଢ଼େଇ ଲଢ଼ିବା ପାଇଁ ସତ୍ୟାଗ୍ରହୀମାନଙ୍କୁ ଶୁଣାଇଲେ 'କର ବା ମର' ମନ୍ତ୍ର। ସେ ମନ୍ତ୍ର ପ୍ରତିଧ୍ୱନିତ ହେଲା ଆକୁମାରୀ ହିମାଚଳ। ଚାରିଆଡ଼େ ଖେଳିଗଲା ଦେଶପ୍ରେମର ଏକ ଅଦ୍ଭୁତ ଆଲୋଡ଼ନ। ତା'ର ସମ୍ଭାବ୍ୟ ପରିଣତିକୁ ଆକଳନ କରି ଚିହିଁକି ଉଠିଲା ବ୍ରିଟିଶ୍ ସରକାର। ପ୍ରତିଶୋଧମୂଳକ ପଦକ୍ଷେପ ସ୍ୱରୂପ ବ୍ରିଟିଶ ସରକାରଙ୍କ ପକ୍ଷରୁ ତତ୍କାଳ ଆରମ୍ଭ ହେଲା ବ୍ୟାପକ ଗିରଫଦାରି। ଅଗଷ୍ଟ ୯ ତାରିଖ ସକାଳ ହେବା ଆଗରୁ ବନ୍ଦୀ ହୋଇ ସାରିଥିଲେ ଗାନ୍ଧିଜୀ ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟିର ଅନ୍ୟ ସଦସ୍ୟମାନେ। କଂଗ୍ରେସକୁ ବେଆଇନ ଘୋଷଣା କରିବା ସହ ସବୁ କଂଗ୍ରେସ ଅଫିସରେ ଝୁଲାଇ ଦିଆଗଲା ତାଲା। ତଡ଼ିତ୍ ବେଗରେ ବ୍ୟାପିଗଲା ଗାନ୍ଧିଜୀ ଏବଂ କଂଗ୍ରେସର ଅନ୍ୟ ତୁଙ୍ଗ ନେତାମାନଙ୍କ ଗିରଫ ହେବା ଖବର। ସବୁଆଡ଼େ ସୃଷ୍ଟି ହେଲା ଉତ୍ତେଜନାମୟ ବାତାବରଣ। ସମସ୍ତଙ୍କୁ ଉଦ୍‌ବେଳିତ କଲା ଗାନ୍ଧିଜୀଙ୍କର ସେହି ଆହ୍ୱାନ -'କର ବା ମର'। ଅଥଚ କି ଅଦ୍ଭୁତ ଶକ୍ତି ଥିଲା ଏ ପଞ୍ଚାକ୍ଷରୀ ମନ୍ତ୍ରର ?

ପୋଲିସ ଗୁଳିଗୋଳାକୁ ଖାତିର ନ କରି ରାଜରାସ୍ତାକୁ ଓହ୍ଲାଇ ଆସିଲେ ଲକ୍ଷଲକ୍ଷ ଲୋକ। ବିଭିନ୍ନ ସ୍ଥାନରେ ପୋଲିସ ଓ ଆନ୍ଦୋଳନକାରୀ ଜନତାଙ୍କ ଭିତରେ ଉପୁଜିଲା ମୁହାଁମୁହିଁ ପରିସ୍ଥିତି। ତେବେ କ'ଣ ଥିଲା ଗାନ୍ଧିଜୀଙ୍କ 'କର ବା ମର' ଆହ୍ୱାନର ପରିଣାମ ? କେଉଁ ଅସ୍ତ୍ର ସାହାଯ୍ୟରେ ମୁକ୍ତି ସଂଗ୍ରାମର ଶେଷ ଲଢ଼େଇ ଲଢ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ ଦେଶବାସୀଙ୍କୁ। ହିଂସାରେ ନା ଅହିଂସା ଉପାୟରେ ? ଗାନ୍ଧିଜୀ କେବଳ ଏତିକି କହିଥିଲେ ଶାନ୍ତିପୂର୍ଣ୍ଣ ଉପାୟରେ ସଂଗ୍ରାମକରି ସ୍ୱାଧୀନତା ହାସଲ କର, ନ ହେଲେ ଆତ୍ମବଳି ଦିଅ ଦେଶ ପାଇଁ। ମାତ୍ର ଗାନ୍ଧିଜୀଙ୍କ ଏ ପ୍ରସ୍ତାବିତ ଖସଡ଼ାକୁ ବଦଳେଇ ଦେଲା ବ୍ରିଟିଶ ସରକାରଙ୍କ ଦମନମୂଳକ ନୀତି। ଜନ ଆନ୍ଦୋଳନକୁ ଦବାଇ ଦେବା ପାଇଁ ସରକାରଙ୍କ ପଦକ୍ଷେପ ଥିଲା ସତ୍ୟାଗ୍ରହୀଙ୍କ ଉପରେ ନିର୍ମମ ଲାଠି ପ୍ରହାର ଓ ଗୁଳିବର୍ଷଣ। ମହିଳାମାନଙ୍କ ପ୍ରତି ସେମାନଙ୍କ ଭାଷା ଓ ବ୍ୟବହାର ଥିଲା ଅତ୍ୟନ୍ତ ଅଶାଳୀନ ଓ ଅଭଦ୍ରୋଚିତ। ଇତିହାସ କହେ- ୧୯୪୨ ମସିହା ଅଗଷ୍ଟ ୧୭ ତାରିଖ ଦିନ ଭଦ୍ରକଠାରୁ ୧୬ କି.ମି. ଦୂରରେ ଅବସ୍ଥିତ ଭଣ୍ଡାରିପୋଖରୀ ଥାନା ପୋଡ଼ି ଘଟଣା ଥିଲା ବ୍ରିଟିଶ କୁଶାସନ ବିରୋଧରେ ଓଡ଼ିଶାର ସର୍ବପ୍ରଥମ ହିଂସାତ୍ମକ ଆନ୍ଦୋଳନ।

ଘଟଣା ଦିନ ଯୁବ ସଂଗ୍ରାମୀ ବୈଷ୍ଣବ ଚରଣ ନାୟକଙ୍କ ନେତୃତ୍ୱରେ ପାଖାପାଖି ପାଞ୍ଚ ହଜାର ସତ୍ୟାଗ୍ରହୀ ମଶାଲ ଶୋଭାଯାତ୍ରାରେ ଆସି ନିଆଁ ଲଗେଇ ଦେଇଥିଲେ ଭଣ୍ଡାରିପୋଖରୀ ଥାନାରେ। ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ବୈଷ୍ଣବ ଚରଣ ନାୟକ, କୁଶଧ୍ୱଜ ପଣ୍ଡା ଓ କୃପାସିନ୍ଧୁ ସାହୁ ପ୍ରମୁଖ କେତେଜଣ ସତ୍ୟାଗ୍ରହୀ ନେତାଙ୍କୁ ଗିରଫ କରିନେଇଥିଲା ପୋଲିସ। ପିଟୁଣି ଟିକସ (ଜରିମାନା) ବାବଦକୁ ପାର୍ଶ୍ୱବର୍ତ୍ତୀ ୧୨ଟି ଗ୍ରାମର ଲୋକଙ୍କଠାରୁ ଆଦାୟ କରାଯାଇଥିଲା ୬ ହଜାର ଟଙ୍କା। ବ୍ରିଟିଶ ପ୍ରଶାସନର ଏଭଳି ଦମନମୂଳକ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଭଦ୍ରକ ଅଞ୍ଚଳର ବିଭିନ୍ନ ସ୍ଥାନରେ ତେଜି ଉଠିଥିଲା ଆନ୍ଦୋଳନ। ସେପ୍ଟେମ୍ବର ୫ ତାରିଖରେ ଭଦ୍ରକଠାରୁ ୨୦ କି.ମି. ଦୂର ଧାମନଗର ଥାନା ଅନ୍ତର୍ଗତ ଧୁଷୁରୀଠାରେ ସତ୍ୟାଗ୍ରହୀମାନେ ସଂଗଠିତ ହୋଇ ଚୌକିଦାର ଓ ଦଫାଦାରଙ୍କ ପୋଷାକ ପୋଡ଼ିଦେଲେ ଏବଂ ଧାମନଗର ଅଞ୍ଚଳକୁ ସ୍ୱାଧୀନ ଘୋଷଣା କଲେ ସର୍ଦ୍ଦାର ମୁରଲୀଧର ପଣ୍ଡା ଓ ମୁରଲୀଧର ଜେନା ପ୍ରମୁଖ ନେତାଙ୍କ ଉପସ୍ଥିତିରେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପୋଲିସ ପ୍ରସ୍ତୁତ କଲା ସତ୍ୟାଗ୍ରହୀ ନେତାମାନଙ୍କୁ ଗିରଫ କରି ଆନ୍ଦୋଳନକୁ ଭଣ୍ଡୁର କରିବା ଯୋଜନା। ପ୍ରାରମ୍ଭିକ ଅଭିଯାନ ସ୍ୱରୂପ ସେପ୍ଟେମ୍ବର ୨୨ ତାରିଖ ସକାଳ ହେବା ପୂର୍ବରୁ ଲୁଣିଆ କଟସାହି ଗାଁରେ ପହଞ୍ଚି ଘେରାଉ କରିନେଲା ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କ ଘର। ସକାଳ ହେବା ମାତ୍ରେ ଗାଁ ଲୋକ ଏ କଥା ଜାଣିଗଲେ ଏବଂ ଶଙ୍ଖଘଣ୍ଟା ଧ୍ୱନିରେ ଉଚ୍ଛୁଳି ଉଠିଲା ଗାଁ। ସାରା ଅଞ୍ଚଳରେ ଖେଳିଗଲା ଖବର। ହାତରେ ଠେଙ୍ଗାବାଡ଼ି ଧରି ମାଡ଼ିଆସିଲେ ହଜାର ହଜାର ଲୋକ। ମୁହାଁମୁହିଁ ହେଲେ ରକ୍ତମୁଖା ପୋଲିସ ଓ ଉତ୍ତେଜିତ ଜନତା। ପୋଲିସର ଆଖିବୁଜା ଗୁଳି ଚାଳନା ଯୋଗୁ ଶହୀଦ ହେଲେ ୯ ଜଣ ସତ୍ୟାଗ୍ରହୀ। ନିରୀହ ମଣିଷ ରକ୍ତରେ ଲାଲ୍ ହେଲା ଚାନ୍ଦିଆପୋଷି ପଡ଼ିଆ। ଏ ବଳିଦାନର ମାଟି ଏବେ ଶହୀଦନଗର ନାମରେ ଖ୍ୟାତ।

ଲୁଣିଆ ଗୁଳିକାଣ୍ଡର ଠିକ୍ ୬ ଦିନ ପରେ ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ଜନ୍ମମାଟି ଇରମ୍ ଲେଖିଲା ସ୍ୱାଧୀନତା ସଂଗ୍ରାମର ରକ୍ତାକ୍ତ କବିତା। ଭଦ୍ରକ ଜିଲାର ବାସୁଦେବପୁରଠାରୁ ୧୬ କି.ମି. ଦୂରରେ ଅବସ୍ଥିତ ରକ୍ତତୀର୍ଥ ଇରମ୍ ଥିଲା ମୁକ୍ତି ଆନ୍ଦୋଳନର ଏକ ପ୍ରୟୋଗଶାଳା। ଗାଁର ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗରର ସୁନୀଳ ଜଳରାଶି ଓ ଅନ୍ୟ ତିନି ପାର୍ଶ୍ୱକୁ ବେଢ଼ି ବହିଯାଇଛି ଗମେଇ ଓ କାଂଶବାଂଶ ନଦୀର ଜଳଧାରା। ସେଥିପାଇଁ ଇରମ୍ ଗାଁକୁ ସହସା ପ୍ରବେଶ କରିପାରେନି ପୋଲିସ। ପ୍ରାକୃତିକ ଅବସ୍ଥିତି ଦୃଷ୍ଟିରୁ ଇରମ୍ ଥିଲା ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ। ସଭାସମିତି ପାଇଁ ଗାଁରେ ବି ଥିଲା ଏକ ବିରାଟ ମେଳଣପଡ଼ିଆ। ଭାରତଛାଡ଼ ଆନ୍ଦୋଳନ ବେଳକୁ କବି ବାଞ୍ଛାନିଧି ନ ଥିଲେ ସତ କିନ୍ତୁ ତା'ର ବହୁ ଆଗରୁ ସେ ଇରମ୍ ମାଟିରେ ବୁଣି ସାରିଥିଲେ ଦେଶପ୍ରେମର ମଞ୍ଜି। ତାଙ୍କ ଦେଶାତ୍ମବୋଧକ ସଙ୍ଗୀତ ଓ ସାଂଗଠନିକ ଦକ୍ଷତା ଯୋଗୁ ଏକ ସଂଗ୍ରାମୀ ତିଆରି କାରଖାନାରେ ପରିଣତ ହୋଇ ସାରିଥିଲା ଇରମ୍ ମାଟି। ଭାରତଛାଡ଼ ଆନ୍ଦୋଳନର ୨୧ ବର୍ଷ ପୂର୍ବରୁ ଉତ୍କଳମଣି ଗୋପବନ୍ଧୁଙ୍କୁ ମୁଗ୍ଧ କରିଥିଲା ଇରମ୍‌ବାସୀଙ୍କ ଦେଶପ୍ରେମ। ସେଥିପାଇଁ ସେ ଇରମ୍ ସଭାରେ ଗାଇଥିଲେ- ''ଦେଶାତ୍ମବୋଧର ଚାରୁ ଗନ୍ତାଘର, ଇରମ ସୁରମ୍ୟ ଜାତୀୟ ନଗର।'' ଭାରତଛାଡ଼ ଅନ୍ଦୋଳନ ବେଳେ ସେହି ଜାତୀୟନଗର ଇରମ୍ ରଚିଲା ବଳିଦାନର ଏକ ବିରଳ ଇତିହାସ।

ସେଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ। ଅସ୍ତଗାମୀ ସୂର୍ଯ୍ୟଙ୍କ ସ୍ୱର୍ଣ୍ଣିମ ଆଭାରେ ରକ୍ତାକ୍ତ ହୋଇଉଠିଥିଲା ଇରମ୍ ମେଳଣପଡ଼ିଆ। ସେଠାରେ ଅନୁଷ୍ଠିତ ସଭାରେ ସମ୍ମିଳିତ ହୋଇଥିଲେ ପ୍ରାୟ ୬ ହଜାର ସତ୍ୟାଗ୍ରହୀ। ସଭାକାର୍ଯ୍ୟ ଖୁବ୍ ଗମ୍ଭୀର ହୋଇ ଉଠିଥିବାବେଳେ ହଠାତ୍ ଜମିଦାର ଉଆସ ଆଡୁ ମାଡ଼ିଆସିଲା ପୋଲିସବାହିନୀ। ସଭାସ୍ଥଳ ଛାଡ଼ି ଚାଲିଯିବା ପାଇଁ ଲୋକଙ୍କୁ ନିର୍ଦ୍ଦେଶ ଦେଲେ ଡିଏସ୍‌ପି କୁଞ୍ଜବିହାରୀ ମହାନ୍ତି। ମାତ୍ର ସତ୍ୟାଗ୍ରହୀମାନେ ସ୍ଥାନ ଛାଡ଼ିବା ପରିବର୍ତ୍ତେ ଆରମ୍ଭ କରିଦେଲେ ନାରାବାଜି। କରେଙ୍ଗେ ୟା ମରେଙ୍ଗେ, ଗୁଳିଗୋଳା ସେ ନେହିଁ ଡରେଙ୍ଗେ, ଲାଠି ମାଡ଼ସେ ନେହିଁ ଡରେଙ୍ଗେ, ଭାରତମାତାକୀ ଜୟ, ମହାତ୍ମା ଗାନ୍ଧୀକୀ ଜୟ ଆଦି ଧ୍ୱନିରେ ପ୍ରକମ୍ପିତ ହେଲା ମେଳଣପଡ଼ିଆ। ଲୋକଙ୍କୁ ଘଉଡ଼େଇବା ପାଇଁ ଡିଏସ୍‌ପିଙ୍କ ନିର୍ଦ୍ଦେଶରେ ଗର୍ଜିଉଠିଲା ପୋଲିସର ରକ୍ତମୁଖା ବନ୍ଧୁକ। ଘଟଣାସ୍ଥଳରେ ୨୮ ଜଣ ଟଳି ପଡ଼ିବା ସହିତ ଗୁରୁତର ଭାବେ ଆହତ ହୋଇ ଯନ୍ତ୍ରଣାରେ ଛଟପଟ ହେଲେ ପ୍ରାୟ ୫୬ରୁ ଅଧିକ ନିରସ୍ତ୍ର ମଣିଷ। ନିହତମାନଙ୍କ ମଧ୍ୟରେ ଥିଲେ ବିଜୁଳି ଦାସ ନାମକ ଜଣେ ୧୫ ବର୍ଷର ନାବାଳକ ଏବଂ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକମାତ୍ର ମହିଳା ଶହୀଦ ପରୀ ବେୱା। ପଞ୍ଜାବର ଜାଲିଆନାୱାଲାବାଗ୍ ପରେ ଏ ହେଉଛି ବଳିଦାନର ଦ୍ୱିତୀୟ ସ୍ଥଳ, ଯେଉଁଠି ପରାଧୀନତାର ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ପାଇଁ ଗୋଟିଏ ଦିନରେ ପୋଲିସ ଗୁଳିରେ ଆତ୍ମବଳି ଦେଇଛନ୍ତି ୨୯ ଜଣ ଦେଶପ୍ରେମୀ। ୭୨ ବର୍ଷ ହେଲା ଅବସାନ ହେଲାଣି ଫିରିଙ୍ଗି ଶାସନର କଳଙ୍କିତ ଅଧ୍ୟାୟ। ହେଲେ ଏବେବି ଲୋକେ ଭୁଲି ନାହାନ୍ତି ସେ ଗଣହତ୍ୟାର ମର୍ମାନ୍ତିକ ଦୃଶ୍ୟ। ସେଦିନର ସେ ଘଟଣା ମନେପକାଇ ଏବେବି ଗୁମୁରି କାନ୍ଦୁଛି ରକ୍ତତୀର୍ଥ ଇରମ୍। ଶହୀଦମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ କଳାସ୍ତମ୍ଭ ବଖାଣୁଛି ଦେଶପ୍ରେମର ସେ ବିରଳ ଗାଥା। ଆଜି ବି ସେ ସ୍ମୃତିପୀଠରେ ପାଦ ଦେଲେ ହୃଦୟର ନିଭୃତତମ ପ୍ରଦେଶରୁ ବାହାରି ଆସେ ନୀରବ ଶ୍ରଦ୍ଧାଞ୍ଜଳିର ଶବ୍ଦ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ-୯୪୩୮୮୫୫୦୮୮

# ବିଡ଼ମ୍ବିତ ଆଦିବାସୀଙ୍କ ଅଧିକାର



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଆଦିବାସୀ ଆମ ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବର୍ତ୍ତମାନ ବିଶ୍ୱର ୭୦ଟି ଦେଶରେ ୩୭ କୋଟିରୁ ଅଧିକ ଆଦିବାସୀ ବସବାସ କରୁଛନ୍ତି। ଆମ ଦେଶରେ ମଧ୍ୟ ୫୫୦ଟି ସମ୍ପ୍ରଦାୟର ୧୦.୪୨ କୋଟି ଆଦିବାସୀ ବସବାସ କରନ୍ତି, ଯାହାକି ଦେଶର ମୋଟ ଜନସଂଖ୍ୟାର ପ୍ରାୟ ଆଠ ଭାଗ। ଦେଶରେ ପ୍ରତି ବାର ଜଣରେ ଜଣେ ଆଦିବାସୀ ଥିବାବେଳେ ଆମ ରାଜ୍ୟରେ ପ୍ରତି ଚାରି ଜଣରେ ଜଣେ ଅର୍ଥାତ୍ ଜନସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ଆଦିବାସୀ। ଯଦିଓ ରାଜ୍ୟରେ ସରକାରୀ ଭାବେ ୧୩ଟି ଆଦିମ ଜନଜାତି ସମେତ ୬୨ଟି ଆଦିବାସୀ ସମ୍ପ୍ରଦାୟଙ୍କୁ ଅନୁସୂଚିତ ଜନଜାତି ବୋଲି ସ୍ୱୀକୃତି ଦିଆଯାଇଛି ତଥାପି କୋଣ୍ଡାଦୋରା, ଶୁଦ୍ଧ ଶବର, ଝୋଡ଼ିଆ, କାନ୍ଧିଆ ପରି ଆହୁରି ଅନେକ ଗୋଷ୍ଠୀ ଆଦିବାସୀ ହେଲେ ବି ଏଯାଏ ସରକାରୀ ମାନ୍ୟତା ପାଇପାରି ନାହାନ୍ତି।

ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀମାନଙ୍କ ବହୁ ତ୍ୟାଗ ଓ ବଳିଦାନ ସତ୍ତ୍ୱେ ୧୯୪୭ରେ ବ୍ରିଟିଶ ଯିବା ପରେ ସେମାନଙ୍କ ସ୍ଥିତିରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଘଟିନି। ବ୍ରିଟିଶମାନଙ୍କ ଦ୍ୱାରା ଅପହୃତ ସେମାନଙ୍କ ଜଙ୍ଗଲ ଅଧିକାର ତ ଫେରିଲାନି ବରଂ ତାକୁ ଆହୁରି କଡ଼ାକଡ଼ି କରି ସେମାନଙ୍କ ଉପରେ ଜଙ୍ଗଲ ବିଭାଗର ଅତ୍ୟାଚାର ବଢ଼ିଲା। କେନ୍ଦ୍ର ସରକାରଙ୍କ ଜଙ୍ଗଲ ସଂରକ୍ଷଣ ଆଇନ- ୧୯୮୦ ଆଦିବାସୀ ବିରୋଧୀ ତଥା ଉପନିବେଶବାଦୀ ମାନସିକତାକୁ ହିଁ ପ୍ରତିଫଳନ କରୁଥିଲା। ତେବେ ଆଦିବାସୀଙ୍କ ଦୀର୍ଘ ଲଢ଼େଇର ଫଳସ୍ୱରୂପ ତତ୍କାଳୀନ ଉପା ସରକାର ଜଙ୍ଗଲ ଅଧିକାର ଆଇନ - ୨୦୦୬ ପ୍ରଣୟନ କରିଥିଲେ। ଏହା ପ୍ରଥମ ଥର ପାଇଁ ଜଙ୍ଗଲ ଉପରେ ଆଦିବାସୀଙ୍କ ଅଧିକାରକୁ ସ୍ୱୀକୃତି ଦେଲା, କିନ୍ତୁ ତାହା ସ୍ୱୟଂସମ୍ପୂର୍ଣ୍ଣ ନ ଥିଲା। ଆଇନରେ ଜଙ୍ଗଲ ଜମିରେ ଚାଷବାସ କରି ରହୁଥିବା ଆଦିବାସୀଙ୍କୁ ବ୍ୟକ୍ତିଗତ, ଗୋଷ୍ଠୀଗତ, ପ୍ରାକୃତିକ ବାସସ୍ଥାନ, ସାଂସ୍କୃତିକ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଆଦି ଅନେକ ଅଧିକାର ଦେବା କଥା କୁହାଯାଇଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ବହୁ କମ୍ କ୍ଷେତ୍ରରେ ହିଁ ସେମାନେ ଆଇନ ପ୍ରଦତ୍ତ ଏସବୁ ଅଧିକାର ପାଇବାରେ ସକ୍ଷମ ହେଲେ। ଜଙ୍ଗଲ ଅଧିକାର ପାଇଁ କରାଯାଇଥିବା ଦାବି ଦରଖାସ୍ତକୁ ସରକାରୀ ଅଧିକାରୀମାନେ ମନଇଚ୍ଛା ଖାରଜ କରିଦେବା ଫଳରେ ଆଜି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଦେଶର ଲକ୍ଷ ଲକ୍ଷ ଆଦିବାସୀ ଓ ପାରମ୍ପରିକ ବନଜୀବୀ ନିଜର ଭିଟାମାଟିରୁ ଉଚ୍ଛେଦ ହେବାକୁ ଯାଉଛନ୍ତି। କେନ୍ଦ୍ର ସରକାର କର୍ପୋରେଟ୍‌ମାନଙ୍କ ସ୍ୱାର୍ଥରେ ଗୋଟିଏ ପଟେ ଜଙ୍ଗଲ ଅଧିକାର ଆଇନକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ଭାରତୀୟ ଜଙ୍ଗଲ ଆଇନ- ୧୯୨୭କୁ ସଂଶୋଧନ କରି ତାକୁ ଅଧିକ କଡ଼ାକଡ଼ି କରିବା ସହିତ ଆଦିବାସୀଙ୍କ ଶୋଷଣ ଏବଂ ନିର୍ଯାତନା ପାଇଁ ଜଙ୍ଗଲ କର୍ମଚାରୀଙ୍କୁ ଏବେ ଆଗ୍ନେୟାସ୍ତ୍ର ଦେବା, ସନ୍ଦେହରେ କାହାରିକୁ ବି ଗୁଳି ଚଳାଇବା ଏବଂ ଆବଶ୍ୟକସ୍ଥଳେ ଜଙ୍ଗଲ ଅଧିକାରକୁ ଛଡ଼େଇ ନେବା ପରି ଅନେକ କ୍ଷମତା ଦେବାକୁ ଯାଉଛନ୍ତି।

## ଅନ୍ତର୍ଜାତୀୟ ଆଦିବାସୀ ଦିବସ ଉପଲକ୍ଷେ

ବିକାଶ ନାଁରେ ଦେଶର ଆଦିବାସୀ ଅଞ୍ଚଳରେ ଯେଉଁସବୁ ନଦୀବନ୍ଧ, ଖଣି, ଶିଳ୍ପ କାରଖାନା ଆଦି ନିର୍ମାଣ ହୋଇଛି ତା'ର ଲାଭ ସହର ଓ ମହାନଗରରେ ଥିବା ଠିକାଦାର, ଅଫିସର, ନେତା ଓ କମ୍ପାନୀମାନେ ମାରି ନେଇଥିବା ବେଳେ ଆଦିବାସୀଙ୍କ ଭାଗ୍ୟରେ କେବଳ ବିସ୍ଥାପନ ଓ ତଜ୍ଜନିତ ଦୁଃଖ ହିଁ ପଡ଼ିଛି। ଉପଯୁକ୍ତ, ପର୍ଯ୍ୟାପ୍ତ ଏବଂ ଆଗୁଆ କ୍ଷତି ପୂରଣ ବିନା ସେମାନଙ୍କୁ ଭିଟାମାଟିରୁ ବଳପୂର୍ବକ ବିସ୍ଥାପିତ କରାଯାଇଛି। ବିକାଶ ନାଁରେ ସେମାନଙ୍କୁ ଏକ ଉନ୍ନତ ଜୀବନ ଦେବା ବଦଳରେ ସେମାନଙ୍କଠାରୁ ସେମାନଙ୍କ ଜମି, ଜଙ୍ଗଲ ପରି ସମ୍ବଳକୁ ଛଡ଼େଇ ନେଇ ଦୁର୍ଦ୍ଦଶା ଏବଂ ଦୁର୍ଦ୍ଦିନ ଭିତରକୁ ଠେଲି ଦିଆଯାଇଛି।

ଓଡ଼ିଶା ସମେତ ଦେଶର ଅଧିକାଂଶ ଆଦିବାସୀ ଆଜି ବି ଉତ୍କଟ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତାର ଶିକାର। ରାଜ୍ୟର ୯୦% ଆଦିବାସୀ ମହିଳା ଓ ୬୫% ଆଦିବାସୀ ଶିଶୁ ରକ୍ତହୀନତା ଓ ଅପପୁଷ୍ଟିର ଶିକାର। ଶିକ୍ଷା, ସ୍ୱାସ୍ଥ୍ୟସେବା, ପିଇବା ପାଣି, ବିଦ୍ୟୁତ୍ ଆଦି ସର୍ବନିମ୍ନ ମୌଳିକ ସୁବିଧା ଆଜି ବି ସେମାନଙ୍କ ପାଇଁ ଏକ ରକମ ସ୍ୱପ୍ନ ହୋଇ ରହିଛି। ନିରକ୍ଷରତା, ଅଧାରୁ ପାଠଛାଡ଼, ଶିଶୁ ଓ ମାତୃମୃତ୍ୟୁ ଆଦିର ହାରରେ ସେମାନେ ଅନ୍ୟମାନଙ୍କଠାରୁ ଅନେକ ଆଗରେ ରହିଛନ୍ତି।

ଆଦିବାସୀଙ୍କ ଜୀବନ, ଜୀବିକା, ଭାଷା ଓ ସଂସ୍କୃତି ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଛି। ଆମର ଶାସକ ଶ୍ରେଣୀ ସେମାନଙ୍କ ଭାଷା ଓ ସଂସ୍କୃତିର ସ୍ୱାଧୀନ ବିକାଶ ପାଇଁ ସୁଯୋଗ ଦେବା ପରିବର୍ତ୍ତେ ତାକୁ ଦବେଇ ଦେଇ ଅନ୍ୟ ବହୁସଂଖ୍ୟକ ଭାଷାଭାଷୀଙ୍କ ଭିତରେ ବଳପୂର୍ବକ ସମ୍ମିଳିତ କରିବାର ନୀତିକୁ ଆପଣେଇ ଆସିଛନ୍ତି। ଦେଶରେ ରହିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଭାଷାକୁ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦେବା ପରିବର୍ତ୍ତେ ସେମାନଙ୍କୁ ଓଡ଼ିଆ, ତେଲୁଗୁ, ହିନ୍ଦୀ ପରି ଭାଷାଗୁଡ଼ିକ ଅଧୀନରେ ରହିବାକୁ ବାଧ୍ୟ କରାଯାଉଛି। ଆଦିବାସୀ ପିଲାଙ୍କୁ ନା ନିଜ ମାତୃଭାଷାରେ ଶିକ୍ଷା ଦିଆଯାଉଛି ନା ସେମାନଙ୍କ ଭାଷାରେ କୌଣସି ବହି କିମ୍ବା ପତ୍ରପତ୍ରିକା ପ୍ରକାଶ ପାଇଁ ସୁଯୋଗ ଦିଆଯାଉଛି। ଏପରିକି ଅନେକ ଆଦିବାସୀ ଭାଷାର ଲିପିକୁ ବି ବିକଶିତ କରିବାରେ ତଥା ସେସବୁ ଭାଷାର ସାହିତ୍ୟ ସୃଷ୍ଟି କରିବାରେ ଏବଂ ସେଥିପାଇଁ ଆର୍ଥିକ ଅନୁଦାନ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି।

ବିଶ୍ୱରେ ଆଦିବାସୀମାନଙ୍କ ଏହି ସଙ୍କଟମୟ ସ୍ଥିତିକୁ ଦେଖି ମିଳିତ ଜାତିସଂଘ ୧୯୯୪ ମସିହାରୁ ପ୍ରତିବର୍ଷ ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ରୂପେ ପାଳନ କରି ଆସୁଛି। ତେବେ ଜମି, ଜଙ୍ଗଲ ତଥା ପ୍ରାକୃତିକ ସମ୍ପଦ ଉପରେ ଆଦିବାସୀମାନଙ୍କ ଅଧିକାରକୁ ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ ସହିତ ଶିକ୍ଷା, ସ୍ୱାସ୍ଥ୍ୟସେବା ପରି ସମସ୍ତ ମୌଳିକ ସୁବିଧାର ଉପଲବ୍ଧତା ତଥା ସେମାନଙ୍କ ଭାଷା, ସଂସ୍କୃତିର ବିକାଶ ଏବଂ ସ୍ୱୟଂଶାସନର ଅଧିକାର ପ୍ରଦାନ ବ୍ୟତୀତ ଆଦିବାସୀମାନଙ୍କ ପ୍ରକୃତ ବିକାଶ ଆଦୌ ସମ୍ଭବ ନୁହେଁ।

ମୋ- ୯୪୩୭୧୬୬୩୯୧,
bhalachandra.odisha@gmail.com

## ଏଇ ଭାରତରେ

ଅଚିହ୍ନା ମୃତଦେହ ସଂଗ୍ରହ କରି ସେଗୁଡ଼ିକର ଅନ୍ତିମ ସଂସ୍କାର କରିବା ହେଉଛି ବିହାର ପାଟନାର ଜଣେ ବ୍ୟକ୍ତିଙ୍କ ନିଶା। ସେ ହେଉଛନ୍ତି ନବୀନ ଶ୍ରୀବାସ୍ତବ। ଗତ ୧୮ବର୍ଷ ମଧ୍ୟରେ ସେ ୨ଶହରୁ ଅଧିକ ଅଚିହ୍ନା ମୃତଦେହ ସଂସ୍କାର କରିଛନ୍ତି। ସ୍ଥାନୀୟ ଗୋପାଳଗଞ୍ଜରେ ବାସକରୁଥିବା ନବୀନ ୨୦୦୧ରେ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ପାଇଁ ପ୍ରୟାଗରାଜ ଯାଇଥିଲେ। ଜାନୁୟାରୀ ୧୪ରେ କୁମ୍ଭମେଳା ସମୟରେ ସେ ତାଙ୍କ ଭାଇଙ୍କ ସହିତ ଗଙ୍ଗାରେ ସ୍ନାନ କରୁଥିଲେ। ହଠାତ୍ ତାଙ୍କ ଭାଇ ଭାସିଯାଇଥିଲେ। ନବୀନ ୩୨ଦିନ ପର୍ଯ୍ୟନ୍ତ ଭାଇଙ୍କୁ ଖୋଜିଥିଲେ। ତେବେ ତାଙ୍କ ଭାଇ ମିଳି ନ ଥିଲେ। ସେ ନଦୀରେ ପ୍ରତି ମୃତଦେହକୁ ଓଲଟାଇ ଦେଖୁଥିଲେ। ପରେ ସେଗୁଡ଼ିକୁ ପୁଣି ଭସାଇ ଦେଉଥିଲେ। ଦିନେ ଜଣେ ନାବିକ ନବୀନଙ୍କୁ ପଚାରିଥିଲେ ଯେ, ଯଦି ମୃତଦେହ ତାଙ୍କ ଭାଇଙ୍କର ହୋଇଥାନ୍ତା ସେ କ'ଣ କରିଥାନ୍ତେ। ଏହା ନବୀନଙ୍କ ମନରେ ଗଭୀର ରେଖାପାତ କରିଥିଲା। ସେବେଠାରୁ ସେ ଅଚିହ୍ନା ମୃତଦେହ ସଂସ୍କାର କରିବା ଆରମ୍ଭ କରିଥିଲେ। ତାଙ୍କର ଏଭଳି କାର୍ଯ୍ୟ ପାଇଁ ପରିବାର ସଦସ୍ୟ ଦୂରେଇ ଯାଇଥିଲେ। ସମାଜରେ ସଭିଏଁ ତାଙ୍କୁ ଅଛୁଆଁ ମନେକରିଥିଲେ। ମାତ୍ର ଏଥିରେ ନବୀନ ଧୈର୍ଯ୍ୟ ନ ହରାଇ ନିଜର କାର୍ଯ୍ୟ ଜାରି ରଖିଥିଲେ। ୨୦୦୫ରୁ ସେ ଗୋପାଳଗଞ୍ଜରେ ଥିବା ବିଭିନ୍ନ ହସ୍ପିଟାଲରୁ ଅଚିହ୍ନା ମୃତଦେହ ସଂଗ୍ରହ କରି ସେଗୁଡ଼ିକର ସଂସ୍କାର କରୁଛନ୍ତି।

## ଚିରନ୍ତନୀ

ଜୀବନପରେ କି ଅଛି ଆଉ
ଆସିଛି କେହୁ ଦେଖି,
ସରଗ-ସେ ତ ମନର ଗଢ଼ା କଥା,
ଜୀବନେ ଯାହା ହଜଇ ଥରେ
ମିଳଇ ଆଉ ସେ କି
ବ୍ୟର୍ଥ ସିନା ପିଟିବା ଖାଲି ମଥା ! (ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୯ ଅଗଷ୍ଟ ୧୯୯୪**

- ଏରନେଷ୍ଟୋ ସାମ୍ପେର କଲମ୍ବିଆର ନୂତନ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କଲେ।
- ଓଡ଼ିଶାରେ ବର୍ଷା ଓ ବନ୍ୟା ଫଳରେ ବିଭିନ୍ନ ଜିଲାରେ ମୋଟ ୨୯ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା।

## ପାଠକ ଶ୍ରେଷ୍ଠ ବିଚାରକ

### ଜମି ହଡ଼ପ ଉଦ୍ୟମ

ମହାଶୟ,

ମୋ ପିତାଙ୍କ ମୃତ୍ୟୁ ପରେ ନିକଟସ୍ଥ କମାରସାହି ଓ ମଦୁରାଇ ଗ୍ରାମର ଦୁଇଜଣ ବ୍ୟକ୍ତି ମୋ ମା'ଙ୍କ ସହିତ ସମ୍ପର୍କ ରଖି ଆମ ଘରର ସମସ୍ତ ଆସବାବପତ୍ର ନେଇଯାଇଛନ୍ତି। ମୁଁ ଦିଲ୍ଲୀରେ ରହି କାମ କରୁଥିଲି। ଘରକୁ ଆସିବା ପରେ ମୋ ମା' ସହିତ ମିଶି ସେମାନେ ଜବରଦସ୍ତ ଜମି ରେଜେଷ୍ଟ୍ରି କରିବା ପାଇଁ କହିବାରୁ ମୁଁ ମନାକଲି। ମୋତେ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଲେ। ମା' କହିଲେ ଯେ ସେ ସେମାନଙ୍କଠାରୁ ଟଙ୍କା ଆଣିଛନ୍ତି। ତେଣୁ ମୁଁ ବାଧ୍ୟ ହୋଇ ଦସ୍ତଖତ କରିଦେଲି। ବର୍ତ୍ତମାନ ପୁଣି ସେମାନେ ମୋର ଏକ ଏକରରୁ ଅଧିକ ଜମି ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି। ମୁଁ ଜମି ଦେବାକୁ ମନା କରିବାରୁ ମୋତେ ରାସ୍ତାରୁ ହଟାଇଦେବା ପାଇଁ ଧମକ ଦେଇଛନ୍ତି। ମୁଁ ଡରି ଘର ଛାଡି ଭୁବନେଶ୍ୱରରେ ରହି ଦିନମଜୁରିଆ କାମ କରୁଛି। ମୁଁ ସ୍ଥାନୀୟ ପ୍ରଶାସନଠାରୁ ସୁରକ୍ଷା ଆଶା କରୁଛି। ମୋର କିଛି କ୍ଷତି ହେଲେ ସେମାନେ ଦାୟୀ ରହିବେ।

ସୁନୀଲ କୁମାର ବେହେରା, ସାଇଲୋ ଝାରପଡ଼ା, ଗୋବିନ୍ଦପୁର, କଟକ

### ଗୁହାଳ ପାଲଟିଛି ରାଜ୍ୟ ରାଜପଥ

ଧରିତ୍ରୀରେ ପ୍ରକାଶିତ 'ଗୁହାଳ ପାଲଟିଛି ରାଜ୍ୟ ରାଜପଥ' ନିଚ୍ଛକ ସତକଥା। ମୋ ଘର ଦକ୍ଷିଣ ଦିଗକୁ ରାସ୍ତା ଲାଗିଛି। ପଡ଼ିଶା ଘର ରାସ୍ତାକଡ଼କୁ ଲଗେଇ ଦୁଇଟା ଗୋବରଖାତ ଖୋଳିଛନ୍ତି। ସେଥିରେ ଗୋବର ପକାଉଛନ୍ତି। କେତେବେଳେ କିଏ ଖାତରେ ପଡ଼ିବ କହି ହେବନାହିଁ। ମୁଁ ପଞ୍ଚାୟତରେ ଲେଖିକରି ଦେବା ପରେ ସରପଞ୍ଚ ସେମାନଙ୍କୁ ଡକାଇଲେ ଏବଂ ରାସ୍ତାକଡ଼ରେ ଗୋବର ପକାଇବାକୁ ବାରଣ କଲେ। ତଥାପି ସେଠି ଗୋବର ପକାଉଛନ୍ତି। ଏହା ହେଉଛି ଆମର ମାନସିକତା। ପ୍ରଶାସନ କ'ଣ କରିବ ?

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



“ ଜମ୍ମୁ-କଶ୍ମୀରର ସ୍ଥିତି ପ୍ରଭାବିତ ହେବା ଭଳି କୌଣସି ପଦକ୍ଷେପଠାରୁ ଭାରତ ଓ ପାକିସ୍ତାନ ଦୂରେଇ ରହିବା ଉଚିତ। ଉପତ୍ୟକାର ସ୍ଥିତି ଉପରେ ଜାତିସଂଘର ନଜର ରହିଛି। ଉକ୍ତ ଅଞ୍ଚଳ ଜାତିସଂଘ ଚାର୍ଟର ଅଧୀନରେ ଆସୁଥିବାରୁ ସୁରକ୍ଷା ପରିଷଦ ପ୍ରସ୍ତାବ ଲାଗୁ କରାଯାଇପାରିବ।
-ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ



# ବିଶ୍ୱ ସମୁଦାୟର ସହଯୋଗ ଲୋଡ଼ିଲା ପାକ୍

ଇସ୍ଲାମାବାଦ,୮।୮(ପି.ଟି.)

କଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗୁରୁବାର ଅନ୍ତର୍ଜାତୀୟ ସମୁଦାୟର ସହଯୋଗ ଲୋଡିଛନ୍ତି। କଶ୍ମୀରବାସୀଙ୍କ ଉପରେ ଭାରତ ସାମରିକ ବଳ ପ୍ରୟୋଗ କରୁଛି। ଅନ୍ତର୍ଜାତୀୟ ସମୁଦାୟର ନୈତିକ ସାହସ ଥିଲେ ଭାରତର ଏଭଳି ପଦକ୍ଷେପକୁ ବନ୍ଦ କରୁ ବୋଲି ସେ କହିଛନ୍ତି। କର୍ଫ୍ୟୁ ଉଠିବା ପରେ କଶ୍ମୀରରେ କ’ଣ ଘଟିବ ତାହାକୁ ସାରା ବିଶ୍ୱ ଅପେକ୍ଷା କରିଛି ବୋଲି ଇମ୍ରାନ୍ କହିଛନ୍ତି। ଅତ୍ୟଧିକ ସାମରିକ



ଇମ୍ରାନ୍ ଖାନ୍

ବଳ ପ୍ରୟୋଗ କରି ଭାଜପା ସରକାର କଶ୍ମୀରବାସୀଙ୍କ ସ୍ୱାଧୀନତା ଆନ୍ଦୋଳନକୁ ବନ୍ଦ କରିଦେଇପାରିବ ନାହିଁ। ଏହି ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଇମ୍ରାନ୍ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଭାରତ ଯଦି କଶ୍ମୀର ପ୍ରସଙ୍ଗରେ ନିଜର ନିଷ୍ପତ୍ତିରେ ପରିବର୍ତ୍ତନ କରେ ତେବେ ପାକିସ୍ତାନ ନେଇଥିବା ନିଷ୍ପତ୍ତିର ସମୀକ୍ଷା କରିବାକୁ ପ୍ରସ୍ତୁତ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ଗୁରୁବାର କହିଛନ୍ତି। ବୁଧବାର ପାକିସ୍ତାନ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ବରଖାସ୍ତ କରିବା ସହ ନୂଆଦିଲ୍ଲୀ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଥିଲା। ଏହାର ପୁନର୍ବିଚାର କରିବା ପାଇଁ ଭାରତ

## ଭାରତ କଶ୍ମୀର ନିଷ୍ପତ୍ତି ବଦଳାଇଲେ ପାକିସ୍ତାନ ପୁନର୍ବିଚାର କରିବ: କୁରେଶୀ

ପକ୍ଷରୁ ଇସ୍ଲାମାବାଦକୁ କୁହାଯାଇଥିଲା। ପାକିସ୍ତାନ କୂଟନୈତିକ ସମ୍ପର୍କ ଛିନ୍ନ କରି ବିଶ୍ୱ ସମ୍ମୁଖରେ ଦ୍ୱିପାକ୍ଷିକ ସମ୍ପର୍କର ଏକ ଭୟାନକ ଚିତ୍ର ଉପସ୍ଥାପନ କରିବାକୁ ଉଦ୍ୟମ କରୁଥିବା ଭାରତ ଅଭିଯୋଗ କରିଥିଲା। ଇସ୍ଲାମାବାଦ ଏହାର ନିଷ୍ପତ୍ତିର ସମୀକ୍ଷା କରୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ତେବେ ଜମ୍ମୁ-କଶ୍ମୀରରୁ ଭାରତ ସ୍ୱତନ୍ତ୍ର ମାନ୍ୟତା ରଦ୍ଦ କରିବା ଏହାର ଏକପାଖିଆ ଏବଂ ବେଆଇନ ନିଷ୍ପତ୍ତି ବୋଲି ପାକ୍ କହିଛି। ଯଦି ନୂଆଦିଲ୍ଲୀ କଶ୍ମୀର ନିଷ୍ପତ୍ତିର ପରିବର୍ତ୍ତନ ପାଇଁ ପ୍ରସ୍ତୁତ ତେବେ ଭାରତ ସହ ସମସ୍ତ ଦ୍ୱିପାକ୍ଷିକ ବ୍ୟବସ୍ଥାର ସମୀକ୍ଷା କରିବାକୁ ଇସ୍ଲାମାବାଦ ଆଗ୍ରହୀ। ସିମ୍ଲା ରାଜିନାମା ଅନୁଯାୟୀ ସମୀକ୍ଷା ଉଭୟ ପକ୍ଷରୁ ହେବା ଆବଶ୍ୟକ ବୋଲି କୁରେଶୀ କହିଛନ୍ତି।

## ଇତିହାସର ଆଇନାରେ

### ଅଗଷ୍ଟ ୯ର ପ୍ରମୁଖ ଘଟଣା

୧୯୭୩ ଅଗଷ୍ଟ ୯ରେ ରୁଷିଆ ମାର୍ସ-୭ ଲଞ୍ଚ୍ କରିଥିଲା। ଉକ୍ତ ସ୍ପେସ୍‌କ୍ରାଫ୍ଟ ମଙ୍ଗଳ ଗ୍ରହର ଗବେଷଣାମୂଳକ ଅନୁସନ୍ଧାନ ପାଇଁ ଲଞ୍ଚ୍ କରାଯାଇଥିଲା। ସ୍ପେସ୍‌କ୍ରାଫ୍ଟଟି ଏକ ଲ୍ୟାଣ୍ଡର ଏବଂ କୋଷ୍ଟ ଷ୍ଟେଜ୍‌କୁ ନେଇ ଗଠିତ।

୨୦୧୩ ଅଗଷ୍ଟ ୯ରେ ଜଣେ ବନ୍ଧୁକଧାରୀ କ୍ୱେଟା ନଗରୀର ଏକ ସୁନ୍ନି ମସଜିଦ୍‌କୁ ଗୁଳି ଚଳାଇବାରୁ ୧୦ଜଣଙ୍କ ମୃତ୍ୟୁ ଘଟିବା ସହିତ ୩୦ଜଣ ଆହତ ହୋଇଥିଲେ।


6TH BIRTHDAY



B.NIVAN KUMAR(PUPUL)
6th birthday ceremony of our son wish will be held on
**9th Aug, 2019, Friday.**
Jadupur, Kendrapara
***Best comliments:***
Swagatika Sahoo(Mother)
Nirmal Behera(Father)
Rabi Sahoo, Anapurna Sahoo, chinu, santi, Behera and Sahoo family & relative.


## ସଂକ୍ଷେପରେ

### ଉଦ୍ଧାରକାରୀ ବୋଟ ବୁଡ଼ି ୯ ମୃତ: ୪ ନିଖୋଜ

ସାଙ୍ଗ୍ଲି,୮।୮(ପି.ଟି.): ମହାରାଷ୍ଟ୍ରର ବନ୍ୟା ପ୍ରଭାବିତ ସାଙ୍ଗ୍ଲି ଜିଲାରେ ଗୁରୁବାର ଏକ ଉଦ୍ଧାରକାରୀ ଡଙ୍ଗା ବୁଡ଼ିଯିବାରୁ ୯ଜଣ ଲୋକ ବୁଡିଯାଇ ପ୍ରାଣ ହରାଇଥିବାବେଳେ ୪ଜଣ ନିଖୋଜ ଅଛନ୍ତି। ପାଲୁସ ତହସିଲ ଅଧୀନ ବ୍ରାହ୍ମନାଳ ଗାଁରେ ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ଏକ ଘରୋଇ ଡଙ୍ଗା ପାଖାପାଖି ୩୦ରୁ ୩୨ ଲୋକଙ୍କୁ ବନ୍ୟାଘେରରୁ ଉଦ୍ଧାର କରି ନିରାପଦ ସ୍ଥାନକୁ ଆଣୁଥିବାବେଳେ ଡଙ୍ଗାଟି ବୁଡିଯାଇଥିବା ପୁଣେ ଡିଭିଜ୍‌ନାଲ କମିଶନର ଦୀପକ ମଇସେକର ସୂଚନା ଦେଇଛନ୍ତି। ଏ ପର୍ଯ୍ୟନ୍ତ ୯ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ୧୪ରୁ ୧୫ଜଣ ଲୋକ ପହଁରି ପହଁରି ପଳାଇ ଆସିବାକୁ ସମର୍ଥ ହୋଇଥିଲେ। ଡଙ୍ଗାଟି ମଙ୍ଗ ବୁଲାଉଥିବାବେଳେ ଭାରସାମ୍ୟ ହରାଇବାରୁ ବୁଡିଯାଇଥିଲା। ନିଖୋଜ ଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ଲାଗି ପୋଲିସ ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟକ୍ତିମାନେ ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି।

### ସୁଖୋଇ ବିମାନ ଦୁର୍ଘଟଣା

ନୂଆଦିଲ୍ଲୀ,୮।୮: ଆସାମର ତେଜ୍‌ପୁରଠାରେ ଗୁରୁବାର ସନ୍ଧ୍ୟାରେ ଭାରତୀୟ ବାୟୁସେନାର ଲଢୁଆ ବିମାନ ସୁଖୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନର ଦୁଇ ପାଇଲଟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତେଜପୁରଠାରୁ ନିୟମିତ ପ୍ରଶିକ୍ଷଣ ମିଶନ୍‌ରେ ବାହାରିଥିବା ସୁଖୋଇ-୩୦ ସ୍ଥାନୀୟ ଉଡ଼ାଣ ଅଞ୍ଚଳ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର କାରଣ ଜଣାପଡିନାହିଁ।

### ଶିଶୁ ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ

ହାଇଦ୍ରାବାଦ,୮।୮(ପି.ଟି.): ଏକ ଶିଶୁ ବଳାତ୍କାର ମାମଲାର ବିଚାର କରି ତେଲେଙ୍ଗାନାର ଏକ ଅଦାଲତ ଗୁରୁବାର ଅପରାଧୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଗତ ଜୁନ୍ ମାସରେ ୱାରଙ୍ଗଲ ଜିଲାରେ ୯ ମାସର ଶିଶୁକନ୍ୟାଙ୍କୁ ୨୭ ବର୍ଷୀୟ ଅଭିଯୁକ୍ତ ବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଏହାକୁ ନେଇ ରାଜ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ୱାରଙ୍ଗଲ୍‌ର ପ୍ରଥମ ଅତିରିକ୍ତ ଜିଲା ଦୌରା ଜଜ୍ କେ. ଜୟକୁମାର ଜୁଲାଇ ୨୪ରୁ ମାମଲାର ଶୁଣାଣି ଆରମ୍ଭ କରି ଗୁରୁବାର ଦଣ୍ଡାଦେଶ ଶୁଣାଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ମାମଲାର ବିଚାର ଶେଷ ହୋଇଥିବାରୁ ଏହାକୁ ଦ୍ରୁତତମ ବିଚାର ପ୍ରକ୍ରିୟା କୁହାଯାଉଛି।

### ୨୨ ଜଣଙ୍କୁ ଆଜୀବନ ଜେଲ

ରାଞ୍ଚି,୮।୮(ଆଇଏଏନ୍‌ଏସ୍) ଝାଡ଼ଖଣ୍ଡର ଲୋହାରଡାଗା ଜିଲାରେ ତିନି ଜଣଙ୍କୁ ଜିଅନ୍ତା ଜାଳିଦେବା ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ୨୨ ଜଣଙ୍କୁ ଗୁରୁବାର ଏକ ଜିଲା ଅଦାଲତ ଆଜୀବନ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି। ୨୦୧୬ ଏପ୍ରିଲ ୧୭ରେ ଉକ୍ତ ଜିଲାର ଚିପୋ ଥେକାଟୋଲି ଗ୍ରାମରେ ଏକ ଗୁଜବକୁ ନେଇ ଗୋଟିଏ ପରିବାରକୁ ଉତ୍ୟକ୍ତ ଲୋକେ ଘରେ ତାଲା ପକାଇ ନିଆଁ ଲଗାଇଦେଇଥିଲେ। ଦୁଇ ଜଣ କୌଣସି ପ୍ରକାରେ ଘରୁ ବାହାରି ଆସିଥିବାବେଳେ ଅନ୍ୟ ୩ ଜଣ ଗୋବର୍ଦ୍ଧନ, ତାଙ୍କ ସ୍ତ୍ରୀ ମାଦୋ ଏବଂ ଝିଅ ସୁଖମାନିଆଙ୍କର ମୃତ୍ୟୁ ହୋଇଥିଲା। ସେମାନେ ତନ୍ତ୍ରବିଦ୍ୟା ଅଭ୍ୟାସ କରୁଥିଲେ ଓ ବଳିଦେବା ପାଇଁ ପିଲାଙ୍କୁ ଚୋରାଇ ନେଉଥିବା ଗାଁ ଲୋକେ ଅଭିଯୋଗ କରିଥିଲେ।

# ନାଗାସାକିରେ ଧ୍ୱଂସଲୀଳା ରଚିଥିଲା ‘ଫ୍ୟାଟମ୍ୟାନ୍’

ଟୋକିଓ, ୮।୮

ଜାପାନର ନାଗାସାକି ସହରରେ ୭୪ ବର୍ଷ ତଳେ ପରମାଣୁ ବୋମା ତାଣ୍ଡବ ରଚିଥିଲା। ୧୯୪୫ ମସିହା ଅଗଷ୍ଟ ୯ ତାରିଖ ପୂର୍ବାହ୍ନ ୧୧ଟା ୨ ମିନିଟରେ ସହର ଉପରେ ପରମାଣୁ ବୋମା ‘ଫ୍ୟାଟମ୍ୟାନ’ ପକାଯାଇଥିଲା। ନିମିଷେକ ମଧ୍ୟରେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ୩ ଦିନ ତଳେ ହିରୋଶିମାରେ ହୋଇଥିବା ତାଣ୍ଡବ ଭଳି ଏଠାରେ ମଧ୍ୟ ସୃଷ୍ଟି ହୋଇଥିଲା ମୃତ୍ୟୁର ଲୀଳା । ପରମାଣୁ



ବୋମାଟି ୧୬୫୦ ଫୁଟ ଉଚ୍ଚରୁ ସହର ଉପରେ ପଡିଥିଲା। ଏଥିରେ ୬୦ ରୁ ୮୦ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ନାଗାସାକି ଜାପାନର ଏକ ଜାହାଜ ନିର୍ମାଣ କେନ୍ଦ୍ର ଭାବେ ବିଶ୍ୱରେ ଜଣାଶୁଣା ଥିଲା। ଏହି ସହର ଉପରେ ବୋମା ପଡିବା ପରେ ଆମେରିକା ନେତୃତ୍ୱାଧୀନ ମିଳିତ ବାହିନୀ ଆଗରେ ଜାପାନ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲା। ଅଗଷ୍ଟ ୧୫ ତାରିଖରେ ଜାପାନ ଯୁଦ୍ଧ ସନ୍ଧିରେ ସ୍ୱାକ୍ଷର କରିଥିଲା। ବୋମା ଦ୍ୱାରା ସୃଷ୍ଟି ହୋଇଥିବା ଉଚ୍ଚ ତାପମାତ୍ରା ଯୋଗୁ ଅଧିକାଂଶ ଲୋକଙ୍କ ଆଖିଡ଼ୋଳା ପଦାକୁ ବାହାରି ଆସିଥିଲା। ଚର୍ମ ଓହଳି ପଡ଼ିଥିଲା। ବିଂଶ ଶତାବ୍ଦୀରେ ଏହି ଘଟଣା ଥିଲା ଅତ୍ୟନ୍ତ ଲୋମହର୍ଷଣକାରୀ।

# ମରିୟମ୍ ନୱାଜ ଗିରଫ

ଲାହୋର,୮।୮ (ଆଇଏଏନ୍‌ଏସ୍)

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ କନ୍ୟା ତଥା ପିଏମ୍‌ଏଲ୍-ଏନ୍ (ପାକିସ୍ତାନ ମୁସଲିମ୍ ଲିଗ-ନୱାଜ)ଉପାଧକ୍ଷା ମରିୟମ୍ ନୱାଜଙ୍କୁ ପାକିସ୍ତାନର ଦୁର୍ନୀତି ନିରୋଧୀ ସଂସ୍ଥା ଦ୍ୱାରା ଗୁରୁବାର ଅଟକ ରଖାଯାଇଛି। ଲାହୋରସ୍ଥିତ କୋଟ୍ ଲଖପତ୍ ଜେଲ୍‌ରେ ଥିବା ପିତା ନୱାଜ ଶରିଫ୍‌ଙ୍କୁ ସାକ୍ଷାତ କରି ଫେରୁଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କର ଜଣେ ସମ୍ପର୍କୀୟ ୟୁସଫ ଅବ୍ବାସଙ୍କୁ ମଧ୍ୟ ନ୍ୟାଶନାଲ ଆକାଉଣ୍ଟାବିଲିଟି ବ୍ୟୁରୋ(ଏନ୍‌ଏବି) ଦ୍ୱାରା ଗିରଫ କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଏନଏବି ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି, ମରିୟମ ନୱାଜ ଏବଂ ଅବ୍ବାସଙ୍କୁ



ଚୌଧୂରୀ ସୁଗାର ମିଲ୍ ମାମଲାରେ ଗିରଫ କରାଯାଇଛି। ଉତ୍ତରଦାୟିତ୍ୱ ସଂକ୍ରାନ୍ତ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟକ ଶାହଜାଦ ଆକବର କହିଛନ୍ତି, ସୁଗାର ମିଲ୍‌କୁ ଶରିଫଙ୍କ ପରିବାର ଅର୍ଥ ଠକେଇ ଓ ଏହାର ଅଂଶଧନକୁ ବେଆଇନ ହସ୍ତାନ୍ତର ପାଇଁ ବ୍ୟବହାର କରିଥିଲେ। ମରିୟମ୍ ନୱାଜଙ୍କୁ ଏନ୍‌ଏବି ଗୁରୁବାର ସମନ୍ କରିଥିଲେ ହେଁ ସେ ବ୍ୟୁରୋ ସମ୍ମୁଖରେ ହାଜର ହେବା ପରିବର୍ତ୍ତେ ତାଙ୍କ ପିତାଙ୍କୁ ସାକ୍ଷାତ କରିବାକୁ ଚାଲିଯାଇଥିଲେ।

# ଭାରତଛାଡ଼ ଆନ୍ଦୋଳନର ୭୭ ବର୍ଷ ପୂର୍ତ୍ତି

**ନୂଆଦିଲ୍ଲୀ,୮।୮:** ଭାରତଛାଡ଼ ଆନ୍ଦୋଳନ ତଥା ଅଗଷ୍ଟ କ୍ରାନ୍ତି ଦିବସର ୭୭ତମ ବାର୍ଷିକୀ ଗୁରୁବାର ପାଳିତ ହୋଇଛି। ଭାରତର ସ୍ୱାଧୀନତା ଆନ୍ଦୋଳନରେ ଏହା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଥିଲା। ୧୯୪୨ ଅଗଷ୍ଟ ୮ରେ ମୁମ୍ବାଇରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ବୈଠକରେ ମହାତ୍ମା ଗାନ୍ଧୀ ବ୍ରିଟିଶ୍ ସରକାରଙ୍କୁ ଭାରତ ଛାଡିଚାଲିଯିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଆତ୍ମ ବଳିଦାନ ଦେଇଥିବା ଶହୀଦଙ୍କ ସ୍ମୃତିଚାରଣ ସହିତ ସ୍ୱାଧୀନତା ସଂଗ୍ରାମୀଙ୍କୁ କୃତଜ୍ଞ ରାଷ୍ଟ୍ର ଏହି ଦିନରେ ଶ୍ରଦ୍ଧାଞ୍ଜଳି ଜଣାଇଛି। ଗଠନମୂଳକ ମନୋଭବ ନେଇ ରାଷ୍ଟ୍ର ନିର୍ମାଣରେ ସାମିଲ ହେବାକୁ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ତାଙ୍କ ବାସଭବନରେ ଅନୁଷ୍ଠିତ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।


## ପୂର୍ବ ତଟ ରେଳପଥ

### ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ-2019

ପୂର୍ବ ତଟ ରେଳପଥ ଏକକାଳୀନ ଭାବେ ଖୋର୍ଦ୍ଧାରୋଡ଼, ୱାଲ୍ଟିୟର, ସମ୍ବଲପୁର, ମଞ୍ଚେଶ୍ୱର କାରଖାନା, ନିର୍ମାଣ ସଂଗଠନ ଏବଂ ଭୁବନେଶ୍ୱର ସ୍ଥିତ ପୂର୍ବ ତଟ ରେଳପଥର ଜୋନାଲ ମୁଖ୍ୟାଳୟ ଠାରେ ଏକ ପେନ୍‌ସନ୍ ଅଦାଲତ-2019 ପରିଚାଳନା କରିବ।

ଅବସରପ୍ରାପ୍ତ ରେଳ କର୍ମଚାରୀ/ପ୍ରତିପାଳ୍ୟ, ଅବସରପ୍ରାପ୍ତ/ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିବିଶେଷ, ଯେଉଁମାନଙ୍କର ପେନ୍‌ସନ/ସେଟଲମେଣ୍ଟ ପାଉଣା (settlement dues)/ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ ଅଭିଯୋଗମାନ ରହିଛି, ସେମାନେ ନିମ୍ନଲିଖିତ ନିର୍ଦ୍ଧାରିତ ପ୍ରୋଫର୍ମା ଅନୁଯାୟୀ ବିସ୍ତୃତ ବିବରଣୀ ସହିତ ସଂପୃକ୍ତ ରେଳ ପ୍ରାଧିକାରୀମାନଙ୍କୁ ସମ୍ବୋଧନ କରି ଅଭିଯୋଗ ସମ୍ବଳିତ ଲଫାପାର ଶୀର୍ଷରେ ବିଧିବଦ୍ଧ ରୂପେ **“ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ -2019”** ଉଲ୍ଲେଖ କରି **16 ଅଗଷ୍ଟ 2019** ସୁଦ୍ଧା କିମ୍ବା ତା’ ପୂର୍ବରୁ ଆବେଦନ କରିବା ଉଚିତ୍।

| କ୍ରମ ସଂ. | ମଣ୍ଡଳ / କାର୍ଯ୍ୟାଳୟ | କାହା ନିକଟରେ ଆବେଦନ କରାଯିବ |
|---|---|---|
| 1. | ଖୋର୍ଦ୍ଧା ରୋଡ଼ | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ସା/ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା-752050 ଇମେଲ୍ ଠିକଣା : **srdpo@kur.railnet.gov.in, dpoofficekur@gmail.com**, ଫ୍ୟାକ୍ସ ନଂ : **0674-2491198** |
| 2. | ୱାଲ୍ଟିୟର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ଦୋଣ୍ଡାପାରଥୀ, ବିଶାଖାପାଟଣା, ଅନ୍ଧ୍ରପ୍ରଦେଶ-530016 ଇମେଲ୍ ଠିକଣା : **srdpowat@rediffmail.com**, ଫ୍ୟାକ୍ସ ନଂ : **0891-2549992** |
| 3. | ସମ୍ବଲପୁର | ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ପୋଷ୍ଟ : ମୋଦିପଡ଼ା, ସମ୍ବଲପୁର, ଓଡ଼ିଶା-768002 ଇମେଲ୍ ଠିକଣା : **dpo_sbp@sbp.railnet.gov.in, dposbp06@gmail.com**, ଫ୍ୟାକ୍ସ ନଂ : **0663-2402501** |
| 4. | ରେଳ ଡ଼ବା ମରାମତି କାରଖାନା/ମଞ୍ଚେଶ୍ୱର | କାରଖାନା କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଇମେଲ୍ ଠିକଣା : **cwmmcsw@gmail.com, wpomcs@gmail.com**, ଫ୍ୟାକ୍ସ ନଂ : **0674-2748702** |
| 5. | ନିର୍ମାଣ ସଂଗଠନ | ଉପ ମୁଖ୍ୟ କାର୍ମିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ତୃତୀୟ ମହଲା, ଉତ୍ତର ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା : **dcpoconbbs@gmail.com**, ଫ୍ୟାକ୍ସ ନଂ : **0674-2300437** |
| 6. | ମୁଖ୍ୟାଳୟ / ଭୁବନେଶ୍ୱର | ଉପ ମୁଖ୍ୟ କାର୍ମିକ ଅଧିକାରୀ (IR&W), ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଭୁବନେଶ୍ୱର-751017 ଇମେଲ୍ ଠିକଣା : **dycpoirecor@gmail.com**, ଫ୍ୟାକ୍ସ ନଂ : **0674-2300031** |

ସେହିମାନଙ୍କୁ ଅନୁରୋଧ କରାଯାଉଅଛି, ଯେଉଁମାନଙ୍କର କୌଣସି ବହୁ ଦିନ ଧରି ପଡ଼ି ରହିଥିବା ପେନ୍‌ସନ୍ / ସେଟଲମେଣ୍ଟ ପାଉଣା (settlement dues)/ ଚିକିତ୍ସା ଭତ୍ତା ଇତ୍ୟାଦି ସମ୍ପର୍କିତ କୌଣସି ଦେୟ ବାକି ଅଛି, ସେ କ୍ଷେତ୍ରରେ ସେମାନେ ସେହି ସଂପୃକ୍ତ କାର୍ମିକ ଅଧିକାରୀମାନଙ୍କ ନିକଟକୁ ସେମାନଙ୍କ ଅଭିଯୋଗଗୁଡ଼ିକୁ ପଠାନ୍ତୁ, ଯାହାଙ୍କ ଅଧିନରେ ସେମାନେ ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ ସମ୍ପାଦନ କରିଥିଲେ।

**ଅଲ୍ ଇଣ୍ଡିଆ ପେନ୍‌ସନ୍ ଅଦାଲତ - ୨୦୧୯ ନିମନ୍ତେ ଆବେଦନ ପ୍ରୋଫର୍ମା**

1. ଅବସରପ୍ରାପ୍ତ/ ମୃତ୍ୟୁବରଣ କରିଥିବା ରେଳ କର୍ମଚାରୀଙ୍କ ନାମ :
2. ପିତା / ସ୍ୱାମୀଙ୍କ ନାମ :
3. ଅନ୍ତିମ ପର୍ଯ୍ୟାୟରେ କାର୍ଯ୍ୟ କରିଥିବା ଷ୍ଟେସନ ଏବଂ କାର୍ଯ୍ୟାଳୟ :
4. ଅନ୍ତିମ ପର୍ଯ୍ୟାୟରେ ଅବସ୍ଥାପିତ ପଦବୀର ନାମ ଏବଂ ଗ୍ରେଡ଼ ପେ :
5. ଅବସର / ମୃତ୍ୟୁ / ସ୍ୱଚ୍ଛିକ ସେବାନିବୃତ୍ତି/ ପ୍ରାୟୋଗିକ ତ୍ୟାଗପତ୍ର ତାରିଖ :
6. ପି.ପି.ଓ. (P.P.O.) ସଂଖ୍ୟା କିମ୍ବା ପେନ୍‌ସନ୍ ମଞ୍ଜୁରୀ ନ ହେବା ସ୍ଥଳେ ପି.ଏଫ୍. (P.F.) ଆକାଉଣ୍ଟ ନମ୍ବର, ଷ୍ଟାଫ/ ଟିକେଟ ନମ୍ବର :
7. ଅଭିଯୋଗ (ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବା ଆବଶ୍ୟକ)। ଯଦି ଏ ସମ୍ବନ୍ଧରେ ରେଳବାଇ ତରଫରୁ କୌଣସି ପୂର୍ବ ପ୍ରସଙ୍ଗ ଥାଏ, ତେବେ ତାହା ଉଲ୍ଲେଖ କରନ୍ତୁ :
8. ଆବେଦନକାରୀଙ୍କ ନାମ, ଠିକଣା ଏବଂ ଟେଲିଫୋନ୍ ନମ୍ବର :
9. ଆବେଦନକାରୀଙ୍କ ସ୍ୱାକ୍ଷର :

ଦ୍ରଷ୍ଟବ୍ୟ : ଅନୁକମ୍ପାମୂଳକ ନିଯୁକ୍ତି, ରେଲୱେ କ୍ୱାର୍ଟର ଧାରଣ, ଦଣ୍ଡନୀୟ / କ୍ଷତିପୂର୍ତ୍ତି ଭଡ଼ା ଆଦାୟ, ଓଟି (OT), ଟିଏ (TA) ଇତ୍ୟାଦି ଭଳି ମାମଲାଗୁଡ଼ିକ ପେନ୍‌ସନ୍ ଅଦାଲତ ପରିସରଭୁକ୍ତ ହେବ ନାହିଁ।

PR-284/K/19-20 ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର



## OFFICE OF THE ACCOUNTANT GENERAL (G&SSA)

**ODISHA, BHUBANESWAR**

**NOTICE**

The pensioners who have retired from O/o the Accountant General (G&SSA), Odisha, O/o the Pr. Accountant General (E&RS A), Odisha and DY. Director (CRA), O/o the Director General of Audit, Branch : Bhubaneswar may furnish their pension related grievances, if any, to the undersigned latest by 20.08.2019.

**Sd./-**
**Sr. Deputy Accountant General (Admn)**
**O/o the Accountant General (G&SSA)**
**Odisha, Bhubaneswar**



## PENSION ADALAT BY KENDRIYA VIDYALAYA SANGATHAN, REGIONAL OFFICE,BHUBANESWAR

In pursuance of KVS(HQ) letter dated 01.08.2019 implementing of Govt.of India orders, it has been decided to hold Pension Adalat in respect of pensioners/family pensioners of KVS Bhubaneswar Region on 23rd August 2019 between 10.00 AM to 04.00 PM in the Regional Office, Bhubaneswar to ventilate their quick redressal of grievances relating to pension/family pension with in the framework of extant policy/guidelines & KVS instructions. They may submit their grievance in the following format alongwith related pension documents for review.

**FORMAT**

1.Name of the employee with complete address with PIN Code(in block letters):
2.Name of the Pension/Family Pension holder:
3.PPO No.if any(with a copy)
4.Mobile No.for communication:
5.KV/Office from where last retired/expired:
6.Kind of retirement with Date:
7.Details of grievance in brief:
8.Signature with date

It may kindly be noted that the following type of cases are excluded from the ambit of the Pension Adalat.
Cases involving purely legal points e.g. succession etc.
Grievances involving policy matters.
Email ID :ackvsbbsr@gmail.com, accountsrobbsr@gmail.com
admnrobbsr@gmail.com(Tel:0674-2748366 / 2748277 / 2748977)

Sd/-
Deputy Commissioner
KVS,Regional Office, Bhubaneswar



**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**WALK-IN-INTERVIEW** CAD-282

The Odisha Mining Corporation Ltd., a Gold Category State PSU having annual turnover of Rs.4052 Crore during FY 2018-19 intends to fill up the following posts through direct recruitment by the **Walk-in-Interview** mode/process.

| Sl. No | Name of the post | No. of vacant posts | Scale of Pay | Qualification | Age as on 31.07.2019 |
|---|---|---|---|---|---|
| 1 | Foreman (Min.) | 25 | Pay Level- 9 (Rs.35400-112400/-) | Diploma in Mining with Foreman Competency Certificate issued by DGMS. | Not below 18 years and above 32 years. |
| 2 | Mining Mate-III | 42 | Pay Level- 5 (Rs.21700-69100/-) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 32 years |
| 3 | Surveyor | 11 | Pay Level- 9 (Rs.35400-112400/-) | Diploma in Mines Survey from a AICTE recognized Institute with Survey Certificate of Competency in Mining Survey from DGMS. | Not below 18 years and above 32 years |

**DATE & PLACE OF WALK-IN-INTERVIEW**

| POST | DATE & TIME | VENUE OF INTERVIEW |
|---|---|---|
| Foreman(Min.) | 20.08.2019 at 8:00 AM 21.08.2019 at 8:00 AM | OMC Colony of Regional Office, OMC Ltd. At/Po-Barbil, Dist- Keonjhar |
| Surveyor | 21.08.2019 at 8:00 AM | |
| Mining Mate- III | 22.08.2019 at 8:00 AM | |

- Interested candidates fulfilling the eligibility criteria for respective posts may attend the walk-in-interview as per the above schedule.
- For details please visit OMC website: www.omcltd.in.

30005/11/0039/1920 **GENERAL MANAGER (P&A)**



## ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ
ଏବଂ
## ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉତ୍ସବ

150 YEARS OF CELEBRATING THE MAHATMA

୯ ଅଗଷ୍ଟ ୨୦୧୯, ସମୟ- ପୂର୍ବାହ୍ଣ ୧୧ ଘଟିକା
ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

**କାର୍ଯ୍ୟକ୍ରମ**

ରାଜ୍ୟ ଅଭିଲେଖାଗାର ଓ ପୂର୍ବାଞ୍ଚଳ ଜାତୀୟ ଅଭିଲେଖାଗାର ଶାଖା, ଭୁବନେଶ୍ୱର ମିଳିତ ସହଯୋଗରେ ଭାରତ ଛାଡ଼ ଆନ୍ଦୋଳନ ସମ୍ବନ୍ଧିତ ତଥ୍ୟ ଭିତ୍ତିକ ପ୍ରଦର୍ଶନୀ
ଭାରତୀୟ ଡାକ ବିଭାଗ ପକ୍ଷରୁ ଗାନ୍ଧିଜୀଙ୍କ ସମ୍ବନ୍ଧିତ ଡାକଟିକଟ ପ୍ରଦର୍ଶନୀ
ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା
ଶ୍ରୀଯୁକ୍ତ ରାମହରି ଗୋସ୍ୱାମୀ, ଭଦ୍ରକ
ଶ୍ରୀଯୁକ୍ତ ଦେବେନ୍ଦ୍ର ଗୁପ୍ତା, ସମ୍ବଲପୁର
ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ବେହେରା, ଭଦ୍ରକ
ରାଜ୍ୟ ଅଭିଲେଖାଗାର ୱେବ୍ ପୋର୍ଟାଲ୍ ଲୋକାର୍ପଣ
ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟ ଅଭିଲେଖାଗାର ପକ୍ଷରୁ ଡାକ ବିଭାଗ ଦ୍ୱାରା ପ୍ରସ୍ତୁତ ବିଶେଷ ଲଫାପା ଆବରଣ ଉନ୍ମୋଚନ
ପ୍ରାଚୀତାରାଙ୍କ ଅଗଷ୍ଟ କ୍ରାନ୍ତି ଭିତ୍ତିକ ଗଳ୍ପ କଥନ ଓ ଅଭିନୟ ପରିବେଷଣ
'ଅଗଷ୍ଟ କ୍ରାନ୍ତି ଓ ଗାନ୍ଧିଜୀ' ଶୀର୍ଷକ ଆଲୋଚନା ଚକ୍ର
ବକ୍ତା
ଶ୍ରୀ ଅଭିରାମ ବିଶ୍ୱାଳ
ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ
ଶ୍ରୀ ପ୍ରହ୍ଲାଦ କୁମାର ସିଂହ
ଅଧ୍ୟକ୍ଷତା
ଡ. ଯତୀନ୍ଦ୍ର କୁମାର ନାୟକ

ମୁଖ୍ୟ ଅତିଥି
**ପ୍ରଫେସର ଗଣେଶୀ ଲାଲ୍**
ଓଡିଶାର ମହାମହିମ ରାଜ୍ୟପାଳ

ସମ୍ମାନନୀୟ ଅତିଥି
**ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**
ମାନ୍ୟବର ମନ୍ତ୍ରୀ
ପର୍ଯ୍ୟଟନ; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

**ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

**ଡ. ସନ୍ତୋଷ କୁମାର କମିଳା**
ମୁଖ୍ୟ ମହାଡାକପାଳ
ଓଡ଼ିଶା ପରିମଣ୍ଡଳ

**ଶ୍ରୀଯୁକ୍ତ ବିଜୟ କୁମାର ନାୟକ**
ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଉତ୍ସବରେ ଯୋଗ ଦେବାପାଇଁ ଆପଣଙ୍କୁ ବିନମ୍ର ଅନୁରୋଧ

**ଶୁଚିସ୍ମିତା ମନ୍ତ୍ରୀ**
ଅଧୀକ୍ଷକ, ଓଡ଼ିଶା ରାଜ୍ୟ ଅଭିଲେଖାଗାର

DSPL-65
03001/13/0014/1920



## ସଂକ୍ଷେପରେ

### ୧୦ରେ ଓଡ଼ିଶା ଆସିବେ ଶିବରାଜ ସିଂହ ଚୌହାନ

ଭୁବନେଶ୍ୱର,୮।୮(ବ୍ୟୁରୋ): ଭାଜପାର ସଦସ୍ୟତା ଅଭିଯାନ ଗତ ଜୁଲାଇ ୬ରୁ ଦେଶ ସମେତ ସାରା ରାଜ୍ୟରେ ଆରମ୍ଭ ହୋଇଯାଇଛି। ଏହି ସଦସ୍ୟତା ଅଭିଯାନର ସମୀକ୍ଷା କରିବା ସହ ଓଡ଼ିଶାରୁ ସକ୍ରିୟ ସଦସ୍ୟତା ଗ୍ରହଣ କରିବା ପାଇଁ ଅଗଷ୍ଟ ୧୦ରେ ରାଷ୍ଟ୍ରୀୟ ସଦସ୍ୟତା ପ୍ରମୁଖ ଓ ଭାଜପା ରାଷ୍ଟ୍ରୀୟ ଉପସଭାପତି ଶିବରାଜ ସିଂହ ଚୌହାନ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ୧୦ ତାରିଖ ସକାଳେ ସେ ଭୁବନେଶ୍ୱରଠାରେ ପହଞ୍ଚି ରାଜ୍ୟ କାର୍ଯ୍ୟାଳୟରେ ସଦସ୍ୟତା ଅଭିଯାନର ସମୀକ୍ଷା କରିବେ। ଏହାପରେ ଖୋର୍ଦ୍ଧା ଗୀତା ଭବନ ପଡିଆରେ ଏକ ବିଶାଳ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ସେ ସମସ୍ତଙ୍କୁ ସଦସ୍ୟତା କରାଇବା ସହ ଓଡ଼ିଶା ପ୍ରଦେଶରୁ ସକ୍ରିୟ ସଦସ୍ୟତା ଗ୍ରହଣ କରିବେ। ସେହିଦିନ ସନ୍ଧ୍ୟାରେ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ସଦସ୍ୟତା କରାଇବେ ବୋଲି ଜଣାପଡିଛି। ଅଗଷ୍ଟ ୧୧ ତାରିଖ ସକାଳେ ସେ ଏକ ଖବରଦାତା ସମ୍ମିଳନୀ କରିବେ ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଓଡ଼ିଶାରେ ୫୦ ଲକ୍ଷ ନୂତନ ସଦସ୍ୟତା ସଂଗ୍ରହ କରିବାର ଲକ୍ଷ୍ୟ ରଖି ଭାଜପା ରାଜ୍ୟ ଶାଖା ଅଭିଯାନ ବ୍ୟାପକ କରିଛି।

### ଭିଜିଲାନ୍ସ ଜାଲରେ ଅଙ୍ଗନୱାଡ଼ି ସୁପରଭାଇଜର

କେନ୍ଦ୍ରାପଡା ଅଫିସ, ୮।୮: ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି ଗରଦପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟର ସୁପରଭାଇଜର କବିତା ବେହେରା। ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁଙ୍କ ସୂଚନା ଅନୁଯାୟୀ, ସୁପରଭାଇଜର ବେହେରା ମହମ୍ମୁଦା ଅଙ୍ଗନୱାଡି ସେଣ୍ଟରର କର୍ମୀ ବିନୋଦିନୀ ମହାରାଜଙ୍କଠାରୁ ରନ୍ଧାଖାଦ୍ୟ ବାବଦ ବିଲ ପାସ କରାଇବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି। ଏହି ଚଢ଼ାଉ ବେଳେ କେନ୍ଦ୍ରାପଡ଼ା ଭିଜିଲାନ୍ସ ଡିଏସ୍‌ପି ରାୟଗୁରୁଙ୍କ ସମେତ ଭିଜିଲାନ୍ସ ବିଭାଗ କର୍ମଚାରୀ ଜ୍ଞାନ ଦାସ ଓ ବିଶ୍ୱନାଥ ମହାରଣା ପ୍ରମୁଖ ସାମିଲ ଥିଲେ।

## ■ ପ୍ରଶାସନିକସ୍ତରରେ ଅଦଳବଦଳ

# ଡେପୁଟେଶନରେ ଗଲେ ଗିରୀଶ, ମୀନାଙ୍କୁ ଜିଏର ଅତିରିକ୍ତ ଦାୟିତ୍ୱ

■ ଓଏଏସ୍‌ସ୍ତରରେ ମଧ ପରିବର୍ତ୍ତନ
■ ମୁରଲୀଧର ଗୃହ ସ୍ୱତନ୍ତ୍ର ସଚିବ

ଭୁବନେଶ୍ୱର,୮।୮(ବ୍ୟୁରୋ)

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ (ଜିଏ ଆଣ୍ଡ ପିଜି) ବିଭାଗ ସ୍ୱତନ୍ତ୍ର ସଚିବ ଏସ୍.ଏନ୍. ଗିରୀଶ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ଗିରୀଶ ବାଙ୍ଗାଲୋରସ୍ଥିତ ଷ୍ଟାଫ୍ ସିଲେକ୍ସନ କମିଶନର ପ୍ରାନ୍ତୀୟ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ସମ୍ଭାଳିବେ। ସେହିପରି ଅର୍ଥ ସଚିବ ଥିବା ଅଶୋକ ମୀନାଙ୍କୁ ଜିଏ ଆଣ୍ଡ ପିଜିର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ସେହିଭଳି ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ସ୍ତରରେ ମଧ ମଧମ ଧରଣର ଅଦଳବଦଳ କରାଯାଇଛି। ମୁରଲୀଧର ମଲ୍ଲିକଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ଶୁଭକାନ୍ତ ମିଶ୍ରଙ୍କୁ ଭୁବନେଶ୍ୱରସ୍ଥିତ ଅତିରିକ୍ତଡିଭିଜନାଲ କୋର୍ଟର ଅତିରିକ୍ତ କମିଶନର ଭାବେ ନିଯୁକ୍ତ କରାଯାଇଛି। ଜୟନାରାୟଣ ଷଡ଼ଙ୍ଗୀଙ୍କୁ ଉଚ୍ଚଶିକ୍ଷା ଅତିରିକ୍ତ ସଚିବ ସହ ଓଡ଼ିଆ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଭାବେ ଅବସ୍ଥାପିତ କରାଯାଇଛି। ମିର୍ଦ୍ଧା ଟପ୍ପୋ ବରଗଡ଼ ଜିଲାର ଏଡିଏମ୍‌ଭାବେ ବଦଳି କରାଯାଇଛି। ବିନୟ କୁମାର ଦାଶଙ୍କୁ ପୁରୀ ଜିଲାର ଏଡିଏମ୍(ଆର୍‌ଏଣ୍ଡ ଆର୍), ଅନାମ ଚରଣ ପାତ୍ର ଗଞ୍ଜାମସ୍ଥିତ ଆର୍.ଆଇ.ସି.ର ଜେନେରାଲ ମ୍ୟାନେଜର ଭାବେ ନିଯୁକ୍ତି ପାଇଛନ୍ତି।

ସୂର୍ଯ୍ୟମାଧବ ପାଣିଗ୍ରାହୀଙ୍କୁ ବ୍ରହ୍ମପୁରସ୍ଥିତ ଗଞ୍ଜାମ-କୋରାପୁଟ ବୃହତ୍ ବନ୍ଦୋବସ୍ତ ବ୍ୟବସ୍ଥାର ଅତିରିକ୍ତ କମିଶନର (ଚକବନ୍ଦୀ ଓ ବନ୍ଦୋବସ୍ତ)ଭାବେ ନିଯୁକ୍ତି ଦିଆଯାଇଛି। ବ୍ରହ୍ମାନନ୍ଦ ବେହେରାଙ୍କୁ କଟକସ୍ଥିତ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ, ପ୍ରଦୀପ କୁମାର ସାହୁଙ୍କୁ ପୁରୀ ଜିଲା ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳିନା ପ୍ରଧାନଙ୍କୁ ସମ୍ବଲପୁରସ୍ଥିତ ବୁର୍ଲା ଭିମ୍‌ସାର ପ୍ରଶାସନିକ ଅଧିକାରୀ, ବସନ୍ତ କୁମାର ହୋତା ଗୃହ ବିଭାଗ ଉପସଚିବ ଏବଂ ସୁମିତା ସିଂ କଟକସ୍ଥିତ ଶିଶୁ ଭବନର ପ୍ରଶାସନିକ ଅଧିକାରୀଭାବେ ନିଯୁକ୍ତି ପାଇଛନ୍ତି।

## କୃମି ଔଷଧ ଖାଇ ୨୬ ଛାତ୍ରୀଛାତ୍ର ଅସୁସ୍ଥ



ଛେଣ୍ଡିପଦା, ୮।୮(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଲିପଟା ରଥସାହି ପ୍ରାଥମିକ ବିଦ୍ୟାଳୟରେ କୃମି ଔଷଧ ଖାଇ ଗୁରୁବାର ୨୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିବା ଜଣାପଡିଛି। ଜାତୀୟ କୃମି ଦିବସ ଅବସରରେ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ଦିଆଯାଇଥିଲା। ରଥସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅରୁଣ ପ୍ରଧାନଙ୍କ ନେତୃତ୍ୱରେ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଔଷଧ ସେବନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣ ଛାତ୍ର ଓ ୯ ଛାତ୍ରୀ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ବାଲିପଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବରପାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରତାପ କୁମାର ବେହେରା, କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଧୀରେନ କୁମାର ପ୍ରଧାନ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ ଛାତ୍ରୀଛାତ୍ରଙ୍କୁ ଅପରାହ୍ନ ୩ଟାରେ ଘରକୁ ପଠାଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଜଣାପଡିଛି।

**ସ୍ୟାଟ୍ ଉଚ୍ଛେଦ ପ୍ରସଙ୍ଗ**

## ଆଜି ଆଇନଜୀବୀଙ୍କ ଆନ୍ଦୋଳନ

କଟକ ଅଫିସ, ୮।୮

ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍) ଉଚ୍ଛେଦ ନେଇ ଶୁକ୍ରବାର ଆଇନଜୀବୀମାନେ ଆନ୍ଦୋଳନ କରିବେ। ଏହି ଆନ୍ଦୋଳନ ଗୋଟିଏ ଦିନ ହେବାକୁ ଥିବାବେଳେ ପରବର୍ତ୍ତୀ ସମୟରେ ଆନ୍ଦୋଳନର ସମୟକୁ ନେଇ ନିଷ୍ପତ୍ତି ନିଆଯିବ ବୋଲି ସ୍ୟାଟ୍ ବାର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଆନ୍ଦୋଳନକୁ ହାଇକୋର୍ଟ ବାର୍ ଆସୋସିଏଶନ, ହାଇକୋର୍ଟ କ୍ରିମିନାଲ ବାର୍, କେନ୍ଦ୍ର ପ୍ରଶାସନିକ ଟ୍ରିବ୍ୟୁନାଲ ବାର୍, ଡେବ୍ଟ ରିକଭରି ଟ୍ରିବ୍ୟୁନାଲ ବାର୍, କଞ୍ଜୁମର ବାର୍, କ୍ଲେମ୍ ବାର୍, ରେଲ୍ ବାର୍, ଭୁବନେଶ୍ୱର ବାର୍ ଆସୋସିଏଶନ ପ୍ରମୁଖ ସମର୍ଥନ ଜଣାଇଛି।

ସ୍ୟାଟ୍ ଉଚ୍ଛେଦ ଯୋଗୁ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଅନେକ କର୍ମଚାରୀ ନ୍ୟାୟ ପାଇବାକୁ ବଞ୍ଚିତ ହେବେ। ସ୍ୟାଟ୍ ଯୋଗୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ୯୦ ପ୍ରତିଶତ ମାମଲା ସମାଧାନ ହୋଇପାରୁଥିଲା। ଏହି କୋର୍ଟରେ ମାମଲା ସମାଧାନ ହୋଇ ନ ପାରିଲେ ତାହା ହାଇକୋର୍ଟକୁ ଯାଉଥିଲା। ହାଇକୋର୍ଟରେ ୨୭ଜଣ ବିଚାରପତିଙ୍କ ସ୍ଥାନରେ ମାତ୍ର ୧୪ଜଣ ରହିଥିବାରୁ ରାଜ୍ୟ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏଠାରେ ସମାଧାନ ହେବା କଷ୍ଟକର ହେବ। ନ୍ୟାୟ ପାଇବା ପାଇଁ ସେମାନଙ୍କୁ ବର୍ଷବର୍ଷ ଲାଗିଯିବ ବୋଲି କଟକ ଟ୍ୟାକ୍ସବାର୍ ଆସୋସିଏଶନର ସଭାପତି ନଟବର ପଣ୍ଡା, ଉପଦେଷ୍ଟା ପ୍ରଦୀପ ପଟ୍ଟନାୟକ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ସମ୍ପାଦକ ସଞ୍ଜୟ କୁମାର ଦାସ, ହାଇକୋର୍ଟ କ୍ରିମିନାଲ ବାର୍ ଆସୋସିଏଶନ ସଭାପତି କାମଦେବ କାନୁନ୍‌ଗୋ, ସ୍ୟାଟ୍ ବାର୍ ଆସୋସିଏଶନ ସମ୍ପାଦକ ଶଶିଭୂଷଣ ଜେନା କହିଛନ୍ତି।

ସୂଚନାଯୋଗ୍ୟ, ୧୯୮୬ ଜୁଲାଇ ୧୪ରେ ସ୍ୟାଟ୍ ପ୍ରତିଷ୍ଠା ହୋଇଥିଲା। ୨୦୧୪ ଫେବୃୟାରୀ ୧୮ରେ ସ୍ୟାଟ୍‌ରେ ୮ଜଣ ସଦସ୍ୟ ରହିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଭୁବନେଶ୍ୱର ଏହାର ପ୍ରମୁଖ ବେଞ୍ଚ ହୋଇଥିଲା। ତେବେ କଟକ ବେଞ୍ଚ ସହିତ ସମ୍ବଲପୁର ଓ ବ୍ରହ୍ମପୁର ସର୍କିଟ୍ ବେଞ୍ଚ ପ୍ରତିଷ୍ଠା କରାଯାଇଥିଲା। ମାତ୍ର ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ୨୦୧୫ ସେପ୍ଟେମ୍ବର ୯ରେ ସ୍ୟାଟ୍ ଉଚ୍ଛେଦ ଲାଗି ନିଷ୍ପତ୍ତି ନେଇ ହାଇକୋର୍ଟଙ୍କ ଅନୁମୋଦନ କ୍ରମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏ ନେଇ ସୋମବାର କେନ୍ଦ୍ର ସରକାର ସ୍ୟାଟ୍ ଉଚ୍ଛେଦ ନେଇ ଗେଜେଟ୍ ନୋଟିଫିକେସନ ପ୍ରକାଶ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଶମୀ ଦିନ ଦଶ କରାଣ୍ଡି**
**ଏକାଦଶୀ ଦିନ ଇଲିଶି**
**ଦୁଆଦଶୀ ଦିନ ଗଙ୍ଗା ଶୁଖୁଆ**
**ଯମ ନ ପାରିବ ଭରସି ।**

କିଛି ବ୍ୟକ୍ତି ଆମିଷପ୍ରିୟ ହୋଇଥାନ୍ତି। ଆମିଷ ପ୍ରତି ତାଙ୍କର ଏତେ ଲୋଭ ବା ରୁଚି ରହିଥାଏ ଯେ ବାର ବ୍ରତ ଓଷାରେ ମଧ ଆମିଷ ଖାଇବା ପାଇଁ ବିକଳ ହୋଇପଡ଼ିଥାନ୍ତି। ସତେ ଯେମିତି ଆମିଷ ଟିକେ ନ ହେଲେ ନ ଚଳେ। ନିରାଟ ଆମିଷାଶୀ ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଦହିର ମଜା ଚୁଡ଼ାରେ**
**ଫୁଲର ମଜା ଜୁଡ଼ାରେ ।**

ଚୁଡ଼ା ସାଙ୍ଗରେ ଦହିର ମିଶ୍ରଣ ପାଟିକୁ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ । ସେହିପରି ରମଣୀଙ୍କ ଜୁଡ଼ାରେ ଖୋସାଯାଉଥିବା ଫୁଲ ଆଖିକୁ ଖୁବ୍ ସୁନ୍ଦର ଲାଗୁଥିବା ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
- ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ବାରିପଦା ବିଦ୍ୟୁତ୍ ଡିଭିଜନ: ଜାଲ୍ ଚେକ୍‌ରେ ଟାର୍ଗେଟ ପୂରଣ ଘଟଣା

## ୩ ଅଧିକାରୀ ନିଲମ୍ବିତ

ବାରିପଦା ଅଫିସ,୮।୮

ମୟୂରଭଞ୍ଜ ଜିଲା ବାରିପଦା ବିଦ୍ୟୁତ୍ ଡିଭିଜନରେ ବିଲ୍ ଆଦାୟ ଟାର୍ଗେଟ ପୂରଣ ପାଇଁ ଜାଲ୍ ଚେକ୍ ଦେଇ ବିଭାଗକୁ ଠକିଥିବା ୩ ଅଧିକାରୀଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏ ନେଇ କେବଳ 'ଧରିତ୍ରୀ'ରେ ଗତ ଜୁଲାଇ ୧୮ ଓ ୨୩ ତାରିଖରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିଲା। ବିଭାଗର ଚିଫ୍ ଭିଜିଲାନ୍ସ ଅଫିସର ଏବଂ ଏଜିଏମ (ଏଫ) ଏହାର ତଦନ୍ତ କରୁଥିଲେ। ଏହି ଘଟଣାରେ ସମ୍ପୃକ୍ତି ଥିବା ପ୍ରମାଣ ମିଳିବା ପରେ ନେସ୍କୋ ୟୁଟିଲିଟିର ଏଚ୍‌ଆର୍ ମୁଖ୍ୟ ସଂପୃକ୍ତ ୩ ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଚିଠି ନଂ. ୩୯୦ରେ ବାରିପଦା ଡିଭିଜନର ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଓ ଚିଠି ନଂ. ୩୯୪ ରେ କୁଲିଅଣା ସେକ୍ସନରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ସାହୁଙ୍କୁ ନିଲମ୍ବନ କରାଯାଇଛି। ସେହିପରି କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଇ ବାରିପଦା ଡିଭିଜନ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ଫାଇନାନ୍ସ ମ୍ୟାନେଜର ଅର୍ଣ୍ଣବ ରଞ୍ଜନ ଜେନାଙ୍କୁ ଚିଠି ନଂ. ୩୯୮ରେ ନିଲମ୍ବନ କରାଯାଇଛି।

ବିଦ୍ୟୁତ ବିଲ୍ ଆଦାୟ ଟାର୍ଗେଟ ପୂରଣ ଲାଗି ବାରିପଦା ଡିଭିଜନର କେତେକ ଅଧିକାରୀ ଜାଲ୍ ଚେକ୍ ଦେଇ ବିଭାଗରେ ପ୍ରଶଂସା ସାଉଁଟୁଥିଲେ। କେବଳ କାଗଜପତ୍ରରେ ବିଭାଗର ଟାର୍ଗେଟ ପୂରଣ ହେଉଥିବା ବେଳେ ବିତ୍ତୀୟ ବ୍ୟବସ୍ଥାରେ ବକେୟା ଗଡୁଥିଲା। ବିଭାଗ ଏହି କାରସାଦି ଜାଣିଥିଲେ ସୁଦ୍ଧା କିଛି ବରିଷ୍ଠ ଅଧିକାରୀଙ୍କ ଚାପ ଯୋଗୁ ତଦନ୍ତ ବାଟବଣା ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ନେସ୍କୋ ଦ୍ୱାରା ପ୍ରତି ମାସ ତଥା ବାର୍ଷିକ ବିଦ୍ୟୁତ ବିଲ୍ ଆଦାୟ ପାଇଁ ଟାର୍ଗେଟ ଦିଆଯାଏ। ଏହି ଟାର୍ଗେଟ ପୂରଣ କଲେ ବିଭାଗୀୟ ଅଧିକାରୀମାନଙ୍କୁ ବିଭାଗ ଦ୍ୱାରା ସମ୍ମାନିତ କରାଯାଇଥାଏ। ଏହି ଅନୁଯାୟୀ ବାରିପଦା ବିଦ୍ୟୁତ୍ ଡିଭିଜନରେ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ କରୁଥିବା ସିଦ୍ଧାର୍ଥ ଶଙ୍କର ରାୟ ପ୍ରତି ଥର ବିଦ୍ୟୁତ୍ ବିଲ୍ ଆଦାୟ ଟାର୍ଗେଟ ପୂରଣ କରିଥିଲେ। ସେତେବେଳେ ବାରିପଦା ଟାଉନ ସବ ଡିଭିଜନର ଭଞ୍ଜପୁର ସେକ୍ସନରେ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ସାହୁ ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରୁଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE
HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୂମାଟଏଡ୍ ଆର୍ଥ୍ରାଇଟିସ୍,ଓଷ୍ଟିଓ ଆର୍ଥ୍ରାଇଟିସ୍,ପାରାଲିସିସ୍,ସିଆଟିକା, ଅଣ୍ଟାବ୍ୟଥା,ଆଣ୍ଠୁବ୍ୟଥା,ଫ୍ରୋଜନ୍ ସୋଲ୍ଡର,ସ୍ପଣ୍ଡିଲୋସିସ୍,ମାଇଗ୍ରେନ୍, ସୋରିଆସିସ୍,ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

FINANCE
FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

FINANCE
ବାଲାଜୀ ଋଣ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
3% ସୁଧ 25% ଛାଡ ୧୦ ବର୍ଷର ଏଗ୍ରୀମେଣ୍ଟ ସହିତ
କେବଳ ଆସାମ, ଓଡିଶା, ବିହାର, ଝାଡଖଣ୍ଡ, ଗୁଜୁରାଟ ହାଇଦ୍ରାବାଦ, ହିମାଚଳ, ବେଙ୍ଗାଲୁରୁ, ମଧ୍ୟପ୍ରଦେଶ ରେ
balajifinancegroupchd@yahoo.com
Plot No 4542, Shahnajaf Rd, Chandigarh 226001
09454715754
09455705969

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ସତ୍ୟମ୍ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
B-36/7, A-Block, Vijay Enclave, Burari, New Delhi-74

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ASTROLOGY
ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଅଲ୍ ଇଣ୍ଡିଆ
ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday







# 'ଆମେ ଶାନ୍ତିରେ ବଞ୍ଚିପାରିବା'




ଲଣ୍ଡନ,୮।୮

କଶ୍ମୀର ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ସମ୍ଭବ। ଆମେ ଶାନ୍ତିରେ ବଞ୍ଚିପାରିବା। କେହି କାହାକୁ ଆଘାତ ଦେବା ବା କ୍ଷତି ପହଞ୍ଚାଇବା ଅନାବଶ୍ୟକ ବୋଲି ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ପାକିସ୍ତାନର ଶିକ୍ଷା ଅଧିକାର କର୍ମୀ ମଲାଲା ୟୁସୁଫ୍‌ଜାଇ ଗୁରୁବାର ଆଶାବ୍ୟକ୍ତ କରିଛନ୍ତି। କଶ୍ମୀର ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସେ ଅନୁରୋଧ କରିଛନ୍ତି। ମଲାଲା(୨୨) କହିଛନ୍ତି, ପିଲାବେଳୁ ସେ ଦେଖିଆସୁଛନ୍ତି କଶ୍ମୀରବାସୀ ଦ୍ୱନ୍ଦ୍ୱ ଭିତରେ ବଞ୍ଚୁଛନ୍ତି। ଏପରିକି ତାଙ୍କ ବାପାମାଆ ପିଲା ଥିବାବେଳଠାରୁ ଏହି ସ୍ଥିତି ଲାଗିରହିଛି। ଦକ୍ଷିଣ ଏସିଆ ତାଙ୍କ ଘର ହୋଇଥିବାରୁ ସେ କଶ୍ମୀର ପ୍ରସଙ୍ଗରେ ଚିନ୍ତିତ। ବିଭିନ୍ନ ସଂସ୍କୃତି, ଧର୍ମ, ଭାଷା, ପ୍ରଥା ଓ ପରମ୍ପରା ପ୍ରଚଳିତ ଏହି ଅଞ୍ଚଳର ଜନସାଧାରଣ ଶାନ୍ତିରେ ବସବାସ କରିପାରିବେ ବୋଲି ମଲାଲା ଆଶାବ୍ୟକ୍ତ କରିଛନ୍ତି।


ନିଜ ରାଜ୍ୟକୁ ଫେରିବା ପାଇଁ ଜମ୍ମୁ ରେଳଷ୍ଟେଶନରେ ଟ୍ରେନକୁ ଅପେକ୍ଷାରତ ଯାତ୍ରୀ।

# 'ଶ୍ରୀ୭୦' ମୃତ୍ୟୁରେ କଶ୍ମୀରୀଙ୍କ ଆଶାର ଜନ୍ମ

ନୂଆଦିଲ୍ଲୀ,୮।୮(ଆଇଏଏନ୍‌ଏସ୍)

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଉପତ୍ୟକାରେ ଶ୍ମଶାନ ନୀରବତା ଛାଇଯାଇଥିବାବେଳେ ଚାପା ଉତ୍ତେଜନା ଲାଗିରହିଛି। ଏହାସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପ ବହୁ କଶ୍ମୀରୀଙ୍କ ପାଇଁ ନୂଆ ଆଶାକୁ ଜନ୍ମ ଦେଇଛି। କାରଣ ଏବେ କଶ୍ମୀରବାସୀଙ୍କୁ ନିଜକୁ କଶ୍ମୀରୀ ବୋଲି ପ୍ରମାଣିତ କରିବା ପାଇଁ କୌଣସି ପ୍ରମାଣପତ୍ର ଆବଶ୍ୟକ ହେବନାହିଁ। ସମ୍ବିଧାନର ଏହି ବିବାଦୀୟ ଅନୁଚ୍ଛେଦର ମୃତ୍ୟୁ ସେମାନଙ୍କୁ ବନ୍ଧନରୁ ମୁକ୍ତ କରିଛି, ଏକ ମୋହରକୁ ନେଇ ବଞ୍ଚିବା ବୋଝରୁ ମୁକ୍ତ କରିଛି ଏବଂ ସର୍ବୋପରି ନିଜ ପସନ୍ଦକୁ ନେଇ ଅଧିକାରର ସ୍ୱାଧୀନତା ପ୍ରଦାନ କରିଛି।

୩୭୦ର ସର୍ତ୍ତ ଅନୁସାରେ ଏହି ବନ୍ଧନ କଶ୍ମୀରୀ ମହିଳାଙ୍କ ପାଇଁ ଏତେ କ୍ରୁର ଥିଲା ଯେ ସେମାନଙ୍କ ଜୀବନ ନିଷ୍ପତ୍ତି ସେମାନଙ୍କ ବାପା କିମ୍ବା ସ୍ୱାମୀଙ୍କ ସହ ଯୋଡ଼ିହୋଇ ରହିଥିଲା। କଶ୍ମୀରୀ ମହିଳାଙ୍କ ପାଇଁ ସ୍ୱାଧୀନତା ବୋଲି କିଛି ନ ଥିଲା। ଯଦି ବି ସେମାନେ ସ୍ୱାଧୀନତା ଉପଭୋଗ କରିବାକୁ କିଛି ପଦକ୍ଷେପ ନେଉଥିଲେ, ସେମାନଙ୍କୁ ଅନେକ ତ୍ୟାଗ କରିବାକୁ ପଡୁଥିଲା। ନିଜ ଜନ୍ମସ୍ଥାନର ଅଧିକାର ହରାଇବା ଏପରି ଏକ କ୍ଷତି ଯାହାର ଭରଣା କରାଯାଇ ପାରିବ ନାହିଁ। ଏହାର ଯନ୍ତ୍ରଣା ଏପରି ଯେ ଯାହାକୁ ଭାଷାରେ ବ୍ୟକ୍ତ କରିବା ଅସମ୍ଭବ। ୨୦୧୯ ଅଗଷ୍ଟ ୫ ପର୍ଯ୍ୟନ୍ତ କଶ୍ମୀରରେ ଏଭଳି ସ୍ଥିତି ରହିଥିଲା, ଯାହାକି ସମ୍ବିଧାନରୁ ଅନୁଚ୍ଛେଦ ୩୭୦ ହଟାଇବା ପରେ ସ୍ୱତଃ ହଟିଯାଇଛି। ଜଣେ କଶ୍ମୀରୀ ମହିଳାଙ୍କ ରାଜ୍ୟ ସମ୍ପର୍କିତ ପ୍ରମାଣପତ୍ର ନିଜ ବ୍ୟକ୍ତିଗତ ଆଧାରରେ ନୁହେଁ, ବରଂ ପିତା କିମ୍ବା ସ୍ୱାମୀଙ୍କୁ ନେଇ ପ୍ରସ୍ତୁତ କରାଯାଉଥିଲା। ବିବାହ ପରେ ତାଙ୍କ ପ୍ରମାଣପତ୍ରକୁ ନବୀକରଣ କରିବାକୁ ପଡୁଥିଲା। ଏହାସହ ସ୍ୱାମୀଙ୍କ ଅଧାରରେ ତାଙ୍କୁ ନୂଆ ପ୍ରମାଣପତ୍ର ପ୍ରଦାନ କରାଯାଉଥିଲା। ସମ୍ପୃକ୍ତ ମହିଳା ଜଣେ ଅଣକଶ୍ମୀରୀଙ୍କୁ ବିବାହ କଲେ କଶ୍ମୀରର ନାଗରିକ ଭାବେ ତାଙ୍କୁ ମାନ୍ୟତା ହରାଇବାକୁ ପଡୁଥିଲା। ଏପରି କି ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ କଶ୍ମୀରୀ ବୋଲି ବିବେଚନା କରାଯାଉ ନ ଥିଲା କି ସେମାନେ ରାଜ୍ୟରେ କୌଣସି ଅଧିକାରର ହକ୍‌ଦାର ହୋଇପାରୁ ନ ଥିଲେ।

ବାରାମୁଲାର ସଫ୍ଟୱେର ଇଞ୍ଜିନିୟର ନାହିଦାଙ୍କ କଥା ବିଚାର କରାଯାଉ। ସେ ଜଣେ ମୁସ୍‌ଲିମ୍ ମହିଳା, ଯିଏ ନିଜ ହୃଦୟର କଥା ଶୁଣି ଜଣେ ଅଣକଶ୍ମୀରୀ ମୁସଲମାନ ଯୁବକଙ୍କୁ ବିବାହ କରିଥିଲେ। ବିବାହ ସମୟରେ ସେ ଜାଣିଥିଲେ ଯେ, ଅନୁଚ୍ଛେଦ ୩୭୦ର ସର୍ତ୍ତ ଅନୁସାରେ ତାଙ୍କୁ ଅନେକ କିଛି ହରାଇବାକୁ ପଡ଼ିବ। କଶ୍ମୀରରେ ତାଙ୍କ ବାପା ବିପୁଳ ସମ୍ପତ୍ତିର ଅଧିକାରୀ, ଯାହା ଉପରେ ତାଙ୍କ ସମ୍ପର୍କୀୟମାନଙ୍କ ନଜର ରହିଥିଲା। କିନ୍ତୁ ଏବେ ୩୭୦ ଯିବା ପରେ ତାଙ୍କ ପାଇଁ ନୂଆ ଆଶାର କିରଣ ସଞ୍ଚାରିତ ହୋଇଛି। ବର୍ତ୍ତମାନ ଉପତ୍ୟକାରେ ନିଜ ପରିବାର ସହ ଭବିଷ୍ୟତକୁ ନେଇ ସେ ବେଶ୍ ଆଶାବାଦୀ। ତାଙ୍କ ଦୁଇ ପିଲା ମଧ୍ୟ ଏବେ କଶ୍ମୀରୀ ବୋଲି ପରିଗଣିତ ହେବେ। ଯଦି ଅନୁଚ୍ଛେଦ ୩୭୦ କେବଳ କଶ୍ମୀରୀ ମହିଳାଙ୍କ ପାଇଁ ନୁହେଁ, ବରଂ କଶ୍ମୀରୀ ପଣ୍ଡିତଙ୍କ ଲାଗି ମଧ୍ୟ ପ୍ରମାଣପତ୍ର ହାସଲ ନିମନ୍ତେ ଅଡୁଆ ସୃଷ୍ଟି କରୁଥିଲା। ୧୯୯୦ ଦଶକର ପ୍ରାରମ୍ଭରେ ବହୁସଂଖ୍ୟକ କଶ୍ମୀରୀ ପଣ୍ଡିତ ସେମାନଙ୍କ ସମ୍ପତ୍ତିରୁ ବେଦଖଲ ହୋଇ ଦସ୍ତାବିଜ ହରାଇଥିଲେ। କାରଣ ସେମାନେ ଗଣପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ସେମାନଙ୍କ ମୁଣ୍ଡ ଉପରେ ମଧ୍ୟ ନିଜକୁ କଶ୍ମୀରୀ ବୋଲି ପ୍ରମାଣିତ କରିବାର ବୋଝ ରହିଥିଲା। ସାର୍ଟିଫିକେଟ ନ ଥିବା ପଣ୍ଡିତମାନେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅନେକ ଯୋଜନାର ସୁବିଧାରୁ ବଞ୍ଚିତ ହେଉଥିଲେ। ପ୍ରମାଣପତ୍ର ହାସଲ କରିବାର ପ୍ରକ୍ରିୟାକୁ ଉଦ୍ଦେଶ୍ୟମୂଳକ ଭାବେ ଅଧିକ ଜଟିଳ କରିଦିଆଯାଇଥିଲା ବୋଲି କଶ୍ମୀରୀ ପଣ୍ଡିତ କର୍ମୀ ସତୀଶ ମହଲଦାର ଅଭିଯୋଗ କରନ୍ତି। ସେହିପରି ଦିଲ୍ଲୀରେ ବ୍ୟବସାୟ କରୁଥିବା ସୁନୀତା ରୈନାଙ୍କୁ ମଧ୍ୟ ତାଙ୍କ ୧୮ ବର୍ଷୀୟ ପୁଅଙ୍କ ପାଇଁ ରାଜ୍ୟ ପ୍ରମାଣପତ୍ର ଲାଗି ଜମ୍ମୁରେ ମାସେ ରହିବାକୁ ପଡ଼ିଥିଲା। ଏକ ୭୨ ବର୍ଷ ପୁରୁଣା ଅଭିଶପ୍ତ ଆଇନର ମୃତ୍ୟୁ ସେମାନଙ୍କୁ ସରହଦ ଓ ବନ୍ଧନରୁ ମୁକ୍ତ କରିଛି। ଏଣିକି କୌଣସି କଶ୍ମୀରୀଙ୍କୁ ନିଜ ପରିଚୟ ପାଇଁ ପ୍ରମାଣପତ୍ର ଖୋଜିବାକୁ ପଡ଼ିବ ନାହିଁ।

## 'ନିଷ୍ପତ୍ତିର ସକାରାତ୍ମକ ଦିଗ ରହିଛି'


କରଣ ସିଂ

କେନ୍ଦ୍ର ସରକାରଙ୍କ କଶ୍ମୀର ନିଷ୍ପତ୍ତିର ଅନେକ ସକାରାତ୍ମକ ଦିଗ ରହିଛି ବୋଲି ବରିଷ୍ଠ କଂଗ୍ରେସ ନେତା କରଣ ସିଂ ଗୁରୁବାର କହିଛନ୍ତି। କଂଗ୍ରେସ ଦଳ ସରକାରଙ୍କ ଜମ୍ମୁ-କଶ୍ମୀର ନିଷ୍ପତ୍ତିର ନିନ୍ଦା କରୁଥିବାବେଳେ କରଣ ସିଂ ଏଥିରେ ସହମତ ହୋଇନାହାନ୍ତି। ଲଦାଖକୁ କେନ୍ଦ୍ର ଶାସିତ ଅଞ୍ଚଳ ମାନ୍ୟତା ମିଳିବା, ଅନୁଚ୍ଛେଦ ୩୫ଏ ଉଚ୍ଛେଦ, ରାଜ୍ୟ ବିଭାଜନ ଫଳରେ ଜମ୍ମୁ-କଶ୍ମୀର ଭବିଷ୍ୟତ ସୀମା ନିର୍ଦ୍ଧାରଣ ସକାରାତ୍ମକ ବୋଲି କରଣ ସିଂ କହିଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ସମ୍ପର୍କରେ ସେ ସିଧାସଳଖ କୌଣସି ମନ୍ତବ୍ୟ ନ ଦେଇ ବନ୍ଦୀ ଥିବା ରାଜନେତାମାନଙ୍କୁ ମୁକ୍ତ କରିଦେବାକୁ ଆହ୍ୱାନ ଦେଇଛନ୍ତି। ରାଜନୈତିକ ଆଲୋଚନା ମାଧ୍ୟମରେ ମତଭେଦ ଦୂରକରିବା ଲାଗି ସେ ପରାମର୍ଶ ଦେଇଛନ୍ତି।

କେବଳ କରଣ ସିଂ ନୁହନ୍ତି ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ଜନାର୍ଦ୍ଦନ ଦ୍ୱିବେଦୀ, ଯୁବନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ଦୀପେନ୍ଦର ହୁଡ଼ା ମଧ୍ୟ କଶ୍ମୀର ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟଠାରୁ ଦୂରେଇ ଯାଇ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। କଂଗ୍ରେସ ନେତା ଅନିଲ ଶାସ୍ତ୍ରୀ ମଧ୍ୟ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି।

## ଅଯୋଧ୍ୟା ଯୁବତୀଙ୍କୁ ବାହାହୋଇ ଅଡୁଆରେ କଶ୍ମୀରୀ ମୁସଲମାନ

ନୂଆଦିଲ୍ଲୀ/ଶ୍ରୀନଗର, ୮।୮

ଜଣେ କଶ୍ମୀର ଯୁବକ(୨୨) ଅଯୋଧ୍ୟାରେ ନିଜ ସମ୍ପ୍ରଦାୟର ଯୁବତୀ(୨୧)ଙ୍କୁ ବିବାହ କରିବା ପରେ ଅଡୁଆ ପରିସ୍ଥିତି ସୃଷ୍ଟିହୋଇଥିଲା। ସେଠାକାର ଲୋକେ ଏହାକୁ ଗ୍ରହଣ ନ କରି ବିକ୍ଷୋଭ କରିଥିଲେ। ପୋଲିସ ଏଥିରେ ହସ୍ତକ୍ଷେପ କରିଥିଲା। ଜମ୍ମୁ-କଶ୍ମୀରର ପୁଲଓ୍ୱାମାସ୍ଥିତ ଏକ ଗ୍ରାମରେ ଏହି ଯୁବକଙ୍କ ଘର। ଗତ ସୋମବାର ସେଠାରୁ ବାହାଘର ଲାଗି ଯୁବକଙ୍କ ୩ ସମ୍ପର୍କୀୟ ଅଯୋଧ୍ୟା ଆସିଥିଲେ। ବାହାଘର ଭୁଲ୍ ବୋଲି ସ୍ଥାନୀୟ ଲୋକେ କହିବା ସହ ଜଣେ କଶ୍ମୀରୀ ଯୁବକଙ୍କ ସହ ଏଠାକାର ଯୁବତୀଙ୍କ ବାହାଘର ହୋଇପାରିବ ନାହିଁ ବୋଲି କହି ପାଟିତୁଣ୍ଡ କରିଥିଲେ। ସେଠାରେ କିଛି ସମୟ ପର୍ଯ୍ୟନ୍ତ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିବା ପରେ ଯୁବକଙ୍କ ପ୍ରମାଣପତ୍ର ଠିକ୍ ବୋଲି ଜଣାପଡ଼ିଥିଲା। ପୋଲିସର ସହଯୋଗକ୍ରମେ ନବଦମ୍ପତି ମଙ୍ଗଳବାର ସନ୍ଧ୍ୟାରେ ସେଠାରୁ ପ୍ରସ୍ଥାନ କରିଥିଲେ।

## ଆଗ୍ରା ଜେଲ୍‌କୁ ଗଲେ ୩୦ ଆତଙ୍କବାଦୀ

ଆଗ୍ରା,୮।୮(ଆଇଏଏନ୍‌ଏସ୍)

୩୦ କଶ୍ମୀରୀ ଆତଙ୍କବାଦୀଙ୍କୁ ଗୁରୁବାର ଅପରାହ୍ନରେ ଆଗ୍ରା ଜେଲ୍‌କୁ ନିଆଯାଇଛି। କଡ଼ା ସୁରକ୍ଷା ବଳୟ ମଧ୍ୟରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ବିମାନରେ ଆଗ୍ରାସ୍ଥିତ ଖେରିଆ ବିମାନବନ୍ଦରକୁ ନିଆଯାଇଛି। ସେଠାରୁ ଆଗ୍ରା କେନ୍ଦ୍ରୀୟ ଜେଲ୍‌କୁ ନିଆଯାଇଥିବା ଜଣାପଡ଼ିଛି। କାରାଗାର ବାହାରେ ଅତିରିକ୍ତ ବଳ, ପ୍ରୋଭିନ୍ସିଆଲ୍ ଆର୍ମଡ୍ କନଷ୍ଟେବୁଲାରି (ପିଏସି) ଏବଂ ଏସ୍‌ଡବ୍ଲ୍ୟୁଓଟି ଟିମ୍ ମୁତୟନ ଅଛନ୍ତି।

## ୩୭୦: ତ୍ୱରିତ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୮।୮(ପି.ଟି.)

ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନ୍‌ର ତ୍ୱରିତ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ଉପଯୁକ୍ତ ସମୟରେ ଏହାର ଶୁଣାଣି ହେବ ବୋଲି ଅଦାଲତ କହିଛନ୍ତି। ପିଟିଶନ୍ ଦାଏର କରିଥିବା ଆଇନଜୀବୀ ଏମ୍.ଏଲ୍. ଶର୍ମା ଆସନ୍ତା ୧୨ କିମ୍ବା ୧୩ରେ ଶୁଣାଣି କରିବା ପାଇଁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ।


ପାକିସ୍ତାନର କରାଚୀରେ ଜମାତ୍-ଇ-ଇସାଲାମୀ ପାର୍ଟିର ଭାରତ ବିରୋଧୀ ବିକ୍ଷୋଭ।

## 'ପାକ୍ ଭଳି ପଡ଼ୋଶୀ କାହାକୁ ନ ମିଳୁ'

ନୂଆଦିଲ୍ଲୀ,୮।୮

ଏଭଳି ପଡ଼ୋଶୀ କୌଣସି ଦେଶକୁ ନ ମିଳୁ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି। ପାକିସ୍ତାନ ଭାରତ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ତୁଟାଇବା ପରେ ରାଜନାଥ ଏପରି କହିଛନ୍ତି। ଭାରତର ସବୁଠୁ ବଡ଼ ସନ୍ଦେହ ଓ ଚିନ୍ତା ଏହାର ପଡୋଶୀଙ୍କୁ ନେଇ। ଆପଣ ବନ୍ଧୁ ବଦଳାଇପାରିବେ। କିନ୍ତୁ ପଡୋଶୀ ଚୟନ କରିବା ଆପଣଙ୍କ ହାତରେ ନାହିଁ ବୋଲି ରାଜନାଥ କହିଛନ୍ତି। ଆମେ ଯେଉଁ ପଡୋଶୀ ପାଇଛୁ, ସେଭଳି ପଡୋଶୀ ଭଗବାନ ଆଉ କାହାକୁ ନ ଦିଅନ୍ତୁ ବୋଲି ପ୍ରତିରକ୍ଷା ମନ୍ତ୍ରୀ କାମନା କରିଛନ୍ତି।



## କଶ୍ମୀର ପାଲଟିଛି ଏକାଗ୍ରତା ଶିବିର: ଅଧୀର

କାରଗିଲ, ୮।୮

କଶ୍ମୀର ଏବେ ଏକପ୍ରକାର ଏକାଗ୍ରତା ଶିବିର ପାଲଟିଛି ବୋଲି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି। ୩୭୦ ଉଚ୍ଛେଦ ପରେ ସେଠାକୁ ଅଧିକ ସେନା ପଠାଯିବା, ଯୋଗାଯୋଗର ମାଧ୍ୟମକୁ ବିଚ୍ଛିନ୍ନ କରାଯିବା ଏହାର ନିଦର୍ଶନ। ଲାଲ୍‌କିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଶ୍ମୀର ପ୍ରସଙ୍ଗର ସମାଧାନ ଲୋକଙ୍କ ସହ ମିଶି, ସେମାନଙ୍କ ମନ ଜିଣି କରିବା ଲାଗି କହିଥିଲେ ହେଁ ଏବେକାର ସ୍ଥିତି ଭିନ୍ନ ହୋଇଥିବା ସେ ପ୍ରକାଶ କରିଛନ୍ତି। ଅମରନାଥ ଯାତ୍ରା ଅଧାରୁ ବନ୍ଦ କରାଗଲା, ଲୋକଙ୍କ ଚଳପ୍ରଚଳ ଉପରେ ପ୍ରତିବନ୍ଧକ ଲଗାଗଲା, ଇଣ୍ଟରନେଟ ସେବା, ଦୋକାନବଜାର ସହ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଗଲା, ରାଜନେତାଙ୍କୁ ଗୃହବନ୍ଦୀ କରାଯାଇ କଶ୍ମୀରକୁ ଛଡ଼ାଗଲା ନାହିଁ। ଏମିତିକି ପୂର୍ବତନ ଜମ୍ମୁ-କଶ୍ମୀ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କୁ ଶ୍ରୀନଗର ବିମାନବନ୍ଦରଠାରେ ଅଟକ ରଖାଗଲା। କେନ୍ଦ୍ର ସରକାର କଶ୍ମୀରକୁ ଏକପ୍ରକାର ଏକାଗ୍ରତା ଶିବିର କରିଦେଇଥିବା ଅଧୀର କହିଛନ୍ତି।

## ଲଦାଖ ଏମ୍‌ପି ସୋସିଆଲ ମିଡିଆ ଷ୍ଟାର

ନୂଆଦିଲ୍ଲୀ, ୮।୮


ଜାମ୍‌ୟାଙ୍ଗ ସେରିଙ୍ଗ ନମ୍‌ୟାଲ

ଲୋକ ସଭାର ଶେଷ ବେଞ୍ଚରେ ବସୁଥିବା ଲଦାଖର ଯୁବ ଏମ୍‌ପି ଜାମ୍‌ୟାଙ୍ଗ ସେରିଙ୍ଗ ନମ୍‌ୟାଲ୍ ରାତାରାତି ସୋସିଆଲ ମିଡିଆର ଷ୍ଟାର୍ ପାଲଟି ଯାଇଛନ୍ତି। ଏବେ ଟୁଇଟରରେ ତାଙ୍କ ଅନୁଗାମୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। ମଙ୍ଗଳବାର ସୁଦ୍ଧା ଏହା ୪ ହଜାର ଟପିଛି। ସେହିଭଳି ଫେସ୍‌ବୁକରେ ମଧ୍ୟ ତାଙ୍କ ବନ୍ଧୁ ସଂଖ୍ୟା ବଢ଼ି ୫ ହଜାର ପାର୍ ହୋଇଛି। ମଙ୍ଗଳବାର ଲୋକ ସଭାରେ ତାଙ୍କ ଅଭିଭାଷଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଓ ଅନ୍ୟ ସଦସ୍ୟଙ୍କୁ ପ୍ରଭାବିତ କରିଥିଲା। ଭାଜପାର ନିର୍ବାଚନୀ ଇସ୍ତାହାରରେ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା କଥା ଉଲ୍ଲେଖ ଥିଲା। ଏଥିପ୍ରତି ଲୋକଙ୍କ ସମର୍ଥନ ମଧ୍ୟ ରହିଥିଲା। ମୁସଲମାନ ଓ ବୌଦ୍ଧ ଧର୍ମାବଲମ୍ବୀ ମୋତେ ଏଥିଲାଗି ବିଜୟୀ କରାଇଥିଲେ ବୋଲି ଲୋକ ସଭାରେ ଲଦାଖ ଏମ୍‌ପି କହିବା ସହ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ୩୭୦ ଧାରା ଜମ୍ମୁ-କଶ୍ମୀରରୁ ଉଚ୍ଛେଦ କରାଯିବା ଓ ଲଦାଖର ବିକାଶ ଲାଗି ଏହାକୁ କେନ୍ଦ୍ରଶାସିତ ଅଞ୍ଚଳ କରାଯିବାକୁ ସେ ଦୃଢ ସମର୍ଥନ କରିଥିଲେ।

# ଆଜାଦଙ୍କୁ ଶ୍ରୀନଗର ମନା

ନୂଆଦିଲ୍ଲୀ,୮।୮



ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ସେଠାକୁ ଗସ୍ତରେ ଯାଇଥିବା ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କୁ ଶ୍ରୀନଗର ବିମାନବନ୍ଦରରେ ଅଟକ ରଖାଯାଇଥିଲା। ପରେ ତାଙ୍କୁ ଅପରାହ୍ନ ବିମାନରେ ଦିଲ୍ଲୀ ଫେରାଇ ଦିଆଯାଇଛି। ବରିଷ୍ଠ କଂଗ୍ରେସ ନେତା ଆଜାଦ ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିବା ଏବଂ ଉପତ୍ୟକାର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ଶ୍ରୀନଗର ଯାଇଥିଲେ। ରାଜ୍ୟ ପ୍ରଶାସନ ତାଙ୍କୁ ଶ୍ରୀନଗର ବିମାନବନ୍ଦରରେ ଅଟକାଇବା ସହ ସହର ମଧ୍ୟକୁ ଯିବାକୁ ଦେଇ ନ ଥିଲା। ପରେ ତାଙ୍କୁ ଦିଲ୍ଲୀ ଫେରାଇ ଦିଆଯାଇଛି। ଆଜାଦଙ୍କ ସହ ରାଜ୍ୟ କଂଗ୍ରେସ ସଭାପତି ଗୁଲାମ ଅହମ୍ମଦ ମୀର୍ ମଧ୍ୟ ଥିଲେ। ତେବେ ଶ୍ରୀନଗର ଯିବା ପୂର୍ବରୁ ଆଜାଦ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଶୋପିଆନ୍‌ରେ ଡୋଭାଲ ସ୍ଥାନୀୟ ଲୋକମାନଙ୍କ ସହ ଫୁଟ୍‌ପାଥ୍‌ରେ ଏକାଠି ଖାଇବା ସହ ଗପସପ ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଟଙ୍କା ଦେଇ ସେ ଯାହାକୁ ବି ସାଙ୍ଗରେ ନେଇପାରନ୍ତି ବୋଲି ଡୋଭାଲଙ୍କ ଉଦ୍ଦେଶ୍ୟରେ ଆଜାଦ ଖବରଦାତାମାନଙ୍କୁ କହିଥିଲେ। ଏଭଳି ବିବାଦୀୟ ମନ୍ତବ୍ୟ ପାଇଁ ଆଜାଦ କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଛି।

### 'ଟଙ୍କା ଦେଇ ଯାହାକୁ ବି ସାଙ୍ଗରେ ନେଇପାରନ୍ତି ଡୋଭାଲ'

# ସମଝୌତା ଏକ୍ସପ୍ରେସ୍‌କୁ ଅଟକାଇଲା ପାକ୍

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୮।୮

ଭାରତ ଓ ପାକିସ୍ତାନ ମଧ୍ୟରେ ଚଳାଚଳ କରୁଥିବା ସମଝୌତା ଏକ୍ସପ୍ରେସ୍ ଟ୍ରେନ୍ ସେବାକୁ ଇସ୍‌ଲାମାବାଦ ବାତିଲ କରିଦେଇଥିବା ସେଠାକାର ରେଳମନ୍ତ୍ରୀ ଶେଖ୍ ରଶିଦ୍ ଗୁରୁବାର ଘୋଷଣା କରିଥିବାବେଳେ ଭାରତ ଏହାକୁ ଖଣ୍ଡନ କରିଛି। ଏନେଇ ଇସ୍‌ଲାମାବାଦ ପକ୍ଷରୁ କୌଣସି ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ଭାରତୀୟ କର୍ତ୍ତୃପକ୍ଷ କହିଛନ୍ତି। ୱାଘା ସୀମାରେ ଅଟକିଥିବା ସମଝୌତା ଏକ୍ସପ୍ରେସ୍‌କୁ ଭାରତୀୟ ଡ୍ରାଇଭର ଓ କର୍ମଚାରୀ ଅଟାରି ଆଣିଛନ୍ତି।

ସୂଚନା ଅନୁଯାୟୀ ସକାଳ ୯ଟା ୩୦ରୁ ସମଝୌତା ଏକ୍ସପ୍ରେସ ୱାଘା ରେଳଷ୍ଟେଶନରେ ଅଟକି ରହିଥିଲା। ସେଥିରେ ୧୧୦ ଜଣ ଯାତ୍ରୀ ଥିବାବେଳେ ପାକିସ୍ତାନ ଯିବା ଲାଗି ଷ୍ଟେଶନରେ ୭୦ ଯାତ୍ରୀ ଅପେକ୍ଷା କରିରହିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟିବା ଏବଂ ଏହାକୁ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଏହାକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଛି। ପାକିସ୍ତାନ ଭାରତ ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛି। ତେବେ କର୍‌ତାରପୁର କରିଡର କାର୍ଯ୍ୟ ଜାରି ରହିବ ବୋଲି ପାକିସ୍ତାନ କହିଛି।




### ବାତିଲ ଖବରକୁ ଭାରତର ଖଣ୍ଡନ

## ସଂକ୍ଷେପରେ

ହାଲ୍ ସୁଖୋଇ ପ୍ଲାଣ୍ଟରେ ବିସ୍ଫୋରଣ

### କମ୍ପ୍ରେସର ଫାଟି ଠିକା କର୍ମଚାରୀ ମୃତ

**କୋରାପୁଟ,୮।୮(ସ୍ୱ.ପ୍ର.):** କୋରାପୁଟ ଜିଲା ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର ସୁଖୋଇ ପ୍ଲାଣ୍ଟରେ ଗୁରୁବାର ଅପରାହ୍ନରେ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଠିକା ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ସୁନାବେଡ଼ାର ସୁଦାମ ମହାନ୍ତି। ଅପରାହ୍ନ ୩ଟା ବେଳେ ସୁଖୋଇ ପ୍ଲାଣ୍ଟରେ କମ୍ପ୍ରେସର ନିକଟରେ ସେ କାମ କରୁଥିବା ବେଳେ ହଠାତ୍ ତାହା ଫାଟିଯାଇଥିଲା। ଏଥିରେ ସୁଦାମଙ୍କ ଶରୀରର ପ୍ରାୟ ୯୦ ଭାଗ ପୋଡ଼ିଯାଇଥିଲା। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସୁନାବେଡ଼ା ହାଲ୍ ମେଡିକାଲ ନିଆଯାଇଥିଲେ ମଧ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ହାଲ୍ ମେଡିକାଲରେ ବ୍ୟବଚ୍ଛେଦ ପାଇଁ ମୃତଦେହ ରଖାଯାଇଛି। ମୃତକଙ୍କ ପରିବାର ଲୋକଙ୍କୁ ଆବଶ୍ୟକ କ୍ଷତିପୂରଣ ରାଶି ଦେବା ପାଇଁ ସ୍ଥାନୀୟ କର୍ମଚାରୀ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଅଳ୍ପ ଦିନ ତଳେ କାମ କରୁଥିବା ବେଳେ ଅନ୍ୟ ଜଣେ ଠିକା କର୍ମଚାରୀ ମଧ ପୋଡ଼ିଯାଇ ଗୁରୁତର ହୋଇଥିଲେ।

### ନାଲ୍କୋ ଦୁର୍ଘଟଣାରେ ଗୁରୁତର ଶ୍ରମିକଙ୍କ ମୃତ୍ୟୁ

ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

**ବଣ୍ଠାପାଳ, ୮।୮(ଡି.ଏନ.ଏ.):** ଗତ ୨୩ ତାରିଖରେ ନାଲ୍କୋ ସ୍ମେଲଟର ପ୍ଲାଣ୍ଟ କାଷ୍ଟ ହାଉସ ବି ପରିସରରେ ବିଦ୍ୟୁତ୍ ଆଘାତରେ ଗୁରୁତର ଜଣେ ଶ୍ରମିକଙ୍କ ବୁଧବାର ରାତିରେ କଟକଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ବେନ୍ତପୁର ଗ୍ରାମର ରଜନୀକାନ୍ତ ପରିଡା। ୫୦ ଲକ୍ଷ କ୍ଷତିପୂରଣ ଓ ମୃତକଙ୍କ ଭାଇଙ୍କୁ ନିଯୁକ୍ତି ଦାବିରେ ସ୍ଥାନୀୟ ଲୋକେ ପ୍ଲାଣ୍ଟଠାରେ ଆନ୍ଦୋଳନ କରିଥିଲେ। ପରେ ନାଲ୍କୋ ଟ୍ରେନିଂ ସେଣ୍ଟରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲ୍କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍. ଏନ. ସାହୁ, ଡିଜିଏମ ଏସ୍. ଏସ୍. ପଣ୍ଡା, ଏଜିଏମ ସୁନୀଲ ମହାପାତ୍ର, ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର, ରାଜ୍ୟ ସଭା ପୂର୍ବତନ ସଦସ୍ୟ ରୁଦ୍ର ନାରାୟଣ ପାଣି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମୀନକେତନ ଅମାନ୍ତ, ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ଅରୁନଭ ସିଂ ପ୍ରମୁଖ ଏହି ଆଲୋଚନାରେ ଉପସ୍ଥିତ ଥିଲେ। ନାଲ୍କୋ ପକ୍ଷରୁ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ କ୍ଷତିପୂରଣ ବାବଦକୁ ୬ ଲକ୍ଷ ଟଙ୍କା ପ୍ରଦାନ, ମୃତକଙ୍କ ଭାଇଙ୍କୁ ନାଲ୍କୋ ଠିକା ସଂସ୍ଥାରେ ନିଯୁକ୍ତି ଦିଆଯିବ ବୋଲି ପ୍ରକଳ୍ପ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା

### ପୋଲିସକୁ ତଥ୍ୟ ମାଗିଲେ ଶ୍ରମ ଅଧିକାରୀ

**ପୁରୀ ଅଫିସ, ୮।୮:** ରଥଯାତ୍ରା ସମୟରେ ଗତ ଜୁଲାଇ ୮ତାରିଖ ରାତିରେ ପୁରୀ ବସ୍‌ଷ୍ଟାଣ୍ଡରେ ଏକ ଯାତ୍ରୀବାହୀ ବସ୍‌ରେ ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ କୁମ୍ଭାରପଡ଼ା ଥାନା ପୋଲିସ ସମ୍ପୃକ୍ତ ବସ୍ ହେଲ୍‌ପରଙ୍କୁ ଗିରଫ କରିଛି। ତେବେ ପୋଲିସକୁ ବୟାନ ଦେବା ବେଳେ ନାବାଳିକା ଜଣଙ୍କ ଏକ ୱାଟର ପାର୍କରେ କାମ କରୁଥିବା କହିଥିଲେ। ଏହାକୁ ଭିତ୍ତିକରି ସିଡବ୍ଲ୍ୟୁସି ଜିଲା ଶ୍ରମ ଅଧିକାରୀଙ୍କୁ ରିପୋର୍ଟ ମାଗିଥିଲା। ତେଣୁ ଜିଲା ଶ୍ରମ ଅଧିକାରୀ ନାବାଳିକା କାମ କରୁଥିବା ୱାର୍ଟର ପାର୍କ ଏବଂ ଭୁବନେଶ୍ୱରର ଏକ ଆଉଟ୍ ସୋର୍ସିଂ ସଂସ୍ଥା (ସମ୍ପୃକ୍ତା ନାବାଳିକାଙ୍କୁ ଆଣି ୱାର୍ଟର ପାର୍କରେ ନିଯୁକ୍ତି ଦେଇଥିବା ସଂସ୍ଥା)ମୁଖ୍ୟଙ୍କୁ ନୋଟିସ ଜାରି କରିଥିଲେ। ଶିଶୁ କିଶୋର ଶ୍ରମିକ ନିରାକରଣ ଆଇନ ଅନୁଯାୟୀ ଏହି ନୋଟିସ ଜାରି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୱାର୍ଟର ପାର୍କ କର୍ତ୍ତୃପକ୍ଷ ଜବାବ ଦାଖଲ କରିସାରିଛନ୍ତି। କିନ୍ତୁ ଆଉଟ୍ ସୋର୍ସିଂ ସଂସ୍ଥା ମୁଖ୍ୟ ଜବାବ ଦେଇନାହାନ୍ତି। ତେଣୁ ଜିଲା ଶ୍ରମ ଅଧିକାରୀ ଅଭିଯୋଗର ନକଲ, ନାବାଳିକାଙ୍କ ବୟାନ ଏବଂ ବୟସ ସମ୍ପର୍କିତ ତଥ୍ୟ ପ୍ରଦାନ କରିବାକୁ ଗୁରୁବାର କୁମ୍ଭାରପଡ଼ା ଥାନା ପୋଲିସକୁ ରିପୋର୍ଟ ମାଗିଥିବା ଜଣାପଡ଼ିଛି।

# ବନ୍ୟାରେ ୯ ଜିଲାର ୧ଲକ୍ଷ ୩୦ ହଜାର ପ୍ରଭାବିତ

- ୩ ମୃତ, ୨ ନିଖୋଜ
- ୧୪,୩୨୨ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର
- କଳାହାଣ୍ଡିର ସର୍ବାଧିକ ୧୨ ବ୍ଲକ୍ ବନ୍ୟା କ୍ଷତିଗ୍ରସ୍ତ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ବନ୍ୟା ପରିସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ତଥ୍ୟ ମୁତାବକ ୯ଟି ଜିଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ଗଜପତି, ମାଲକାନାଗିରି, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଜିଲା ବନ୍ୟାରେ ପ୍ରଭାବିତ ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, କଳାହାଣ୍ଡିର ସର୍ବାଧିକ ୧୨ଟି ବ୍ଲକ୍, ରାୟଗଡ଼ାର ୧୧, ମାଲକାନାଗିରିର ୬, କନ୍ଧମାଳର ୫, କୋରାପୁଟ ଓ ନବରଙ୍ଗପୁରର ୩ଟି ଲେଖାଁଏ ବ୍ଲକ୍, ଗଜପତି, ବଲାଙ୍ଗୀର ଓ ସମ୍ବଲପୁର ଜିଲାର ଗୋଟିଏ ଲେଖାଁଏ ବ୍ଲକ୍ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସେହିଭଳି କଳାହାଣ୍ଡିର ସର୍ବାଧିକ ୯୦,୧୬୨ ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ରାୟଗଡ଼ାର ୧୪,୬୪୫, ନବରଙ୍ଗପୁରର ୯,୧୨୦, ମାଲକାନାଗିରିର ୯,୨୫୫ ଓ ସର୍ବମୋଟ ରାଜ୍ୟର ୪୩ଟି ବ୍ଲକ୍‌ର ୧,୩୦,୦୭୨ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ମୋଟ ୨୦୮୧ଟି ଘର ଭାଙ୍ଗିଥିବା ବେଳେ ୧୪,୩୨୨ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୯୫ଟି ରିଲିଫ୍ କ୍ୟାମ୍ପରେ ଲୋକଙ୍କୁ ରଖାଯାଇ ମାଗଣା ଖାଦ୍ୟ ଯୋଗାଇ ଦିଆଯାଉଛି। ଏପର୍ଯ୍ୟନ୍ତ ସୁଦ୍ଧା ୩ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ୨ଜଣ ନିଖୋଜ ଅଛନ୍ତି।

ରାୟଗଡ଼ା ଜିଲାର ୬୯ଟି ଗ୍ରାମ ପଞ୍ଚାୟତର ୧୪୫ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ଏଠାରେ ଓଡ୍ରାଫ୍‌ର ଗୋଟିଏ ଟିମ୍ ଏବଂ ଅଗ୍ନିଶମର ୫ଟି ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। କୋରାପୁଟର ୯ଟି ଗ୍ରାମ ପଞ୍ଚାୟତର ୧୬ଟି ଗ୍ରାମ ବନ୍ୟାଘେରରେ ଥିବାବେଳେ ୨୨୭୫ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଓ ବନ୍ୟାରେ ଜଣଙ୍କର ମୃତ୍ୟୁ ଘଟିଛି। ନବରଙ୍ଗପୁରର ୭ଟି ଗ୍ରାମପଞ୍ଚାୟତର ୧୮ଟି ଗ୍ରାମ ପ୍ରଭାବିତ ହୋଇଛି ଏବଂ ଏଠାରେ ଓଡ୍ରାଫ୍ ଓ ଅଗ୍ନିଶମର ଗୋଟିଏ ଗୋଟିଏ ଟିମ୍ ମୁତୟନ ହୋଇଛନ୍ତି। ପ୍ରାୟ ୫ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କନ୍ଧମାଳ ଜିଲାରେ ୮ଟି ଗ୍ରାମ ପଞ୍ଚାୟତର ୨୦ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ଦିନା ମାଝି ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଜିଲାର ଆଉଜଣେ ବ୍ୟକ୍ତି ଏବେ ବି ନିଖୋଜ ଅଛନ୍ତି। ସେହିଭଳି ଗଜପତି ଜିଲାର ୪ଟି ଗାଁ, ମାଲକାନାଗିରିର ୨୦ଟି ଗ୍ରାମପଞ୍ଚାୟତର ୩୬ଟି ଗାଁ ବନ୍ୟାଘେରରେ ରହିଛି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଜୟପୁର, କାଲିମେଳା ଓ ସୁକମାକୁ ରାସ୍ତା ଖୋଲାଯିବା ସହ ବର୍ଷା କମିବା ଯୋଗୁ ଜଳସ୍ତର କମିଛି। କଳାହାଣ୍ଡି ଜିଲାର ୯୯ଟି ଗ୍ରାମପଞ୍ଚାୟତର ସର୍ବାଧିକ ୭୬୩ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ବନ୍ୟା ଯୋଗୁ ଜିଲାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ଅଛନ୍ତି। ୨ଟି ଓଡ୍ରାଫ୍ ଟିମ୍ ସହ ୨ଟି ଡାକ୍ତରୀ ଦଳ ଏଠାକୁ ପଠାଯାଇଛି। ୧୪ଟି ସ୍ଥାନରେ ରାସ୍ତା ପାଣିରେ ଧୋଇଯିବା ଯୋଗୁ ବିଭିନ୍ନ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିଭଳି ସମ୍ବଲପୁର ଜିଲାରେ ୯ଟି ଗ୍ରାମ ପାଣିଘେରରେ ରହିଥିବା ବେଳେ ବଲାଙ୍ଗୀର ଗୋଟିଏ ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି।

ମିଳିତ ସିଭିଲ-ମିଲିଟାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଲେ ଧର୍ମେନ୍ଦ୍ର

# ‘ମୋଦି ସରକାର ଉର୍ଜା କ୍ଷେତ୍ରରେ ବ୍ୟାପକ ସୁଧାର ଆଣିଛନ୍ତି’

**ଭୁବନେଶ୍ୱର,୮।୮(ବ୍ୟୁରୋ)**



ଲାଲ୍ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନ ଏକାଡେମୀଠାରେ ମିଳିତ ସିଭିଲ-ମିଲିଟାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭାରତର ସାଧାରଣ ନାଗରିକଙ୍କ ଇଜ୍ ଅଫ୍ ଲିଭିଙ୍ଗକୁ ସୁବିଧା କରିବା ପାଇଁ ମୋଦି ସରକାର ଉର୍ଜା କ୍ଷେତ୍ରରେ ଥିବା ସଂସ୍କାରରେ ବ୍ୟାପକ ସୁଧାର ଆଣିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ମସୌରୀର ଲାଲ୍ ବାହାଦୁର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନ ଏକାଡେମୀଠାରେ ଆୟୋଜିତ ମିଳିତ ସିଭିଲ-ମିଲିଟାରି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ବିଶ୍ୱ ଉର୍ଜା କ୍ଷେତ୍ରରେ ଭାରତକୁ ଏକ ପ୍ରେରକ ଶକ୍ତି ଭାବେ ଗଢିବା ପାଇଁ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣରେ ଥିବା ଉର୍ଜା ନ୍ୟାୟ ଚାରୋଟି ସ୍ତମ୍ଭରେ ତିଆରି କରାଯାଇଛି। ସେଗୁଡିକ ହେଲା ଉର୍ଜାର ପହଞ୍ଚ, ଉର୍ଜା ଦକ୍ଷତା, ଉର୍ଜା ସ୍ଥିରତା ଏବଂ ଉର୍ଜାର ସୁରକ୍ଷା । ଆମ ନୀତିର ଯେଉଁ ଦିଗ ଅଛି, ସାମାଜିକ ପରିବର୍ତ୍ତନ ପାଇଁ ଉର୍ଜାକୁ ଏକ ଉପକରଣଭାବେ ବ୍ୟବହାର କରାଯାଇପାରିବ। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ବହୁପକ୍ଷ ଏଜେନ୍ସି ଦ୍ୱାରା ସଫଳତା ହାସଲ କରିଛି । ବିଶେଷଭାବେ ସୁରକ୍ଷିତ, ଶସ୍ତା ଏବଂ ସୁଲଭ ଉର୍ଜା ଉତ୍ପନ୍ନ କରିବାରେ ଭାରତୀୟ ମଡେଲ ଅନେକ ବିକାଶଶୀଳ ଦେଶ ଦ୍ୱାରା ଅନୁକରଣ କରାଯାଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

## ଜିଲା ଚିଠି ନୂଆପଡ଼ା



### ସୋସିଆଲ ଅଡିଟ୍ ଦିଗହରା

ସରକାରୀ ଯୋଜନା କେତେ ସଫଳ ହୋଇଛି ତାହା ସୋସିଆଲ ଅଡିଟ୍ କାର୍ଯ୍ୟକ୍ରମରୁ ଜଣାପଡେ। ଏହି ଅଡିଟ ଠିକ ଭାବେ ହେଲେ ଫଳାଫଳ ସାମ୍ନାକୁ ଆସେ। ହେଲେ ଯେଉଁଠି ପ୍ରଶାସନିକ ଅଧିକାରୀ ଏବଂ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମିଶି ଏହାକୁ ଭଣ୍ଡୁର କରିବାକୁ ଚକ୍ରାନ୍ତ କରନ୍ତି, ସେଠାରେ ଅଡିଟ୍ ଭିନ୍ନ ଦିଗକୁ ଯାଏ। ସରକାର ଦୀର୍ଘ ବର୍ଷ ଧରି ସାମାଜିକ ସୁରକ୍ଷା ଯୋଜନା ଏବଂ ଏମ୍‌ଜିଏନ୍‌ଆରଇଜିଏସ୍ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଆସୁଛନ୍ତି। ତା'ର ସଫଳତା ଜାଣିବାକୁ ବର୍ତ୍ତମାନ ସରକାରଙ୍କ ଚେତା ପଶିଛି। ହେଲେ ସୋସିଆଲ ଅଡିଟ କରି ତା'ର ସଫଳତା ମାପିଲାବେଳକୁ ନେଡିଗୁଡ କହୁଣିକୁ ବହିଯାଇଛି। ଏଥିରେ କୁଆଡେ ଆମୂଳଚୂଳ ସମ୍ପୃକ୍ତ ରହିଥିବା ଆଶଙ୍କା କରି ପ୍ରଶାସନିକ ଅଧିକାରୀମାନେ ନାକ ଟେକୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ସୋସିଆଲ ଅଡିଟ ବିଭାଗ ସଂସ୍ଥାପନ କରି ବିଭିନ୍ନ ପର୍ଯ୍ୟାୟରେ ଅଡିଟ ଚଳାଇଛନ୍ତି। ହେଲେ ଅଡିଟ କାର୍ଯ୍ୟକ୍ରମ ଆରମ୍ଭ ହେଲାବେଳକୁ ଅନିୟମିତତାର ଗନ୍ଧ ବାରି ହୋଇଯାଉଛି। ପ୍ରଥମତଃ ଅଡିଟ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାକୁ ଗାଁରେ ଡେଙ୍ଗୁରା ପିଟିବା, ଗାଁ ମଝିରେ ନୋଟିସ ଟାଙ୍ଗିବା ସହ ବହୁଳ ପ୍ରସାରିତ ଖବର କାଗଜରେ ବିଜ୍ଞାପନ ଦେବାର ନିୟମ ରହିଛି। ହେଲେ ଅଧିକାରୀମାନେ ଚକ୍ରାନ୍ତ କରି ସବୁଠାରୁ କମ ପ୍ରସାରିତ ହେଉଥିବା ହାତ ଗଣତି କେତୋଟି ଖବରକାଗଜରେ ବିଜ୍ଞାପନ ଦେଇ ଦାୟିତ୍ୱ ଖସାଇ ଦେଉଛନ୍ତି। କୌଣସି ଗାଁରେ ଡେଙ୍ଗୁରା ନ ପିଟି ନାଁକୁ ମାତ୍ର ପଞ୍ଚାୟତ ବୋର୍ଡରେ ନୋଟିସ ଝୁଲାଇ ପରବର୍ତ୍ତୀ ସମୟରେ ତାକୁ କାଢ଼ି ଫୋପାଡି ଦିଆଯାଉଛି। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସୋସିଆଲ ଅଡିଟ ବିଭାଗର ସ୍ୱେଚ୍ଛାସେବୀମାନେ ଅଧିକାରୀମାନଙ୍କଠାରୁ ତାଲିକା ଧରି ଗାଁକୁ ଗାଁ ବୁଲି ସର୍ଭେ କରିଥିବାବେଳେ ସେଥିରେ ବହୁ ନକଲି କାରବାର ପଦାକୁ ଆସିଥିବା ଚର୍ଚ୍ଚା ହେଲା। ହେଲେ ପରବର୍ତ୍ତୀ ସମୟରେ ଏହାକୁ ନେଇ ଜିଲାବ୍ୟାପୀ ଏକକାଳୀନ ଗ୍ରାମସଭା ହୋଇଥିଲା। ଗତ ମାସ ୨୯ ତାରିଖରେ ଜିଲାର ୩୩ଟି ଗ୍ରାମପଞ୍ଚାୟତରେ ଗ୍ରାମସଭାରେ ଅଡିଟ ହୋଇଥିଲା। ହେଲେ ବିନା ପାଟିତୁଣ୍ଡରେ ତାହା ଶେଷ ହେଲା। ଏଥିରେ କାଁ ଭାଁ ଗାଁର କେତେଜଣ ଶିକ୍ଷିତ ଗ୍ରାମବାସୀ ଯୋଗଦେଇଥିଲେ। ଏଥିରୁ ଅଡିଟ କାର୍ଯ୍ୟକ୍ରମ କେମିତି ହୋଇଥିବ ତାହା ସହଜେ ଅନୁମାନ କରିହେବ। ଲିକ୍ ହୋଇଥିବା ଏକ ତଥ୍ୟରୁ ଜଣାପଡିଛି, ଜିଲାରେ ମୃତକଙ୍କ ନାଁରେ ଟଙ୍କା ଉଠାଣ ହୋଇଛି। ଜିଲାବ୍ୟାପୀ ୫ଟି ବ୍ଲକରେ ୨୮ ହଜାର ୧୦୦ ଟଙ୍କା ଉଠାଣ କରି ଆତ୍ମସାତ କରାଯାଇଥିବା ସର୍ଭେରୁ ଜଣାପଡିଛି। ଏହା କେବଳ ଗୋଟିଏ ବର୍ଷର ତଥ୍ୟ। ଏହା ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ରୂପାୟନର ଏକ ନମୁନା ମାତ୍ର। ଏହିଭଳି ସର୍ଭେ ରିପୋର୍ଟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମଧ୍ୟ ସବୁ ନୀତିନିୟମକୁ ଉଲ୍ଲଂଘନ କରାଯାଇଥିବା ସ୍ପଷ୍ଟ ହୋଇଛି। ଗ୍ରାମସଭାରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇ ପ୍ରସ୍ତାବ ଆସିବା କଥା। ହେଲେ ଗ୍ରାମସଭାରେ ଏହା ଉପରେ କୌଣସି ପ୍ରସ୍ତାବ ଆସିନାହିଁ। ସରକାର ସୋସିଆଲ ଅଡିଟ ନାଁରେ ବିଶେଷ ପ୍ରସ୍ତୁତି ହେଉଥିବା କୁହାଯାଉଛି। ହେଲେ ଏହାକୁ କାର୍ଯ୍ୟକାରୀ କରୁଥିବା ବ୍ଲକ ତଥା ଜିଲାସ୍ତରୀୟ ଅଧିକାରୀମାନଙ୍କ ଏଥିପାଇଁ ମାନସିକତା ରହିବା ଦରକାର। ସମ୍ପୃକ୍ତ ବିଭାଗ ଜିଲାବ୍ୟାପୀ ବେସରକାରୀ ସ୍ୱେଚ୍ଛାସେବୀଙ୍କୁ ଲଗାଇ କାମ କରୁଛି। ଏଥିରେ ପ୍ରଶାସନିକ ଅଧିକାରୀମାନଙ୍କ ସମ୍ପୃକ୍ତି ଖାପଛଡା ଲାଗୁଥିବାରୁ ଏହା ଦିଗହରା ହେଲା ଭଳି ଲାଗୁଛି।

– ଘନଶ୍ୟାମ ଭୋଇ

# ସୁରଟରେ ଖୋଲିବ ୧୨ ଓଡ଼ିଆ ଶିକ୍ଷାନୁଷ୍ଠାନ

- ୬ ଉଚ୍ଚ ପ୍ରାଥମିକ, ୪ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା
- ଖୁବ୍‌ଶୀଘ୍ର ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ନବୀନ
- ଦୁଇ ରାଜ୍ୟ ସରକାରୀ ଅଧିକାରୀଙ୍କ ମଧ୍ୟରେ ସରିଛି ଆଲୋଚନା

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଗୁଜରାଟରେ ମୋଟ ୧୦ ଲକ୍ଷ ଓଡ଼ିଆ ବସବାସ କରୁଛନ୍ତି। ସେଥିରୁ ପ୍ରାୟ ୭ରୁ ୮ଲକ୍ଷ ଓଡିଆ ସୁରଟରେ ବାସକରନ୍ତି। ସେହି ଓଡିଆ ପରିବାରର ପିଲାମାନଙ୍କ ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ସେଠାକାର ପିଲାମାନେ ପାଠ ପଢ଼ିବା ଲାଗି ରାଜ୍ୟ ସରକାର ସେଠାରେ ସ୍କୁଲ ଓ କଲେଜ ପ୍ରତିଷ୍ଠା କରିବେ। ଏଥିପାଇଁ ଦୁଇ ରାଜ୍ୟ ମଧ୍ୟରେ ସମସ୍ତ ପ୍ରକାର ଆଲୋଚନା ସରିଥିବା ବେଳେ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କୁ ଚିଠି ଲେଖି ଅବଗତ କରାଇବେ ବୋଲି ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କଠାରୁ ଜଣାପଡିଛି। ଗତ ଡିସେମ୍ବର ୧୮ରେ ମୁଖ୍ୟମନ୍ତ୍ରୀ ଗୁଜରାଟ ଗସ୍ତ କରି ଓଡ଼ିଶା ମହୋତ୍ସବରେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେଠାକାର ଓଡ଼ିଆଙ୍କ ଅନୁରୋଧ ରକ୍ଷା କରି ସେଠାରେ ଗୋଟିଏ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଗଠନ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ସୁରଟରେ ଖୁବ୍‌ଶୀଘ୍ର ୬ଟି ପ୍ରାଥମିକ ବିଦ୍ୟାଳୟ, ୪ଟି ଉଚ୍ଚ ବିଦ୍ୟାଳୟ ଏବଂ ଦୁଇଟି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଗଠନ ହେବ। ଏଥିପାଇଁ ସ୍ଥାନ ମଧ ଚୟନ ସରିଛି। ସୁରଟର ପାଣ୍ଡେସରା, ସଚିନ, ଭରଚ୍ଛା/କଟାଗ୍ରାମ, ଆମରୋଲି, ଉଧ୍‌ନା ଏବଂ ସୟନ ଠାରେ ପ୍ରାଥମିକ ବିଦ୍ୟାଳୟ ଖୋଲିବ। ଏହି ସ୍କୁଲଗୁଡିକରେ ସେଠାର ପ୍ରଥମରୁ ୭ମ ପର୍ଯ୍ୟନ୍ତ ପିଲାମାନେ ପାଠ ପଢ଼ିପାରିବେ। ସେହିପରି ପାଣ୍ଡେସରାରେ ୧ଟି, ଭରଚ୍ଛା/କତାଗ୍ରାମରେ ୨ଟି ଏବଂ ବେଶତନରେ ୧ଟି ଏହିପରି ମୋଟ ୪ଟି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ସେହିଭଳି ପାଣ୍ଡେସରା ଏବଂ ଭରଚ୍ଛା/କତାଗ୍ରାମରେ ମୋଟ ୨ଟି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଗଠନ କରାଯିବ ବୋଲି ଜଣାପଡିଛି। ଏହି ବିଦ୍ୟାଳୟଗୁଡିକରେ ପାଠ ପଢିବାକୁ ଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ଆବଶ୍ୟକତା ଅନୁଯାୟୀ ମାଗଣାରେ ବହି ପ୍ରଦାନ କରିବେ। ଏହାସହ ଉପରୋକ୍ତ ସ୍କୁଲରେ ୨୦୨୦-୨୧ ଶିକ୍ଷା ବର୍ଷ ସୁଦ୍ଧା ଏହି ସ୍ଥାନରେ ଶିକ୍ଷକ ନିଯୁକ୍ତି କରିବାକୁ ରାଜ୍ୟ ସରକାରଙ୍କୁ ଗୁଜରାଟ ସରକାର ଅନୁରୋଧ କରିଥିବା ମଧ ଜଣାପଡିଛି। ବର୍ତ୍ତମାନ ଗୁଜରାଟରେ ୧୯ଟି ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ, ୩ଟି ଉଚ୍ଚ ବିଦ୍ୟାଳୟ ଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନ ଥିଲା। ଏଥିଲାଗି ମୁଖ୍ୟମନ୍ତ୍ରୀ ସୁରଟ ଗସ୍ତ କାଳରେ ଗୋଟିଏ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରତିଷ୍ଠା ପାଇଁ କହିଥିଲେ। ମାତ୍ର ଚଳିତ ମାସର ଗତ ୨ତାରିଖରେ ଗୁଜରାଟ ଏବଂ ଓଡ଼ିଶା ସରକାର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଗୁଜରାଟ ଗାନ୍ଧୀନଗରଠାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସରକାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ଏବଂ ଗୁଜରାଟର ବିଭାଗୀୟ ସଚିବ ବିନୋଦ ଆର୍ ରାଓଙ୍କ ସହ ତାଙ୍କ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ଜେ.ଡି ଦେଶାଇ ଉପସ୍ଥିତ ଥିଲେ। ବୈଠକରେ ସର୍ବମୋଟ ୧୨ଟି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ହୋଇଛି। ବୈଠକ ପରେ ପ୍ରଦୀପ୍ତ ମହାପାତ୍ର ଗୁଜରାଟର ବିଭାଗୀୟ ମନ୍ତ୍ରୀଙ୍କ ସହ ଭେଟି ଏ ସମ୍ପର୍କରେ ଆଲୋଚନା ମଧ କରିଛନ୍ତି। ଖୁବ୍‌ଶୀଘ୍ର ଏନେଇ ମୁଖ୍ୟମନ୍ତ୍ରୀ ଚିଠି ଲେଖିବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ୨୦୧୯ ନିର୍ବାଚନ ଇସ୍ତାହାରରେ ବିଜେଡି ପକ୍ଷରୁ ଏ ନେଇ ପ୍ରତିଶ୍ରୁତି ଦିଆଯାଇଥିଲା।

### ସବୁ ଯୋଜନାର ହିତାଧିକାରୀ ତାଲିକା ପ୍ରକାଶ କରାଯାଉ: ଭାଜପା

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଗତ ନିର୍ବାଚନରେ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ରାଜ୍ୟ ସରକାର କାଳିଆ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ବିଜୁ ପକ୍କାଘର, ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିଥିଲେ। ଏ ବିଷୟରେ ଭାଜପା ପକ୍ଷରୁ ବହୁବାର ପ୍ରଶ୍ନ ଉଠାଯାଇଛି। ଏବେ ରାଜ୍ୟ ସରକାର କାଳିଆ ଯୋଜନାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ପାଇଁ ପଦକ୍ଷେପ ନେଉଛନ୍ତି। ମାତ୍ର ସ୍ୱଚ୍ଛତା କେବଳ କାଳିଆ ଯୋଜନା ପାଇଁ ଲାଗୁ ହେବ ନା ଅନ୍ୟ ଯୋଜନାରେ ସାମିଲ ଥିବା ଅଯୋଗ୍ୟ ହିତାଧିକାରୀ ବାଦ୍ ପଡିବେ, ସେନେଇ ଭାଜପା ଉପସଭାପତି ସମୀର ମହାନ୍ତି ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ବସ୍‌ରେ ବଳାତ୍କାର କରିବା ଘଟଣା, ବସିଲା ମନ୍ତ୍ରୀସ୍ତରୀୟ ବୈଠକ

# ବସ୍ ଧର୍ମଘଟ ବନ୍ଦ କରିବାକୁ ଅନୁରୋଧ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଆସନ୍ତା ୧୨ତାରିଖରେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଧର୍ମଘଟ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏନେଇ ଶୁକ୍ରବାର ବସ୍ ମାଲିକ ସଂଘର ସାଧାରଣ ପରିଷଦ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନେବା ସକାଶେ ସ୍ଥିର ହୋଇଛି। ବସ୍ ଧର୍ମଘଟ ରୋକିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ପ୍ରୟାସ କରାଯାଇଛି। ଏନେଇ ଗୁରୁବାର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ବସି ଆଲୋଚନା କରାଯାଇଛି। ସୂଚନାଯୋଗ୍ୟ ଯେ, ରଥଯାତ୍ରା ସମୟରେ ଏକ ଘରୋଇ ବସ୍‌ରେ ଜଣେ ଯୁବତୀଙ୍କୁ ହେଲପର୍ ବଳାତ୍କାର କରିଥିଲେ। ଉକ୍ତ ବସ୍ ମଧ୍ୟରେ ଏହା ଘଟିବା ଖବର ପ୍ରଘଟ ହେବାପରେ ଉକ୍ତ ହେଲ୍‌ପରଙ୍କୁ ପୋଲିସ ଗିରଫ କରାଯାଇଥିଲା। ଏହାପରେ ପରିବହନ କମିଶନର ଉକ୍ତ ବସ୍‌ର ପରମିଟ୍ ରଦ୍ଦ କରିଦେଇଥିଲେ, ଯେଉଁଥିପାଇଁ ଏହି ବସ୍ ଧର୍ମଘଟ ଡାକରା ଦିଆଯାଇଛି। ଏନେଇ ମନ୍ତ୍ରୀ ବସ୍ ସଂଘ ସହିତ ଆଲୋଚନା କରାଯାଇଛି। ପରିବହନ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିବା ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ମୁଖ୍ୟତଃ ପୁରୀ ଘଟଣାର ତର୍ଜମା କରାଯାଇ ଆଗାମୀ ୧୫ଦିନ ମଧ୍ୟରେ ପରିସ୍ଥିତି ସମ୍ପର୍କରେ ପରିବହନ କମିଶନର ନିଷ୍ପତ୍ତି ନେବେ ବୋଲି ଜଣାପଡିଛି। ତେଣୁ ବସ୍ ମାଲିକ ସଂଘ ଆଗାମୀ ପଦକ୍ଷେପ କ'ଣ ନେବେ ସେନେଇ ଶୁକ୍ରବାର ସ୍ଥିର କରିବେ ବୋଲି ଜଣାପଡିଛି। ଏହାସହ ବରମୁଣ୍ଡା ସମସ୍ୟା ନେଇ ମଧ ଆଲୋଚନା ହୋଇଛି। ପରିବହନ ବିଭାଗର ଏକ ଉଚ୍ଚପଦସ୍ଥ ଅଧିକାରୀ ଟିମ୍ ବରମୁଣ୍ଡା ଯାଇ ଆସନ୍ତା ୫ ଦିନ ମଧ୍ୟରେ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବେ। ଏହାପରେ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଗାଡି ବିକିଲେ ପରମିଟ ଟ୍ରାନ୍ସଫର ହେବା ସମ୍ଭବ ହେଉ ନ ଥିଲା, ଆଗକୁ ଏହା ହୋଇପାରିବ ବୋଲି ବସ୍ ସଂଘକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



### ‘ସୁମର ସିଂ ଡାଏରିଜ୍’ରେ ଅଭିନୟ କରିବେ କରିସ୍ମା ଶର୍ମା

ମୁମ୍ବାଇ: ଅଭିନେତ୍ରୀ କରିସ୍ମା ଶର୍ମା ଡ୍ରାମା ସିରିଜ୍ ‘ସୁମର ସିଂ ଡାଏରିଜ୍’ରେ ଅଭିନୟ କରିବାକୁ ଯାଉଛନ୍ତି। ସେ ପୂର୍ବରୁ ‘ପବିତ୍ର ରିସ୍ତା’ ଏବଂ ’ୟେ ହୈ ମୋହବତେଁ’ ସିରିୟଲରେ ଅଭିନୟ ପାଇଁ ବେଶ୍ ପରିଚିତ। ତେବେ ଆଗାମୀ ସିରିୟଲ୍‌ର ଶୁଟିଂ ପାଇଁ ସେ ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି। ଏଥିରେ କରିସ୍ମାଙ୍କ ସହ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ ରଣବିଜୟ ସିଂ। ‘ସୁମର ସିଂ ଡାଏରିଜ୍’ରେ ଅଂଶଗ୍ରହଣ କରିଥିବାରୁ କରିସ୍ମା ଅତ୍ୟନ୍ତ ଉତ୍ସାହିତ ଥିବା କହିଛନ୍ତି। ଉକ୍ତ ସିରିୟଲ୍‌ର କାହାଣୀ ଖୁବ୍ ମନୋମୁଗ୍ଧକର। ଉକ୍ତ ସିରିୟଲ୍‌ରେ ଦର୍ଶକମାନେ କରିସ୍ମାଙ୍କର ସମ୍ପୂର୍ଣ୍ଣ ନୂଆ ଶୈଳୀର ଅଭିନୟ ଦେଖିବାକୁ ପାଇବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ରଣବିଜୟ ସିଂଙ୍କ ସହ ଅଭିନୟ କରିବାକୁ ଯାଉଥିବାରୁ କରିସ୍ମା ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି।

# ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ‘ଏକ୍ୟୁ’ର ଶୁଭାରମ୍ଭ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ‘ଏକ୍ୟୁ’ ସିରିଜର ଶୁଭାରମ୍ଭ ହୋଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ୨୦୧୯ ବର୍ଷ ପାଇଁ ଓଡ଼ିଶା ସଞ୍ଚୟ ପ୍ରୋତ୍ସାହନ ଯୋଜନା ‘ଏକ୍ୟୁ’ (ଅଖ) ସିରିଜ୍‌ର ପ୍ରଚଳନ କରିଛନ୍ତି । ଏହି ଯୋଜନା ଅନ୍ତର୍ଗତ ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କୁ ୱେବ୍ ଉତ୍ପନ୍ନ ମାଗଣା ପ୍ରୋତ୍ସାହନ କୁପନର ବିତରଣ ପ୍ରକ୍ରିୟା ଚଳିତ ମାସ ୫ ତାରିଖରୁ ଆରମ୍ଭ ହୋଇଛି। ଏହା ୨୦୨୦ ଫେବୃୟାରୀ ୨୯ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଛି।

ସେହିପରି ଜମାକାରୀମାନେ ଓଡ଼ିଶାସ୍ଥିତ ଯେକୌଣସି ଡାକଘର ବା ବ୍ୟାଙ୍କଗୁଡ଼ିକରେ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ କିଷାନ ବିକାଶ ପତ୍ର, ସୁକନ୍ୟା ସମୃଦ୍ଧି ଯୋଜନା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା, ଜାତୀୟ ସଞ୍ଚୟ ସାର୍ଟିଫିକେଟ୍‌ର ଅଷ୍ଟମ ଇସ୍ୟୁ, ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ, ଡାକଘର ମାସିକ ଆୟ ଯୋଜନା, ଜାତୀୟ ସଞ୍ଚୟ ମାସିକ ଆୟ ଯୋଜନା, ଡାକଘର ପୌନଃପୁନିକ ଜମା/ଜାତୀୟ ସଞ୍ଚୟ ପୌନଃପୁନିକ ଜମା ଏବଂ ପାଞ୍ଚ ବର୍ଷିଆ ଡାକଘର ଅବଧି ଜମା/ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା ରଖିଛନ୍ତି। ଉପରୋକ୍ତ ଯୋଜନାଗୁଡ଼ିକରେ ଅନ୍ୟୂନ ୨୦୦୦ ଟଙ୍କା ଚଳିତ ବର୍ଷରେ (ଜାନୁୟାରୀ ୧ରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ) ନିବେଶ କରିବେ, ସେମାନେ ଚାହିଁଲେ ଏହି ଯୋଜନାରେ ଅଂଶଗ୍ରହଣ କରିପାରିବେ। ଏଥିରେ ପ୍ରତ୍ୟେକ ୨୦୦୦ ଟଙ୍କା ଜମାରାଶି ପିଛା ଗୋଟିଏ ମାଗଣା କୁପନ ଆବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି। ଏହି କୁପନ ସମସ୍ତ ଜିଲାପାଳ, ଉପଜିଲାପାଳ ଏବଂ ବିଡିଓଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ଏହି ଯୋଜନାରେ ରାଜ୍ୟସ୍ତରୀୟ ଉଠାଣ ୨୦୨୦ ଫେବୃୟାରୀ ୨୯ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏଥିରେ ସମୁଦାୟ ୭ଟି ବର୍ଗରେ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ ଗୋଟି ପୁରସ୍କାର କରାଯିବ। ଏହି ଯୋଜନାର ପ୍ରଥମ ପୁରସ୍କାରର ମୂଲ୍ୟ ୫ ଲକ୍ଷ ଟଙ୍କା ହୋଇଥିବାବେଳେ ସପ୍ତମ ପୁରସ୍କାରର ମୂଲ୍ୟ ୨୦୦୦ ଟଙ୍କା ରଖାଯାଇଛି। ୨୦୧୭ରେ ୭୬,୪୫,୦୩୨ ସଂଖ୍ୟକ କୁପନ ବିତରଣ ହୋଇଥିବାବେଳେ ୨୦୧୮ରେ ୮୮,୬୬,୭୧୭ ସଂଖ୍ୟକ କୁପନ ସ୍ୱଳ୍ପସଞ୍ଚୟ ଜମାକାରୀମାନଙ୍କ ଦ୍ୱାରା ସଂଗୃହୀତ ହୋଇଛି।



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଗୋଦରେଜ୍ ପକ୍ଷରୁ ରକ୍ତଦାନ ଶିବିର, ଏନ୍‌ଏଚ୍-୫, ରୁଦ୍ରପୁର, ସକାଳ ୯ଟା ୩୦।
- ୭୭ତମ ଅଗଷ୍ଟ କ୍ରାନ୍ତି ଦିବସ ଏବଂ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉତ୍ସବ, ରାଜ୍ୟ ଅଭିଲେଖାଗାର, ପୂର୍ବାହ୍ନ ୧୧ଟା।
- ଭାଷା ବିଶ୍ୱବିଦ୍ୟାଳୟ ପୋଲସରା ଏବଂ ଆମ ଭାଷା ଆମ ସାହିତ୍ୟ ପ୍ରତିଷ୍ଠାନ ବ୍ରହ୍ମପୁରର ରଜତ ଜୟନ୍ତୀ ମହୋତ୍ସବ, ରୋଟାରୀ ଭବନ, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନାଟ୍ୟକାର ମନୋରଞ୍ଜନ ଦାସ ସ୍ମୃତି ସଭା, କଳିଙ୍ଗ କନଭେନସେନ୍ ହଲ୍, ପାନ୍ଥ ନିବାସ, ସନ୍ଧ୍ୟା ୬ଟା ୩୦।

**କଟକ**

- ସାଧକ ଶିଳ୍ପୀ ଅସୀମ ଅଖଣ୍ଡଙ୍କ ୧୬ତମ ସ୍ମୃତି ସମାରୋହର ଉଦ୍‌ଯାପନୀ ଉତ୍ସବ, ବାରବାଟୀ ଷ୍ଟାଡିୟମ କ୍ଲବ ହାଉସ, ଅପରାହ୍ନ ୪ଟା ୩୦ ।
- ତୁଳସୀ ସାହିତ୍ୟ ସଂସଦର ପ୍ରତିଷ୍ଠା ଉତ୍ସବର ପଞ୍ଚମ ଦିବସରେ ପ୍ରବଚନ, ଶ୍ରୀରାମଚନ୍ଦ୍ର ଭବନ, ଟାଉନହଲ୍ ରୋଡ୍, ସନ୍ଧ୍ୟା ୭ଟା ।
- କଟକ ଜିଲା ଉତ୍କଳ ସମ୍ମିଳନୀ ପକ୍ଷରୁ କ୍ରାନ୍ତି ଦିବସ ପାଳନ, ରଘୁନାଥଜୀଉ ମନ୍ଦିର, ତେଲେଙ୍ଗାବଜାର, ସକାଳ ୯ଟା ।

# 'ଶିଶୁ, ମହିଳା ନିର୍ଯାତନା ରୋକିବାକୁ ପ୍ରାଧାନ୍ୟ'



ଡିଜିପି ବିଜୟ କୁମାର ଶର୍ମା

**ଧରିତ୍ରୀ ଆଳାପ**

ଓଡ଼ିଶାର ପୋଲିସ ମହାନିର୍ଦ୍ଦେଶକ (ଡିଜି) ଭାବେ ଗୁରୁବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଜୟ କୁମାର ଶର୍ମା। ସେ ଅଗ୍ନିଶମ, ହୋମ୍‌ଗାର୍ଡ ଓ ସିଭିଲ ଡିଫେନ୍ସ ଡିଜି ସହ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବେ। ମାଓବାଦୀ ମୁକାବିଲା ସହ ରାଜ୍ୟରେ ବଢ଼ି ଚାଲିଥିବା ଅପରାଧ, ଶିଶୁ ଓ ମହିଳା ନିର୍ଯାତନା ରୋକିବା ତାଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେବ। ଏଥିସହ ବର୍ତ୍ତମାନ ସ୍ଥିତିରେ ରାଜ୍ୟ ଆଭ୍ୟନ୍ତରୀଣ ସୁରକ୍ଷା ମଧ୍ୟ ତାଙ୍କ ପାଇଁ ବେଶ୍ ଗୁରୁତ୍ୱବହନ କରୁଛି। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇପିଏସ ଅଧିକାରୀ ଶର୍ମା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦରେ ରହି ଆସିଛନ୍ତି। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଭୁବନେଶ୍ୱର-କଟକର ପୋଲିସ କମିଶନର ଥିଲେ। ୨୦୧୭ ମାର୍ଚ୍ଚ ୩ରୁ ଅଗ୍ନିଶମ ସେବା ଡିଜି ଭାବେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କର ୩୩ବର୍ଷର ଅଭିଜ୍ଞତାକୁ ନେଇ ଓଡ଼ିଶାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସୁଚାରୁରୂପେ ସମ୍ପାଦନ କରିବେ ବୋଲି ସେ କହିଛନ୍ତି। ନୂଆ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଡିଜିପି ଶର୍ମାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।

**■ ରାଜ୍ୟର ପ୍ରତି ଥାନାରେ ୪୦ରୁ ୫୦ ପ୍ରତିଶତ ମାମଲା ପଡ଼ି ରହିଛି। ଏକ୍ଷେତ୍ରରେ ଆପଣ କି ପଦକ୍ଷେପ ନେବେ?**

ବର୍ତ୍ତମାନ ରାଜ୍ୟରେ କେତେ ମାମଲା ପଡ଼ି ରହିଛି ତାହାର ନିର୍ଦ୍ଦିଷ୍ଟ ତଥ୍ୟ ମୋ ପାଖରେ ନାହିଁ। ତେବେ ଥାନାରେ ଆବଶ୍ୟକତା ଅନୁସାରେ ପୋଲିସ ଅଧିକାରୀ ଓ କର୍ମଚାରୀ ସଂଖ୍ୟା କମ୍ ରହିଛି। ଅନେକ ଥାନାରେ ମାତ୍ର ୩ରୁ ୪ ଜଣ ତଦନ୍ତକାରୀ ଅଧିକାରୀ ରହିଛନ୍ତି। ଫଳରେ ତଦନ୍ତ ସରିପାରୁନି। ବର୍ତ୍ତମାନ ଗ୍ରାଜୁଏଟ କନଷ୍ଟେବଲଙ୍କୁ ତଦନ୍ତ ଭାର ଦିଆଯିବା ପାଇଁ ସେମାନଙ୍କୁ ୩ ମାସିଆ ପ୍ରଶିକ୍ଷଣ ଦିଆଯାଉଛି। ଏହାଦ୍ୱାରା ତଦନ୍ତ ସମସ୍ୟାର କିଛିଟା ସୁଧାର ଆସିପାରିବ। ଖାଲି ପଡିଥିବା ପଦବୀ ପୂରଣ ପାଇଁ ସରକାରଙ୍କ ସହ ଆଲୋଚନା କରାଯିବ।

**■ ରାଜ୍ୟରେ ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଜନତାଙ୍କୁ ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ ଘଟଣା ଚାଲିଛି। ଏପରି ନିନ୍ଦନୀୟ ଧାରାରେ କିପରି ରୋକ ଲଗାଇବେ।**

ଏହି ସମସ୍ୟାର ସମାଧାନ ମୋ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ରହିବ। ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ଥାନା ସ୍ତରରେ କାର୍ଯ୍ୟକରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯିବ। ବ୍ୟବହାରରେ ସୁଧାର ଆଣିବା ସହ ତୁରନ୍ତ ନ୍ୟାୟ ପ୍ରଦାନ କଲେ ପୋଲିସ ଜନସାଧାରଣଙ୍କ ବିଶ୍ୱାସ ଓ ଭରସାଯୋଗ୍ୟ ହୋଇପାରିବ। ଏହା ଉପରେ ମୁଁ ଅଧିକ ଗୁରୁତ୍ୱ ଦେବି।

**■ ରାଜ୍ୟରେ ଦୋଷୀ ସାବ୍ୟସ୍ତ ହାର ବହୁତ କମ୍ ରହିଛି। ଗୁରୁତ୍ୱପୂର୍ଣ୍ଣ ମାମଲାରେ ଅଭିଯୁକ୍ତମାନେ ଢିଲା ତଦନ୍ତ ଏବଂ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ଏ ନେଇ କି ପଦକ୍ଷେପ ନେବେ।**

ଠିକ୍ ତଦନ୍ତ ସହ ସାକ୍ଷୀମାନଙ୍କୁ ଉଚିତ ସୁରକ୍ଷା ପ୍ରଦାନ କଲେ ଦୋଷୀ ସାବ୍ୟସ୍ତ ହାର ନିଶ୍ଚିତ ବଢ଼ିବ। ଅନେକ ମାମଲାରେ ଏ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଥିବା ନଜିର ରହିଛି। ମାତ୍ର ତଦନ୍ତ କ୍ଷେତ୍ରରେ ଅଧିକ ଦକ୍ଷତା ଅର୍ଜନ ପାଇଁ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କୁ ଆହୁରି ପ୍ରଶିକ୍ଷଣ ନେବାକୁ ପଡ଼ିବ। ରାଜ୍ୟରେ ସାଇବର ଅପରାଧ ବଢୁଥିବାବେଳେ ଏହା ଉପରେ ରୋକ ଲଗାଇବାକୁ ମଧ୍ୟ ବୈଷୟିକ ଜ୍ଞାନକୌଶଳର ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ପଡିବ।

**■ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦରେ ରହି କିପରି ଦାୟିତ୍ୱକୁ ସୁଚାରୁରୂପେ ତୁଲାଇବେ?**

ରାଜ୍ୟ ସରକାର ଯେତେବେଳେ ଯେଉଁ ଦାୟିତ୍ୱ ଦେଇ ଆସିଛନ୍ତି ତାହାକୁ ମୁଁ ଅତି ନିଷ୍ଠାର ସହ କାର୍ଯ୍ୟ କରିଛି। ଏବେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଶ୍ଚିତ ମୋ ପାଇଁ ବଡ଼ ଚ୍ୟାଲେଞ୍ଜ। ସଫଳତାର ସହ ତୁଲାଇବାକୁ ଚେଷ୍ଟା କରିଛି। ତେବେ ଅଗ୍ନିଶମ, ହୋମ୍‌ଗାର୍ଡ ଓ ସିଭିଲ ଡିଫେନ୍ସ ଡିଜି ପଦରେ ଖୁବ୍‌ଶୀଘ୍ର ନୂଆ ଡିଜିଙ୍କୁ ଅବସ୍ଥାପିତ କରାଯିବ।

ସାକ୍ଷାତ୍: ଜ୍ୟୋତିରଞ୍ଜନ ମହାପାତ୍ର

# ଅକ୍ଟୋବରରୁ ଇ-ଚାଲାଣରେ ଜରିମାନା

**■ ପରିବହନ ବିଭାଗକୁ ସହଯୋଗ ମାଗିଲା ପୋଲିସ**

ଭୁବନେଶ୍ୱର,୮।୮(ବ୍ୟୁରୋ): ଓଡ଼ିଶା ପୋଲିସ ଆସନ୍ତା ଅକ୍ଟୋବରରୁ ଜରିମାନା ବାବଦକୁ ଇ-ଚାଲାଣ କାଟିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଯାନବାହନ ଜନିତ ଜରିମାନା ଅର୍ଥରୁ ମିଳୁଥିବା ରାଜସ୍ୱ ବୃଦ୍ଧି ପାଇବ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ଓ ଉପକରଣ ପାଇଁ ପୋଲିସ ବିଭାଗ ପରିବହନ ବିଭାଗକୁ ଅନୁରୋଧ କରିଛି। ବର୍ଷକ ମଧ୍ୟରେ ରାଜ୍ୟର ସମସ୍ତ ଜିଲାରେ ଅଟୋମେଟିକ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌ର ନିର୍ମାଣ କରାଯିବ। ଅନ୍‌ଲାଇନ ମାଧ୍ୟମରେ ଲର୍ଣର୍ସ ଡ୍ରାଇଭିଂ ଲାଇସେନ୍ସ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଯିବ। ଗଞ୍ଜାମ ଓ କେନ୍ଦୁଝରରେ ଭାରିଯାନ ପ୍ରଶିକ୍ଷଣ କେନ୍ଦ୍ର ଚଳିତବର୍ଷ ଶେଷ ସୁଦ୍ଧା ପୂର୍ଣ୍ଣାଙ୍ଗ କରାଯିବାର ଲକ୍ଷ୍ୟ ରଖାଯାଇଛି। ଦୁଇ ବର୍ଷ ମଧ୍ୟରେ କୋରାପୁଟ ଏବଂ ଭୁବନେଶ୍ୱରରେ ଆଉ ୨ଟି ଭାରିଯାନ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ଅନ୍‌ଲାଇନ୍‌ରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଉପଲବ୍ଧ ରହିବ ବୋଲି ଜଣାପଡିଛି।

# ସିଆଇଏସ୍‌ଏଫ୍‌କୁ ମିଳିପାରେ ସୂର୍ଯ୍ୟମନ୍ଦିର ସୁରକ୍ଷା ଦାୟିତ୍ୱ

କୋଣାର୍କ, ୮।୮(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ସୁରକ୍ଷା ପାଇଁ ତତ୍ପର ହୋଇଉଠିଛି ଏଏସ୍‌ଆଇ। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଦେଶବ୍ୟାପୀ ହାଇ ଆଲର୍ଟ ଜାରି ହୋଇଛି। ବିଶେଷକରି ଐତିହ୍ୟସ୍ଥଳ ଗୁଡ଼ିକ ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବାରୁ ସେଗୁଡ଼ିକର ସୁରକ୍ଷା କଡ଼ାକଡ଼ି କରାଯାଇଛି। ଏହି କ୍ରମରେ ଦୀର୍ଘଦିନ ଧରି ମନ୍ଦିରର ଦାୟିତ୍ୱ ବୁଝୁଥିବା ଏଏସ୍‌ଆଇ ଏବେ ମନ୍ଦିରକୁ ଆତଙ୍କବାଦୀ ଆକ୍ରମଣରୁ ରକ୍ଷା କରିବା ପାଇଁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ(ସିଆଇଏସ୍‌ଏଫ୍)କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଚିନ୍ତା କରୁଛି।



ଏନେଇ ଗୁରୁବାର ସୂର୍ଯ୍ୟମନ୍ଦିର ସମ୍ମୁଖ ବ୍ୟାଖ୍ୟାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ଏଏସ୍‌ଆଇ ଏଡିଜି ରାକେଶ ସିଂହ ଲାଲା ଓ ସିଆଇଏସ୍‌ଏଫ୍ ଆଇଜି ଅଜିତ ମହାପାତ୍ର ଏବଂ ଦୁଇ ବିଭାଗରୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ପରେ ଅଧିକାରୀମାନେ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନ ଥିଲେ।

ଗତ ଜୁଲାଇ ୨୨ରେ କୋଣାର୍କ ମନ୍ଦିର ସୁରକ୍ଷା ନେଇ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ଓଡ଼ିଶା ଉଚ୍ଚନ୍ୟାୟାଳୟ ବରିଷ୍ଠ ଆଇନଜୀବୀ ଏନ୍.କେ. ମହାନ୍ତିଙ୍କୁ ଆମିକସ୍ କ୍ୟୁରୀ ନିଯୁକ୍ତ କରିଥିଲେ। ନିଯୁକ୍ତି ପରେ ଆମିକସ୍ କ୍ୟୁରୀ ମହାନ୍ତି କୋଣାର୍କ ଗସ୍ତ କରି ନ ଥିଲେ ବି ଗତ ଏକ ସପ୍ତାହ ଧରି ଏଏସ୍‌ଆଇର ବରିଷ୍ଠ ଅଧିକାରୀମାନେ ସୂର୍ଯ୍ୟମନ୍ଦିରକୁ ଘନ ଘନ ଗସ୍ତ କରୁଛନ୍ତି। ଗୁରୁବାର ମଧ୍ୟ ଏଏସ୍‌ଆଇ ଓ ସିଆଇଏସ୍‌ଏଫ୍ ଅଧିକାରୀମାନେ ସୂର୍ଯ୍ୟମନ୍ଦିରର ସ୍ଥିତି ଅନୁଧ୍ୟାନ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚି ବୈଠକ ସମ୍ପର୍କରେ ପଚାରିବାରୁ ଏଏସ୍‌ଆଇର ଭୁବନେଶ୍ୱର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ରୋକଠୋକ୍ ମନା କରିଦେଇଥିଲେ। ବୈଠକ ସମ୍ପର୍କରେ ଏଏସ୍‌ଆଇ ଅଧିକାରୀମାନେ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ଘଟଣାକୁ କୋଣାର୍କ ପ୍ରେସ୍ କ୍ଲବ, କୋଣାର୍କ ସାମ୍ବାଦିକ ସଂଘ, କୋଣାର୍କ ସୁରକ୍ଷା ସମିତି ଓ ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ନାପସନ୍ଦ କରିଛି।



ଲୟୋଲା ସ୍କୁଲ୍‌ରେ ଅନୁଷ୍ଠିତ ଅଭିଷେକ ତଥା ସ୍ୱାଗତ ସମାରୋହରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ।

# ଲୟୋଲା ସ୍କୁଲ୍‌ରେ ନୂତନ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ଭୁବନେଶ୍ୱର,୮।୮(ବ୍ୟୁରୋ)

୨୦୦୭ରେ ସ୍ୱଳ୍ପ ଛାତ୍ରୀଛାତ୍ରଙ୍କୁ ନେଇ ଭୁବନେଶ୍ୱରର ଲୟୋଲା ସ୍କୁଲ୍‌ରେ ଆରମ୍ଭ ହୋଇଥିବା ସ୍କାଉଟ୍ ଓ ଗାଇଡ୍ ଅଭିଯାନ ଏହାମଧ୍ୟରେ ବିଶେଷ ସଫଳତା ହାସଲ କରିଛି। ସ୍କୁଲ୍‌ର ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟକ୍ରମରେ ଏବେ ୩୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସମ୍ପୃକ୍ତ ରହିଛନ୍ତି। ଏମାନଙ୍କ ସହ ଚଳିତବର୍ଷ ନୂତନଭାବେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଗୁରୁବାର ସ୍କୁଲ୍ ପରିସରରେ ଅଭିଷେକ ତଥା ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନବାଗତ ୯୦ଜଣ ସ୍କାଉଟ୍ ଓ ଗାଇଡ୍ ଏବଂ ୯୬ଜଣ କବ୍‌ସ ଓ ବୁଲ୍‌ବୁଲ୍‌ଙ୍କୁ ଏହି ଅବସରରେ ସ୍କୁଲ୍ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଉତ୍ସବରେ ସ୍କୁଲ୍ ଅଧ୍ୟକ୍ଷ ଫାଦର୍ ଭିକ୍ଟର ଏଫ୍. ମିସ୍‌କୁଇଥ, ଏସ୍‌ଜେ ଆଣ୍ଡ୍ ରେକ୍ଟର, ଫାଦର୍ ଗିଲ୍‌ବର୍ଟ ମିନିଜିସ୍,



ଏସ୍‌ଜେ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍କୁଲ୍ ଅଧ୍ୟକ୍ଷ ନୂତନଭାବେ ଯୋଗଦେଇଥିବା ସ୍କାଉଟ୍ ଓ ଗାଇଡ୍ ଏବଂ କବ୍ ବୁଲ୍‌ବୁଲ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢାଇ ଉତ୍ତମ ସମାଜ ଗଠନରେ ସହଭାଗିତା ହେବାକୁ ପରାମର୍ଶ ଦେଇଥିଲେ।

# କମିଶନରେଟ ପୋଲିସରେ ବ୍ୟାପକ ଅଦଳବଦଳ

ଭୁବନେଶ୍ୱର, ୮।୮(ବ୍ୟୁରୋ)

କମିଶନରେଟ ପୋଲିସରେ ଏକ ବଡ ଧରଣର ଅଦଳବଦଳ କରାଯାଇଛି। ଏ ନେଇ କମିଶନରେଟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି ହୋଇଛି। କଟକ ଟ୍ରାଫିକ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ବଳଙ୍କୁ ପୁଣି ଭୁବନେଶ୍ୱର ବଦଳି କରାଯାଇଛି। ଭୁବନେଶ୍ୱର ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋଙ୍କୁ କଟକ ମୁଖ୍ୟାଳୟ, ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ସଞ୍ଜୀବ କୁମାର ଶତପଥୀଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ ବିଭାଗକୁ ବଦଳି କରାଯାଇଛି। ଦୁର୍ଗାପ୍ରସାଦ ତ୍ରିପାଠୀ ଓପିଏସ୍ ୧, ଆଡିସନାଲ ଡିସିପିଙ୍କୁ ଭୁବନେଶ୍ୱର କମିଶନରେଟ ମୁଖ୍ୟାଳୟର କ୍ରାଇମ ଏବଂ ଜୁଡିସିଆଲ ସେକ୍ସନ ଆଡିସନାଲ ଡିସିପି ଇନଚାର୍ଜ ଭାବେ ଅବସ୍ଥାପିତ କରାଯାଇଛି। ଭୁବନେଶ୍ୱର ଟ୍ରାଫିକ ଏସିପି କିଶୋର କୁମାର ପାଣିଗ୍ରାହୀଙ୍କୁ ଭୁବନେଶ୍ୱର କମିଶନରେଟ ମୁଖ୍ୟାଳୟ ଆଇ.ବି ବିଭାଗକୁ ବଦଳି କରାଯାଇଛି। ଭୁବନେଶ୍ୱର ଆଇୟୁସିଏଡବ୍ଲ୍ୟୁ ଏସିପି ମନୋରଞ୍ଜନ ବିଶ୍ୱାଳଙ୍କୁ କଟକ ଏସିପି ମୁଖ୍ୟାଳୟ ଡିଆଇବିକୁ ଏବଂ କଟକ ମୁଖ୍ୟାଳୟ ଡିଆଇବି ଏସିପି ସତ୍ୟ ରଞ୍ଜନ ମଲ୍ଲିକଙ୍କୁ କଟକ ଜୋନ ୪ ଏସିପି ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ମୁଖ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ତୁଷାରକାନ୍ତ ସେଠୀଙ୍କୁ କଟକ ମଧୁପାଟଣା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ମଧୁପାଟଣା ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗଙ୍କୁ କଟକ ଟ୍ରାଫିକ ଥାନା ଅଧିକାରୀ, କମିଶନରେଟ ମୁଖ୍ୟାଳୟରେ ଥିବା ରାଧାକାନ୍ତ ସାହୁଙ୍କୁ ବାଲିପାଟଣା ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ମୁଖ୍ୟାଳୟରେ ଥିବା ଲକ୍ଷ୍ମୀଧର ସେଠଙ୍କୁ ଭୁବନେଶ୍ୱର ଡିଆଇବି କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଭୁବନେଶ୍ୱର କମିଶନରେଟ ମୁଖ୍ୟାଳୟରେ ଥିବା ଦୁର୍ଗାପ୍ରସାଦ ଜେନାଙ୍କୁ ଖଣ୍ଡଗିରି ଅତିରିକ୍ତ ଥାନା ଅଧିକାରୀ ଏବଂ ଇନ୍‌ଫୋସିଟି ଥାନାର ଏସ୍‌ଆଇ ଜଗନ୍ନାଥ ପରିଡାଙ୍କୁ ଜଗତପୁର ଥାନା ଅଧୀନ ପାଗା ଫାଣ୍ଡି ଅଧିକାରୀ ଭାବେ ପଦୋନ୍ନତି କରାଯାଇଛି। ସେହିପରି ଲାଲ୍‌ବାଗ ଥାନାରେ କାର୍ଯ୍ୟରତ ପୋଲିସ ଏସଆଇ କୃପାସିନ୍ଧୁ ବରଡାଙ୍କୁ ସଦର ଥାନା ଅଧୀନ ବୟାଳିଶ ମଉଜା ଫାଣ୍ଡି ଅଧିକାରୀ ଭାବେ ବଦଳି କରାଯାଇଛି। ମଧୁପାଟଣା ଥାନାରେ କାର୍ଯ୍ୟରତ ଏସ୍‌ଆଇ ପିଟି ଗଣେଶ ସାହୁଙ୍କୁ ଲାଲବାଗ ଥାନାକୁ ବଦଳି ହୋଇଛି। ସେହିପରି ସିଡିଏ ଫେଜ ୨ ଥାନରେ କାର୍ଯ୍ୟରତ ପୋଲିସ ଏସଆଇ ଲକ୍ଷ୍ମୀ ପ୍ରସାଦ ଶତପଥୀଙ୍କୁ ଚାଉଳିଆଗଞ୍ଜ ଥାନା ଅଧୀନ ମହାନଦୀ ବିହାର ଫାଣ୍ଡି ଅଧିକାରୀ ଭାବେ ପଦୋନ୍ନତି କରାଯାଇଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ । ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍

www.dharitri.com/category/selfie/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସସ୍ମିତା



ସୁଦର୍ଶନ



ସତ୍ୟବ୍ରତ



ରଞ୍ଜିତା



ସଦାଶିବ



ସୂର୍ଯ୍ୟ



ରାଜେନ୍ଦ୍ର



ଚନ୍ଦନ

ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସା ଓ କୃପାର ବଶବର୍ତ୍ତ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ

# ୨୦୧୯ରେ ବିଏମ୍‌ସି ନିର୍ବାଚନ ନେଇ ଅନିଶ୍ଚିତତା

ସ୍ଥିତପ୍ରଜ୍ଞ ମିଶ୍ର

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଆସନ୍ତା ଡିସେମ୍ବର ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ହେବା ନେଇ ଏବେ ଅନିଶ୍ଚିତତା ଦେଖାଦେଇଛି। ବିଏମ୍‌ସି କାଉନ୍‌ସିଲ ଭାଙ୍ଗିବାର ୮ମାସ ବିତିଥିଲେ ମଧ୍ୟ ଏଯାଏ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଗତ ଜାନୁୟାରୀ ୧୪ ଥିଲା ପୂର୍ବ କାଉନ୍‌ସିଲ୍‌ର ଶେଷ ଦିନ। ଏପ୍ରିଲରେ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାରୁ ବିଏମ୍‌ସି ନିର୍ବାଚନ ହୋଇପାରି ନ ଥିଲା। ଇତିମଧ୍ୟରେ ନୂଆ ସରକାର ଗଠନ ହୋଇ ସାରିଥିବାବେଳେ ସେପ୍ଟେମ୍ବରରେ ହେବ ଛାତ୍ର ସଂସଦ ନିର୍ବାଚନ। ଏଥିସହ ସ୍ୱଚ୍ଛ ସର୍ବେକ୍ଷଣ, ବାତ୍ୟା ପୁନରୁଦ୍ଧାର କାର୍ଯ୍ୟରେ ବିଏମ୍‌ସି ବ୍ୟସ୍ତ ରହିଥିବାବେଳେ ଆଗକୁ ଦୁର୍ଗାପୂଜା, ଦୀପାବଳି ଆଦି ପ୍ରମୁଖ ପର୍ବପର୍ବାଣି ରହୁଛି। ନିର୍ବାଚନ ପୂର୍ବରୁ ୱାର୍ଡ ସମ୍ପ୍ରସାରଣ ସଂକ୍ରାନ୍ତରେ ମଧ୍ୟ ଚିନ୍ତା କରାଯାଉଛି। ଅନ୍ୟପକ୍ଷରେ ପୌରନିର୍ବାଚନର ୨ ମାସ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ଏନେଇ କୌଣସି ତତ୍ପରତା ମଧ୍ୟ ପ୍ରକାଶ ପାଉନାହିଁ। ଏପରିସ୍ଥଳେ ଡିସେମ୍ବର ପୂର୍ବରୁ ନିର୍ବାଚନ ହେବାର ସମ୍ଭାବନା କ୍ଷୀଣ। ଏପରିକି ୨୦୨୦ ଜାନୁୟାରୀ କିମ୍ବା ଫେବୃୟାରୀ ଭିତରେ ନିର୍ବାଚନ ହେବା ନେଇ ମଧ୍ୟ କିଛି ବି ସୂଚନା ମିଳିପାରୁନି।




## ମହିଳା ମେୟର ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା

ଆଗାମୀ ବିଏମ୍‌ସି ନିର୍ବାଚନରେ ମେୟର ପଦ ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇପାରେ ଚର୍ଚ୍ଚା ହେଉଛି। ତେଣୁ ପ୍ରମୁଖ ତିନି ରାଜନୈତିକ ଦଳ ଏହି ପଦ ପାଇଁ ଏବେଠୁ ଯୋଗ୍ୟ ତଥା ବିଜୟ ସମ୍ଭାବନା ଥିବା ମହିଳା ପ୍ରାର୍ଥୀ ଦେବାକୁ ଏବେଠୁ ଭିତିରି ଆଲୋଚନା ଓ ତର୍ଜମା ଆରମ୍ଭ କରିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଥିବା ବହୁ ମହିଳା କର୍ପୋରେଟରଙ୍କ ଉପରେ ରାଜନୈତିକ ଦଳଗୁଡ଼ିକ ନଜର ପକାଇଥିବାବେଳେ ଏପରି ସୁଯୋଗ ପାଇବାକୁ ଅନେକେ ଯୋଗସୂତ୍ର ଚଳାଇଥିବା ଜଣାପଡ଼ିଛି। ଏପରି କି ଦଳବଦଳ ମଧ୍ୟ କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି।

## ବିନା କାଉନ୍‌ସିଲ୍‌ରେ ୮ମାସ

ଚଳିତବର୍ଷ ଜାନୁୟାରୀ ମାସରେ ବିଏମ୍‌ସିର ଶେଷ କାଉନସିଲ ବୈଠକ ବସିଥିଲା। ବିଭିନ୍ନ ପ୍ରକଳ୍ପ ଅଧାପଡ଼ିଥିବା ସହ ଲୋକଙ୍କ ସମସ୍ୟା ସଂକ୍ରାନ୍ତରେ କର୍ପୋରେଟରମାନେ ଅଭିଯୋଗ ଉପସ୍ଥାପନ କରିଥିଲେ। ହେଲେ ତା'ପରେ କର୍ପୋରେଟରଙ୍କ କାର୍ଯ୍ୟକାଳ ସରିଗଲା। ଫଳରେ ବିଏମ୍‌ସିରେ ଆଉ ଲୋକଙ୍କ ସମସ୍ୟା ଉପସ୍ଥାପନ ହୋଇପାରିଲା ନାହିଁ। ବିନା କାଉନସିଲରେ ଏବେ ୮ମାସ ହେବ ବିଏମ୍‌ସି ପୌର ପ୍ରଶାସନ ସହର ପରିଚାଳନା କରୁଥିବା ବେଳେ ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଏବେ ଲୋକେ ପୂର୍ବତନ କର୍ପୋରେଟରଙ୍କ ପାଖକୁ ଗଲେ କ୍ଷମତାରେ ନ ଥିବା କହି ସେମାନେ ବିଏମ୍‌ସି କାର୍ଯ୍ୟାଳୟକୁ ପଠାଉଛନ୍ତି। ହେଲେ ବିଏମ୍‌ସି କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ ମଧ୍ୟ ସହଯୋଗ ମିଳୁ ନ ଥିବା ଲୋକେ କହୁଛନ୍ତି। ଅନ୍ୟପକ୍ଷରେ କର୍ପୋରେଟରଙ୍କ କାର୍ଯ୍ୟକାଳ ସରିବା ପରେ ୱାର୍ଡରେ ଥିବା ବିଭିନ୍ନ କାର୍ଯ୍ୟ ଓ ପ୍ରକଳ୍ପ ଅଧପନ୍ତରିଆ ହୋଇ ପଡ଼ିରହିଛି। ବହୁ ପ୍ରକଳ୍ପ ମନ୍ଥର ଗତିରେ ଚାଲିଛି। କେତେକ ପ୍ରକଳ୍ପର ଟେଣ୍ଡର ହୋଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଘରକୁ ଜଳ ଯୋଗାଣ, ଷ୍ଟ୍ରିଟ୍ ଲାଇଟ, ଡ୍ରେନେଜ୍ ସଫେଇ ସମସ୍ୟା ଦୂର ହୋଇପାରୁନି। ସ୍ୱେରେଜ୍ ପାଣି ରାସ୍ତାରେ ଭାସୁଛି, ଘରେ ପଶୁଥିଲେ ମଧ୍ୟ ଶୁଣିବାକୁ କେହି ନାହାନ୍ତି। ବିଏମ୍‌ସି ନିର୍ବାଚନ ନ ହେବା ଯାଏ ଓ ନୂଆ କାଉନ୍‌ସିଲ ବୈଠକ ନ ବସିବା ଯାଏ ଏ ପରିସ୍ଥିତି ଲାଗି ରହିବ ବୋଲି କେତେଜଣ ପୂର୍ବତନ କର୍ପୋରେଟର କହିଛନ୍ତି।

## ମେୟର ପଦ ପାଇଁ ସିଧାସଳଖ ନିର୍ବାଚନ

ପୂର୍ବରୁ ଜିତିଥିବା କର୍ପୋରେଟରଙ୍କ ମଧ୍ୟରୁ ଜଣଙ୍କୁ ବିଏମ୍‌ସି ମେୟର ଭାବେ ନିର୍ବାଚନ ମାଧ୍ୟମରେ ବାଛୁଥିଲେ। କିନ୍ତୁ ଏଣିକି ମେୟରଙ୍କୁ ସହରବାସୀ ସିଧାସଳଖ ବାଛିବେ। ଏନେଇ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି। ପୂର୍ବରୁ ମଧ୍ୟ ଏହି ନିର୍ବାଚନ ଧାରା ପ୍ରଚଳିତ ଥିଲା। ୧୯୯୨ରେ ଶେଷଥର କିରଣବାଳା ମଙ୍ଗରାଜ ଲୋକଙ୍କ ଦ୍ୱାରା ସିଧାସଳଖ ମେୟର ଭାବେ ନିର୍ବାଚିତ ହୋଇଥିଲେ। ଏହାପରଠାରୁ ପୌର ନିର୍ବାଚନ ନିୟମରେ ପରିବର୍ତ୍ତନ କରାଯାଇଥିଲା। ଏବେ ପୁଣି ପୁରୁଣା ନିୟମ ଅନୁସାରେ ସିଧାସଳଖ ମେୟର ନିର୍ବାଚନ ହେବାକୁ ଯାଉଥିବାରୁ ଆଗାମୀ ପୌର ନିର୍ବାଚନ ଭିନ୍ନ ଉଷ୍ମତା ଆଣିବ ବୋଲି କୁହାଯାଉଛି।

## ସଂକ୍ଷେପରେ

### ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ଶିଶୁ ବିଜ୍ଞାନ ସମ୍ମାନ



କଟକ ଅଫିସ, ୮।୮: ଲୋକପ୍ରିୟ ବିଜ୍ଞାନ ଲେଖିକା ତଥା ଶିଶୁ ସାହିତ୍ୟିକା ଡ. ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ଶିଶୁ ବିଜ୍ଞାନ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ ବିଜ୍ଞାନ ପ୍ରଚାର ସମିତିର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ବାସୁଦେବ କର ଏହି ସମ୍ମାନ ପ୍ରଦାନ କରିଥିଲେ। ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳକୁ ପିଲାମାନଙ୍କ ମଧ୍ୟରେ ଆଦୃତ କରାଇବା ଲକ୍ଷ୍ୟରେ ଡ. ମହାନ୍ତି ଇତିମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ଭିତ୍ତିକ ପୁସ୍ତକ ରଚନା କରିସାରିଛନ୍ତି। ପୂର୍ବରୁ ସେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ, ନାଇଜର, ଜଗତ୍‌ସିଂହପୁର ସାହିତ୍ୟ ପରିଷଦ ଆଦି ଅନେକ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇସାରିଛନ୍ତି। ଏହି ଅବସରରେ ବିଜ୍ଞାନ ପ୍ରଚାର ସମିତି ସଭାପତି ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକ, ବୈଜ୍ଞାନିକ ଡ. କର୍ମଦେବ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଉପକୂଳ ଜାତୀୟ ରାଜପଥ ପ୍ରସଙ୍ଗ

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲା ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ

ପୁରୀ ଅଫିସ, ୮।୮: ଉପକୂଳ ଜାତୀୟ ରାଜପଥ ନିର୍ମାଣ କରିବାକୁ ଗୁରୁବାର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛି ଉପକୂଳ ଜାତୀୟ ରାଜପଥ ନିର୍ମାଣ ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ। ବ୍ରହ୍ମଗିରି, କୃଷ୍ଣପ୍ରସାଦ, ପୁରୀ, କୋଣାର୍କ, ଅସ୍ତରଙ୍ଗ ଆଦି ଉପକୂଳବାସୀଙ୍କ ପକ୍ଷରୁ ଦିଆଯାଇଥିବା ଏହି ଚିଠିରେ ଦର୍ଶାଯାଇଛି ଯେ, ଆମ ଅଞ୍ଚଳ ଦେଇ ଉପକୂଳ ଜାତୀୟ ରାଜପଥ ନିର୍ମାଣ ନିମନ୍ତେ କେନ୍ଦ୍ର ସରକାର ବ୍ୟବସ୍ଥା କରିଥିଲେ। ଏଥିପାଇଁ ଭାରତମାଳା ପରିଯୋଜନା ମାଧ୍ୟମରେ ଗୋପାଳପୁରଠାରୁ ରତନପୁର ଓ ରତନପୁରଠାରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ଦୁଇଟି କନ୍‌ସଲଟାନ୍ସି କମ୍ପାନୀକୁ ୨୦୧୬ ଜାନୁୟାରୀ ୮ ଏବଂ ଫେବୃୟାରୀ ୧୧ରେ ଜାତୀୟ ରାଜପଥ ପ୍ରାଧିକରଣ ତରଫରୁ ଦାୟିତ୍ୱ ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା। ସହମତି ପରେ ତାହାକୁ ଜାତୀୟ ପ୍ରାଧିକରଣ କର୍ତ୍ତୃପକ୍ଷ ୨୦୧୬ ଡିସେମ୍ବର ୩ରେ ମଞ୍ଜୁର କଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା, ଅନୁଧ୍ୟାନ, ତର୍ଜମା ଆଦି ବିଭିନ୍ନ ଡିପିଆର କନ୍‌ସଲଟାଣ୍ଟଙ୍କ ଦ୍ୱାରା କରାଗଲା। ପ୍ରସ୍ତୁତ ଏଲାଇନ୍‌ମେଣ୍ଟ ମୁଖ୍ୟ ସଚିବଙ୍କ ନିକଟରେ ୨୦୧୮ ଏପ୍ରିଲ ୩ରେ ଉପସ୍ଥାପନ କରାଗଲା। ବୈଠକରେ ଜାତୀୟ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ କେତେକ ପରାମର୍ଶ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା ନିର୍ମାଣ ହୋଇପାରୁନାହିଁ। ବାରମ୍ବାର ରାଜ୍ୟ ଏବଂ କେନ୍ଦ୍ର ସରକାର ଏଲାଇନ୍‌ମେଣ୍ଟ ପରିବର୍ତ୍ତନ ବାହାନାରେ ସମୟ ଗଡାଇ ଚାଲିଛନ୍ତି। ଏହାଦ୍ୱାରା ଦୀର୍ଘବର୍ଷ ଧରି ଉପକୂଳ ଜିଲାଗୁଡ଼ିକରେ ଲୋକେ ଗମନାଗମନ, ମାଲ ପରିବହନ, ସାମାଜିକ ଓ ଆର୍ଥିକ ପ୍ରଗତି କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବାକୁ ମହାମଞ୍ଚ ଦାବି କରିଛି।

## ମିଲାନ୍‌ରେ ହେବ ଇଣ୍ଟରନ୍ୟାଶନାଲ କ୍ୟାଲେଣ୍ଡର୍ ଫଟୋସୁଟ



ଭୁବନେଶ୍ୱର, ୮।୮(ବ୍ୟୁରୋ)

ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି, ନିକିତାସ୍ କୋଚ୍ୟୁର୍ ଏବଂ ରନ୍‌ୱେ ଫ୍ୟାଶନ ମ୍ୟାନେଜମେଣ୍ଟର ମିଳିତ ଆନୁକୂଲ୍ୟରେ ଇଟାଲୀର ମିଲାନ୍ ଠାରେ ଏକ ୩ଦିନିଆ ଇଣ୍ଟରନ୍ୟାଶନାଲ କ୍ୟାଲେଣ୍ଡର୍ ଫଟୋସୁଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗୁରୁବାର ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଏହି ଫଟୋସୁଟ୍ ଇଭେଣ୍ଟରେ ଭାରତର ଦୁଇଜଣ ଜଣାଶୁଣା ମଡେଲଙ୍କ ସହ ମିଲାନ୍‌ର ଖ୍ୟାତନାମା ମଡେଲମାନେ ଭାଗନେବେ। ଓଡ଼ିଶା ହସ୍ତତନ୍ତର ପ୍ରଚାର ପ୍ରସାର ତଥା ବିଶ୍ୱସ୍ତରରେ ଏହାକୁ ପହଞ୍ଚାଇବାକୁ ବିଶ୍ୱର ଅନ୍ୟତମ ଫ୍ୟାଶନ କ୍ୟାପିଟାଲ ଭାବେ ପରିଚିତ ମିଲାନ୍‌ରେ ଏହି ସୁଟ୍ କରାଯିବ ବୋଲି ଡିଜାଇନର୍ ନିକିତା ନାୟକ କହିଛନ୍ତି। ଏହି ସୁଟ୍‌ରେ ଓଡ଼ିଶା ହସ୍ତତନ୍ତକୁ ଏକ ଅଭିନବ ଶୈଳୀରେ ପ୍ରଦର୍ଶନ କରାଯିବ, ଯାହାକି ଆମ ବସ୍ତ୍ର ଓ ପୋଷାକ ପରିଧାନକୁ ନେଇ ରହିଥିବା କେତେକ ଭ୍ରାନ୍ତଧାରଣାକୁ ଦୂର କରିବ ବୋଲି ରନ୍‌ୱେ ଫ୍ୟାଶନ ମ୍ୟାନେଜମେଣ୍ଟର ସ୍ୱାଗତ ରଞ୍ଜନ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ବିଶାଲ ସୁବୁଦ୍ଧି କହିଥିଲେ, ଏହି ସୁଟ୍‌ରେ ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ପୋଷାକକୁ ମଧ୍ୟ ଶୋ'କେସ୍ କରାଯିବ। ସେପ୍ଟେମ୍ବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ମିଲନ୍‌ରେ ଏହି ସୁଟ୍ କରାଯିବ। ଏହାପରେ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ୟାରିସ୍‌ରେ ବଳକା ଫଟୋସୁଟ୍ କରାଯିବାର କାର୍ଯ୍ୟକ୍ରମ ରହିଛି। ସେଲିବ୍ରିଟି ମେକ୍‌ଅପ୍ ଆର୍ଟିଷ୍ଟ ଏବଂ ସେଲିବ୍ରିଟି ଫଟୋଗ୍ରାଫର୍ ଏହି ଫଟୋସୁଟ୍‌ରେ ଯୋଗଦେବା ବେଳେ ଆସନ୍ତା ଡିସେମ୍ବରରେ ଏହାକୁ ନେଇ ପ୍ରସ୍ତୁତ କ୍ୟାଲେଣ୍ଡର୍ ଉନ୍ମୋଚିତ ହେବ।

## ନଦୀରେ ବୁଡି ଯୁବକ ମୃତ

ଖୋର୍ଦ୍ଧା ଅଫିସ,୮।୮: ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗମେଇଁ ଗାଁର ସର୍ବେଶ୍ୱର ସ୍ୱାଇଁ (୪୫) ଗୁରୁବାର ନଦୀରେ ବୁଡିଯିବାରୁ ମୃତ୍ୟୁ ଘଟିଛି। ସର୍ବେଶ୍ୱର ସ୍ଥାନୀୟ ନଦୀ ପାର ହୋଇ ସକାଳ ୬ଟାରେ ବିଲକୁ ଯାଉଥିଲେ। ହେଲେ ନଦୀରେ ଗୋଡ ଖସି ହେଉ ଅଥବା ଅନ୍ୟ କୌଣସି କାରଣରୁ ଭାସୁଥିଲେ। ଫେରିବାରେ ବିଳମ୍ବ ହେବାରୁ ମା' ବିଲକୁ ଯିବା ସମୟରେ ଦେଖିଲେ ନଦୀ ପାଣିରେ ପୁଅ ଅଚେତ ହୋଇ ଭାସି ଲାଗିଛି। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଦ୍ଧାର କରି ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବାଣପୁର ଥାନା ପୋଲିସ ମୃତଦେହ ଜବତ କରି ନଂ.୧୭/୧୯ରେ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବିଦ୍ୟାଳୟରେ ପହଞ୍ଚିଲା 'ଖୁସି' ଯୋଜନା

# ପ୍ରତିମାସରେ ମିଳିବ ୧୮ ନାପ୍‌କିନ

ଭୁବନେଶ୍ୱର, ୮।୮(ବ୍ୟୁରୋ)



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ୨୯.୫୫୭ ବିଦ୍ୟାଳୟରେ ନାପ୍‌କିନ୍ ଯୋଗାଇବା ଲକ୍ଷ୍ୟ
- ଓଡିଶା ମେଡିକାଲ କର୍ପୋରେଶନଠାରୁ କିଣାଗଲା ନାପ୍‌କିନ୍
- ସ୍ୱଚ୍ଛତା ଓ ମାନ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏ ପଢୁଥିବା ଛାତ୍ରୀଙ୍କ ପାଇଁ 'ଖୁସି' ଯୋଜନାରେ ସାନିଟାରୀ ନାପ୍‌କିନ୍ ଯୋଗାଇ ଦିଆଯିବ। ଏ ନେଇ ରାଜ୍ୟ ସରକାର ଘୋଷଣା କରିଥିବାବେଳେ ସେଗୁଡ଼ିକ ଏବେ ବଣ୍ଟନ ପାଇଁ ବିଦ୍ୟାଳୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହା ବାଳିକାମାନଙ୍କୁ ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଗୁରୁବାର ଏ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ 'ଖୁସି' ଯୋଜନାର ସମୀକ୍ଷା କରିଛନ୍ତି।

ମନ୍ତ୍ରୀ ଦାସ କହିଛନ୍ତି, ଏହି ଯୋଜନାରେ ବାଳିକାମାନଙ୍କୁ ପ୍ରତିମାସରେ ୧୮ଟି କରି ସାନିଟାରୀ ନାପ୍‌କିନ୍ ଯୋଗାଇ ଦିଆଯିବ। ୨୯.୫୫୭ଟି ବିଦ୍ୟାଳୟରେ ୧୬,୮୧, ୬୯୦ଜଣ ବାଳିକାଙ୍କୁ ନାପ୍‌କିନ୍ ଯୋଗାଇବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶା ମେଡିକାଲ କର୍ପୋରେଶନ ପକ୍ଷରୁ ପ୍ରଥମ ତ୍ରୈମାସିକ ପାଇଁ ଜାନୁୟାରୀରେ ୯,୦୮,୧୮,୯୩୬ଟି ସାନିଟରୀ ନାପ୍‌କିନ୍ କିଣାଯାଇଥିଲା। ଏଗୁଡିକୁ ବ୍ଲକ ଓ ପୌରସଂସ୍ଥାର ୩୧୯ଟି ସ୍ଥାନରେ ଥିବା ଗୋଦାମରେ ପହଞ୍ଚା ଯାଇଛି। ସେହିଭଳି ଦ୍ୱିତୀୟ ତ୍ରୈମାସିକ ପାଇଁ ୯,୧୬,୩୨,୫୪୬ଟି ନାପ୍‌କିନ୍ କିଣାଯିବାକୁ ବରାଦ ଦିଆଯାଇଛି। ଏହି ଯୋଜନାରେ ନାପ୍‌କିନ୍ କିଣିବାରେ ସ୍ୱଚ୍ଛତା ଅବଲମ୍ବନ ଏବଂ ଗୁଣାତ୍ମକମାନ ପ୍ରତି ଦୃଷ୍ଟି ଦେବା ସହ ଠିକଣା ଭାବେ ଏହାର ବିତରଣ କରିବାକୁ ମନ୍ତ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଥାଉ କି, ଗୁରୁବାର ସୁଦ୍ଧା ବ୍ରହ୍ମପୁର, ରାଉରକେଲା ମହାନଗର ନିଗମ ଓ ଜଗତ୍‌ସିଂହପୁରକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସ୍ଥାନରେ ଥିବା ଗୋଦାମରେ ଏହା ପହଞ୍ଚିଛି। ଏଠାରୁ ଏବେ ବିଦ୍ୟାଳୟଗୁଡ଼ିକୁ ନାପ୍‌କିନ୍ ପହଞ୍ଚାଇବା କାର୍ଯ୍ୟ ଆରମ୍ଭ ହୋଇଛି। ସୁବର୍ଣ୍ଣପୁର, ମାଲକାନଗିରି, ନୟାଗଡ, ନବରଙ୍ଗପୁର, ଝାରସୁଗୁଡା ଏବଂ କନ୍ଧମାଳ ଜିଲାର ବିଭିନ୍ନ ବିଦ୍ୟାଳୟରେ ନାପ୍‌କିନ୍ ପହଞ୍ଚିଛି। ଦ୍ୱିତୀୟ ପର୍ଯ୍ୟାୟରେ କିଣାଯାଇଥିବା ନାପ୍‌କିନ୍ ମଧ୍ୟରୁ ଯୋଗାଣକାରୀମାନେ ଇତିମଧ୍ୟରେ ବଲାଙ୍ଗୀର, ବରଗଡ, କଟକ, ଗଞ୍ଜାମ, ଗଜପତି, ଯାଜପୁର, କଳାହାଣ୍ଡି, ରାୟଗଡା ଏବଂ ବ୍ରହ୍ମପୁର ମହାନଗର ନିଗମକୁ ଯୋଗାଣ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଖୁସି ଯୋଜନାରେ ୨୨,୨୩,୮୯,୯୦୭ କୋଟି ଟଙ୍କା ବ୍ୟୟ ହୋଇସାରିଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ରାଜ୍ୟ ମେଡିକାଲ ନିଗମର ଏମ୍‌ଡି ଯାମିନୀ ଷଡ଼ଙ୍ଗୀ ଓ ଅନ୍ୟ ପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ପଡିଯାଇ ଉପବାଚସ୍ପତି ଆହତ

ଭୁବନେଶ୍ୱର,୮।୮(ବ୍ୟୁରୋ): ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂ ଗୁରୁବାର ପଡିଯାଇ ଆହତ ହୋଇଛନ୍ତି। ନୂଆ ସରକାରୀ ବାସଭବନରେ ଥିବାବେଳେ ହଠାତ ତାଙ୍କ ଗୋଡ଼ ଖସିଯିବାରୁ ସେ ପଡିଯାଇଥିଲେ। ଫଳରେ ତାଙ୍କ ଗୋଡ଼ ମୋଡି ହୋଇଯିବା ସହ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେ ଘରକୁ ଫେରିଥିବା ଜଣାପଡିଛି।

## ଖୋର୍ଦ୍ଧା ବିଧାୟକ ଅସୁସ୍ଥ

ଖୋର୍ଦ୍ଧା ଅଫିସ,୮।୮

ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଅସୁସ୍ଥ ହୋଇ ପଡିଛନ୍ତି। ତାଙ୍କୁ ପ୍ରଥମେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଧିକ ଚିକିତ୍ସାର ଆବଶ୍ୟକତା ଦୃଷ୍ଟିରୁ ବୁଧବାର ମୁମ୍ବାଇସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ଫଟୋରେ ଖବର



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଗୁରୁବାର ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ଜୟନ୍ତୀ ଅବସରରେ ପରିବେଷିତ ଓଡ଼ିଶୀ ନୃତ୍ୟ।



ଓଡ଼ିଶା ମ୍ୟୁଜିକ୍ ଆଣ୍ଡ ଆର୍ଟ ଏକାଡେମୀ ପକ୍ଷରୁ ଗୁରୁବାର ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ ଲୋକକଳା ମହୋତ୍ସବରେ ପରିବେଷିତ ଲୋକନୃତ୍ୟ।

## ଲୋକକଳା ମହୋତ୍ସବ

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଓଡିଶା ମ୍ୟୁଜିକ ଓ ଆର୍ଟ ଏକାଡେମୀ (ଓମା) ପକ୍ଷରୁ ସ୍ଥାନୀୟ ସୂଚନା ଭବନରେ ଗୁରୁବାର ଲୁପ୍ତ ପ୍ରାୟ 'ଲୋକକଳା ମହୋତ୍ସବ-୨୦୧୯' ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପ୍ରସିଦ୍ଧ ତବଲା ବାଦକ ତଥା ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପଣ୍ଡିତ ଉମେଶ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବକୁ ସୂଚନା ଓ ଲୋକସମ୍ପର୍କ ଏବଂ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଲୋକକଳା ମାଧ୍ୟମରେ ଦାଶକାଠିଆ, ପାଲା ଇତ୍ୟାଦି ମାଧ୍ୟମରେ ଆମ ଓଡ଼ିଆ ଭାଷା ମଧ୍ୟ ବଞ୍ଚି ରହିଛି। ଲୁପ୍ତପ୍ରାୟ ଏହି ଲୋକକଳାକୁ ବଜାଇ ରଖିଥିବା 'ଓମା'ର ପ୍ରୟାସକୁ ମନ୍ତ୍ରୀ ଦାଶ ଭୂୟସୀ ପ୍ରଶଂସା କରିଥିଲେ।

ଅନ୍ୟତମ ଅତିଥି ନୂଆପଡା ବିଧାୟକ ରାଜେନ୍ଦ୍ର ଢ଼ୋଲକିଆ ଯୋଗ ଦେଇଥିଲେ। 'ଓମା'ର ସମ୍ପାଦକ ଯଯାତି କେଶରୀ ରାଉତ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଏକାଡେମୀର କାର୍ଯ୍ୟକାରିତା ଉପରେ ବିବରଣୀ ରଖିଥିଲେ। ତ୍ରିମନ ମାଝି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ୨୩ଜଣ କଳାକାରଙ୍କୁ ଅନୁଷ୍ଠାନର ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ସ୍ୱାଗତିକା ମିଶ୍ର ସଂଯୋଜନା କରିଥିବା ବେଳେ ସୌଭାଗ୍ୟ ମହାପାତ୍ର ପରିଚାଳନା କରିଥିଲେ।



ପୁରୁଷାର୍ଥହୀନ ବ୍ୟକ୍ତି ବଞ୍ଚି ଥାଇ ଥାଇ ମରିଯାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### କ୍ୟାପିଟାଲ ହସ୍ପିଟାଲରେ ରୋଗୀ ସମ୍ପର୍କୀୟଙ୍କ ଉନ୍ମତ୍ତ କାଣ୍ଡ
## ୪ ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିଲେ

ଭୁବନେଶ୍ୱର,୮।୮(ବ୍ୟୁରୋ):କ୍ୟାପିଟାଲ ହସ୍ପିଟାଲ ଫାଣ୍ଡିର ୪ଜଣ କର୍ମଚାରୀଙ୍କୁ ବୁଧବାର ବିଳମ୍ବିତ ରାତିରେ ୧୦ଜଣ ଯୁବକ ମାଡ଼ ମାରିଛନ୍ତି। ଉକ୍ତ ଯୁବକଙ୍କୁ ଅଟକାଇବାକୁ ଯାଇଥିବା ପିସିଆର ଭ୍ୟାନ୍ କର୍ମଚାରୀ ମଧ ଆକ୍ରମଣର ଶିକାର ହୋଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ପୋଲିସ କର୍ମଚାରୀମାନେ ହେଲେ ହାବିଲଦାର ସ୍ମୃତିରଞ୍ଜନ ଭୂୟାଁ, ସିପାହୀ ମାନସ ଗିରି, ସିପାହୀ ପ୍ରଶାନ୍ତ ମଲ୍ଲିକ ଓ କନଷ୍ଟେବଳ ଅଜିତ କୁମାର ସ୍ୱାଇଁ। ଏ ନେଇ ଗୁରୁବାର ସକାଳେ ଅଜିତ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ ମଧ ମାମଲା ରୁଜୁ ହୋଇନାହିଁ। ଆକ୍ରମଣକାରୀମାନେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାଧମରେ ସମାଧାନ ଲାଗି ଚାପ ପକାଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଯଦି ମାମଲା ରୁଜୁ ନ ହୁଏ ତେବେ କନଷ୍ଟେବଳ ସଂଘର ଦ୍ୱାରସ୍ଥ ହେବେ ବୋଲି ଅଜିତ କହିଛନ୍ତି। ଏହି ଘଟଣାରେ ନ୍ୟାୟ ପାଇଁ ସେ ସିପି ଏବଂ ଡିସିପି ହସ୍ତକ୍ଷେପ ଲୋଡ଼ିଛନ୍ତି। ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ୧.୪୦ରେ ଜଣେ ରୋଗୀଙ୍କୁ ୧୦ ଜଣ ଯୁବକ ହସ୍ପିଟାଲ ଆଣିଥିଲେ। ତାଙ୍କୁ କାଜୁଆଲିଟିକୁ ନେବା ବେଳେ ଏହି ଯୁବକମାନେ କାଜୁଆଲିଟି ଭିତରକୁ ପଶି ହୋହଲ୍ଲା କରିଥିଲେ। ସେଠାରେ ଥିବା ସୁରକ୍ଷାକର୍ମୀ ସେମାନଙ୍କୁ ବାହାରକୁ ଯିବାକୁ କହିଥିଲେ ମଧ ସେମାନେ କିଛି ଶୁଣି ନ ଥିଲେ। ଖବର ପାଇ ଫାଣ୍ଡି ପୋଲିସ ପହଞ୍ଚିଥିଲା। ହେଲେ ସେମାନେ ପୋଲିସକୁ ଗାଳିଗୁଲଜ କରିବା ସହ କାଜୁଆଲିଟି ବାହାରକୁ ଟାଣି ନେଇ ମାଡ଼ ମାରିଥିଲେ। ଏହି ଆକ୍ରମଣ ପଛରେ ହସ୍ପିଟାଲର ଜଣେ ସୁରକ୍ଷାକର୍ମୀ ସାମିଲ ଥିବା ଅଭିଯୋଗ ହୋଇଛି। ଖବର ପାଇ ପିସିଆର ଭ୍ୟାନ ପହଞ୍ଚିଥିଲା। ଯୁବକମାନେ ପିସିଆର ଭ୍ୟାନ୍ କର୍ମଚାରୀମାନଙ୍କୁ ମଧ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ପୋଲିସକୁ ମାଡ଼ ମାରିବା ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏ ନେଇ କ୍ୟାପିଟଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଘଟଣାଟା ଏତେ ବଡ ନୁହେଁ। ସେମାନେ କେବଳ ଧସ୍ତାଧସ୍ତି ହୋଇଛନ୍ତି। ଏହାର ତଦନ୍ତ କରାଯାଉଛି।

## ଚୋରି:୨ କର୍ମଚାରୀ ଗିରଫ

କଟକ ରୋଡ,୮।୮(ଡି.ଏନ୍.ଏ.): ଅତିଥିଙ୍କ ଜିନିଷ ଚୋରି କରିବା ଅଭିଯୋଗରେ ବଡ଼ଗଡ଼ ପୋଲିସ ଗୁରୁବାର ଏକ ଗେଷ୍ଟ ହାଉସର ୨ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ବିଶ୍ୱଜିତ୍ ଷଣ୍ଢ ଓ ଭଦ୍ରକରେ ରହୁଥିବା ପୀୟୂଷ ପ୍ରକାଶ ଦାସ। ପୋଲିସ ସୂଚନା ଅନୁଯାୟୀ, ଉଭୟ ଅଭିଯୁକ୍ତ ବଡ଼ଗଡ଼ ଥାନା ଅଧୀନ ବିଜେବି ନଗରରେ ଥିବା ଏକ ଗେଷ୍ଟ ହାଉସରେ କେୟାରଟେକର ଭାବେ କାମ କରନ୍ତି। ଉକ୍ତ ଗେଷ୍ଟ ହାଉସରେ ପଶ୍ଚିମବଙ୍ଗର ଅଭିଷେକ ଚକ୍ରବର୍ତ୍ତୀ ରହିଥିଲେ। ଗତ ବୁଧବାର ଅଭିଷେକ ବାହାରକୁ ଯାଇଥିବା ବେଳେ ୨ କେୟାରଟେକର ରୁମ ସଫା କରିବା ବାହାନାରେ ତାଙ୍କ ବ୍ୟାଗରୁ ଟଙ୍କା ସହ ପ୍ୟାଣ୍ଟ ଶାର୍ଟ ଚୋରି କରି ନେଇଥିଲେ। ଅଭିଷେକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୮୯/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

## ହ୍ରଦପୋଖରୀରେ କୁମ୍ଭୀର ଥିବା ନେଇ ଚର୍ଚ୍ଚା

ବାରଙ୍ଗ,୮।୮(ଡି.ଏନ୍.ଏ.): ମେଣ୍ଢାଶାଳ ପଞ୍ଚାୟତ ହରିପୁର ଗ୍ରାମରେ ଥିବା ହ୍ରଦପୋଖରୀରେ ଏକ କୁମ୍ଭୀର ଥିବା ନେଇ ଗୁରୁବାର ଚର୍ଚ୍ଚା ହୋଇଥିଲା। ଏହି ପୋଖରୀକୁ କେତେଜଣ ଯୁବକ ଅପରାହ୍ନରେ ଶୌଚ ପାଇଁ ଯାଇଥିବାବେଳେ ଏକ କ୍ଷତବିକ୍ଷତ ବଡ଼ ମାଛ ମରି ଭାସୁଥିବା ଦେଖିବାକୁ ପାଇଥିଲେ। ଏହା ପରେ ପୋଖରୀରେ କୁମ୍ଭୀର ଥିବା ସନ୍ଦେହ କରି ପୋଖରିକୁ ନିଲାମ ନେଇଥିବା ଜୟନରାୟଣ ମିଶ୍ରଙ୍କୁ ସୂଚନା ଦେଇଥିଲେ। ଖବରପାଇ ଜୟନାରାୟଣଙ୍କ ସହ କେତେଜଣ ଯୁବକ ଆସି ଭାସୁଥିବା ମାଛକୁ ଦେଖିବା ସହ ଏ ବିଷୟରେ ବନବିଭାଗ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ବର୍ଷା ସମୟରେ କୁମ୍ଭୀର ନାଳରେ ଭାସି ଆସି ଏହି ପୋଖରୀରେ ରହିଥିବା ଗ୍ରାମବାସୀ ସନ୍ଦେହ କରିବା ସହ ବନବିଭାଗ କର୍ମଚାରୀ ଆସିଲେ ସତ୍ୟତା ଜଣାପଡିବ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନାଥାଉକି, ଏହି ପୋଖରୀରୁ ୨୦୧୭ ସେପ୍ଟେମ୍ବର ୧୦ରେ ଗୋଟିଏ ଓ ୨୦୧୮ ଅଗଷ୍ଟ ୧୭ରେ ଗୋଟିଏ କୁମ୍ଭୀର ବନବିଭାଗ ଉଦ୍ଧାର କରି ଚନ୍ଦକା ସ୍ଥିତ ଅମ୍ବିଲ ପୋଖରୀରେ ଛାଡିଥିଲେ।

### ■ ଉତ୍ତମ ସେବା ଯୋଗାଇବା ନେଇ କମିଶନରଙ୍କ ପ୍ରଥମ ପଦକ୍ଷେପ
# ସ୍ୱାୟତ୍ତ ଶାସନ ଦିବସରୁ ଖୋଲିପାରେ ୱାର୍ଡ କାର୍ଯ୍ୟାଳୟ

ଭୁବନେଶ୍ୱର, ୮।୮(ବ୍ୟୁରୋ)

- ବିଏମ୍‌ସିରେ ମିଳୁଥିବା ସବୁ ସୁବିଧା ଘର ପାଖରେ ମିଳିବ
- ସମସ୍ତ ଅଭିଯୋଗ ଗ୍ରହଣ କରାଯିବ, ତଦାରଖ କରିବେ ୱାର୍ଡ ଅଫିସର
- ପ୍ରମାଣପତ୍ର, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ଆବେଦନ ହୋଇପାରିବ
- ହୋଲ୍ଡିଂ ଟିକସ ଖିଲାପକାରୀଙ୍କ ଉପରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ




ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟକୁ ଆଖି ଆଗରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ପ୍ରଥମ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ଲୋକେ ବିଭିନ୍ନ ସମସ୍ୟା ନେଇ ବିଏମ୍‌ସି ଅଫିସ୍ ଓ ବିଏମ୍‌ସି ଜୋନାଲ ଅଫିସ୍ ଆସିବାରେ ଏବେ ରୋକ ଲାଗିବାକୁ ଯାଉଛି। ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପ୍ରତ୍ୟେକ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ଖୋଲିବା ନେଇ ପ୍ରସ୍ତୁତି ଜାରି ରହିଛି ବୋଲି ବିଏମ୍‌ସି ଅତିରିକ୍ତ ଆୟୁକ୍ତ ସୁରଥ ଚନ୍ଦ୍ର ମଲ୍ଲିକ ଗୁରୁବାର ଅପରାହ୍ନରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଏମ୍‌ସି ଏବେ ଲୋକଙ୍କ ସମସ୍ୟାକୁ ତୃଣମୂଳ ସ୍ତରରୁ ନିୟନ୍ତ୍ରଣ କରିବା ପାଇଁ ସ୍ଥିର କରିଛି। ଭୁବନେଶ୍ୱରର ମୋଟ ୬୭ଟି ୱାର୍ଡରେ ୱାର୍ଡ ଅଫିସ ଖୋଲିବାକୁ ବିଏମ୍‌ସି ଚିନ୍ତା କରିଛି। ୱାର୍ଡ ପାଇଁ ନିଯୁକ୍ତ ଅଫିସରମାନେ ଏଠାରେ ସ୍ଥାନୀୟ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ତାହାର ସମାଧାନ ଲାଗି ଉଦ୍ୟମ କରିବେ। ଏଥିସହ ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା, ହୋଲ୍ଡିଂ ଟିକସ ନିୟମିତ ଆଦାୟ କରିବା ଓ ଟିକସ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବ୍ୟବସ୍ଥାକୁ ଏବେ ୱାର୍ଡରେ କରାଯିବ ବୋଲି ସେ କହିଛନ୍ତି।

ପ୍ରତ୍ୟେକ ୱାର୍ଡରେ ଜଣେ ସାନିଟାରି ଇନ୍ସପେକ୍ଟର, ସିଓ, ଆସିଷ୍ଟାଣ୍ଟ ଇଞ୍ଜିନିୟର ରହିବେ। ଭତ୍ତା, ଜନ୍ମ, ମୃତ୍ୟୁ ପ୍ରମାଣପତ୍ର, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ଆବେଦନ ପାଇଁ ଉକ୍ତ କାର୍ଯ୍ୟାଳୟରେ ଫର୍ମ ମିଳିବ। ଏବେ ୱାର୍ଡରେ ଖୋଲିବାକୁ ଥିବା ଏହି କାର୍ଯ୍ୟାଳୟ ଲାଗି ଘର ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବା ବେଳେ ସବୁ ସପ୍ତାହରେ ଏ ନେଇ ଏକ ରିଭ୍ୟୁ ମିଟିଂ ବସୁଛି। ବିଭିନ୍ନ ୱାର୍ଡରେ ଥିବା କଲ୍ୟାଣମଣ୍ଡପ କିମ୍ବା କମ୍ୟୁନିଟି ସେଣ୍ଟରରେ ଏହି କାର୍ଯ୍ୟାଳୟ ଚଳାଯିବ। ସେଠାରେ ୱାର୍ଡ ଅଫିସରମାନଙ୍କୁ ଗୋଟିଏ ଲେଖାଏ କମ୍ପ୍ୟୁଟର ଯୋଗାଇ ଦିଆଯିବା ସହ ସମସ୍ତ ଆନୁଷଙ୍ଗିକ ଆସବାବପତ୍ର ଯୋଗାଇ ଦିଆଯିବ। ସେହିଭଳି ଲୋକେ ଯେଭଳି ସେମାନଙ୍କ ବର୍ଜ୍ୟଜଳକୁ ନଳାରେ ନ ଛାଡନ୍ତି ତାହାର ତଦାରଖ କରିବା ସହ କଠିନ ବର୍ଜ୍ୟ ପରିଚାଳନା ଓ ସହରକୁ ସ୍ୱଚ୍ଛ ରଖିବାକୁ ଅନ୍ୟ ସମସ୍ତ କାର୍ଯ୍ୟ ଉପରେ ନଜର ରଖାଯିବ। ୱାର୍ଡ ଅଫିସରମାନଙ୍କ ତତ୍ତ୍ୱାବଧାନରେ ଏହିସବୁ କାର୍ଯ୍ୟ ନିୟନ୍ତ୍ରଣ ହେବାକୁ ଥିବା ବେଳେ ସହଯୋଗୀ କର୍ମଚାରୀମାନେ ମଧ ଏ ନେଇ ତଦାରଖ କରିବେ। ଯେଉଁ ଲୋକମାନେ ଏଭଳି କରୁଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିୟମ ନ ମାନିଲେ ସେମାନଙ୍କଠାରୁ ୫ ହଜାର ଟଙ୍କାର ଜରିମାନା ଆଦାୟ କରାଯିବ। ଆଦାୟ ହୋଇଥିବା ଜରିମାନାରେ ହିଁ ସେମାନଙ୍କ ଘରୁ ବାହାରୁଥିବା ବିଭିନ୍ନ ବର୍ଜ୍ୟବସ୍ତୁସମସ୍ୟାର ସମାଧାନ କରାଯିବ।

ସେହିଭଳି ଘର ମାଲିକମାନେ କିଭଳି ଠିକଣା ସମୟରେ ହୋଲ୍ଡିଂ ଟିକସ ପ୍ରଦାନ କରିବେ ତାହା ଉପରେ ବିଏମ୍‌ସି ଏବେ ଗୁରୁତ୍ୱାରୋପ କରୁଛି। ଆଗାମୀ ଦିନରେ ଘର ମାଲିକଙ୍କ ହୋଲ୍ଡିଂ ନମ୍ବର ସହ ବିଦ୍ୟୁତ୍ ନମ୍ବରକୁ ଯୋଡିବାକୁ ବିଏମ୍‌ସି ପ୍ରୟାସ କରୁଛି। ଏ ନେଇ ବିଏମ୍‌ସି ଅଧିକାରୀ ଶକ୍ତି ବିଭାଗର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚଳାଇଛନ୍ତି। ଯଦି କୌଣସି ବ୍ୟକ୍ତି ଠିକଣା ସମୟରେ ହୋଲ୍ଡିଂ ଟିକସ ଦେବେ ନାହିଁ ତେବେ ତାଙ୍କର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ।

## ଭୁବନେଶ୍ୱରକୁ ୫୦ ଇ-ବସ୍ ଦେବ କେନ୍ଦ୍ର

ଭୁବନେଶ୍ୱର,୮।୮(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଭାରୀ ଉଦ୍ୟୋଗ ବିଭାଗ ପକ୍ଷରୁ 'ଫେମ୍ ଇଣ୍ଡିଆ ଯୋଜନା'ର ଦ୍ୱିତୀୟ ପର୍ଯ୍ୟାୟରେ ଦେଶରେ ୫୫୯୫ ବିଦ୍ୟୁତ୍ ଚାଳିତ ବସ୍ (ଇ-ବସ୍) ଚଳାଚଳ ପାଇଁ ମଞ୍ଜୁରି ମିଳିଛି। ସହର ଭିତରେ ଓ ଗୋଟିଏ ସହରରୁ ଅନ୍ୟ ସହରକୁ ଏହି ବସ୍‌ଗୁଡ଼ିକ ଚଳାଚଳ କରିବ। ୬୪ ସହର, ରାଜ୍ୟ ସରକାରୀ ସଂସ୍ଥା ଏବଂ ରାଜ୍ୟ ପରିବହନ ଉପକ୍ରମ(ଏସ୍‌ଟିୟୁ) ଲାଗି ଏହି ବସ୍‌ଗୁଡ଼ିକୁ ମଞ୍ଜୁରି ଦିଆଯାଇଛି। ସ୍ୱଚ୍ଛ ଇନ୍ଧନ ବିଶିଷ୍ଟ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ଏହି ଯୋଜନା ଅଧୀନରେ ଭୁବନେଶ୍ୱରରେ ୫୦ ବିଦ୍ୟୁତ ଚାଳିତ ବସ୍ ଚଳାଚଳ କରିବ। କ୍ୟାପିଟାଲ ଓ ସ୍ମାର୍ଟ ସିଟି ବର୍ଗରେ ଭୁବନେଶ୍ୱରକୁ ଏହି ବସ୍ ମିଳିଛି।

ଭାରୀ ଉଦ୍ୟୋଗ ବିଭାଗ ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହର, ସ୍ମାର୍ଟ ସିଟି, ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ରାଜଧାନୀ ଏବଂ ସ୍ୱତନ୍ତ୍ର ପାହ୍ୟା ବିଶିଷ୍ଟ ରାଜ୍ୟର ସହରଗୁଡ଼ିକଠାରୁ ଏକ୍ସପ୍ରେଶନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଆମନ୍ତ୍ରଣ କରିଥିଲା। ୧୪ହଜାର ୯୮୮ ଇ-ବସ ଚଳାଚଳ ଲାଗି ୨୬ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶରୁ ୮୬ ପ୍ରସ୍ତାବ ମିଳିଥିଲା।

## ରାଜ୍ୟର ୧୭ ଶିକ୍ଷାନୁଷ୍ଠାନ ସମ୍ମାନିତ




ଓଡ଼ିଶା ଶିକ୍ଷା ସମ୍ମାନ ସମାରୋହରେ ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

ଭୁବନେଶ୍ୱର, ୮।୮(ବ୍ୟୁରୋ)

### ଓଡ଼ିଶା ଶିକ୍ଷା ସମ୍ମାନ ସମାରୋହ

ଓଡ଼ିଶା ଶିକ୍ଷା ସମ୍ମାନ ସମାରୋହ ସ୍ଥାନୀୟ ସୂଚନା ଭବନଠାରେ ଆୟୋଜିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ସମାରୋହରେ ଆଇସିଏଫ୍‌ଏଆଇ ବିଶ୍ୱବିଦ୍ୟାଳୟ କୁଳପତି ତଥା ଜେଏନ୍‌ୟୁର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ରାମପାଳ ଯାଦବ ଏବଂ ଓଡ଼ିଶାର ଉଚ୍ଚଶିକ୍ଷା ଓ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଖବରଦାତା ଶୁଭ୍ରାଂଶୁ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍-ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ ୧୭ଟି ଶିକ୍ଷାନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା।

ରାଜ୍ୟରେ ପ୍ରଥମଥର ପାଇଁ ସ୍ୱତନ୍ତ୍ର ଭାବେ ଶିକ୍ଷାକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଅନୁଷ୍ଠାନମାନଙ୍କୁ ଏ ଉତ୍ସବ ମାଧମରେ ସମ୍ମାନିତ କରାଯାଇଛି। ଓଡ଼ିଶାର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ପାଇଁ କିସ୍ ବିଶ୍ୱବିଦ୍ୟାଳୟ, ଶ୍ରେଷ୍ଠ ମେଡ଼ିକାଲ କଲେଜ ପାଇଁ ହାଇଟେକ୍ ମେଡ଼ିକାଲ କଲେଜ, ଶ୍ରେଷ୍ଠ ଇଣ୍ଟରନ୍ୟାଶନାଲ ସ୍କୁଲ ପାଇଁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଶ୍ରେଷ୍ଠ ସିଭିଲ ସର୍ଭିସ୍ କୋଚିଂ ପାଇଁ ଆପ୍ଟି ପ୍ଲସ୍, ଶ୍ରେଷ୍ଠ ସିବିଏସି ବିଦ୍ୟାଳୟ ପାଇଁ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ, ଶ୍ରେଷ୍ଠ ବ୍ୟାଙ୍କିଂ କୋଚିଂ ପାଇଁ ମହେନ୍ଦ୍ରା, ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ପାଇଁ ରାଜଧାନୀ ଇଞ୍ଜିନିୟରିଂ କଲେଜ, ଶ୍ରେଷ୍ଠ ହାୟର ସେକେଣ୍ଡାରୀ ସ୍କୁଲ ପାଇଁ ଟେଟ୍ରାହେଡନ କଲେଜ, ଶ୍ରେଷ୍ଠ ଅଣ୍ଡର ଗ୍ରାଜୁଏଟ କଲେଜ ପାଇଁ ସୁବାସ ଏକାଡ଼େମୀ, ଶ୍ରେଷ୍ଠ ପଲିଟେକନିକ୍ କଲେଜ ପାଇଁ ଡିଭାଇନ୍ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନଲୋଜି, ଶ୍ରେଷ୍ଠ ମେଡ଼ିକାଲ କୋଚିଂ ପାଇଁ ଆକାଶ ଇନଷ୍ଟିଚ୍ୟୁଟ, ଶ୍ରେଷ୍ଠ ମ୍ୟାନେଜମେଣ୍ଟ କଲେଜ ପାଇଁ ବିଆଇଆଇଟିମ୍, ଶ୍ରେଷ୍ଠ ଫାୟାର ସେଫ୍ଟି ଇନଷ୍ଟିଚ୍ୟୁଟ ପାଇଁ ଏନ୍‌ଆଇଏଫ୍‌ଏସ୍, ଶ୍ରେଷ୍ଠ ଆଇଏସ୍ ଇନଷ୍ଟିଚ୍ୟୁଟ ପାଇଁ ବାଜିରାଓ ଆଇଏସ୍ ଏକାଡ଼େମୀ, ଶ୍ରେଷ୍ଠ ଏମର୍ଜିଂ କଲେଜ ପାଇଁ ଢେଙ୍କାନାଳ ଏକାଡ଼େମୀ, ଶ୍ରେଷ୍ଠ ପ୍ରଫେସନାଲ କଲେଜ ପାଇଁ କ୍ରିଏଟିଭ୍ ଟେକ୍ନୋ କଲେଜ, ଶ୍ରେଷ୍ଠ ପ୍ରି-ସ୍କୁଲ ପାଇଁ କ୍ୟୁଟି କିଡ୍‌ସ୍ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଛନ୍ତି। ଉତ୍ସବ ପୂର୍ବରୁ ସତ୍ୟ-ସତ୍ୟବ୍ରତ ଯୋଡ଼ି ଓ ପ୍ରେମକୁମାର-ଦୀପ୍ତି ଯୋଡ଼ିଙ୍କ ଦ୍ୱାରା ବ୍ୟଙ୍ଗ ଆସର ଅନୁଷ୍ଠିତ ହୋଇଥିଲା। ଅଗ୍ନିବେଶ ମହାପାତ୍ର ଓ ଗାୟତ୍ରୀ ମାଝୁରୁ ମଞ୍ଚ ପରିଚାଳନା କରିଥିଲେ। ଗିରିଶ ରଞ୍ଜନ, ରଜନୀକାନ୍ତ ତରାଇ, ଆଶିଷ କୁମାର ରଥ, ପ୍ରଦ୍ୟୁମ୍ନ ମହାପାତ୍ର, ମିଳନ ପ୍ରଧାନ, ଜିତେନ୍ଦ୍ର ଜେନା, ଶୁଭଲକ୍ଷ୍ମୀ ମହାନ୍ତି ଓ ବୀରେନ୍ ସାହୁ ପ୍ରମୁଖ ଉତ୍ସବ ସହଯୋଗ କରିଥିଲେ।

## ଶିକ୍ଷଣ କର୍ମଶାଳା ଇନ୍ଦ୍ରଧନୁ ଉଦ୍‌ଘାଟିତ

ଭୁବନେଶ୍ୱର,୮।୮(ବ୍ୟୁରୋ)

ୟୁନିଟ୍-୨ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ତିନିଦିନିଆ ଅନ୍ତର୍ନିବେଶୀ ଶିକ୍ଷଣ କର୍ମଶାଳା 'ଇନ୍ଦ୍ରଧନୁ' ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ବିଷୟରେ ସଫଳତା ପାଇଥିବା ଛାତ୍ରୀଛାତ୍ର ମଧୁସୂଦନ ଦାସ, ମାମୁନି ଦଳାଇ, ସିନୁ ସଭାସୁନ୍ଦର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ଅନୁଭୂତି କହିଥିଲେ। ଇନ୍ଦ୍ରଧନୁର ସାତ ରଙ୍ଗ ଆଧାରରେ ଭାଷା, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଚାରୁକଳା, ହସ୍ତଶିଳ୍ପ ଓ ସଙ୍ଗୀତ ବିଷୟରେ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ମୃତିରେଖା ତରାଇ, ସୌଦାମିନୀ ଦାଶ, ଅରୁଣାବାଳା ତ୍ରିପାଠୀ, ଅରବିନ୍ଦ ମହାନ୍ତି, ବିଜୟଲକ୍ଷ୍ମୀ ପାଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶେଷରେ ୟୁନିଟ୍-୪ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା।

## ଏଏସ୍‌ବିଏମ୍‌ରେ ନୂଆ ବ୍ୟାଚ୍‌ର ଶୁଭାରମ୍ଭ




ଭୁବନେଶ୍ୱର,୮।୮

ଏସିଆନ୍ ସ୍କୁଲ୍ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ (ଏଏସ୍‌ବିଏମ୍)ରେ ନୂଆ ପିଜିଡିଏମ୍, ବିବିଏ ଏବଂ ବି.କମ୍ ବ୍ୟାଚ୍‌ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ବିକାଶ ଏବଂ ସଫଳତା ଲାଗି ବିଭିନ୍ନ ପ୍ରସଙ୍ଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚାପର ବଶବର୍ତ୍ତୀ ନ ହୋଇ ନିଜକୁ ନିୟନ୍ତ୍ରଣ କରିବା ଆବଶ୍ୟକ ବୋଲି ନାବାର୍ଡ ସିଜିଏମ୍ ଏ.ଚନ୍ଦ୍ର ଶେଖର ଏଥିରେ କହିଛନ୍ତି। ସମାଜର ବିକାଶ ଲାଗି ନୂତନ ଆବିଷ୍କାର ଉପରେ ଛାତ୍ରୀଛାତ୍ରମାନେ ମନୋନିବେଶ କରିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ଓଏମ୍‌ସି କାର୍ମିକ ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥ କହିଛନ୍ତି, ପରିବର୍ତ୍ତିତ ବାଣିଜ୍ୟିକ ସ୍ଥିତିରେ ସଫଳତା ପାଇବା ଲାଗି ପରିବେଶ ଅନୁସାରେ ନିଜକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଆତ୍ମଶୃଙ୍ଖଳା ସଫଳତାର ମୂଳମନ୍ତ୍ର ଏହାକୁ ଛାତ୍ରୀଛାତ୍ର ସବୁ ବେଳେ ମନେ ରଖିବା ଆବଶ୍ୟକ। ଆତ୍ମ ଶୃଙ୍ଖଳା ବ୍ୟକ୍ତିକୁ ସଫଳତା ଦେଇଥାଏ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଡ.ବିଶ୍ୱଜିତ ପଟ୍ଟନାୟକ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଡିନ୍ ପ୍ରଫେସର କଲ୍ୟାଣ ଶଙ୍କର ରାୟ, ପରୀକ୍ଷା ନିୟନ୍ତ୍ରକ ଡ. ପଦ୍ମନାଭ ମହାପାତ୍ରଙ୍କ ଅନୁଷ୍ଠାନର ଫାକଲଟି ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## 'ଶିଶୁ ପ୍ରଯତ୍ନ ଗୃହରେ ବାଳିକାଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦିଅ'

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଶିଶୁଙ୍କୁ ଗଢ଼ିବାର ଦାୟିତ୍ୱ ହେଉଛି ମାତାପିତା, ଶିକ୍ଷକ, ସମାଜ ଏବଂ ପରିବେଶର। ସାମାନ୍ୟ ଅବହେଳାରେ ଶିଶୁ ମାନସିକ ଓ ଶାରୀରିକ ଭାବେ ପ୍ରଭାବିତ ହୋଇଥାଏ। ଶିଶୁ ସୁରକ୍ଷା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ବେଶ୍ ଯତ୍ନର ସହ ତୁଲାଇବାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀମାନଙ୍କୁ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ ପରାମର୍ଶ ଦେଇଛନ୍ତି। ଗୁରୁବାର ମିଶନ ଶକ୍ତି ଭବନରେ ଆୟୋଜିତ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମୀକ୍ଷା ବୈଠକରେ ମନ୍ତ୍ରୀ ସାହୁ ଏହି ପରାମର୍ଶ ଦେଇଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଶିଶୁ ପ୍ରଯତ୍ନ ଗୃହରେ ଶିଶୁମାନଙ୍କ ସୁରକ୍ଷା ବିଭାଗର ପ୍ରାଥମିକତା ବୋଲି କହିଥିଲେ। ଏହି ବୈଠକରେ ୩୦ଟି ଜିଲାର ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଶିଶୁ ସୁରକ୍ଷା ସମିତି କର୍ମଚାରୀମାନେ ଯୋଗଦେଇଥିଲେ।

### ■ କଣ୍ଡରା ପୋଖରୀ ପୁନରୁଦ୍ଧାର ପ୍ରସଙ୍ଗ
## ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା

ପୁରୁଣା ଭୁବନେଶ୍ୱର,୮।୮(ଡି.ଏନ.ଏ.)

### ପଦକ୍ଷେପ ପାଇଁ ପୁଣି ଅଭିଯୋଗ

ସ୍ଥାନୀୟ ଗ୍ୟାରେଜ ଛକ ନନ୍ଦକିଶୋରନଗରସ୍ଥିତ ପାଞ୍ଚ ଏକର ଜମି ପରିମିତ ଐତିହ୍ୟ କଣ୍ଡରା ପୋଖରୀ ପୁନରୁଦ୍ଧାର ଘଟଣାରେ ଗୁରୁବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ପୁଣି ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ନିକଟରେ ଦାବି କରାଯାଇଛି। ସୂଚନାଥାଉକି, ଏହି ଅଞ୍ଚଳର ବିଭିନ୍ନ ମଠ ମନ୍ଦିରରେ ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡୁଥିବାବେଳେ କଣ୍ଡରା ପୋଖରୀକୁ ମଧ ଛାଡ଼ି ନ ଥିଲେ। ୪ ବର୍ଷ ତଳେ ଏଠାରେ ଜଳାଶୟକୁ ଲଗେଇ ଜବରଦଖଲକାରୀମାନେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାକୁ ସେତେବେଳେ ଏକାମ୍ର ଜନଜାଗରଣ ମଞ୍ଚ ଘୋର ବିରୋଧ କରିଥିଲା। ଯେଉଁଥିପାଇଁ ଉଭୟପକ୍ଷଙ୍କୁ ଥାନାର ଦ୍ୱାରସ୍ଥ ହେବାକୁ ମଧ ପଡ଼ିଥିଲା। ତେଣୁ ଏହି ଜବରଦଖଲକୁ ରୋକିବାକୁ ଯାଇ ମଞ୍ଚ ପକ୍ଷରୁ ଏକ ଜନହିତ ଯାଚିକା ଗତ ୨୦୧୮ ମେ ମାସରେ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଦାଏର କରାଯାଇଥିଲା। ପରେ ଏହି ଜବରଦଖଲକୁ ବେଆଇନ ଘୋଷଣା କରିବା ସହ ଭୁବନେଶ୍ୱର ମହାନଗର ନିଗମକୁ ପତ୍ର ସଂଖ୍ୟା ଡବ୍ଲ୍ୟୁପି(ସି) ୮୭୬୨/୧୮ ଦ୍ୱାରା ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏଥିରେ କଣ୍ଡରାପୋଖରୀଟି ଐତିହାସିକ ଦେବତ୍ତର ଜଳାଶୟର ତୁରନ୍ତ ପୁନରୁଦ୍ଧାର ଏବଂ ଉପଯୁକ୍ତ ସଂରକ୍ଷଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଇତିମଧ୍ୟରେ ୧୪ ମାସ ବିତି ଯାଇଥିଲେ ମଧ ବିଭାଗ ପୁନରୁଦ୍ଧାରର ନାଁ ଗନ୍ଧ ଧରୁନାହିଁ। ଫଳରେ ପୋଖରୀ ଚତୁଃପାର୍ଶ୍ୱରେ ରହୁଥିବା ୧୦୦ରୁ ଊର୍ଦ୍ଧ୍ୱ ପରିବାର ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଜଳ ସଂକ୍ରମିତରେ ଡେଙ୍ଗୁ ମ୍ୟାଲେରିଆ ଭଳି ରୋଗକୁ ଏଡାଇ ଦିଆଯାଇ ନ ପାରେ। ଯାହାକୁ ବିରୋଧ କରି ଗୁରୁବାର ପୁଣି ମଞ୍ଚ ସଦସ୍ୟା ସୁଲତା ସାହାଣୀଙ୍କ ନେତୃତ୍ୱରେ ହିମାଂଶୁ ଶେଖର ହୋତା, ଗୋପୀନାଥ ପ୍ରଧାନ, ସଞ୍ଜୁଲତା ପଟ୍ଟନାୟକ, ବିଷ୍ଣୁପ୍ରିୟା ଜେନା, ତିଲୋତ୍ତମା ନାୟକ, ମୁରଲୀଧର ସ୍ୱାଇଁ, ପ୍ରଶାନ୍ତ ମହାପାତ୍ର, ଜୟକୃଷ୍ଣ ଦାସ, ସ୍ୱପ୍ନାରାଣୀ ସାମଲ ପ୍ରମୁଖ ସଦସ୍ୟାସଦସ୍ୟ ଦାବି ପତ୍ର ନେଇ ବିଏମସି ମୁଖ୍ୟ କମିଶନରଙ୍କ ନିକଟରେ ଦେଇଥିଲେ। ସେଥିରେ ୭ ଦିନ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମଞ୍ଚ ଧାରଣାକୁ ଓହ୍ଲାଇବ ବୋଲି ଉଲ୍ଲେଖ କରାଯାଇଛି।

### ■ ରାଜଧାନୀରେ ଏନ୍‌କାଉଣ୍ଟର ମାମଲା
# ଗ୍ୟାଙ୍ଗ୍‌ର ୯ ସଦସ୍ୟ ଗିରଫ



୯ କାର, ୫ ବନ୍ଧୁକ, ସୁନା ଗହଣା ଜବତ

ଭୁବନେଶ୍ୱର, ୮।୮(ବ୍ୟୁରୋ)

ଲୁଟପାଟ ଓ ଡକାୟତି ଗ୍ୟାଙ୍ଗ୍‌ର ୯ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି। ୫ଜଣଙ୍କୁ ଏନ୍‌କାଉଣ୍ଟର କରିଥିବାବେଳେ ଅନ୍ୟ ୪ଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଛି। ଏନ୍‌କାଉଣ୍ଟରରେ ଆହତ ୫ଜଣ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ୪ଜଣଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଆହତ ୫ଜଣଙ୍କ ମଧ୍ୟରୁ ରବି ରାଓ ଏବଂ ଅନ୍ୟ ଦୁଇଜଣଙ୍କୁ ରିମାଣ୍ଡରେ ଆଣି ପୋଲିସ ପଚରାଉଚରା କରିବ ବୋଲି ଜଣାପଡ଼ିଛି। ଗିରଫ ୯ ଅଭିଯୁକ୍ତ ହେଲେ ଆଠଗଡର ବିବେକ ନାୟକ, ଆଠଗଡ଼ ଉପରସାହିର ସିପୁନ କବି, ବାଲେଶ୍ୱର ଜିଲା ସୋର ଅଞ୍ଚଳର ଅରୁଣ ମଲ୍ଲିକ ଓ ଖଇରା ଅଞ୍ଚଳର ଦେବାଶିଷ ଦାଶ, କଟକ ନିଆଳିର ହରେକୃଷ୍ଣ ସ୍ୱାଇଁ, ଖାରବେଳନଗରର ରବି ରାଓ, ଖଣ୍ଡଗିରି ରଘୁନାଥ ନଗରର ଅର୍ଜୁନ ଦାଶ, ମହାକାଳପଡା ଥାନା ଗୋଖାଖଟି ଗ୍ରାମର ଜଗବନ୍ଧୁ ସ୍ୱାଇଁ ଓ କଟକ ଗୁରୁଡିଝାଟିଆ ଅଞ୍ଚଳର ଅଜୁ ସାହୁ। ଏମାନଙ୍କଠାରୁ ୯ କାର, ୮ ବାଇକ, ୨୨୪ ଗ୍ରାମର ସୁନାଅଳଙ୍କାର, ୫୦ ହଜାର ଟଙ୍କା, ୧୦ ମୋବାଇଲ୍ ଫୋନ, ୫ ଚୋରା ବନ୍ଧୁକ, ୬ରାଉଣ୍ଡ ଗୁଳି, ୨ ଭୁଜାଲି ଏବଂ ଏକ ଆପାର୍ଟମେଣ୍ଟରୁ ବିପୁଳ ପରିମାଣର ମଦ ବୋତଲ ଜବତ ହୋଇଛି। ପୋଲିସ କମିଶନର ସତ୍ୟଜିତ ମହାନ୍ତି ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

### ଗ୍ୟାଙ୍ଗ୍ ନାମରେ ୫୦ରୁ ଅଧିକ ମାମଲା

ରବି ରାଓ ଗ୍ୟାଙ୍ଗ୍ ନାମରେ ୫୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। କେବଳ ରବିଙ୍କ ମାମଲା ସଂଖ୍ୟା ୨୮ରୁ ଅଧିକ। ନୟାପଲ୍ଲୀ ବ୍ୟବସାୟୀଙ୍କୁ ଅପହରଣ, ମହିମା ମୋଟର୍ସ, ତୃପ୍ତି ହୋଟେଲ ମାଲିକଙ୍କୁ ଆକ୍ରମଣ ଓ ଲୁଟ, ଖଣ୍ଡଗିରି ଏବଂ ଏୟାରପୋର୍ଟ ଅଞ୍ଚଳରୁ କାର ଲୁଟ, ବାଲିଅନ୍ତା ବ୍ୟାଙ୍କରୁ ଲୁଟ୍ ଆଦି ଘଟଣାରେ ଏହି ଗ୍ୟାଙ୍ଗ ସମ୍ପୃକ୍ତ ଥିବା ଜଣାପଡ଼ିଛି।

### ଲୁଟ୍ କାର୍‌ରେ ଗଞ୍ଜେଇ ବେପାର କରୁଥିଲେ

ଏହି ଗ୍ୟାଙ୍ଗ୍ ଡକାୟତି ଓ ଲୁଟ୍ ସହ ନିଶାଦ୍ରବ୍ୟ ଚୋରା ଚାଲାଣ କରୁଥିଲେ। ପ୍ରଥମେ ଏମାନେ ମାରଣାସ୍ତ୍ର ଦେଖାଇ କାର ଲୁଟ କରୁଥିଲେ। ପରେ ଉକ୍ତ କାରକୁ ଅନ୍ୟ ଜିଲାକୁ ନେଇ ନିଶାଦ୍ରବ୍ୟ କାରବାରରେ ବ୍ୟବହାର କରୁଥିଲେ। ବିଶେଷ କରି ରାଜଧାନୀରୁ କାର ଲୁଟ କରି ଫୁଲବାଣୀରେ ଗଞ୍ଜେଇ ଚାଲାଣରେ ବ୍ୟବହାର କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏପରି କି ସେମାନେ ଧରା ନ ପଡ଼ିବା ପାଇଁ ଜଙ୍ଗଲ କିମ୍ବା ନିଛାଟିଆ ସ୍ଥାନରେ କାର ରଖି ତା' ଭିତରେ ଶୋଉଥିଲେ।

### ଲୁଟ୍ ଟଙ୍କାରେ ସମ୍ପତ୍ତି କରୁଥିଲେ

ଏହି ଗ୍ୟାଙ୍ଗ ଲୁଟପାଟ ଟଙ୍କାକୁ ନିଜ ମଧରେ ବାଣ୍ଟି ନେଉଥିଲେ। ଏଥିଯୋଗୁ ପୋଲିସ ସେମାନଙ୍କୁ ଗିରଫ କରିଥିଲେ ମଧ ସମସ୍ତ ଲୁଟ୍ ଟଙ୍କା କି ସୁନାକୁ ଜବତ କରିପାରିନାହିଁ। ପାହାଳ ନିକଟ ବ୍ୟାଙ୍କ୍‌ରୁ ଲୁଟିଥିବା ୩୫ଲକ୍ଷ ଟଙ୍କାରେ ସେମାନେ ଗାଡ଼ି, ଘର କରଣା ସାମଗ୍ରୀ କିଣି ଥିଲେ।

### ଦୁଇଟି ଗ୍ୟାଙ୍ଗ୍‌ର ହୋଇଥିଲା ମିଳନ

ରବି କାମାକ୍ଷାନଗରର ଜଣେ ଯୁବନେତାଙ୍କୁ ହତ୍ୟା କରିଥିଲେ। ଏହି ଘଟଣାରେ ୮ଜଣ ଗିରଫ ହୋଇଥିବାବେଳେ ସେ ଫେରାର ଥିଲେ। ରାଉରକେଲାକୁ ଚାଲିଯାଇ ସେ ଏକ ଗ୍ୟାଙ୍ଗ୍ ଗଢ଼ିଥିଲେ। ସେଠାରେ ଅପରାଧ ଘଟାଇବା ପରେ ରାଜଧାନୀକୁ ଫେରିଥିଲେ। ଗତ ଦୁଇମାସ ଭିତରେ ଆଠଗଡରୁ କାର ଲୁଟ ଘଟଣାରେ ଗିରଫ ହୋଇଥିବା ଗ୍ୟାଙ୍ଗ୍ ସହ ସେ ପରିଚିତ ହୋଇଥିଲେ। ଏହାପରେ ଦୁଇ ଗ୍ୟାଙ୍ଗ୍ ମିଶି ଅପରାଧ ଘଟାଉଥିଲେ ବୋଲି ପୋଲିସ କମିଶନର କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୯ ଅଗଷ୍ଟ,୨୦୧୯



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି ।
- ଦୀନ ଦୟାଲ



## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ
## ୧୦ରେ ସରିବ କୁଳପତିଙ୍କ କାର୍ଯ୍ୟକାଳ, ଦାୟିତ୍ୱରେ ରହିବେ ଆରଡିସି

**କଟକ ଅଫିସ, ୮।୮:** କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ଅନିଲ କୁମାର ସାମଲ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱରେ ରହିବେ। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ତାଙ୍କୁ ଏହି ଦାୟିତ୍ୱ ନେବା ପାଇଁ ଆଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ କୁଳପତି ପ୍ରଫେସର ରାଧାମାଧବ ଦାଶଙ୍କ କାର୍ଯ୍ୟକାଳ ଆସନ୍ତା ୧୦ରେ ଶେଷ ହେବ। ତେବେ ନୂତନ କୁଳପତି ନିଯୁକ୍ତ ହେବା ପର୍ଯ୍ୟନ୍ତ ଆସନ୍ତା ୧୦ରୁ ଅନିଲ ଏହି ଦାୟିତ୍ୱରେ ରହିବେ ବୋଲି ସରକାରଙ୍କ ନିର୍ଦ୍ଦେଶନାମା ରହିଛି।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ନିଆଳି,୮।୮(ଡି.ଏନ୍.ଏ.): ନିଆଳି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଏହି ଥାନା ଅଞ୍ଚଳର ଦୀପୁନା ଭୋଇ। ଅଭିଯୋଗ ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ନାବାଳିକା ଜଣଙ୍କ ଏକୁଟିଆ ଘରେ ଥିବା ବେଳେ ଦୀପୁନା ତାଙ୍କୁ ପ୍ରଲୋଭନ ଦେଖାଇ ଛାତ ଉପରକୁ ଡାକି ନେଇଥିଲେ। ଏହା ପରେ ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ସମ୍ପୃକ୍ତା ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୭୮/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

## ଲାଞ୍ଚ: ଅବକାରୀ ବିଭାଗ କିରାଣି ଗିରଫ

**କଟକ ଅଫିସ,୮।୮:** ମଦ ଦୋକାନ ଲାଇସେନ୍ସ ନବୀକରଣ କରିବା ପାଇଁ ୫ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ କଟକ ଅବକାରୀ ବିଭାଗର ବରିଷ୍ଠ କିରାଣି ରଞ୍ଜିତ ରଞ୍ଜନ ବେହେରା ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, କଟକର ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ ବିଦେଶୀ ମଦ ଦୋକାନ ଲାଇସେନ୍ସ ନବୀକରଣ କରିବା ଲାଗି ରଞ୍ଜିତ ୫ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ପ୍ରଦ୍ୟୁମ୍ନ ଭିଜିଲାନ୍ସରେ ଜଣାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗୁରୁବାର ଅପରାହ୍ନ ୩ଟା ୪୫ରେ ଅବକାରୀ କାର୍ଯ୍ୟାଳୟରେ ପ୍ରଦ୍ୟୁମ୍ନଙ୍କଠାରୁ ୫ହଜାର ଲାଞ୍ଚ ଟଙ୍କା ରଞ୍ଜିତ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରିଥିଲେ। ଏଥିସହ ରଞ୍ଜିତଙ୍କ ଠାରୁ କେମିକାଲ ଲାଗିଥିବା ଉକ୍ତ ଟଙ୍କା ଜବତ କରାଯାଇଥିଲା। ପରେ ରଞ୍ଜିତଙ୍କ ଭୁବନେଶ୍ୱରରେ ଥିବା ଘରେ ଭିଜିଲାନ୍ସ ଯାଞ୍ଚ କରିଥିଲା। ଏ ନେଇ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୨୫/୨୦୧୯) ରୁଜୁ ହୋଇଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ■ ଜଟଣୀରେ ଗୋରୁଚାଲାଣ ର୍ୟାକେଟ୍ ସକ୍ରିୟ
# ଗୋରୁ ବୋଝେଇ ଗାଡ଼ି ଜବତ: ୬ ଗିରଫ

ଜଟଣୀ ୮।୮(ଡ଼ି.ଏନ.ଏ.)

ଗୋରୁଚାଲାଣ ବେଳେ ଜଟଣୀ ପୋଲିସ ୩ଟି ଗାଡ଼ି ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛନ୍ତି। ଗାଡ଼ିରେ ଭର୍ତ୍ତି ହୋଇଥିବା ୩୮ଟି ଗାଈ ଉଦ୍ଧାର କରାଯାଇଛି। ରାତ୍ରିକାଳିନ ପାଟ୍ରୋଲିଂ ଓ ବ୍ଲକିଂ ସମୟରେ ୧୬ ନଂ. ଜାତୀୟ ରାଜପଥର ଗଙ୍ଗପଡ଼ା ନିକଟରୁ ବୁଧବାର ୩ଟି ଟାଟା ଏସିଇ ଗାଡ଼ି ଯାଞ୍ଚ ସମୟରେ ଏଥିରେ ଭର୍ତ୍ତି ହୋଇଥିବା ଗୋରୁ ଦେଖିବାକୁ ପାଇଥିଲେ। ଏହି ଗାଡ଼ି ଭିତରେ ନିର୍ଦ୍ଦୟ ଭାବେ ଖୁନ୍ଦା ଖୁନ୍ଦି କରି ଭର୍ତ୍ତି କରାଯାଇଥିବା ଗାଈଗୁଡ଼ିକୁ ଉଦ୍ଧାର କରି ଜଟଣୀରେ ଥିବା ଏକ ଗୋଶାଳାରେ ଛଡାଯାଇଛି। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ ଇଷ୍ଟ ଗୋଦାବରୀ ଜିଲା ଅନ୍ତର୍ଗତ ବିଭିନ୍ନ ଗ୍ରାମର କୁନ୍ଦୁଲାମନ୍ତ୍ରୀ ନାନୀ, ନାମାୟାଲୁ ୟାରାବାବୁ, କ୍ୟାପାୱାରେଷ୍ଟୁ ରାଜୁ, ଗନ୍ତା ରମେଶ, ଭିରପୁଲ୍ଲା ସିବା, ପ୍ରଗଡ଼ା ଭିଡ଼ିଭି ସତ୍ୟନାରାୟଣ। ଉଦ୍ଧାର ହୋଇଥିବା ଗାଈଗୁଡ଼ିକୁ କଲିକତାରୁ ଆନ୍ଧ୍ରପ୍ରଦେଶ ଚାଲାଣ କରାଯାଉଥିବା ପଚରାଉଚୁରା ସମୟରେ ଗିରଫ ଅଭିଯୁକ୍ତମାନେ କହିଥିବା ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ କହିଛନ୍ତି। ଏ ନେଇ ଜଟଣୀ ନଂ. ୨୯୧/୧୯ରେ ମାମଲା ରୁଜୁ ହୋଇଛି।



■ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ
■୩୮ ଗୋରୁ ଉଦ୍ଧାର

ଦୀର୍ଘଦିନ ହେବ ଜଟଣୀ ଅଞ୍ଚଳରେ ଗୋରୁ ଚୋର ଓ ଚାଲାଣକାରୀ ସକ୍ରିୟ ରହିଥିଲେ ମଧ୍ୟ ପୋଲିସ ଏହି ର୍ୟାକେଟ୍ ସଦସ୍ୟଙ୍କୁ ଧରି ପାରୁ ନ ଥିଲା। ଜଟଣୀ ସହର, ଗ୍ରାମାଞ୍ଚଳରେ ର୍ୟାକେଟ୍‌ର ସଦସ୍ୟମାନେ ବହୁ ସଂଖ୍ୟାରେ ଗୋରୁ ଚୋରି କରି ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ଏହି ର୍ୟାକେଟ୍‌ର ପ୍ରାଦୁର୍ଭାବରେ ଲୋକେ ଗାଈ ପାଳିବା ପ୍ରାୟ ଛାଡ଼ି ସାରିଲେଣି। ବିଭିନ୍ନ ରାସ୍ତାକଡ଼ ପଡ଼ିଆ ତଥା ଅନ୍ୟାନ୍ୟ ସ୍ଥାନରେ ରାତିରେ ରହୁଥିବା ଗୋରୁଙ୍କୁ ଏହି ର୍ୟାକେଟର ସଦସ୍ୟମାନେ ଚୋରି କରି ନେଉଥିଲେ। ଏପରି କି ଘର ଗୁହାଳରୁ ରାତିରେ ଗାଈ ଚୋରି ହୋଇଯାଉଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିଲା।

ସିସିଟିଭିରେ ଚୋରି ସମୟର ଦୃଶ୍ୟରୁ ଜଣାପଡିଛି ଏକ ଟାଟା ଏସିଇ ଗାଡ଼ି ଆସି ଲାଗୁଛି। ସେଥିରୁ ତଳକୁ ୨ ଜଣ ଓହ୍ଲାଉଛନ୍ତି। ଆଉ ଦୁଇଜଣ ଗାଡ଼ି ଉପରେ ରହୁଛନ୍ତି। ଓହ୍ଲାଇଥିବା ଦୁଇଜଣ ଏକ ଗାମୁଛାକୁ ଗୁଡ଼ାଇ ଶୋଇଥିବା ଏକ ଗାଈ ବେକରେ ପଘା ପକାଇଲା ପରି ପକାଇ ଟାଟା ଏସିଇ ଉପରକୁ ଚଢ଼ାଉଛନ୍ତି। ଉପରେ ଥିବା ୨ଜଣ ଗାଈ ଉଠାଇବାରେ ସହଯୋଗ କରୁଛନ୍ତି। ଅତି ନୃଶଂସ ଭାବେ ଗାଈଟିକୁ କିପରି ଗାଡ଼ି ଉପରକୁ ଚଢ଼ାଉଛନ୍ତି ସିସିଟିଭିରେ ଏହା କଏଦ ହୋଇଛି। ଜଟଣୀ କୁଦିଆରୀ ଅଞ୍ଚଳରେ ଥିବା ଏକ ପେଟ୍ରୋଲ ପମ୍ପରେ ଶୋଇଥିବା ଗାଈଙ୍କୁ ବୁଧବାର ବିଳମ୍ବିତ ରାତିରେ କିପରି ଗୋରୁ ଚାଲାଣକାରୀ ଚୋରି କରିନେବା ଦୃଶ୍ୟ ଏହି ଫିଲିଂ ଷ୍ଟେଶନରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଦୃଶ୍ୟମାନ ହେଉଛି। ଏହି ସିସିଟିଭି ଫୁଟେଜ ଚାରିଆଡ଼େ ଭାଇରାଲ ମଧ୍ୟ ହୋଇଯାଇଛି। ପେଟ୍ରୋଲ ପମ୍ପର ମାଲିକ ତଥା ଜଟଣୀ ବ୍ୟବସାୟୀ ସଂଘର ସଭାପତି ସୁଦର୍ଶନ ସୁନ୍ଦରାୟ କୁହନ୍ତି, ରାତ୍ରି ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଗଲେ ଗୋରୁ ଚୋରି ବନ୍ଦ ହୋଇପାରିବ।



ବାରବାଟୀ ଷ୍ଟାଡିୟମ ସ୍ଥିତ କ୍ଲବ ହାଉସ ପରିସରରେ ଶିଳ୍ପୀମାନେ ଚିତ୍ର ଆଙ୍କୁଛନ୍ତି।

## ଚିତ୍ରକଳା କର୍ମଶାଳା ଉଦ୍‌ଘାଟିତ

କଟକ ଅଫିସ, ୮।୮

ଅସୀମ ଅଖଣ୍ଡ କ୍ରିଏଟିଭ ଫାଉଣ୍ଡେଶନ ପକ୍ଷରୁ ବାରବାଟୀ ଷ୍ଟାଡିୟମ ସ୍ଥିତ କ୍ଲବ ହାଉସ ପରିସରରେ ପ୍ରଖ୍ୟାତ ଶିଳ୍ପୀ ଅସୀମ ଅଖଣ୍ଡଙ୍କ ସ୍ମୃତି ସମାରୋହ ଅବସରରେ ଦୁଇ ଦିନିଆ ଚିତ୍ରକଳା କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନ ସଭାପତି ଅରୁଣ ପଣ୍ଡା ଅଧ୍ୟକ୍ଷତା କରି ଅସୀମଙ୍କ ଚିତ୍ରକଳା ଓ ଓଡ଼ିଶା ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅସୀମଙ୍କ ଚିତ୍ରକଳା କ୍ଲବ ହାଉସ ପରିସରରେ ସ୍ଥାନ ପାଇବା ଉଚିତ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ ନାୟକ ଯୋଗଦେଇ ଓଡ଼ିଶାର କଳା ଭାସ୍କର୍ଯ୍ୟ ବିଶ୍ୱରେ ସର୍ବୋତ୍କୃଷ୍ଟ ବୋଲି କହିଥିଲେ। କଳା ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟ ସରକାର ଚିତ୍ରଶିଳ୍ପୀମାନଙ୍କୁ ସହଯୋଗ କରିବେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଡା. ଜେ.ପି. ଦାସ କହିଥିଲେ, ଚିତ୍ରଶିଳ୍ପ ତାଙ୍କ ପେସାକୁ ଶୃଙ୍ଖଳିତ କରିଛି। ପେସାରେ ଜଣେ ଡାକ୍ତର ହେଲେ ମଧ୍ୟ ଚିତ୍ରକଳା ପ୍ରତି ତାଙ୍କର ଦୁର୍ବଳତା ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦ଜଣ ପ୍ରଖ୍ୟାତ ଚିତ୍ରଶିଳ୍ପୀଙ୍କ ସମେତ ସମସ୍ତ ଆର୍ଟ ସ୍କୁଲର ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ଏହି ଅବସରରେ ପ୍ରସ୍ତୁତ ହୋଇଥିବା ସମସ୍ତ ଚିତ୍ରକଳା ଶୁକ୍ରବାର ବାରବାଟୀ ଷ୍ଟାଡିୟମ ସ୍ଥିତ କ୍ଲବ ହାଉସରେ ପ୍ରଦର୍ଶନ କରାଯିବ। ରବି ନାରାୟଣ ରଥ ସ୍ୱାଗତ ଭାଷଣ ଓ ଫାଉଣ୍ଡେଶନର ସମ୍ପାଦକ ପ୍ରଣବ ଅଖଣ୍ଡ ଧନ୍ୟବାଦ ଦେଇଥିଲେ।



ଆସୁଛି ଗଣେଶ ପୂଜା: କଟକ ଶିଳ୍ପୀ କୁମ୍ଭାର ସାହି ଅଞ୍ଚଳରେ ଗଣେଶଙ୍କ ମୃଣ୍ମୟ ପ୍ରତିମା ଗଢ଼ିବାରେ ନିମଗ୍ନ ଜଣେ ଶିଳ୍ପୀ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ନିଆଳି,୮।୮(ଡି.ଏନ୍.ଏ.)

ନିଆଳି ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ଅନୁଆ ବେହେରା(୭୦)। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟା ରେ ଅନୁଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ କୌଣସି କାରଣରୁ ସେ ପାଣିରେ ବୁଡ଼ିଯାଇଥିଲେ। ଅପରାହ୍ନ ପ୍ରାୟ ୧ଟା ରେ ଅନୁଆଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେବା ସହ ମୃତଦେହକୁ ପାଣିରୁ ବାହାର କରିଥିଲେ। ଅନୁଆଙ୍କ ଗୋଡରେ ଗୋଟିଏ ଚପଲ ଥିବା ବେଳେ ତାଙ୍କ ଛତା ପୋଖରୀ କୂଳରେ ଥିବା ଦେଖିବାକୁ ମିଳିଥିଲା। ଖବରପାଇ ନିଆଳି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୧୯) ରୁଜୁ ହୋଇଛି।

## ପାଣିରେ ବୁଡ଼ି ଯୁବ ଚାଷୀ ମୃତ

ମାହାଙ୍ଗା,୮।୮(ସ୍ୱ.ପ୍ର.)

ମାହାଙ୍ଗା ଥାନା ଭେଡ଼ା ପଞ୍ଚାୟତ ଅନ୍ତର୍ଗତ ଭେଡା ରାମକୃଷ୍ଣପୁର ଗ୍ରାମରେ ଗୁରୁବାର ଖାଲୁଆ ସ୍ଥାନରେ ଥିବା ପାଣିରେ ବୁଡିଯିବାରୁ ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶୋର ରାଉତ(୨୦)। ସକାଳେ ସେ ବିଲକୁ ଚାଷ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଚାଷ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ଗ୍ରାମ ନିକଟ ରାମ ମନ୍ଦିର ପାଖରେ ପାଣି ଭର୍ତ୍ତି ହୋଇଥିବା ଏକ ଖାଲୁଆ ସ୍ଥାନରେ ହାତଗୋଡ ଧୋଇଥିଲେ। ଏହି ସମୟରେ ଅସାବଧାନତାବଶତଃ ଗୋଡ ଖସିଯିବାରୁ କିଶୋର ପାଣିରେ ବୁଡ଼ି ଯାଇଥିଲେ। ଉକ୍ତ ରାସ୍ତାଦେଇ ଯାଉଥିବା ଜଣେ ବାଟୋଇ ପାଣିରେ ଶାର୍ଟ ଭାସୁଥିବା ଦେଖି ସ୍ଥାନୀୟ ଲୋକ ଓ କୁଆଁପାଳ ଅଗ୍ନିଶମ ସେବାସଂସ୍ଥାରେ ଖବର ଦେଇଥିଲେ। ପରେ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରିଥିଲେ। ଖବରପାଇ ମାହାଙ୍ଗା ପୋଲିସ ସେଠାରେ ପହଞ୍ଚି ଥାନାରେ ମାମଲା (ନଂ.୮/୧୯) ରୁଜୁ କରିଛି। ଏଥିସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

### ■ କଟକରେ ୩ ଜଣଙ୍କ ଗଳାକାଟି ହତ୍ୟା ଘଟଣା
## ଜେଏମ୍‌ଏଫ୍‌ସିରେ ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ବୟାନ ରେକର୍ଡ

କଟକ ଅଫିସ, ୮।୮

କଟକରେ କିଛିଦିନ ତଳେ ୨୪ ଘଣ୍ଟା ମଧ୍ୟରେ ୩ ଜଣଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ନୟାଗଡ ଅଞ୍ଚଳର ନାରାୟଣ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାତ୍ର ଗତ ବୁଧବାର ନାରାୟଣଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ପକ୍ଷରୁ ଏ ନେଇ କଟକ ଜେଏମ୍‌ଏଫ୍‌ସିରେ ମାମଲା ରୁଜୁ ହୋଇଥିଲା। ସେହିପରି ଉକ୍ତ ଘଟଣାର ତଦନ୍ତ ମାଜିଷ୍ଟ୍ରେଟ୍ କିମ୍ବା ସିବିଆଇ ଦ୍ୱାରା କରାଇବାକୁ ଗୀତାଞ୍ଜଳି ଗୁରୁବାର ଆଉ ଏକ ପିଟିଶନ୍ ଦାଏର କରିଛନ୍ତି। ଗୀତାଞ୍ଜଳି କହିଛନ୍ତି, ନାରାୟଣଙ୍କୁ ସେ କଟକ ଏସ୍‌ସିବି ମେଡ଼ିକାଲ ମାନସିକ ବିଭାଗରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ନାରାୟଣ ଚାଲି ଯାଇଥିବାବେଳେ ପରିବାର ଲୋକେ ତାଙ୍କୁ ଅନେକ ଖୋଜି ପାଇ ନ ଥିଲେ। ନାରାୟଣ ଜୁଲାଇ ୨୨ରେ ଭୁବନେଶ୍ୱର ସାଲିଆସାହି ସ୍ଥିତ ତାଙ୍କ ଭଉଣୀଙ୍କ ଘରେ ଥିଲେ। ଏହାପରେ ସେ ନୟାଗଡ଼ ସୁନାମୁହିଁ ସ୍ଥିତ ତାଙ୍କ ପୈତୃକ ଘରକୁ ଯାଇଥିଲେ। ତେଣୁ ସାଲିଆ ସାହି ସ୍ୱାଇଁ ମଦ ଦୋକାନ ଏବଂ ନୟାଗଡ଼ ସୁନାମୁହିଁସ୍ଥିତ ବ୍ୟାଙ୍କର ସିସିଟିଭି ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଗୀତାଞ୍ଜଳି କୋର୍ଟରେ ବୟାନ ଦେଇଛନ୍ତି। ଅଭିଯୋଗକାରିଣୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ, କଳିଙ୍ଗ କେଶରୀ ମହାପାତ୍ର ଓ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଛନ୍ତି।



ମହାନଦୀର ଯୋବ୍ରା ଆନିକଟଠାରେ ପ୍ରବାହିତ ବନ୍ୟା ଜଳ।

## ଆୟୋଗ ବିରୋଧରେ ଅପପ୍ରଚାରକୁ ଓପିଏସ୍‌ସିର ଖଣ୍ଡନ

ଭୁବନେଶ୍ୱର,୮।୮(ବ୍ୟୁରୋ)

ଓଡ଼ିଶା ସିଭିଲ୍ ସର୍ଭିସ୍-୨୦୧୫ ଏବଂ ସହକାରୀ ଉପବିଭାଗ ଅଧିକାରୀ-୨୦୧୮ (ଏଏସ୍‌ଓ) ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଗୁରୁବାର ଏହାକୁ ଖଣ୍ଡନ କରାଯାଇଛି। ଆୟୋଗ ପକ୍ଷରୁ କୁହାଯାଇଛି ଯେ, କେତେକ ପ୍ରାର୍ଥୀ ଗଣମାଧ୍ୟମ ଆଗରେ ସେମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା ଦର୍ଶାଇ ମିଥ୍ୟା ଗୁଜବ ପ୍ରଚାର କରିବା ଲକ୍ଷ୍ୟ କରାଯାଉଛି। ଏହି ଅଭିଯୋଗଗୁଡିକୁ ଲୋକସେବା ଆୟୁକ୍ତ ଯାଞ୍ଚ କରିଛନ୍ତି। ସେଥିରୁ ଜଣାପଡିଛି ଯେ, ସେସବୁ ଅଭିଯୋଗ ଭିତ୍ତିହୀନ ଓ ସେଥିରେ ପୁନଃ ମୂଲ୍ୟାଙ୍କନ ପାଇଁ ଦାବିରେ ମନ୍ଦ ଉଦ୍ଦେଶ୍ୟ ରହିଛି । ଜଣେ ପ୍ରାର୍ଥୀ ମଧ୍ୟ ପରୀକ୍ଷକ ଏବଂ ମୁଖ୍ୟପରୀକ୍ଷକଙ୍କ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନ ପ୍ରତି ସନ୍ଦେହ ପ୍ରକଟ କରିଛନ୍ତି। ତଦନ୍ତରୁ ଜଣାଯାଇଛି ଯେ, ଯଦିଓ ସେହି ପ୍ରାର୍ଥୀଙ୍କୁ ପରୀକ୍ଷକ ବା ମୁଖ୍ୟ ପରୀକ୍ଷକଙ୍କ ଦ୍ୱାରା ମୂଲ୍ୟାୟନ ପରେ ଅଧିକ ନମ୍ବର ମିଳିଛି। ହେଲେ ସଂପୃକ୍ତ ବର୍ଗରେ ଧାର୍ଯ୍ୟ କଟ୍ ଅଫ୍ ନମ୍ବରଠାରୁ ସେହି ପରୀକ୍ଷାର୍ଥୀ ବହୁ ପଛରେ ଅଛନ୍ତି। ଏ ବିଷୟରେ ସେହି ପ୍ରାର୍ଥୀଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ଜଣାଯାଇଛି ।

ଆୟୋଗ ପକ୍ଷରୁ ସମସ୍ତ ପ୍ରାର୍ଥୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ସେମାନଙ୍କର ଅଭିଯୋଗଗୁଡିକୁ ସିଧାସଳଖ କମିଶନଙ୍କ ଦୃଷ୍ଟିକୁ ଆଣନ୍ତୁ। ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ବିଭ୍ରାନ୍ତିକର ତଥ୍ୟ ଦିଅନ୍ତୁ ନାହିଁ। ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଜଣେ ନିଜର ଦାବି ପୂରଣ ପାଇଁ ସହାୟତା ନେଇପାରେ । ମାତ୍ର ମନ୍ଦ ଉଦ୍ଦେଶ୍ୟ ରଖି ଏଭଳି ମିଥ୍ୟା ଅପପ୍ରଚାର କରିବା ଉଚିତ ନୁହେଁ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି। ସେହିଭଳି ଅପପ୍ରଚାର କଲେ, ଓପିଏସ୍‌ସି କେନ୍ଦ୍ରୀୟ ଲୋକସେବା ଆୟୋଗ ଦ୍ୱାରା ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷାରେ ଅଂଶଗ୍ରହଣ ପାଇଁ ଅଯୋଗ୍ୟ ବିବେଚିତ ହେବେ ବୋଲି ଆୟୋଗର ସଚିବ ଜଣାଇଛନ୍ତି।

# ଆକର୍ଷିତ କରୁଛି ପୁରାତନ ସାମଗ୍ରୀ

କଟକ ଅଫିସ,୮।୮

ବିଦେଶୀଙ୍କୁ ଆକୃଷ୍ଟ କରୁଛି କଟକ ଜିଲା ଖପୁରିଆସ୍ଥିତ ଆଇଟିଆଇ ସରକାରୀ କଲେଜ। ଏଠାରେ ଏକ ଦକ୍ଷତା ସଂଗ୍ରହାଳୟ ରହିଛି। ଏହା ରାଜ୍ୟର କୌଣସି ସରକାରୀ ଶିକ୍ଷାନୁଷ୍ଠାନରେ ଗଢ଼ି ଉଠିଥିବା ପ୍ରଥମ ଦକ୍ଷତା ସଂଗ୍ରହାଳୟ। କଲେଜ ଛାତ୍ରୀଛାତ୍ରଙ୍କ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟାର ଦକ୍ଷତା ବୃଦ୍ଧି ନିମନ୍ତେ ଗଠନ ହୋଇଥିବା ଏହି ସଂଗ୍ରହାଳୟ ହିଁ ବିଦେଶୀଙ୍କୁ ଆକୃଷ୍ଟ କରିବାର ମୁଖ୍ୟ କାରଣ ପାଲଟିଛି। ଅଦରକାରୀ ବସ୍ତୁକୁ ବ୍ୟବହାର କରି ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାମଗ୍ରୀର ରୂପ ଦେଉଛନ୍ତି। ଯାହାକୁ ଦେଖିବାକୁ ଗତ ମାସରେ ସିଙ୍ଗାପୁର, ଜାପାନର କେତେଜଣ ବ୍ୟକ୍ତି ଏଠାକୁ ଆସିଥିଲେ ବୋଲି କଲେଜ ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି କହିଛନ୍ତି। ତେବେ ଗତ





ଜାନୁୟାରୀରୁ ଏପର୍ଯ୍ୟନ୍ତ ପ୍ରାୟ ୪୫ଜଣ ବିଦେଶୀ ଆସି ସାରିଲେଣି ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି।

୨୦୧୮ ଅଗଷ୍ଟ ୪ରେ ଉକ୍ତ କଲେଜର ଦକ୍ଷତା ସଂଗ୍ରହାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ୭୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ସଂଗ୍ରହାଳୟରେ ଅନେକ ପୁରାତନ ବସ୍ତୁ ସ୍ଥାନ ପାଇଛି। ବିଶେଷକରି ଜରୁରିକାଳୀନ ହେଲମେଟ, ଗାଡ଼ି ଭଗ୍ନାଂଶରୁ ଗୀଟାର, କାଠରେ ତିଆରି ଶିବଲିଙ୍ଗ, ଅତ୍ୟାଧୁନିକ ଧାନକଳ ଭଳି ଅନେକ ସାମଗ୍ରୀ ଏଠାରେ ଦେଖିବାକୁ ମିଳୁଛି। ତେବେ ଚଳନଶୀଳ ବ୍ରିଜର ଏକ ଡେମୋ ଏଠାରେ ସ୍ଥାନ ପାଇଛି। ଚାରିପାର୍ଶ୍ୱକୁ ବିସ୍ତାର ହୋଇଥିବା ବ୍ରିଜର ପାର୍ଶ୍ୱଗୁଡ଼ିକ ଆପେଆପେ ନିଜର ସ୍ଥିତି ବଦଳାଇ ଯୋଡ଼ି ହୋଇ ଯାଉଛି।

**ଖପୁରିଆ ଆଇଟିଆଇ**
■ବର୍ଷକରେ ଆସିଲେଣି ୪୫ ବିଦେଶୀ
■ମୁଖ୍ୟ ଆକର୍ଷଣ ଦକ୍ଷତା ସଂଗ୍ରହାଳୟ

ଟ୍ରାଫିକ ସମସ୍ୟାରୁ ମୁକୁଳିବା ପାଇଁ ଏହା ଏକ ବ୍ଲୁପ୍ରିଣ୍ଟ ବୋଲି ଅଧ୍ୟକ୍ଷ ଡ. ମହାନ୍ତି କହିଛନ୍ତି। ଭାରତର କୌଣସି ଆଇଟିଆଇ କଲେଜରେ ଏପରି ବ୍ୟବସ୍ଥା ନାହିଁ। ଛାତ୍ରୀଛାତ୍ରମାନଙ୍କ ପାଇଁ ଏହି ସଂଗ୍ରହାଳୟ ବେଶ୍ ଉପାଦେୟ। ଏହି ସଂଗ୍ରହାଳୟକୁ ନେଇ ମହାନ୍ତି କହିଛନ୍ତି, ବର୍ତ୍ତମାନ ଯୁଗରେ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ପରିବର୍ତ୍ତନ ଘଟୁଛି। ଛାତ୍ରୀଛାତ୍ରମାନେ କିଭଳି ଅତୀତକୁ ନେଇ ଭବିଷ୍ୟତ ଗଠନ କରିବେ ସେଥିପାଇଁ ଏହା ଏକ ପ୍ରୟାସ। କଲେଜ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ମିଶ୍ର କୁହନ୍ତି, ଦେଶର ଯେତିକି ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନ ରହିଛି, କୌଣସି ଶିକ୍ଷାନୁଷ୍ଠାନରେ ଦକ୍ଷତା ସଂଗ୍ରହାଳୟ ନାହିଁ। ଭବିଷ୍ୟତରେ ଛାତ୍ରୀଛାତ୍ରମାନଙ୍କୁ ଅକୃଷ୍ଟ କରିବା ପାଇଁ ଏବଂ ଯେଉଁ ଛାତ୍ରୀଛାତ୍ରମାନେ ବର୍ତ୍ତମାନ ଅଧ୍ୟୟନ କରୁଛନ୍ତି ସେମାନଙ୍କର ଦକ୍ଷତା ବିକାଶ ବୃଦ୍ଧିରେ ବିଶେଷ ଭାବରେ ସହାୟକ ହେବ।





ନିର୍ମଳ କୁମାର ମିଶ୍ର



# ରଣଜୀ ବିଗୁଲ

**ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫିର ଆଗାମୀ ୨୦୧୯-୨୦ ସେସନ ଡିସେମ୍ବର ୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୧୩ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ୩୭ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ରାଉଣ୍ଡ ରବିନ୍ ଓ ପରେ ନକ୍‌ଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ୍ ୧୬୦ଟି ମ୍ୟାଚ୍ ଖେଳାଯିବ। ବିଦର୍ଭ ଗତ ସଂସ୍କରଣରେ ସୌରାଷ୍ଟ୍ରକୁ ହରାଇ ଟାଇଟଲ ହାସଲ କରିଥିଲା...**

ଆମ ଦେଶର କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇ। ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରିକେଟ ବୋର୍ଡ। କ୍ରିକେଟର ତୃଣମୂଳସ୍ତରରୁ ବିକାଶ କରିବା ସହ ରାଜ୍ୟ ଆସୋସିଏଶନ୍‌ଗୁଡିକ ସହିତ ସମନ୍ୱୟ ରକ୍ଷା କରିଥାଏ। ଏଥିସହିତ ଘରୋଇ କ୍ରିକେଟର କାର୍ଯ୍ୟସୂଚୀ ଏବଂ ଆଇସିସି ଦ୍ୱାରା ପ୍ରଣୟନ ସମସ୍ତ ନୀତି ଓ ନିୟମଗୁଡିକୁ କାର୍ଯ୍ୟକାରୀ କରାଇବାରେ ସହାୟକ ହେବା ଏହାର ହେଉଛି ମୁଖ୍ୟ ଦାୟିତ୍ୱ। ଚୟନ କମିଟି ଗଠନ ସହିତ ଦେଶ ପାଇଁ ପ୍ରତିନିଧିତ୍ୱ କରିବା ଲାଗି ଉପଯୁକ୍ତ ଖେଳାଳି ଚୟନ ବିଭିନ୍ନ ଟୁର୍ନାମେଣ୍ଟ ମାଧ୍ୟମରୁ କରିଥାଏ। ଏପରି କି କେଉଁ ରାଜ୍ୟର କେଉଁ ଭେନ୍ୟୁରେ ଅନ୍ତର୍ଜାତୀୟ ମ୍ୟାଚଗୁଡିକ ଅନୁଷ୍ଠିତ ହେବ ତାହାର ତାଲିକା ପ୍ରସ୍ତୁତ କରିଥାଏ। ଆମ ଦେଶର ପ୍ରିମିୟର ପ୍ରଥମ ଶ୍ରେଣୀ କ୍ରିକେଟ ହେଉଛି ରଣଜୀ ଟ୍ରଫି। ଏହାର ୮୬ତମ ସଂସ୍କରଣ ୨୦୧୯-୨୦ ବିସିସିଆଇ ଦ୍ୱାରା ଘୋଷଣା କରାଯାଇଛି। ଚଳିତ ସଂସ୍କରଣରେ ମୋଟ ୩୭ଟି ଦଳ ଅଂଶ ଗ୍ରହଣ କରୁଥିବା ବେଳେ ୧୬୦ଟି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୮୫ତମ ସଂସ୍କରଣରେ ୩୭ଟି ଟିମ୍ ଭାଗ ନେଇଥିବା ବେଳେ ମୋଟ ୧୫୩ଟି ମ୍ୟାଚ ବିଭିନ୍ନ ରାଜ୍ୟ ଆସୋସିଏଶନ୍ ଗ୍ରାଉଣ୍ଡଗୁଡିକରେ ଖେଳାଯାଇଥିଲା। ଭାଗ ନେଉଥିବା ଦଳଗୁଡିକ ପୂର୍ବବର୍ଷ ପରି ଏଥର ମଧ୍ୟ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗତବର୍ଷର ପ୍ରଦର୍ଶନ ଦୃଷ୍ଟିରୁ ଦଳଗୁଡିକୁ ଗ୍ରୁପ-ଏ, ଗ୍ରୁପ୍-ବି, ଗ୍ରୁପ୍-ସି ଏବଂ ପ୍ଲେଟ ଗ୍ରୁପରେ ବିଭକ୍ତ କରାଯାଇଛି। ଏ, ବି ଓ ପ୍ଲେଟ୍ ଗ୍ରୁପ୍‌ରେ ୯ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ତେବେ ସି' ଗ୍ରୁପ୍‌ରେ ୧୦ଟି ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ୍-ଏ' ଓ ଗ୍ରୁପ-ବି ରୁ ୫ଟି ଟିମ୍, ଗ୍ରୁପ-ସି'ର ଶ୍ରେଷ୍ଠ ୨ଟି ଦଳ ଏବଂ ପ୍ଲେଟ ଗ୍ରୁପର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ ବୋଲି ବିସିସିଆଇର ଟେକ୍‌ନିକାଲ କମିଟି ସୂଚନା ଦେଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚଳିତ କ୍ରିକେଟ ଋତୁରେ ବିସିସିଆଇ ଦ୍ୱାରା ଉଭୟ ପୁରୁଷ ଏବଂ ମହିଳା ବିଭାଗର ବିଭିନ୍ନ ବୟସ ବର୍ଗରେ ମୋଟ ୨୦୩୬ଟି ମ୍ୟାଚ ଖେଳାଯିବ, ଯାହାକି ଏକ ରେକର୍ଡ ଅଟେ। ଏହି ରଣଜୀ ଟ୍ରଫି ମ୍ୟାଚଗୁଡିକ ମଲଟି ଡେଜ ଅର୍ଥାତ୍ ଏକାଧିକ ଦିନ ଧରି ଖେଳାଯାଇଥାଏ। ବିଭିନ୍ନ ରାଜ୍ୟ ଏବଂ ରାଜ୍ୟ ବାହାରେ ଖେଳାଯିବ। କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଏବଂ ଫାଇନାଲ୍ ମ୍ୟାଚ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳାଯିବା ସହିତ ସମସ୍ତ ମ୍ୟାଚ ରାଉଣ୍ଡ ରବିନ ଏବଂ ନକ୍‌ଆଉଟ୍ ଭିତ୍ତିରେ ଖେଳାଯିବ। ଏହି ରଣଜୀ ଟ୍ରଫି ଚଳିତ ବର୍ଷ ଡିସେମ୍ବର ମାସ ୯ ତାରିଖରୁ ଆରମ୍ଭ ହୋଇ ୨୦୨୦ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ବରୋଦା, ଗୁଜରାଟ, କର୍ଣ୍ଣାଟକ, ମୁମ୍ବାଇ, ରେଲୱେ, ରାଜସ୍ଥାନ, ସୌରାଷ୍ଟ୍ର, ଉତ୍ତର ପ୍ରଦେଶ ଏବଂ ବିଦର୍ଭ। ସେହିପରି ଗ୍ରୁପ-ବି'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଆନ୍ଧ୍ରପ୍ରଦେଶ, ବେଙ୍ଗଲ, ଦିଲ୍ଲୀ, ହିମାଚଳ ପ୍ରଦେଶ, ହାଇଦ୍ରାବାଦ, କେରଳ, ମଧ୍ୟପ୍ରଦେଶ, ପଞ୍ଜାବ ଏବଂ ତାମିଲନାଡୁ। ଗ୍ରୁପ-ସି'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଆସାମ, ଛତିଶଗଡ, ହରିୟାଣା, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, ମହାରାଷ୍ଟ୍ର, ଓଡ଼ିଶା, ସର୍ଭିସେସ୍, ତ୍ରିପୁରା, ଉତ୍ତରାଖଣ୍ଡ। ସେହିପରି ପ୍ଲେଟ ଗ୍ରୁପରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଅରୁଣାଚଳ ପ୍ରଦେଶ, ବିହାର, ଗୋଆ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ ଏବଂ ସିକ୍କିମ୍। ଗ୍ରୁପ-ଏ' ଏବଂ ସି' ରେ ୯ଟି ଦଳ ସ୍ଥାନ ପାଇଥିବା ବେଳେ ପ୍ଲେଟ ଗ୍ରୁପରେ ୧୦ଟି ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୮ଟି ଲେଖାଏଁ ମ୍ୟାଚ ଖେଳିବେ। ଗତ ୮୫ତମ ସଂସ୍କରଣରେ ବିଦର୍ଭ ଏବଂ ସୌରାଷ୍ଟ୍ର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ବିଦର୍ଭ ଦଳ ସୌରାଷ୍ଟ୍ରକୁ ଫାଇନାଲରେ ୭୮ ରନ୍‌ରେ ପରାସ୍ତ କରିଥିଲା। ଫଳସ୍ୱରୂପ ବିଦର୍ଭ ଦଳ ୨ୟ ଥର ପାଇଁ ରଣଜୀ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ରୂପେ ମିଲିନ୍ଦ କୁମାର ୧୩୩୧ ରନ୍ କରିବା ସହିତ ଆଶୁତୋଷ ଅମନ ସର୍ବାଧିକ ୬୮ଟି ଉଇକେଟ ନେଇଥିଲେ।

ଦେଶର ଏହି ସର୍ବୋଚ୍ଚ ଘରୋଇ ଟୁର୍ନାମେଣ୍ଟକୁ ଅଧିକ ଆକର୍ଷଣୀୟ ଏବଂ ବିବାଦମୁକ୍ତ କରିବା ସହିତ ଅମ୍ପାୟରମାନଙ୍କ ମଧ୍ୟରୁ ଚାପ କମାଇବା ପାଇଁ ବିସିସିଆଇ ପ୍ରଥମ ଥର ପାଇଁ ଡିଆରଏସ୍ ପଦ୍ଧତି ଅବଲମ୍ବନ କରିବ। ମାତ୍ର ଏଥିରେ ହକ୍ ଆଇ ଏବଂ ଅଲଟ୍ରା ଏଡଜ୍ ସିଷ୍ଟମର ବ୍ୟବସ୍ଥା ରହିବ ନାହିଁ। ଆସନ୍ତା ମାସରୁ ଦୁଲିପ ଟ୍ରଫି ମଧ୍ୟ ଆରମ୍ଭ ହେବ। ଦୁଲିପ ଟ୍ରଫିର ୪ଟି ମ୍ୟାଚ ଅଗଷ୍ଟ ମାସ ୧୭ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ବିଜୟ ହଜାରେ ଟ୍ରଫିର ୧୬୦ଟି ଏକଦିବସୀୟ ମ୍ୟାଚ ସେପ୍ଟେମ୍ବର ୨୪ତାରିଖରୁ ଆରମ୍ଭ ହୋଇ ୧୦ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ସିକେ ନାଇଡୁ ଟ୍ରଫି, ଭିନୁ ମଙ୍କଡ ଟ୍ରଫି, କୁଚ ବିହାର ଟ୍ରଫି, ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଏବଂ ଭିଜି ଟ୍ରଫି ଅକ୍ଟୋବର ମାସରୁ ଆରମ୍ଭ ହେବାକୁ ଥିବା ବେଳେ ଅକ୍ଟୋବର ମାସରୁ ମଧ୍ୟ ସିନିୟର ମହିଳା ଟୁର୍ନାମେଣ୍ଟ ଟି-୨୦ ଲିଗ୍ ଆରମ୍ଭ ହେବ।

ଆଗକୁ ବିସିସିଆଇ କର୍ମକର୍ତ୍ତା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କ୍ରିକେଟକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ବର୍ତ୍ତମାନର କାମଚଳା କାର୍ଯ୍ୟକାରୀ ସଭାପତି ସିକେ ଖାନ୍ନା, ବିନୋଦ ରୟ, ସିଲେକଶନ୍ କମିଟିର ଅଧ୍ୟକ୍ଷ ଏମକେଏସ୍ ପ୍ରସାଦ ଏବଂ ଚଳିତ କ୍ୟାଲେଣ୍ଡର ବର୍ଷ ପାଇଁ ଟିମ୍ ଇଣ୍ଡିଆର ଫିକ୍ସଚର କମିଟିର କର୍ମକର୍ତ୍ତା ଅନ୍ତର୍ଜାତୀୟ କ୍ୟାଲେଣ୍ଡର ପ୍ରକାଶ କରିଛନ୍ତି। ଫଳସ୍ୱରୂପ ସମସ୍ତ ରାଜ୍ୟ ଆସୋସିଏଶନ୍‌ଗୁଡିକ ବେଶ ଚଳଚଞ୍ଚଳ ହୋଇଉଠିଛି।

## ଘରୋଇ କାର୍ଯ୍ୟସୂଚୀ

| ଟୁର୍ନାମେଣ୍ଟ | ତାରିଖ | ମ୍ୟାଚ ସଂଖ୍ୟା |
|---|---|---|
| ଦୁଲିପ ଟ୍ରଫି | ୧୭.୦୮.୧୯ ରୁ ୦୮.୦୯.୧୯ | ୪ଟି ମ୍ୟାଚ |
| ବିଜୟ ହଜାରେ ଟ୍ରଫି (ଏକଦିବସୀୟ) | ୨୪.୦୯.୧୯ ରୁ ୧୦.୧୦.୧୯ | ୧୬୦ଟି ମ୍ୟାଚ |
| ଦେଓଧର ଟ୍ରଫି (ଏକଦିବସୀୟ) | ୩୧.୧୦.୧୯ ରୁ ୦୪.୧୧.୧୯ | ୪ଟି ମ୍ୟାଚ |
| ସୟଦ ମୁସ୍ତାକ ଅଲ୍ଲୀ (ଟି-୨୦) | ୦୮.୧୧.୧୯ ରୁ ୦୧.୧୨.୧୯ | ୧୪୨ଟି ମ୍ୟାଚ |
| ରଣଜୀ ଟ୍ରଫି | ୦୯.୧୨.୧୯ ରୁ ୧୩.୦୩.୨୦ | ୧୬୦ଟି ମ୍ୟାଚ |
| ଇରାନୀ ଟ୍ରଫି | ୧୮.୦୩.୨୦ ରୁ ୨୨.୦୩.୨୦ | ୧ଟି ମ୍ୟାଚ |

# ଓସିଏ ପାଇଁ ଚ୍ୟାଲେଞ୍ଜ

ଦିନକୁ ଦିନ ଓସିଏ (ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍)ର ସଙ୍କଟ ବଢିବାରେ ଲାଗିଛି। ସମସ୍ୟା ପରେ ସମସ୍ୟା ଯୋଗୁଁ ପ୍ରକୃତ ଲକ୍ଷ୍ୟଠାରୁ ଦୂରେଇ ଯିବାକୁ ବାଧ୍ୟ ହେଉଛି ଏହି ଆସୋସିଏଶନ। ଲୋଧା କମିଟିର କଟକଣା ଯୋଗୁଁ ଘୋର ଆର୍ଥିକ ସମସ୍ୟା ଦେଇ ଗତିକରିବା ସହିତ ତୃଣମୂଳସ୍ତରରୁ କ୍ରିକେଟର ବିକାଶ ପାଇଁ କାର୍ଯ୍ୟ କରୁଥିବା ଓସିଏ ପାଇଁ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆୟୋଜନ କରିବାରେ ସମସ୍ୟା ଦେଖାଦେଇଛି। ଆଗକୁ ବିସିସିଆଇର ନିର୍ବାଚନ ପ୍ରକ୍ରିୟା ରହିଥିବା ବେଳେ ଏଥି ମଧ୍ୟରେ ରାଜ୍ୟ ଆସୋସିଏଶନ୍‌ଗୁଡିକ ସେମାନଙ୍କ ନିର୍ବାଚନ ସାରିବା ପାଇଁ ନିର୍ଦ୍ଦେଶନାମା ରହିଛି। ଫଳସ୍ୱରୂପ ଓସିଏ ପାଇଁ ସମସ୍ୟା ବଢିବା ସାଙ୍ଗକୁ କିପରି ନିର୍ବାଚନ ପ୍ରକ୍ରିୟା ସଫଳତାର ସହିତ ସମ୍ପାଦିତ ହେବ ସେଥିପାଇଁ ବିଭିନ୍ନ ଗୋଷ୍ଠୀ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଲୋଧା କମିଟି କାର୍ଯ୍ୟକାରୀ ହେବାଠାରୁ ଓସିଏକୁ ବାର୍ଷିକ ଅନୁଦାନ ମୋଟା ମୋଟି ରୂପେ ବନ୍ଦ ହୋଇଯାଇଛି, ଯାହାଫଳରେ ଏହାର ଅନୁବନ୍ଧିତ ସଦସ୍ୟମାନେ ମଧ୍ୟ ଅନୁଦାନ ପାଇପାରୁ ନାହାନ୍ତି। କ୍ରିକେଟ ପରିଚାଳନା କ୍ଷେତ୍ରରେ ଓସିଏ ପାଇଁ ବ୍ୟାପକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ବର୍ଗର ଆନ୍ତଃଜିଲା ପ୍ରତିଯୋଗିତା ଏକପ୍ରକାର ବନ୍ଦ ହୋଇ ଯାଇଛି କହିଲେ ମଧ୍ୟ ଠିକ୍ ହେବ। ୨୦୧୬ ମସିହାରୁ ଏପରି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ ଉପଯୁକ୍ତ ଖେଳାଳି ଚୟନରେ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟର କେତେଗୁଡିଏ ହାତଗଣତି ସୁନାମଧନ୍ୟ କ୍ଲବଗୁଡିକ ଦ୍ୱାରା ଆୟୋଜିତ ହେଉଥିବା କ୍ଲବ ଟୁର୍ନାମେଣ୍ଟଗୁଡିକ ଯୁବ କ୍ରିକେଟରମାନେ ସେମାନଙ୍କର ଅଭ୍ୟାସ ଅବ୍ୟାହତ କ୍ରିକେଟ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏଥି ମଧ୍ୟରେ ବିଭିନ୍ନ ବର୍ଗରେ ରାଜ୍ୟ କ୍ରିକେଟର ପ୍ରଦର୍ଶନ ଆଖିଦୃଶିଆ ନ ହେବା ଫଳରେ ସମାଲୋଚକ ମାନେ ରାଜ୍ୟ କ୍ରିକେଟ ପରିଚାଳକମାନଙ୍କୁ ସିଧା ସଳଖ ଦୋଷାରୋପ କରୁଛନ୍ତି। ଦେଖିବାକୁ ଗଲେ ବିଭିନ୍ନ ବର୍ଗରେ ରାଜ୍ୟ କ୍ରିକେଟର ପ୍ରଦର୍ଶନ ଗତ କିଛି ବର୍ଷ ଧରି ନିରୁତ୍ସାହଜନକ ରହିଛି। ପ୍ରଦର୍ଶନରେ ସ୍ଥିରତା ନ ରହିବା ଫଳରେ ସମସ୍ୟା ମଧ୍ୟରେ ରାଜ୍ୟ କ୍ରିକେଟ ଚୟନକର୍ତ୍ତା ଏବଂ ଓସିଏର କର୍ମକର୍ତ୍ତାମାନେ ରହିଛନ୍ତି। ବିସିସିଆଇର ଘରୋଇ ଟୁର୍ନାମେଣ୍ଟରେ ରାଜ୍ୟ ଯେତେ ଭଲ ପ୍ରଦର୍ଶନ କରିବ ତାହା ଆମ ପାଇଁ ଗୌରବ ଆଣିବା ସହିତ ଦେଶ ପାଇଁ ପ୍ରତିଷ୍ଠିତ ଖେଳାଳି ସୃଷ୍ଟି କରିବ। ଏହାର ଅର୍ଥ ନୁହେଁ ଓସିଏ ଏଥିପାଇଁ କୌଣସି ପଦକ୍ଷେପ ନେଉନାହିଁ। ରାଜ୍ୟର ବିଭିନ୍ନ ବର୍ଗର ଟୁର୍ନାମେଣ୍ଟଗୁଡିକରେ ଭଲ ପ୍ରଦର୍ଶନ କରି ସିଲେକ୍ଟରମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେଲେ ମଧ୍ୟ ସେମାନଙ୍କର ପ୍ରଦର୍ଶନରେ ସ୍ଥିରତା ରହୁନାହିଁ, ଯାହାକି ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଭିନ୍ନ ନାମକରା କ୍ଲବଗୁଡିକ ଖେଳାଳି ସୃଷ୍ଟି କରିବାର ଆନ୍ତୁଡିଶାଳ ରୂପେ କାର୍ଯ୍ୟ କରି ଆସୁଛନ୍ତି। ଓଡ଼ିଶା କ୍ରିକେଟକୁ ଏହି କ୍ଲବ୍‌ଗୁଡିକର ଦାନ ଅତୁଳନୀୟ। କ୍ରିକେଟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଓସିଏ ଅନୁବନ୍ଧିତ ସମସ୍ତ ଜିଲା, କ୍ଲବ, ସ୍କୁଲ ଏବଂ କଲେଜମାନଙ୍କୁ ବିସିସିଆଇ ଅନୁଦାନ ନ ଦେବା ଫଳରେ ସେମାନେ ବିସିସିଆଇକୁ ପତ୍ର ଲେଖିବା ବାସ୍ତବିକ ଓଡ଼ିଶା କ୍ରିକେଟରେ ଦୟନୀୟ ଅବସ୍ଥାକୁ ପଦାରେ ପକାଇଛି। ଆଗକୁ ରଣଜୀ ସିଜନ୍ ଆସୁଥିବାରୁ ଯୁବ କ୍ରିକେଟରମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ଆନ୍ତଃଜିଲା ଜୁନିୟର ଏବଂ ସିନିୟର କ୍ରିକେଟ ମ୍ୟାଚଗୁଡିକ ଆୟୋଜନ ହେବା ଆବଶ୍ୟକ। ନଚେତ୍ ପ୍ରତିଭାବାନ ଯୁବ ଖେଳାଳିମାନେ ହତୋତ୍ସାହିତ ହେବେ ଓ ଦଳଚୟନ ନେଇ ସିଲେକ୍ଟରମାନେ ଚାପରେ ରହିବେ। ନିର୍ବାଚନକୁ ନେଇ ଶୀତଳଯୁଦ୍ଧ ଚାଲିଥିବା ବେଳେ ପୂର୍ବତନ ନିର୍ବାଚନ ଅଧିକାରୀମାନେ ନିଜର ଅକ୍ଷମତା ପ୍ରକାଶ କରିବା ସହିତ ପଡୋଶୀ ରାଜ୍ୟରୁ ନିର୍ବାଚନ ଅଧିକାରୀ ଆସିବା ଏବଂ ନିର୍ବାଚନ ପରିଚାଳନା କରିବାକୁ କେତେକ ସଙ୍ଗଠନ ସ୍ୱାଗତ କରିବା ସହିତ ଅନେକ ନାପସନ୍ଦ ମଧ୍ୟ କରିଛନ୍ତି। ତେବେ ଯଦି ଠିକ୍ ସମୟରେ ଏବଂ ସଠିକ୍ ରୂପରେ ନିର୍ବାଚନ ପ୍ରକ୍ରିୟା ଶେଷ ନ ହୁଏ ତେବେ ଆସନ୍ତା ଭାରତ-ୱେଷ୍ଟଇଣ୍ଡିଜ ମ୍ୟାଚ ପରିଚାଳନାରେ ସମସ୍ୟା ସୃଷ୍ଟି ହେବ।

ଓଡ଼ିଶା କ୍ରିକେଟ ପାଇଁ ସମସ୍ତଙ୍କର ଅବଦାନ ଅବିସ୍ମରଣୀୟ। ଓଡ଼ିଶା କ୍ରିକେଟକୁ ଆଗେଇ ନେବା ସହିତ ଓଡ଼ିଶା ହକ୍ ପାଇଁ ସମସ୍ତେ ଏକ ମନରେ କାମ କଲେ କ୍ରିକେଟ ଆଗକୁ ଯିବା ସହିତ ଓଡ଼ିଶାକୁ ଏକାଧିକ ଅନ୍ତର୍ଜାତୀୟ ମ୍ୟାଚ ମିଳିବ। ଓଡ଼ିଶାରେ ଅନେକ ଯୁବ ପ୍ରତିଭାବାନ ଖେଳାଳି ବିଭିନ୍ନ ବର୍ଗରେ ରହିଥିଲେ ମଧ୍ୟ ଓଡ଼ିଶା କ୍ରମାଗତ ଭାବେ ଖରାପ ପ୍ରଦର୍ଶନ କରିବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅଧିକ ଅନ୍ତର୍ଜାତୀୟ ମ୍ୟାଚ ପାଇବା ପାଇଁ ବିସିସିଆଇ ନିକଟରେ ଦାବି କରିବା ସହିତ ଆଇପିଏଲ୍‌ରେ ଓଡ଼ିଶା ଖେଳାଳିମାନଙ୍କୁ ଅଗ୍ରାଧିକାର ଦେବା ଏବଂ ବିଗତ ବର୍ଷମାନଙ୍କ ପରି ଆଇପିଏଲର ଭେନ୍ୟୁ ରୂପେ ନେବା ପାଇଁ ଫ୍ରାଞ୍ଚାଇଜ୍‌ମାନଙ୍କ ଉପରେ ଚାପ ପକାଇବା ଆବଶ୍ୟକ। ଓଡ଼ିଶାର ଗର୍ବ ଏବଂ ଗୌରବ ବାରବାଟୀ ଷ୍ଟାଡିୟମକୁ ଏକ ଅନ୍ତର୍ଜାତୀୟସ୍ତରର ଷ୍ଟାଡିୟମ୍‌ରେ ରୂପାନ୍ତର କରି ଅତ୍ୟାଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ଏହାକୁ ଏକ ସରସ ଓ ସୁନ୍ଦର ଷ୍ଟାଡିୟମରେ ପରିଣତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଆବଶ୍ୟକ।

ରଖିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟରୁ ସମସ୍ତ ଅନୁବନ୍ଧିତ କ୍ଲବଗୁଡିକ ଓସିଏ ଦ୍ୱାରା କୌଣସି ଅନୁଦାନ ନ ପାଇଲେ ମଧ୍ୟ ରାଜ୍ୟର ସୁନାମ ଦୃଷ୍ଟିରୁ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଆୟୋଜନ କରିବା ଖେଳାଳିମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ରାଜ୍ୟର କେତେଗୁଡିଏ ହାତ ଗଣତି ଟର୍ଫ ଉଇକେଟ ଏବଂ ଖେଳାଳିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଡ୍ରେସିଂ ରୁମ୍ ରହିଥିବା ବେଳେ ବିଗତ ଫନୀ ମହାବାତ୍ୟାରେ ସେଗୁଡିକର ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ତା'ର ରକ୍ଷଣାବେକ୍ଷଣ ତଥା ପୁନରୁଦ୍ଧାର ହୋଇପାରି ନାହିଁ। ଓସିଏ ବାରମ୍ବାର ବିସିସିଆଇ (ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଅଫ୍ ଇଣ୍ଡିଆ)କୁ ପତ୍ର ମାଧ୍ୟମରେ ଲେଖି ଜଣାଇଥିଲେ ମଧ୍ୟ ସେଗୁଡିକର ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ନ ମିଳିବା ଦୁର୍ଭାଗ୍ୟଜନକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଘରୋଇ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଏବଂ ଅନ୍ୟାନ୍ୟ ବର୍ଗର ଟୁର୍ନାମେଣ୍ଟ ପାଇଁ କଟକରେ ଥିବା ୧୦ଟି ଗ୍ରାଉଣ୍ଡ ଗୁଡିକର ଟର୍ଫ ଉଇକେଟ୍ ଓ ଡ୍ରେସିଂ ରୁମ୍‌ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିସିସିଆଇ ତରଫରୁ ଚଳିତ କ୍ରିକେଟ ସିଜିନ୍ ପାଇଁ ବିଭିନ୍ନ ଟୁର୍ନାମେଣ୍ଟ ଗୁଡିକର ଘୋଷଣା ହୋଇଛି। ପୁଣି ବିଗତ ୩ବର୍ଷ ଧରି ଜିଲାସ୍ତରୀୟ ଟୁର୍ନାମେଣ୍ଟ ବନ୍ଦ ହେବା ପରେ ବିଭିନ୍ନ ବର୍ଗ ପାଇଁ ପ୍ରତି ଜିଲାରୁ ୪ଜଣ ଲେଖାଏ ଖେଳାଳି ମନୋନୟନ କରି ତାଲିକା ପଠାଇବା ଏବଂ ସେଥିମଧ୍ୟରୁ ଟ୍ରାଏଲ୍‌ସ ମ୍ୟାଚ ମାଧ୍ୟମରେ ରାଜ୍ୟର ବିଭିନ୍ନ ବର୍ଗ ପାଇଁ ଖେଳାଳି ଚୟନ କରିବା ସିଲେକ୍‌ଟରମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବିଗତ ବାତ୍ୟା ଫନୀରେ ଫ୍ଲଡ ଲାଇଟ୍ ପୋଲ ଏବଂ ଲାଇଟ୍ ଏବଂ ଗ୍ୟାଲେରିଗୁଡିକର ଛାତ ନଷ୍ଟ ହୋଇଛି। ଖୁସିର କଥା ଯେ ଓସିଏର ବାରମ୍ବାର ଅନୁରୋଧ ପରେ ଭାରତର ପୂର୍ବତନ ଅଧିନାୟକ କପିଲ ଦେବଙ୍କ ନେତୃତ୍ୱରେ ଏକ କମିଟି ବାରବାଟୀ ଆସି କ୍ଷୟକ୍ଷତି ଆକଳନ କରିଛନ୍ତି। ଓସିଏ ନିର୍ବାଚନକୁ ନେଇ ଆରମ୍ଭ ହୋଇଥିବା ଛକାପଞ୍ଝା ବର୍ତ୍ତମାନ ଓଡ଼ିଶା

# ଭାରତୀୟ କ୍ରିକେଟରେ ଆଉ ଦୁଇ ଭାଇ

**ବିଶ୍ୱ କ୍ରିକେଟରେ ଦୁଇ ଭାଇ ଗୋଟିଏ ଦେଶ ପାଇଁ ଏକାଠି ମ୍ୟାଚ୍ ଖେଳିବା ନୂଆ କଥା ନୁହଁ। ଏହାର ବହୁ ଉଦାହରଣ ରହିଛି। ତେବେ ଭାରତ ପାଇଁ ଦୁଇ ଭାଇ ସାଥି ହୋଇ ଖେଳିବାର ଉଦାହରଣ କମ୍ ରହିଛି। ଅମରନାଥ, ପଠାନ, ପାଣ୍ଡ୍ୟା ବ୍ରଦର୍ସଙ୍କ ପରେ ଆଉ ଦୁଇ ଭାଇ ଭାରତ ପାଇଁ ଏକାଠି ହୋଇ ମ୍ୟାଚ୍ ଖେଳିଛନ୍ତି। ସେମାନେ ହେଲେ ଦୀପକ ଓ ରାହୁଲ ଚହର...**



ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚରେ ଭାରତ ବିଜୟୀ ହୋଇଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ୨୦ ବର୍ଷୀୟ ଲେଗ୍ ସ୍ପିନର ରାହୁଲ ଚହର। ଏହି ମ୍ୟାଚରେ ରାହୁଲଙ୍କ ସମ୍ପର୍କୀୟ ଭାଇ ଦୀପକ ଚହର ମଧ୍ୟ ଖେଳୁଥିଲେ। ପ୍ରଥମ ଥର ପାଇଁ ଏହି ଦୁଇ ଭାଇ ଅନ୍ତର୍ଜାତୀୟ ମ୍ୟାଚରେ ଏକାସଙ୍ଗେ ଖେଳିବାକୁ ସୁଯୋଗ ପାଇଥିଲେ। ପୂର୍ବରୁ ୩ ଭାଇ ଏକାଠି ଭାରତୀୟ ଦଳ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିସାରିଛନ୍ତି।

**ଲାଲା ଏବଂ ମହିନ୍ଦର ଅମରନାଥ**

ପୂର୍ବତନ କ୍ରିକେଟର ଲାଲା ଅମରନାଥଙ୍କ ପରେ ତାଙ୍କର ଦୁଇ ପୁଅ ମହିନ୍ଦର ଅମରନାଥ ଓ ସୁରିନ୍ଦର ଅମରନାଥ ଭାରତୀୟ କ୍ରିକେଟରେ ଏକାଠି ଖେଳିଥିଲେ। ବାମହାତୀ ବ୍ୟାଟ୍ସମ୍ୟାନ ସୁରିନ୍ଦର ଅମରନାଥ ଘରୋଇ କ୍ରିକେଟରେ ବେଶ ଭଲ ପ୍ରଦର୍ଶନ କରିଥିଲେ ମାତ୍ର ଅନ୍ତର୍ଜାତୀୟ କ୍ରିକେଟରେ ବେଶି ସମୟ ତିଷ୍ଠି ପାରି ନ ଥିଲେ। ଭାରତ ପକ୍ଷରୁ ସେ ୧୦ଟି ଟେଷ୍ଟ ଖେଳିଥିଲେ। ମହେନ୍ଦ୍ର ଅମରନାଥ ତାଙ୍କ ସମୟର ଜଣେ ଦକ୍ଷ ଖେଳାଳି ଭାବେ ପରିଚିତ। ୧୯୮୩ ବିଶ୍ୱକପ୍ ବିଜୟରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

**ଇର୍ଫାନ ଓ ୟୁସୁଫ ପଠାନ**

ଇର୍ଫାନ ପଠାନ ଓ ୟୁସୁଫ ପଠାନ ଅନ୍ତର୍ଜାତୀୟ କ୍ରିକେଟରେ ଏକାଠି ଖେଳିଛନ୍ତି। ଦ୍ରୁତ ବୋଲର ଇର୍ଫାନ ପଠାନ ଏକଦା ଭାରତୀୟ ବୋଲିଂ ବିଭାଗର ମେରୁଦଣ୍ଡ ରହିଥିଲେ। ୟୁସୁଫ ଜଣେ ଅଲରାଉଣ୍ଡର ଥିଲେ। ପଠାନ ଭ୍ରାତା ୨୦୦୭ ଟି୨୦ ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ଥିଲେ।

**ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା**

ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଏକାଠି ଖେଳୁଥିବା ହାର୍ଦ୍ଦିକ ଏବଂ କ୍ରୁନାଲ ପାଣ୍ଡ୍ୟା ଅନ୍ତର୍ଜାତୀୟ ମ୍ୟାଚରେ ମଧ୍ୟ ଏକାଠି ଖେଳିଛନ୍ତି। ହାର୍ଦ୍ଦିକ ଭାରତୀୟ ଦଳର ନିୟମିତ ସଦସ୍ୟ ହୋଇଥିବାବେଳେ କ୍ରୁନାଲ ଟି-୨୦ରେ ଭାରତୀୟ ଦଳରେ ସ୍ଥାନ ପାଉଥିବାର ଦେଖାଯାଇଛି।

Dollar 70.69 (20) | Sensex 636.86 37,327.36 | Nifty 176.95 11,032.45 | Gold ₹550 38,470.00 | Silver ₹630 44,300.00



"ଟପରୱେୟାର ଇଣ୍ଡିଆ ପୁଞ୍ଜିନିବେଶ ମାଧ୍ୟମରେ ନିଜର ବ୍ରାଣ୍ଡ ନିର୍ମାଣରେ ବ୍ରତୀ ହୋଇଛି। ଆସନ୍ତା ୩-୪ ବର୍ଷରେ କମ୍ପାନୀର ବ୍ୟବସାୟ ଦୁଇଗୁଣା କରିବା ଆଶା ରହିଛି।
-ଦୀପକ ଛାବ୍ରା, ଟପରୱେୟାର ଇଣ୍ଡିଆ ଏମ୍‌ଡି



"ତିନିବର୍ଷ ପୂର୍ବେ ଲାଇଫଷ୍ଟାଇଲ ଇଣ୍ଟରନ୍ୟାଶନାଲ ଏହାର ଅନ୍‌ଲାଇନ ଯାତ୍ରା ଆରମ୍ଭ କରିଥିଲା। କମ୍ପାନୀ ଫ୍ଲିପ୍‌କାର୍ଟ ସହ ଚୁକ୍ତି ସ୍ୱାକ୍ଷର କରିଛି।
-ବସନ୍ତ କୁମାର, ଲାଇଫ୍‌ଷ୍ଟାଇଲ ଇଣ୍ଟରନ୍ୟାଶନାଲ ଏମ୍‌ଡି

## ସଂକ୍ଷେପରେ

### ସେନ୍‌ସେକ୍ସ ବୃଦ୍ଧି: ନିବେଶକ ମାଲାମାଲ

ମୁମ୍ବାଇ ୮-୮: କେନ୍ଦ୍ର ସରକାର ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟର୍ସ(ଏଫ୍‌ପିଆଇ)ଙ୍କ ନିବେଶ ଉପରେ ବୃଦ୍ଧି କରିଥିବା ସରଚାର୍ଜକୁ ପ୍ରତ୍ୟାହାର କରିନେବେ ବୋଲି ବିଚାର କରୁଥିବା ସୂଚନା ମିଳିବା ପରେ ଗୁରୁବାର ଷ୍ଟକ୍ ମାର୍କେଟରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ବୃଦ୍ଧି ଘଟିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ସେନ୍‌ସେକ୍ସ ୬୩୬.୮୬ ପଏଣ୍ଟ ବୃଦ୍ଧି ସହ ୩୭,୩୨୭.୩୬ରେ ବନ୍ଦ ହୋଇଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ନିଫ୍ଟି ୧୭୬.୯୫ ପଏଣ୍ଟ ବୃଦ୍ଧି ପାଇ ୧୧,୦୩୨.୪୫ରେ ବନ୍ଦ ହୋଇଛି। ଫଳରେ ନିବେଶକ ମାଲାମାଲ୍ ହୋଇଛନ୍ତି। ସେମାନଙ୍କୁ ଗୋଟିଏ ଦିନରେ ପ୍ରାୟ ୧.୯୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ସରଚାର୍ଜକୁ ନେଇ ଉଦ୍‌ବିଗ୍ନ ଏଫ୍‌ପିଆଇ ଷ୍ଟକ ବଜାରରୁ ନିଜର ନିବେଶ ପ୍ରତ୍ୟାହାର ଆରମ୍ଭ କରିବାରୁ ଅଗଷ୍ଟ ୭ ସୁଦ୍ଧା ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଙ୍କ ମାର୍କେଟ କ୍ୟାପିଟାଲ ୧୫୧.୩୫ ଲକ୍ଷ କୋଟିରୁ ୧୩୮.୮୨ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇସାରିଛି।

### ଏଫ୍‌ପିଆଇଙ୍କ ସରଚାର୍ଜ ପ୍ରତ୍ୟାହାର ବିଚାର

ନୂଆଦିଲ୍ଲୀ,୮-୮: ବଜେଟରେ ସରଚାର୍ଜ ଘୋଷଣା ପରେ ବିଦେଶୀ ନିବେଶକ(ଏଫ୍‌ପିଆଇ) ଦେଶରୁ ନିଜର ନିବେଶ ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ଭାରତୀୟ ଷ୍ଟକ୍ ବଜାର ପାଇଁ ଏହା ଶୁଭସଙ୍କେତ ହୋଇ ନଥିବାରୁ ଏଫ୍‌ପିଆଇଙ୍କ ଉପରୁ ସରଚାର୍ଜ ପ୍ରତ୍ୟାହାର ପାଇଁ ଦାବି ହୋଇ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ଅର୍ଥ ମନ୍ତ୍ରଣାଳୟ ସରଚାର୍ଜ ପ୍ରତ୍ୟାହାର କରିବାକୁ ବିଚାର କରୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସରକାର ବଜେଟରେ ଘୋଷିତ ସୁପର ରିଚ୍ ବା ଅତିଧନୀଙ୍କ ଉପରେ ସରଚାର୍ଜ ଆଦାୟକୁ ଜାରି ରଖିବାକୁ ଚାହୁଁଛନ୍ତି। ତେବେ ଏକ ବିଜ୍ଞପ୍ତି ଅଥବା ଅଧାଦେଶ ଜରିଆରେ ଏଫ୍‌ପିଆଇଙ୍କ ଉପରେ ଲାଗୁ ହେଉଥିବା ସରଚାର୍ଜକୁ ପ୍ରତ୍ୟାହାର କରିନେବେ। ଅଧାଦେଶ ଅଣାଗଲା ପରେ ଏଥିପାଇଁ ପାର୍ଲାମେଣ୍ଟର ଅନୁମୋଦନ ନେବାକୁ ହେବ। ତେଣୁ ଏକ ସ୍ୱତନ୍ତ୍ର ବିଲ୍ ଆଣିବାକୁ ହେବ। ଏହାକୁ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଅର୍ଥ ମନ୍ତ୍ରଣାଳୟ ମଧ୍ୟରେ ଆଲୋଚନା ଚାଲିଛି। ବଜେଟରେ ଘୋଷିତ ବିବାଦୀୟ ଟିକସକୁ ନେଇ ଏବେ ଅର୍ଥ ମନ୍ତ୍ରଣାଳୟ ଚାପଗ୍ରସ୍ତ ହୋଇଛି। ଗତ ମାସରେ ବଜେଟ ଘୋଷଣା କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବାର୍ଷିକ ୨ କୋଟି ଟଙ୍କା ଆୟ କରୁଥିବା ଧନୀଙ୍କ ଠାରୁ ସରଚାର୍ଜ ଆଦାୟ କରିବାକୁ ପ୍ରସ୍ତାବ ଦେଇଥିଲେ।

### ଦୈନିକ ରେକର୍ଡ ଭାଙ୍ଗୁଛି ସୁନା ଦର

ନୂଆଦିଲ୍ଲୀ,୮-୮: ସୁନା ଦର ଦୈନିକ ରେକର୍ଡ ପରେ ରେକର୍ଡ ଭାଙ୍ଗି ଚାଲିଛି। ସେହିପରି ରୁପା ମଧ୍ୟ ମହଙ୍ଗା ହେବାରେ ଲାଗିଛି। ଦିଲ୍ଲୀ ସର୍ରାଫା ବଜାରରେ ଗୁରୁବାର ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୫୫୦ ଟଙ୍କା ବୃଦ୍ଧି ପାଇ ୩୮,୪୭୦ ଟଙ୍କାରେ ପହଞ୍ଚି ଏକ ନୂଆ ରେକର୍ଡ କରିଛି। ରୁପା ଦର ମଧ୍ୟ ପଛେଇ ଯାଇନାହିଁ। ଏହା କେଜି ପ୍ରତି ୬୩୦ ଟଙ୍କା ବୃଦ୍ଧି ପାଇ ପ୍ରଥମଥର ୪୪ ହଜାର ସ୍ତର ଟପି ୪୪,୩୦୦ ଟଙ୍କାରେ କାରବାର ବନ୍ଦ ହୋଇଛି। ଉଦ୍ୟୋଗ ଜଗତ ଏବଂ ମୁଦ୍ରା ନିର୍ମାତାଙ୍କ ମଧ୍ୟରେ ଚାହିଦା ବୃଦ୍ଧି କାରଣରୁ ରୁପା ଦର ଆକାଶଛୁଆଁ ହୋଇଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଘରୋଇ ଅର୍ଥନୀତିକୁ ମାନ୍ଦାବସ୍ଥା ଗ୍ରାସ କରିବାକୁ ଯାଉଥିବା ବେଳେ ଆମେରିକା-ଚାଇନା ମଧ୍ୟରେ ଟ୍ରେଡ୍ ୱାର୍ ବଢ଼ିବା କାରଣରୁ ଏବେ ନିବେଶକମାନେ ସୁନା ଓ ରୁପାକୁ ନିଜର ସୁରକ୍ଷିତ ନିବେଶ ଭାବେ ମନେ କରୁଛନ୍ତି।

### ସେଲ୍ ଅଧ୍ୟକ୍ଷଙ୍କୁ ଆକ୍ରମଣ

ନୂଆଦିଲ୍ଲୀ,୮-୮: ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍) ଅଧ୍ୟକ୍ଷ ଅନିଲ କୁମାର ଚୌଧୁରୀଙ୍କୁ ୪ ଜଣ ଦୁର୍ବୃତ୍ତ ବୁଧବାର ରାତିରେ ଆକ୍ରମଣ କରିଛନ୍ତି। ସୂଚନାନୁଯାୟୀ, ଚୌଧୁରୀ ବୁଧବାର ରାତି ପ୍ରାୟ ସାଢ଼େ ୧୦ରେ ଅଫିସରୁ ଘରକୁ ଫେରିବା ବେଳେ ହୁଡ୍‌କୋ ପ୍ଲେସ୍ ନିକଟରେ ୪ ଜଣ ଅଜଣା ଦୁର୍ବୃତ୍ତ ଏକ କାରରେ ଆସି ଜାଣିଶୁଣି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ସେମାନେ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିବା ବେଳେ ଘଟଣାସ୍ଥଳରେ ପୋଲିସର ମୋଟରସାଇକେଲ ପାଟ୍ରୋଲ ପହଞ୍ଚି ୨ ଜଣ ଅପରାଧୀଙ୍କୁ ଧରିବାରେ ସମର୍ଥ ହୋଇଛି। ଚୌଧୁରୀଙ୍କୁ ତୁରନ୍ତ ଏମ୍ସକୁ ନିଆଯାଇ ଚିକିତ୍ସା କରିବା ପରେ ଛାଡ଼ି ଦିଆଯାଇଛି। ଏ ସଂକ୍ରାନ୍ତରେ ହଜ୍ ଖାଜ୍ ଥାନାରେ ମାମଲା ରୁଜୁ କରିବା ସହ ପୋଲିସ ତଦନ୍ତ ଆରମ୍ଭ କରିଛି।

## ବଢ଼ିଚାଲିଛି ମାନ୍ଦାବସ୍ଥା ପ୍ରଭାବ

# ଅଟୋ ଶିଳ୍ପକୁ ବଞ୍ଚାଇପାରିବ ୧୦% ଜିଏସ୍‌ଟି ହ୍ରାସ

- ଜୁଲାଇରେ କାର୍ ବିକ୍ରି ୩୦% କମିଛି
- ପ୍ରାୟ ସାଢ଼େ ୩ ଲକ୍ଷ କର୍ମଚାରୀ ଛଟେଇ ହେଲେଣି
- ଆଦାୟ ହେଉଛି ୨୮% ଜିଏସ୍‌ଟି

ନୂଆଦିଲ୍ଲୀ,୮-୮

ଅଟୋ ସେକ୍ଟରରେ ମାନ୍ଦାବସ୍ଥା ମାଡି ଆସିଛି। ଗତ କିଛିମାସ ହେବ ଏହି ସେକ୍ଟରର ଅବସ୍ଥା ସଙ୍ଗିନ ହୋଇଛି। କାର୍, ଦୁଇଚକିଆ ଯାନ ସମେତ ସମସ୍ତ ପ୍ରକାର ଗାଡି ବିକ୍ରି କ୍ରମାଗତ କମିବାରେ ଲାଗିଛି। ଗତ ଏକବର୍ଷ ହେବ ଏହି ଧାରା ଜାରି ରହିଛି। ଜୁଲାଇରେ କାର୍ ବିକ୍ରି ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇଛି। ଏହି କାରଣରୁ କର୍ମଚାରୀ ଛଟେଇ ଆରମ୍ଭ ହୋଇଯାଇଛି। ଅଟୋ ନିର୍ମାତା ସଂଘର ଆକଳନ ଅନୁଯାୟୀ, ଆଜି ସୁଦ୍ଧା ଏହି ସେକ୍ଟରରେ ପ୍ରାୟ ସାଢ଼େ ୩ ଲକ୍ଷ କର୍ମଚାରୀଙ୍କୁ ନିଯୁକ୍ତି ହରାଇବାକୁ ପଡିଛି। ତେବେ ଅଟୋମୋବାଇଲ ସେକ୍ଟରରେ ଚାହିଦା ବଢ଼ାଇବାକୁ ହେଲେ ୧୦ ପ୍ରତିଶତ ଜିଏସ୍‌ଟି ହ୍ରାସ କରିବାକୁ ଦାବି ଜୋରଦାର ହୋଇଛି। ଅଟୋ କମ୍ପାନୀଗୁଡ଼ିକ ଜିଏସ୍‌ଟି ହାରକୁ ୨୮ରୁ ୧୮ ପ୍ରତିଶତକୁ କମାଇବାକୁ ଦାବି କରିଛନ୍ତି। ଏଥିସହିତ ଅଧିକ ଡେପ୍ରିସିଏଶନ ଲାଭ ଓ ଅନୁକୂଳ ସ୍କ୍ରାପେଜ ପଲିସି ଆଣିବାକୁ ସରକାରଙ୍କୁ କୁହାଯାଇଛି। ଅଟୋମୋବାଇଲ ସେକ୍ଟରରେ ଦେଖାଦେଇଥିବା ଅସୁବିଧା ସମ୍ପର୍କରେ ଜାଣିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏକ ବୈଠକ ଡକାଇଥିଲେ। ବୈଠକରେ ଉପସ୍ଥିତ ଶୀର୍ଷ କମ୍ପାନୀ ମୁଖ୍ୟମାନେ ସହାୟତା ପ୍ୟାକେଜ ମାଗିଛନ୍ତି। ଅଟୋ ସେକ୍ଟରରେ ୨୮% ଜିଏସ୍‌ଟି ସହ ସେଗ୍‌ମେଣ୍ଟ ହିସାବରେ ସେସ୍ ଆଦାୟ ହେବା କାରଣରୁ ଟିକସ ପରିମାଣ ବଢ଼ିଯାଉଛି। ବିକ୍ରି ବଢ଼ାଇବା ଲାଗି ଉଦ୍ୟୋଗକୁ ଅଧିକ ପୁଞ୍ଜି ଉପଲବ୍ଧତା ହେବା ଜରୁରୀ ବୋଲି ମତପ୍ରକାଶ ପାଇଛି। ତେବେ ଅଟୋ ସେକ୍ଟରରେ କାହିଁକି ମାନ୍ଦାବସ୍ଥା ମାଡି ଆସିଛି, ସେସମ୍ପର୍କରେ ତର୍ଜମା କରାଯିବା ଆବଶ୍ୟକ।



ଅଟୋ ଶିଳ୍ପ ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

### ବିକ୍ରି ହ୍ରାସ ପାଇବାର କାରଣ

ଦେଶର ଅର୍ଥନୀତି ଧିମା ହେବା, ନଗଦ ସଙ୍କଟ କାରଣରୁ ଋଣ ପାଇବା ଏବେ ଅସମ୍ଭବ ହେଲାଣି। ଗ୍ରାମାଞ୍ଚଳରେ ଚାହିଦା କମିବା ଏବଂ ପୁରୁଣା ଗାଡ଼ିର ସଂଗଠିତ ବଜାର ବିକାଶ ହେବା ନୂଆ ଗାଡ଼ି ବିକ୍ରି କମିବାର ମୁଖ୍ୟ କାରଣ ବୋଲି ଧରାଯାଉଛି।

### ଋଣ ମିଳିବାରେ ଅସୁବିଧା

ଇନଫ୍ରାଷ୍ଟ୍ରକ୍‌ଚର ଲିଜିଂ ଓ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡଏଫ୍‌ଏସ୍)ରେ ଦେଖାଦେଇଥିବା ସଙ୍କଟ କାରଣରୁ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଗୁଡ଼ିକରେ ନଗଦ ସଙ୍କଟ ଦେଖାଦେଇଛି। ଏହି କାରଣରୁ ଏବେ ଅଟୋ ଋଣ ମିଳିବା କଷ୍ଟକର ହୋଇଛି। ଅର୍ଥନୀତି ଧିମା ହୋଇଯିବା କାରଣରୁ ବେତନ ନ ବଢ଼ିବା ଯୋଗୁ ଲୋକଙ୍କ ନିକଟରେ ଗାଡ଼ି କିଣିବା ଲାଗି ପର୍ଯ୍ୟାପ୍ତ ଅର୍ଥର ଅଭାବ ରହିଛି। ଫଳରେ ଲୋକେ ଗାଡ଼ି କିଣିବା ଯୋଜନାକୁ ଟାଳିବାରେ ଲାଗିଛନ୍ତି।

### ଆଗକୁ କ'ଣ ହେବ

ଆଗାମୀ ଦିନରେ ଅଟୋ ସେକ୍ଟର ପାଇଁ ସୁଖବର ନାହିଁ। ମୌସୁମୀ ବର୍ଷାରେ ସୁଧାର, ଗ୍ରାମୀଣ ଅର୍ଥନୀତି ଦୃଢ଼ ହେବା, ପାର୍ବଣ ଋତୁର ଚାହିଦା ଆଦି ଉପରେ ଅଟୋ ସେକ୍ଟର ପ୍ରଦର୍ଶନ ନିର୍ଭର କରିବ। ଏହାବ୍ୟତୀତ ଜିଏସ୍‌ଟିରେ ସଂଶୋଧନ, ଏନ୍‌ବିଏଫ୍‌ସି ସଙ୍କଟର ସମାଧାନ ଉପରେ ଅଟୋ ସେକ୍ଟର ପୁନରୁଦ୍ଧାର ନିର୍ଭର କରିବ।

### ଦ୍ୱନ୍ଦ୍ୱରେ ଗ୍ରାହକ

ଆସନ୍ତାବର୍ଷ ଜୁନ୍‌ରୁ ଦେଶରେ ବିଏସ୍-୬ ମାନଦଣ୍ଡର ଗାଡ଼ି ଚାଲିବ। ଫଳରେ ଦେଶରୁ ଧୀରେ ଧୀରେ ବିଏସ୍-୪ ଗାଡ଼ିକୁ ପ୍ରତ୍ୟାହାର କରାଯିବ। ଏହାଦ୍ୱାରା ତୈଳ ଇନ୍ଧନଯୁକ୍ତ ଗାଡ଼ି ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣକୁ ଅନେକାଂଶରେ କମାଇହେବ। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଏବେ ଇଲେକ୍ଟ୍ରିକ ଗାଡି ବିକ୍ରିକୁ ପ୍ରୋତ୍ସାହନ ଦେବା ଆରମ୍ଭ କରିଛନ୍ତି। ଇ-ଯାନ କ୍ରୟରେ ଆୟକରରେ ଦେଢ଼ ଲକ୍ଷ ଟଙ୍କା ଛାଡ଼ ସହ ଜିଏସ୍‌ଟି ୧୨ରୁ ୫%କୁ ହ୍ରାସ କରାଯାଇଛି। ସେହିପରି ବ୍ୟାଟେରି ଉପରେ ଜିଏସ୍‌ଟି ୫%କୁ ହ୍ରାସ କରାଯାଇଛି। କେଉଁ ଗାଡି କିଣିଲେ ଉଚିତ୍ ହେବ ସେ ନେଇ ଏବେ ଗ୍ରାହକ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି। ଏହି କାରଣରୁ ସେମାନେ ଗାଡ଼ି କିଣିବାଠାରୁ ଦୂରେଇ ଯାଇଛନ୍ତି। ଗାଡ଼ି ବିକ୍ରି ହ୍ରାସ ପାଇବା ଏହା ଅନ୍ୟତମ ମୁଖ୍ୟ କାରଣ ହୋଇଛି।

### ସବୁ ସେଗ୍‌ମେଣ୍ଟରେ ଯାନ ବିକ୍ରି ହ୍ରାସ

କେବଳ ଯେ କାର୍ ବିକ୍ରି କମିଛି ତାହା ନୁହେଁ ଅଟୋ ସେକ୍ଟରର ସମସ୍ତ ସେଗମେଣ୍ଟରେ ଏହି ଦୁରବସ୍ଥା ଦେଖାଯାଉଛି। ମିଡିଆ ରିପୋର୍ଟ ଅନୁଯାୟୀ, ଜୁନ, ୨୦୧୯ରେ ଶେଷ ହୋଇଥିବା ତ୍ରୈମାସରେ ଯାତ୍ରୀ ବାହନ ବିକ୍ରି ୧୮.୪% ହ୍ରାସ ପାଇଛି। ସେହିପରି କମର୍ସିଆଲ ଗାଡ଼ି ସେଗମେଣ୍ଟରେ ୧୬.୬%, ଦୁଇଚକିଆ ଯାନରେ ୧୧.୭% ବିକ୍ରି ହ୍ରାସ ଦେଖାଯାଇଛି। ସେହିପରି ପାସେଞ୍ଜର ଯାନ ବିକ୍ରି ଜୁନ୍‌ରେ ୧୮ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଗ୍ରାମୀଣ ଅର୍ଥନୀତିର ସଙ୍କେତ ଦେଉଥିବା ଟ୍ରାକ୍ଟର ଉଦ୍ୟୋଗରେ ମଧ୍ୟ ମାନ୍ଦାବସ୍ଥାର ପ୍ରଭାବ ଦେଖାଦେଇଛି। ମାର୍ଚ୍ଚ ୨୦୧୯ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ଟ୍ରାକ୍ଟର ଉଦ୍ୟୋଗ କ୍ରମାଗତ ୩ ବର୍ଷ ଧରି ୨ ଅଙ୍କ ବୃଦ୍ଧି ହାର ହାସଲ କରିଥିଲା। ତେବେ ଏହାପର ଠାରୁ ହ୍ରାସ ପାଇବା ଧାରା ଆରମ୍ଭ ହୋଇଛି। ପରିସ୍ଥିତି ଏପରି ହେଲାଣି ଯେ, ଜୁନ୍‌ରେ ବିକ୍ରି ହାର ସର୍ବାଧିକ ୩୨ ପ୍ରତିଶତକୁ ଖସି ଆସିଛି। ମୌସୁମୀର ଅନିୟମିତତା କାରଣରୁ ଚଳିତ ବର୍ଷ ଖରିଫ ବୁଣା କମିଛି। ଏହି କାରଣରୁ ଟ୍ରାକ୍ଟର ବିକ୍ରି କମିଛି। ସରକାର ଏକ୍ସେଲ ଲୋଡ୍ ମାନଦଣ୍ଡରେ ପରିବର୍ତ୍ତନ କରିବାରୁ କମର୍ସିଆଲ ଗାଡି ବିକ୍ରି ହ୍ରାସ ପାଇଛି। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍ଚରର୍ସ(ସିଆମ୍) ଅନୁସାରେ ଏପ୍ରିଲ-ଜୁନ, ୨୦୧୯ରେ କମର୍ସିଆଲ ଗାଡି ସେଗ୍‌ମେଣ୍ଟରେ ବିକ୍ରି ୯.୫୩% ହ୍ରାସ ପାଇଛି।




## ୩ ଲକ୍ଷ କୋଟିର ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରି ଯୋଜନା

ନୂଆଦିଲ୍ଲୀ,୮-୮

କେନ୍ଦ୍ର ସରକାର ବ୍ୟବହାରରେ ଆସୁ ନ ଥିବା ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରି କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଟ୍ରାନ୍ସମିଶନ ଲାଇନ, ଟେଲିକମ ଟାୱାର, ଗ୍ୟାସ୍ ପାଇପଲାଇନ, ଏୟାରପୋର୍ଟ ଆଦିର ସମ୍ପତ୍ତି ବିକ୍ରି କରାଯିବ। ବିଭିନ୍ନ ମନ୍ତ୍ରଣାଳୟ ସହ ଆଲୋଚନା କରିବା ପରେ ନୀତି ଆୟୋଗ ପକ୍ଷରୁ ବିକ୍ରି ହେବାକୁ ଥିବା ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ପାୱାର ଗ୍ରିଡ୍‌ର ଟ୍ରାନ୍ସମିଶନ ଲାଇନ, ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନଏଲ୍‌ର ଟାୱାର, ଗେଲ୍ ଇଣ୍ଡିଆର ଗ୍ୟାସ୍ ପାଇପଲାଇନ, କେତେକ ସହରରେ ଥିବା ବିମାନ ବନ୍ଦର ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପଡି ରହିଥିବା ମୂଲ୍ୟବାନ ଜମିକୁ ବିକ୍ରି ତାଲିକାରେ ରଖାଯାଇଛି। ପାୱାର ଗ୍ରୀଡ୍‌ର ୧.୪୫ ଲକ୍ଷ ସର୍କିଟ କିମି ଲାଇନ, ଗେଲ୍ ଇଣ୍ଡିଆର ୧୧,୫୦୦ କିମି ଗ୍ୟାସ୍ ପାଇପଲାଇନ, ବିଏସ୍‌ଏନଏଲ ଓ ଏମଟିଏନ୍‌ଏଲର ୭୦ ହଜାର ଟାୱାର ବିକ୍ରି ହେବ। ଏହାଛଡ଼ା ନ୍ୟାଶନାଲ ଟେକ୍ସଟାଇଲ କର୍ପୋରେଶନ, ହିନ୍ଦୁସ୍ଥାନ ଆଣ୍ଟିବାୟୋଟିକ୍ସ, ଏନ୍‌ଟିପିସିର ଜମି ବିକ୍ରି କରାଯିବ। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ସରକାରୀ ସମ୍ପତ୍ତି ବିକ୍ରି କରି ୧.୦୫ ଲକ୍ଷ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରହିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ସରକାରଙ୍କ ଅଂଶଧନକୁ ୫୧%ରୁ ହ୍ରାସ କରିବାକୁ ସରକାର ରାଜି ଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଘୋଷଣା ବେଳେ କହିଥିଲେ।

## ଶିଳ୍ପ ଜଗତ ଚାହୁଁଛି ଲକ୍ଷେ କୋଟିର ପ୍ୟାକେଜ

- ଅର୍ଥମନ୍ତ୍ରୀଙ୍କୁ ଭେଟିଲେ ଶିଳ୍ପ କ୍ୟାପଟେନ୍
- ଅଭିବୃଦ୍ଧି ଧାରା ପାଇଁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା
- ଶିଳ୍ପର ବିକାଶ ନେଇ ନିର୍ମଳାଙ୍କ ପ୍ରତିଶ୍ରୁତି

ନୂଆଦିଲ୍ଲୀ,୮-୮

ଦେଶରେ ଅର୍ଥନୀତିରେ ମାନ୍ଦାବସ୍ଥା ଯୋଗୁ ବିଭିନ୍ନ ଶିଳ୍ପ କ୍ଷେତ୍ର ପ୍ରଭାବିତ ହୋଇଛି। ନିବେଶ ଧାରାକୁ ପ୍ରୋତ୍ସାହିତ କଲେ ଏହା ଔଦ୍ୟୋଗିକ ଅଭିବୃଦ୍ଧି ସହ ଅର୍ଥନୈତିକ ଧାରାକୁ ତ୍ୱରାନ୍ୱିତ କରିବ ବୋଲି ଦେଶର ଶିଳ୍ପ ଜଗତ ଆଶା ପ୍ରକଟ କରିଛି। ବିକାଶ ଧାରାକୁ ପୁନର୍ଜୀବିତ କରିବା ଲାଗି ସରକାର ୧ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଆଣନ୍ତୁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟି ଶିଳ୍ପ ଜଗତ ଏଭଳି ଦାବି କରିଛି। ଅଭିବୃଦ୍ଧି ଫେରାଇ ଆଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିବା ଶିଳ୍ପ ଜଗତ ପକ୍ଷରୁ ସୂଚନା ରହିଛି। କେଉଁ ଭଳି ପଦକ୍ଷେପ ନେଲେ ଅଭିବୃଦ୍ଧି ଧାରା ଫେରିବ ସେ ଉପରେ ଅର୍ଥମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ଆସୋଚାମ ସଭାପତି ବି.କେ. ଗୋଏଙ୍କା କହିଛନ୍ତି। ଶିଳ୍ପ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ନଜରରେ ରଖି ସରକାର ତ୍ୱରିତ ପଦକ୍ଷେପ ନେବେ ବୋଲି ଆଶା ରହିଥିବା ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ କହିଛନ୍ତି। ଅର୍ଥମନ୍ତ୍ରୀଙ୍କଠାରୁ ପ୍ରତିଶ୍ରୁତି ପାଇଛୁ। ଅଟୋମୋବାଇଲ, ଏନ୍‌ବିଏଫ୍‌ସି ଏବଂ ଷ୍ଟିଲ ଭଳି ଅନ୍ୟ କ୍ଷେତ୍ରଗୁଡିକ ଲାଗି ପଦକ୍ଷେପ ଗ୍ରହଣ କରାଯିବା ନେଇ ବେଶ୍ ଆଶାବାଦୀ ଥିବା ଜିନ୍ଦଲ କହିଛନ୍ତି।

ବ୍ୟାଙ୍କଗୁଡିକ ଶିଳ୍ପ କ୍ଷେତ୍ରକୁ ଠିକ୍ ଭାବେ ଋଣ ପ୍ରଦାନ କରୁ ନ ଥିବା ପ୍ରସଙ୍ଗ ବୈଠକରେ ସ୍ଥାନିତ ହୋଇଥିଲା। ବ୍ୟାଙ୍କଗୁଡିକ ଋଣ ପ୍ରଦାନ ଲାଗି ଇଚ୍ଛା ପ୍ରକଟ କରୁ ନ ଥିବା ପିରାମଲ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଅଜୟ ପିରାମଲ କହିଛନ୍ତି। ସେହିଭଳି ଏନ୍‌ବିଏଫ୍‌ସି କ୍ଷେତ୍ର ପ୍ରଭାବିତ ହେବା ଯୋଗୁ ଏହା ଏମ୍‌ଏସ୍‌ଏମ୍‌ଇ, ଗୃହ ଋଣ, ଅଟୋ ଭଳି କ୍ଷେତ୍ରକୁ ପ୍ରଭାବିତ କରିଥିବା ସେ କହିଛନ୍ତି। ଏହାବାଦ ଅଟୋ ଉଦ୍ୟୋଗର ମାନ୍ଦାବସ୍ଥା ବର୍ତ୍ତମାନ ଇସ୍ପାତ ଶିଳ୍ପ ଉପରେ ପ୍ରଭାବ ପକାଉଥିବାରୁ ଶିଳ୍ପ ଜଗତକୁ ଏକ ପୁନରୁଦ୍ଧାର ପ୍ୟାକେଜ ଲୋଡାଥିବା ଟାଟା ଷ୍ଟିଲ ଏମ୍‌ଡି ତଥା ସିଆଇଆଇ ଉପସଭାପତି ଟି.ଭି. ନରେନ୍ଦ୍ରନ କହିଛନ୍ତି। ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ଠିକ୍ ଭାବେ ରେପୋ ହାର ହ୍ରାସର ଫାଇଦା ଦେଉନାହାନ୍ତି। ଏହା ଚିନ୍ତାର ବିଷୟ ବୋଲି ଫିକି ସଭାପତି ସନ୍ଦିପ ସୋମାନି କହିଛନ୍ତି। ଏହାକୁ ବ୍ୟାଙ୍କଗୁଡିକ ଧ୍ୟାନ ଦେଲେ ଏହା ଶିଳ୍ପ ଲାଗି ଲାଭକାରୀ ସାବ୍ୟସ୍ତ ହେବ ବୋଲି ସେ ମତ ରଖିଛନ୍ତି। ଅର୍ଥନୀତିର ଅନ୍ୟ ଦିଗ ଉପରେ ବୈଠକରେ ଆଲୋଚନା ହୋଇଥିଲା।

## ମହଙ୍ଗା ହେବ ରେଳଯାତ୍ରା | ଇ-ଟିକେଟିଂରେ ଆଦାୟ ହେବ ସର୍ଭିସ ଚାର୍ଜ

ନୂଆଦିଲ୍ଲୀ,୮-୮

ଭାରତୀୟ ରେଳବାଇ ଅନ୍‌ଲାଇନ ରିଜର୍ଭେଶନ ବ୍ୟବସ୍ଥା ଇ-ଟିକେଟିଂ ଉପରେ ପୁନର୍ବାର ସର୍ଭିସ ଚାର୍ଜ ଆଦାୟ କରିବାକୁ ଯାଉଛନ୍ତି। ଫଳରେ ଆଗାମୀ ଦିନରେ ରେଳଯାତ୍ରା ମହଙ୍ଗା ହେବାକୁ ଯାଉଛି। ଅଗଷ୍ଟ ୩ରେ ମନ୍ତ୍ରଣାଳୟ ପକ୍ଷରୁ ଏକ ପତ୍ର ଜାରି କରାଯାଇଛି। ଏଥିରେ ମାର୍କେଟିଂ ଓ ବିକ୍ରି ସେବା ଉପରେ ସର୍ଭିସ ଚାର୍ଜ ଆଦାୟ କରିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବାକୁ ଯାଇ ସରକାର ପୂର୍ବରୁ ଇ-ଟିକେଟିଂ ଉପରେ ସର୍ଭିସ ଚାର୍ଜକୁ ପ୍ରତ୍ୟାହାର କରିନେଇଥିଲେ। ଏବେ ନିଷ୍ପତ୍ତିର ପୁନର୍ବିଚାର କରାଯାଇଛି। ସ୍ଲିପର କ୍ଲାସ୍‌ରେ ପୂର୍ବରୁ ୨୦ ଟଙ୍କା ଏବଂ ଏସି ବଗିର ସିଟ୍ ପାଇଁ ୪୦ ଟଙ୍କା ସର୍ଭିସ ଚାର୍ଜ ଦେବାକୁ ପଡୁଥିଲା। ବିମୁଦ୍ରୀକରଣ ପୂର୍ବରୁ ଅର୍ଥାତ୍ ନଭେମ୍ବର ୨୦୧୬ ପର୍ଯ୍ୟନ୍ତ ଇ-ଟିକେଟ ଉପରେ ସର୍ଭିସ ଚାର୍ଜ ଆଦାୟ କରାଯାଉଥିଲା। ଆଇଆର୍‌ସିଟିସି ସର୍ଭିସ ଚାର୍ଜ ଜରିଆରେ ଏକତ୍ରିତ ହେଉଥିବା ଅର୍ଥକୁ ଇ-ଟିକେଟିଂ ସିଷ୍ଟମ ଲାଗି ଖର୍ଚ୍ଚ କରୁଥିଲା। ରେଳ ମନ୍ତ୍ରଣାଳୟ ସର୍ଭିସ ଚାର୍ଜ ନ ଆଦାୟ କରିବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା ଏବଂ ଖର୍ଚ୍ଚ ଭରଣା କରାଯିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରାରମ୍ଭରେ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ସର୍ଭିସ ଚାର୍ଜ ଅସୁଲ ନ କରିବା ବ୍ୟବସ୍ଥା ୨୦୧୭ ଜୁନ୍ ପର୍ଯ୍ୟନ୍ତ କରାଯାଇଥିଲା। ପରେ ଏହାର ସମୟସୀମାକୁ ଅନେକ ଥର ବୃଦ୍ଧି କରାଯାଇଛି। ଅଦ୍ୟାବଧି ପୁରୁଣା ବ୍ୟବସ୍ଥାକୁ ଆରମ୍ଭ କରାଯାଇ ନାହିଁ। ଇତିମଧ୍ୟରେ ସର୍ଭିସ ଚାର୍ଜ ଆଦାୟ ନ ହେବାରୁ ଆଇଆର୍‌ସିଟିସିର ଆୟ କମିଲା। ଯାହାର ପ୍ରଭାବ ରେଳ ମନ୍ତ୍ରଣାଳୟର ଆୟ ଉପରେ ପଡିଲା। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆଇଆରସିଟିସିକୁ ୮୮ କୋଟି ଟଙ୍କା ପ୍ରଦାନ କରାଯାଇଥିଲେ ସୁଦ୍ଧା ଏହା ପର୍ଯ୍ୟାପ୍ତ ନ ଥିଲା। କ୍ରମାଗତ କ୍ଷତି ସହି ଚାଲିଥିବା ରେଳୱେ ପକ୍ଷରୁ ବୋର୍ଡର ଯୁଗ୍ମ ନିର୍ଦ୍ଦେଶକ ଟ୍ରାଫିକ କମର୍ସିଆଲ(ଜେନେରାଲ) ବି.ଏସ୍. କିରଣ ଅର୍ଥ ମନ୍ତ୍ରଣାଳୟକୁ ପତ୍ର ଲେଖି ପୁନର୍ବାର ସର୍ଭିସ ଚାର୍ଜ ଆଦାୟ କରାଯିବ ବୋଲି ଦର୍ଶାଇଛନ୍ତି।




### ଟ୍ରେନ ଯାତ୍ରା ବେଳେ ଶପିଂ ମଜା

ଭାରତୀୟ ରେଲୱେ ପକ୍ଷରୁ ଟ୍ରେନ ଯାତ୍ରା ବେଳେ ଶପିଂ ମଜା ଉଠାଇବାର ବ୍ୟବସ୍ଥା କରିଛି। ବର୍ତ୍ତମାନ ଏହି ବ୍ୟବସ୍ଥା ପଶ୍ଚିମାଞ୍ଚଳ ରେଳବାଇର ଅହମ୍ମଦାବାଦ୍ ଡିଜିଜନ ଅଧୀନରେ ଅହମ୍ମଦାବାଦ୍-ମୁମ୍ବାଇ ସେଣ୍ଟ୍ରାଲ-ଅହମ୍ମଦାବାଦ୍ କର୍ଣ୍ଣାବତୀ ଏକ୍ସପ୍ରେସ୍ ଓ ଅହମ୍ମଦାବାଦ୍-ମୁମ୍ବାଇ ସେଣ୍ଟ୍ରାଲ-ଅହମ୍ମଦାବାଦ୍ ଡବଲ ଡେକର ଏକ୍ସପ୍ରେସରେ ଆରମ୍ଭ କରାଯାଇଛି। ଗୁରୁବାରଠାରୁ ଏହି ନୂଆ ସୁବିଧା ଯାତ୍ରୀଙ୍କୁ ଯୋଗାଇ ଦିଆଯାଉଛି। ଉଭୟ ମାର୍ଗରେ ଯାତ୍ରୀ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଜରିଆରେ କସ୍‌ମେଟିକ୍ସ, ଏଫ୍‌ଏମ୍‌ସିଜି ଓ ହେଲ୍‌ଥକେୟାର ସାମଗ୍ରୀ କିଣିପାରିବେ। ଯାତ୍ରୀମାନେ ଯାତ୍ରା ବେଳେ ଘରକରଣା, ଓରାଲ କେୟାର, ସ୍କିନ୍ କେୟାର, ହେଲ୍‌ଥ କେୟାର,କସ୍‌ମେଟିକ୍ସ, ସ୍ୱାସ୍ଥ୍ୟ ସମ୍ପର୍କିତ, ପେପର ସାମଗ୍ରୀ,କନ୍‌ଫେକ୍ସନାରି, ଷ୍ଟେଶନାରି ସାମଗ୍ରୀ ଆଦି କିଣିପାରିବେ ବୋଲି ରେଲୱେ ସୂତ୍ରରୁ ପ୍ରକାଶ।

## ୧୧ରୁ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍

### ଯୋଗ ଦେବେ ୨ ହଜାର ଶିଳ୍ପୋଦ୍ୟୋଗୀ



ଭୁବନେଶ୍ୱର, ୮-୮(ବ୍ୟୁରୋ)

ଓଡ଼ିଶା ଆସୋସିଏସନ ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ (ଓସ୍‌ମେ) ପକ୍ଷରୁ ଏହାର ପ୍ରତିଷ୍ଠା ଦିବସ ଅବସରରେ ଚଳିତ ମାସ ୧୧ ଏବଂ ୧୨ରେ ସ୍ଥାନୀୟ ଇଉକଲ ଅଡିଟୋରିଅମଠାରେ ଏମ୍‌ଏମ୍‌ଏମ୍‌ଇ ମିଟ୍ ଅନୁଷ୍ଠିତ ହେବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଏମ୍‌ଏସ୍‌ଏମ୍‌ଇ ସଚିବ ଅରୁଣ ପଣ୍ଡା, ଶିଳ୍ପ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା, କମିଶନର ସଞ୍ଜୟ ସିଂ, ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଓସମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, କାର୍ଯ୍ୟକ୍ରମରେ ଶିଳ୍ପୋଦ୍ୟୋଗୀ, ଷ୍ଟାର୍ଟଅପ, ଇନୋଭେଟର୍ସ, ଷ୍ଟାଣ୍ଡଅପ୍ସ, ଫୁଡ ପ୍ରୋସେସର୍ସ ଏବଂ ରପ୍ତାନିକାରୀଙ୍କ ପ୍ରାୟ ୨୦୦୦ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏମ୍‌ଏସ୍‌ଏମ୍‌ଇ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗଗୁଡିକ ଉପରେ ସେମିନାର ଅନୁଷ୍ଠିତ ହେବ। ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ଶିଳ୍ପକୁ ଉଲ୍ଲେଖନୀୟ ଯୋଗଦାନ ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ଏଥିରେ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ଆୱାର୍ଡ ପ୍ରଦାନ କରାଯିବ। କାର୍ଯ୍ୟକ୍ରମ ଅବସରରେ ଓସ୍‌ମେ ଅଧ୍ୟକ୍ଷ ଗୌରୀ ଶଙ୍କର ଦାସ ଏବଂ ଆଦିକନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

“ଟରଣ୍ଟୋ ଓପନ ଟେନିସରେ ବେଲଜିୟମର ଏଲିସି ମର୍ଟେନ୍ସଙ୍କୁ ପରାସ୍ତ କରିବା ପରେ ମୁଁ ଆଘାତଜନିତ ସମସ୍ୟାରୁ ମୁକ୍ତ ବୋଲି ମନେ କରୁଛି ।

–ସେରେନା ୱିଲିୟମ୍ସ, ବିଶିଷ୍ଟ ମହିଳା ଟେନିସ ଖେଳାଳି



“ଭାରତର ପୂର୍ବତନ ଚୟନକର୍ତ୍ତା ବିଜୟ ମର୍ଚ୍ଚାଣ୍ଟ ଏଭଳି ଜଣେ ଖେଳାଳି ଥିଲେ ଯିଏକି ଇଂଲଣ୍ଡ କଣ୍ଡିଶନ ସହ ଶୀଘ୍ର ଖାପ ଖୁଆଇ ନେଉଥିଲେ ।

–ମାଇକ୍ ଗ୍ୟାଟିଂ, ପୂର୍ବତନ ଇଂଲଣ୍ଡ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଆକରମ୍ୟାନଙ୍କ ନାମରେ ଟି୨୦ ବିଶ୍ୱ ରେକର୍ଡ

ଲଣ୍ଡନ, ୮।୮ (ଏଏଫ୍‌ପି): ଦକ୍ଷିଣ ଆଫ୍ରିକା ସ୍ପିନର କଲିନ୍ ଆକରମ୍ୟାନ ଟି୨୦ କ୍ରିକେଟ୍‌ର ଶ୍ରେଷ୍ଠ ବୋଲିଂ ଫିଗର୍ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଚାଲିଥିବା ଟି୨୦ ବ୍ଲାଷ୍ଟର ଏକ ମ୍ୟାଚ୍‌ରେ ସେ ୧୮ ରନ୍ ବିନିମୟରେ ୭ ଉଇକେଟ୍ ଅକ୍ତିଆର କରି ବିଶ୍ୱ ରେକର୍ଡକୁ ନିଜ ନାମରେ ପ୍ରତିଷ୍ଠା କରିଛନ୍ତି। ୨୮ ବର୍ଷୀୟ କଲିନ୍ ଲିସେଷ୍ଟରଶାୟରର ଅଧିନାୟକ ରହିଥିବାବେଳେ ୱର୍କଶାୟର ବିପକ୍ଷରେ ଏହି ମାରାତ୍ମକ ସ୍ପେଲ ବୋଲିଂ କରିଥିଲେ। ପୂର୍ବରୁ ଟି୨୦ କ୍ରିକେଟ୍‌ରେ ଶ୍ରେଷ୍ଠ ବୋଲିଂ ଫିଗର ମାଲେସିଆର ଅରୁଲ ସୁଉପ୍‌ଙ୍କ ନାମରେ ରହିଥିଲା। ୨୦୧୧ରେ ସେ ସମରସେଟ୍ ପକ୍ଷରୁ ଖେଳି ଗ୍ଲାମରଗନ୍ ବିପକ୍ଷରେ ୫ ରନରେ ୬ ଉଇକେଟ୍ ଅକ୍ତିଆର କରିଥିଲେ।

### ବେଙ୍ଗାଲୁରୁ ବୁଲ୍ସର ତୃତୀୟ ବିଜୟ

ପାଟଣା, ୮।୮(ପି.ଟି.): ଚଳିତ ପ୍ରୋ-କବାଡ଼ି ଲିଗ୍ ସିଜନ ୭ରେ ବେଙ୍ଗାଲୁରୁ ବୁଲ୍ସ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଗୁରୁବାର ସ୍ଥାନୀୟ ପାଟଳୀପୁତ୍ର ଇନ୍‌ଡୋର ଷ୍ଟାଡିୟମରେ ଦଳ ୪୭-୨୬ରେ ତେଲୁଗୁ ଟାଇଟାନ୍ସକୁ ପରାସ୍ତ କରିଛି। ପବନ ସେରାୱତଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଏବଂ ଡିଫେନ୍ସରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ବେଙ୍ଗାଲୁରୁ ଦଳ ସହଜ ବିଜୟ ହାସଲ କରିଥିଲା। ଏହି ବିଜୟ ଦ୍ୱାରା ବେଙ୍ଗାଲୁରୁ ବୁଲ୍ସ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିନେଇଛି। ଦଳ ଲିଗ୍ ଲିଡର ଦବଙ୍ଗ ଦିଲ୍ଲୀ କେସିଠାରୁ ମାତ୍ର ଗୋଟିଏ ପଏଣ୍ଟ ପଛରେ ରହିଛି। ତେଲୁଗୁ ଟାଇଟାନ୍ସ ବିପକ୍ଷରେ ସେରାୱତ ୧୭ ପଏଣ୍ଟ ସ୍କୋର କରିଥିଲେ। ବେଙ୍ଗାଲୁରୁ ବୁଲ୍ସ ଏହାର ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୬ ସୁପର ଟାକଲ ପଏଣ୍ଟ ସ୍କୋର କରିବାରେ ସମର୍ଥ ହୋଇଥିଲା।

### ଭାରତୀୟ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଦଳ ଘୋଷିତ

ନୂଆଦିଲ୍ଲୀ,୮।୮(ପି.ଟି.)- ଦୀର୍ଘ ୧୦ ବର୍ଷ ଧରି ଅନ୍ତର୍ଜାତୀୟ ବକ୍ସିଂରେ ସକ୍ରିୟ ରହିବା ପରେ ଭେଟେରାନ ଏଲ. ସରିତା ଦେବୀ (୬୦ କେଜି) ମହିଳା ବିଶ୍ୱ ଚାମ୍ପିୟନଶିପ୍‌ରେ ପଦାର୍ପଣ କରିବାକୁ ଯାଉଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଲାଗି ୬ ଥର ବିଶ୍ୱ ଚାମ୍ପିୟନ ଏମ୍.ସି. ମେରୀକମ୍ (୫୧ କେଜି)ଙ୍କ ନେତୃତ୍ୱରେ ଗୁରୁବାର ୧୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଚାମ୍ପିୟନ ବକ୍ସର ମେରୀକମ୍‌ଙ୍କୁ ବିନା ଟ୍ରାଏଲରେ ଦଳରେ ନିଆଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ପୂର୍ବତନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତାଙ୍କୁ ଟ୍ରାଏଲ ମ୍ୟାଚ୍ ଖେଳିବାର ଥିଲା। ଏହାକୁ ପୂର୍ବତନ ଜୁନିୟର ଚାମ୍ପିୟନ ନିଖାତ ଜରିନ ବିରୋଧ କରିଥିଲେ। ମେରୀକମ୍‌ଙ୍କ ବ୍ୟତୀତ ଦଳରେ ସ୍ଥାନ ପାଇଥିବା ବିଶ୍ୱ ଚାମ୍ପିୟନ ବ୍ରୋଞ୍ଜ ପଦକ ବିଜେତା ଲଭଲିନା ବର୍ଗୋହେନ (୬୯ କେଜି) ମଧ୍ୟ କୌଣସି ଟ୍ରାଏଲର ସମ୍ମୁଖୀନ ହୋଇନାହାନ୍ତି।ଭାରତୀୟ ମହିଳା ଦଳ: ମଞ୍ଜୁ ରାଣୀ (୪୮ କେଜି), ଏମ୍.ସି. ମେରୀକମ୍ (୫୧ କେଜି), ଜାମୁନ ବରୋ (୫୪ କେଜି), ନୀରଜ (୫୭ କେଜି), ସରିତା ଦେବୀ (୬୦ କେଜି), ମଞ୍ଜୁ ବମ୍ଵାରିୟା (୬୪ କେଜି), ଲଭଲିନା ବର୍ଗୋହେନ (୬୯ କେଜି), ସାୱିଟି ବୁରା (୭୫ କେଜି), ନନ୍ଦିନୀ (୮୧ କେଜି) ଓ କବିତା ଚହଲ (୮୧ କେଜିରୁ ଅଧିକ)।

# ସଙ୍କଟରେ ଭଲିବଲ ଖେଳାଳିଙ୍କ କ୍ୟାରିୟର

**ସାଇ ହଷ୍ଟେଲରୁ ଭଲିବଲ ବାଦ୍ ଘଟଣା**

- ବିହାର କିଶନଗଞ୍ଜ କେନ୍ଦ୍ର ଯିବେ କିଛି ଅନ୍ତେବାସୀ
- ଗୁରୁବାର ରାତି ପରେ ରହିବା ମନା

କଟକ ଅଫିସ,୮।୮

କଟକ ସାଇ ହଷ୍ଟେଲରୁ ଭଲିଭଲ ଖେଳକୁ ବାଦ ଦିଆଯିବା ନିଷ୍ପତ୍ତି ପରେ ଖେଳାଳିମାନଙ୍କ କ୍ୟାରିୟର ଏବେ ସଙ୍କଟରେ ପଡ଼ିଯାଇଛି। କିଛି ଖେଳାଳି ଖେଳ ଛାଡ଼ିବା ନେଇ ନିଷ୍ପତ୍ତି ନେଇଥିବା ମଧ୍ୟ ଜଣାପଡ଼ିଛି। ପାଠପଢ଼ା ଜାରି ରଖିବା ସହ ଭଲିବଲ କ୍ରୀଡ଼ାରେ ଭବିଷ୍ୟତ ଗଢ଼ିବାକୁ ଲକ୍ଷ୍ୟ ରଖିଥିବା ବେଳେ ହଠାତ୍ ରାଜ୍ୟର ଏହି କେନ୍ଦ୍ରରୁ ଯାଇ ରାଜ୍ୟ ବାହାରେ ଅବସ୍ଥାପିତ ହେବା ନିର୍ଦ୍ଦେଶକୁ ଗ୍ରହଣ କରିପାରିନାହାନ୍ତି କେତେକ ଭଲିବଲ ଖେଳାଳି। ଏଣୁ ଖୁବଶୀଘ୍ର ଏମାନେ ନିଜ ଘରକୁ ଫେରିଯିବେ ବୋଲି ହଷ୍ଟେଲର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ବୁଧବାର ରାତିରେ ଜଣ ଜଣ କରି ଅନ୍ତେବାସୀ ସାଇ କେନ୍ଦ୍ରର ନିର୍ଦ୍ଦେଶକୁ ନେଇ ନିଜ ମତ ରଖିଛନ୍ତି। କେଉଁ ହଷ୍ଟେଲକୁ ସ୍ଥାନାନ୍ତରିତ ହେବେ ସେ ନେଇ ଚିଠିରେ ଉଲ୍ଲେଖ କରିଛନ୍ତି। ଝାଡ଼ଖଣ୍ଡର ହଜାରିବାଗସ୍ଥିତ ସାଇ ଖେଲୋ ଇଣ୍ଡିଆ କେନ୍ଦ୍ର ତୁଳନାରେ ବିହାରର କିଶନଗଞ୍ଜ ସାଇ କେନ୍ଦ୍ରକୁ ଯିବା ପାଇଁ ଅଧିକାଂଶ ଖେଳାଳି ରାଜି ହୋଇଥିବା ଜଣାପଡ଼ିଛି। ଏହି ଅନ୍ତେବାସୀମାନଙ୍କ ପାଇଁ ଗୁରୁବାର ହେଉଛି ସାଇ ହଷ୍ଟେଲରେ ରହଣିର ଶେଷ ଦିନ।

ସୂଚନାଥାଉ କି, ଗତ କିଛି ମାସ ପୂର୍ବେ ନୂଆଦିଲ୍ଲୀଠାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ଅନୁଷ୍ଠିତ ବୈଠକରେ ଦେଶର ସମସ୍ତ ସାଇ ହଷ୍ଟେଲଗୁଡ଼ିକୁ ନୂତନ ଢଙ୍ଗରେ କାର୍ଯ୍ୟକାରୀ କରିବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକରେ କୁହାଯାଇଥିଲା ଯେ, ପ୍ରତ୍ୟେକ ରାଜ୍ୟର ସାଇ ହଷ୍ଟେଲରେ ୨ରୁ ୩ଟି କ୍ରୀଡ଼ାକୁ ରଖାଯିବ। କେଉଁ କ୍ରୀଡ଼ାକୁ ବାଦ ଦିଆଯିବ ସେ ନେଇ ମତାମତ ମଧ୍ୟ ନିଆଯାଇଥିଲା। କଟକ ସାଇ ହଷ୍ଟେଲରେ ମୋଟ ୪ଟି କ୍ରୀଡ଼ା




ରହିଥିଲା। ଏଗୁଡ଼ିକ ହେଲା ଆଥଲେଟିକ୍ସ, ବାସ୍କେଟବଲ, ଫୁଟବଲ ଓ ଭଲିଭଲ। ଅନ୍ୟ ତିନି କ୍ରୀଡ଼ାକୁ ସୁରକ୍ଷିତ ରଖାଯାଇ ଭଲିବଲ କ୍ରୀଡ଼ାକୁ ବାଦ ଦିଆଯାଇଛି। ଗତ ୩ବର୍ଷ ତଳେ ଭଲିବଲ ସାଇ ହଷ୍ଟେଲ ସହ ଯୋଡ଼ି ହୋଇଥିଲା। ମୋଟ ୧୦୧ଜଣ ଅନ୍ତେବାସୀ ରହଣି ବ୍ୟବସ୍ଥା ଥିବା କଟକ ସାଇ ହଷ୍ଟେଲରେ ଭଲିବଲର ୧୨ଜଣ ବାଳକ ଖେଳାଳି ରହୁଥିଲେ। ପ୍ରାଧିକରଣର ରେସିଡେନ୍ସିଆଲ ନିୟମ ଅନୁଯାୟୀ ୧୦୧ଜଣ ଅବସ୍ଥାପିତ ହୋଇଛନ୍ତି, ଯେଉଁମାନେ ଏଠାରେ ରହିବା ସହ ଖେଳିବାର ସୁଯୋଗ ପାଉଛନ୍ତି। ପୂର୍ବରୁ କଟକ ସାଇ ହଷ୍ଟେଲରେ ନନ-ରେସିଡେନ୍ସିଆଲ ବ୍ୟବସ୍ଥା ମଧ୍ୟ ଥିଲା। ଯେଉଁ ନିୟମ ଅନୁଯାୟୀ, ଖେଳାଳିମାନେ ଘରେ ରହି ହଷ୍ଟେଲର ଦକ୍ଷ କୋଚ୍‌ଙ୍କ ପାଖରେ ପ୍ରଶିକ୍ଷଣ ନେଇପାରୁଥିଲେ। କିଛି ବର୍ଷ ହେବ ଏଠାରୁ ନନ୍-ରେସିଡେନ୍ସିଆଲ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ଭଲିବଲକୁ ବାଦ ଦେବା ପାଇଁ ନିର୍ଦ୍ଦେଶ କରାଯିବା ପରେ ମଧ୍ୟ ୧୦୧ଜଣ ଖେଳାଳି ରହିବେ ବୋଲି ସ୍ପଷ୍ଟ କରାଯାଇଛି। ହେଲେ ନିୟମରେ ପରିବର୍ତ୍ତନ ଆସିଛି। ବାଳିକା ଓ ବାଳକ ଖେଳାଳି ସମାନ ସଂଖ୍ୟାରେ ରଖିବାକୁ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛି।

### ଏକାଡେମୀ ହିଁ ଭରସା

ଏବେ ଓଡ଼ିଶାର ସିନିୟର ଭଲିବଲ ଖେଳାଳିମାନଙ୍କ ନିମନ୍ତେ ଏକାଡେମୀ ହିଁ ଭରସା। ସାଇ ହଷ୍ଟେଲ ଛାଡ଼ିବା ପରେ ସିନିୟର ଖେଳାଳିମାନଙ୍କ କ୍ୟାରିୟର ଅସ୍ପଷ୍ଟ ହେବାରେ ଲାଗିଛି। ଏଣୁ ଖେଳ ସହ ଜଡ଼ିତ ରହିବାକୁ ହେଲେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଭଲିବଲ ଏକାଡେମୀରେ ଭର୍ତ୍ତି ହେବାକୁ ପଡ଼ିବ। କଟକରେ ଭଲିବଲର କୌଣସି ଏକାଡେମୀ ନ ଥିବା ବେଳେ ଭୁବନେଶ୍ୱର ଓ ଅନ୍ୟ ଜିଲାଗୁଡ଼ିକରେ କିଛିମାତ୍ରାରେ ରହିଛି। ଏତଦବ୍ୟତୀତ ଭୁବନେଶ୍ୱର, ବ୍ରହ୍ମପୁର, କୋରାପୁଟ, ମାଲକାନଗିରି, ବାଲେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲରେ ଭଲିବଲ ଖେଳ ସାମିଲ ଥିବା ବେଳେ ଏଠାରେ ଜୁନିୟର ଖେଳାଳିମାନେ କେବଳ ରହିବା ନିୟମ ରହିଛି। ସ୍କୁଲରେ ପାଠପଢୁଥିବା ଭଲିବଲ ଖେଳାଳି କେବଳ ସ୍ପୋର୍ଟ୍ସ ହଷ୍ଟେଲରେ ରହିବା ବ୍ୟବସ୍ଥା ରହିଛି। ଏଣୁ ଭଲିବଲ ଖେଳାଳିଙ୍କଠାରେ ସିନିୟର ବର୍ଗର ମୋହର ଲାଗିଲା ପରେ କେଉଁଠାରେ ରହି ପ୍ରଶିକ୍ଷଣ ନେବେ ତାହା ଚିନ୍ତାର ବିଷୟ ପାଲଟିବ।

### ସରକାରଙ୍କ ଦୃଷ୍ଟି ନ ପଡ଼ିଲେ ଭଲିବଲ ଲୋପ ପାଇବ

ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏବେ ରାଜ୍ୟ ଭଲିବଲ ସଂଘ ଚେଷ୍ଟା କରିଛି। ସଂଘ ସମ୍ପାଦକ ଗଗନେନ୍ଦୁ ଦାସ ରାଜ୍ୟ କ୍ରୀଡ଼ା ବିଭାଗକୁ ଏ ନେଇ ଚିଠି ଲେଖିଛନ୍ତି। ତେବେ ସରକାରୀ ସ୍ତରରେ ପ୍ରଚେଷ୍ଟା କରା ନ ଗଲେ ଭଲିବଲ କ୍ରୀଡ଼ା ଲୋପ ପାଇବା ଭଳି ପରିସ୍ଥିତି ଉପୁଜିବ ବୋଲି କ୍ରୀଡ଼ାବିତମାନେ କହିଛନ୍ତି। କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ରାଜ୍ୟ ସଂଘ ପକ୍ଷରୁ ନିବେଦନ କରାଯାଇ ସାଇ ହଷ୍ଟେଲର ଭଲିବଲ ଖେଳାଳିଙ୍କୁ କିଟ୍‌ର ଭଲିବଲ ଏକାଡେମୀରେ ରଖାଯିବାକୁ ଉଦ୍ୟମ ହେଉଛି। ରାଜ୍ୟରେ ଭଲିବଲ କ୍ରୀଡ଼ାର ସେଣ୍ଟର ଅଫ ଏକ୍ସିଲେନ୍ସି ଗଠନ କରାଯାଇ ଏହି ଅଲିମ୍ପିକ ଖେଳକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରାଯାଉ ବୋଲି ମତ ପ୍ରକାଶ ପାଇଛି।

### ଓଓଏର ଚେଷ୍ଟା ଅବ୍ୟାହତ ରହିବ



କଟକ ସାଇ କେନ୍ଦ୍ରଠାରୁ ଟଙ୍କାଟିଏ ଭଡ଼ା ଗ୍ରହଣ କରୁନାହିଁ ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)। ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ପ୍ରଚେଷ୍ଟାରେ ୨୦୧୩ ଅଗଷ୍ଟ ୮ରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। କଟକର ଏହି କେନ୍ଦ୍ରରୁ ଅନେକ ଖେଳାଳି ଭବିଷ୍ୟତ ତିଆରି କରିଛନ୍ତି। ଭଲିବଲ ଖେଳକୁ ଏଠାରୁ ନ ଉଠାଇବା ପାଇଁ ଓଓଏ ସମସ୍ତ ପ୍ରଚେଷ୍ଟା କରିବ।

– ଅଭିଜିତ ପାଲ, ସମ୍ପାଦକ(ଇନ ଚାର୍ଜ), ଓଓଏ

### ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ



ଓଡ଼ିଶାରେ ଭଲିବଲ ଖେଳର ବିକାଶ ହେଉଛି। ଏହି ସମୟରେ ଏଭଳି ପଦକ୍ଷେପ ଦୁଃଖଦାୟକ। ଖେଳାଳିମାନେ ମାନସିକ ଭାବେ ଭାଙ୍ଗି ପଡ଼ିବେ। ସମସ୍ତ କ୍ଷେତ୍ରରୁ ପ୍ରତିବାଦର ସ୍ୱର ଉଠିଲାଣି। ଏବେ ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦିଅନ୍ତୁ। ଭଲିବଲ ଖେଳାଳିଙ୍କ ଭବିଷ୍ୟତ କଥା ଚିନ୍ତା କରାଯାଉ। ସାଇ କେନ୍ଦ୍ରରୁ ଭଲିବଲ ଖେଳ ଉଠାଗଲେ କଟକ ମଧ୍ୟ ଶ୍ରୀହୀନ ହେବ।

– ଗଗନେନ୍ଦୁ ଦାସ, ସମ୍ପାଦକ, ଓଡ଼ିଶା ଭଲିବଲ ଆସୋସିଏଶନ

### ଘଡ଼ିସନ୍ଧି ମୁହୂର୍ତ୍ତ




ଭଲିବଲ ଖେଳର ବିକାଶରେ ଏହା ବାଧା ଉପୁଜାଇବା ନିଶ୍ଚିତ। ଜୁନିୟର ବର୍ଗର ଖେଳାଳିମାନେ ଭଲ ପ୍ରଦର୍ଶନ କରି ସାଇ ହଷ୍ଟେଲରେ ରହିବାର ଇଚ୍ଛା ରଖିଥାନ୍ତି। ସାଇ ହଷ୍ଟେଲରେ ଯେଉଁଭଳି ଭାବେ ପ୍ରଶିକ୍ଷଣ ମିଳେ ତାହା ବାହାରେ ମିଳେ ନାହିଁ। ଏଣୁ ରାଜ୍ୟ ଭଲିବଲ କ୍ରୀଡ଼ା ନିମନ୍ତେ ଏହା ଏକ ଘଡ଼ିସନ୍ଧି ମୁହୂର୍ତ୍ତ।

– ଆଶୁତୋଷ ପାତ୍ର, ଭଲିବଲ କୋଚ୍

## ଖବର ଦେବାକୁ ଡରୁଛି ଓସିଏ

କଟକ ଅଫିସ,୮।୮

ଖବର ଦେବାକୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଡରୁଛି। ବୟସ ଜାଲିଆତିଠାରୁ ଆରମ୍ଭ କରି ବାରମ୍ବାର ବେନିୟମ ଓ ଦୁର୍ନୀତିର ଅଭିଯୋଗ ଯୋଗୁ ଏହାର ଅଧିକାରୀମାନେ ବୋଧହୁଏ ଖବରଦାତାଙ୍କଠାରୁ ଦୂରତା ବଜାୟ ରଖୁଛନ୍ତି। ଲୁଚାଛପାରେ ସମସ୍ତ କାର୍ଯ୍ୟ ଆଗେଇ ନେଉଛନ୍ତି, ଫଳରେ ଖେଳାଳି ଓ ଖେଳର ସ୍ୱାର୍ଥ ପଛରେ ପଡ଼ିଯାଉଛି। ରାଜ୍ୟ ଦଳ ଗଠନ କରାଯିବା ନେଇ କୌଣସି ଘୋଷଣାନାମା ନ କରି ଦଳ ଚୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ଏହି ସମୟରେ ଏକ ବଡ଼ ଅଭିଯୋଗ ଉଠିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଆଗାମୀ ଘରୋଇ ଟୁର୍ନାମେଣ୍ଟଗୁଡ଼ିକରେ ଖବର ସଂଗ୍ରହ କରିବା କ୍ଷେତ୍ରରୁ କ୍ରୀଡ଼ା ଖବରଦାତାମାନଙ୍କୁ ବଞ୍ଚିତ ରଖିବାକୁ ଓସିଏ ଚେଷ୍ଟା କରିଛି ବୋଲି କୁହାଯାଉଛି। ଗୁରୁବାର ବିସିସିଆଇର

**ବିସିସିଆଇ ମିଡିଆ ଅଧିସ୍ୱୀକୃତି ପ୍ରଦାନକୁ ପଛାଉଛି**

ମିଡ଼ିଆ ଅଧିସ୍ୱୀକୃତି ନିମନ୍ତେ ଫର୍ମ ପୂରଣ କରିବାର ଅନ୍ତିମ ତାରିଖ ଥିଲା। ଏ ନେଇ ଓସିଏ ପାଖରେ ବହୁ ପୂର୍ବରୁ ସୂଚନା ଥିଲେ ମଧ୍ୟ କ୍ରୀଡ଼ା ଖବରଦାତାମାନଙ୍କୁ ଦିଆଯାଇ ନ ଥିଲା। ଏଥିପାଇଁ ରାଜ୍ୟର ଅନେକ ଗଣମାଧ୍ୟମ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଓସିଏର ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ବ୍ୟସ୍ତ ବହୁଳ ସମୟ ଭିତରେ ସୂଚନା ଦିଆଯାଇ ପାରିନାହିଁ ବୋଲି ମତ ଦେଇଛନ୍ତି। ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବିସିସିଆଇର ମିଡିଆ କମିଟି ସହ ଆଲୋଚନା ହୋଇଛି। ଆଗାମୀ ସପ୍ତାହରେ ୩ ଦିନ ଅତିରିକ୍ତ ସମୟ ମିଡିଆ ଅଧିସ୍ୱୀକୃତି ନିମନ୍ତେ ପ୍ରଦାନ କରାଯିବ।

## ବାସନ୍ଦ ସତ୍ତ୍ୱେ ତ୍ରି-ରାଷ୍ଟ୍ରୀୟ ଖେଳିବ ଜିମ୍ବାୱେ

ଢାକା, ୮।୮ (ଏଏଫ୍‌ପି)

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ବାସନ୍ଦ ସତ୍ତ୍ୱେ ଆଫ୍ରିକୀୟ ଦେଶ ଜିମ୍ବାୱେକୁ ନେଇ ତ୍ରି-ରାଷ୍ଟ୍ରୀୟ ଟି୨୦ ସିରିଜ ଆୟୋଜନ କରିବ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)। ଆସନ୍ତା ସେପ୍ଟେମ୍ବର ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ତ୍ରି-ରାଷ୍ଟ୍ରୀୟ ଟି୨୦ ସିରିଜରେ ୩ୟ ଦଳ ଭାବେ ଆଫଗାନିସ୍ତାନ ଅଂଶଗ୍ରହଣ କରିବ ବୋଲି ବିସିବିର ଜଣେ ଅଧିକାରୀ ଗୁରୁବାର ପ୍ରକାଶ କରିଛନ୍ତି। ସରକାରଙ୍କ ହସ୍ତକ୍ଷେପରୁ କ୍ରିକେଟ୍‌କୁ ଦୂରେଇ ରଖିବାରେ ଜିମ୍ବାୱେ ବିଫଳ ହେବାପରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଏହି ଆଫ୍ରିକୀୟ ରାଷ୍ଟ୍ରକୁ ବାସନ୍ଦ କରିଥିଲା। ଆଇସିସିର ଏହି ନିଷ୍ପତ୍ତି ଫଳରେ ଜିମ୍ବାୱେ ବହୁରାଷ୍ଟ୍ରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନେଇ ସନ୍ଦେହ ପ୍ରକାଶ ପାଇଥିଲା। ‘ଆମକୁ ଅଫିସିଆଲଙ୍କ ଦ୍ୱାରା ଜଣାଇ ଦିଆଯାଇଥିଲା କି ଜିମ୍ବାୱେ ଦ୍ୱିପାକ୍ଷିକ ସିରିଜ ଖେଳିବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ଆଇସିସି ଇଭେଣ୍ଟରୁ ଏହି ରାଷ୍ଟ୍ରକୁ ବାସନ୍ଦ କରାଯାଇଛି।

## ଅମ୍‌ଲାଙ୍କ ସନ୍ନ୍ୟାସ

ଜୋହାନ୍ସବର୍ଗ,୮।୮

ଦକ୍ଷିଣ ଆଫ୍ରିକା ଦଳର ଓପନିଂ ବ୍ୟାଟ୍ସମ୍ୟାନ ହାସିମ ଅମ୍‌ଲା ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଗୁରୁବାର ଅବସର ଘୋଷଣା କରିଛନ୍ତି। ଏଥିସହ ତାଙ୍କ ୧୫ ବର୍ଷର ଲମ୍ବା କ୍ୟାରିୟର ଶେଷ ହୋଇଛି। ପ୍ରଥମତଃ ମୋତେ ଦକ୍ଷିଣ ଆଫ୍ରିକା ଦଳ ପକ୍ଷରୁ ଖେଳିବାକୁ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ମୋ କ୍ୟାରିୟରରେ ମୁଁ ବହୁତ କିଛି ଶିକ୍ଷା କରିବା ସହ ନୂଆ ବନ୍ଧୁ ପାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦଳୀୟ ସଦସ୍ୟଙ୍କ ସହ ଭଲ ପାଇବା ବାଣ୍ଟିଛି ବୋଲି ଅମ୍‌ଲା ଅବସର ଘୋଷଣା ଅବସରରେ କହିଛନ୍ତି। ସବୁ ଫର୍ମାଟକୁ ମିଶାଇ ସେ ମୋଟ ୩୪୯ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୮,୬୭୨ ରନ୍ କରିଛନ୍ତି। ଏଥିରେ ୫୫ ଶତକ ଓ ୮୮ ଅର୍ଦ୍ଧଶତକ ରହିଛି। ସେ ଦେଶର ଏକମାତ୍ର କ୍ରିକେଟର ଭାବେ ଟେଷ୍ଟ ଫର୍ମାଟରେ ଟ୍ରିପଲ ଶତକ ଲଗାଇଛନ୍ତି। ଏହାବାଦ୍ ଦିନିକିଆ କ୍ରିକେଟରେ ୨୦୦୦, ୩୦୦୦, ୪୦୦୦, ୫୦୦୦, ୬୦୦୦ ଓ ୭୦୦୦ ରନ୍ କରିବାରେ ଦ୍ରୁତତମ କ୍ରିକେଟର ହେବାର ରେକର୍ଡ ତାଙ୍କ ନାମରେ ରହିଛି। ଏକଦା ଦିନିକିଆରେ ଅଯୋଗ୍ୟ ବିବେଚିତ ହେଉଥିବା ବ୍ୟାଟ୍ସମ୍ୟାନ ୪୯.୪୭ ଆଭରେଜରେ ୮୧୧୩ ରନ୍ କରି କ୍ୟାରିୟର ଶେଷ କରିଛନ୍ତି।

- ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଦିନିକିଆ

## ବର୍ଷା ଯୋଗୁ ମ୍ୟାଚ ଅଧାରୁ ବାତିଲ

ଗୁୟାନା, ୮।୮

ସ୍ଥାନୀୟ ପ୍ରୋଭିଡ଼୍ସ ଷ୍ଟାଡିୟମରେ ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ ବର୍ଷା ଯୋଗୁ ଅଧାରୁ ବାତିଲ ହୋଇଛି। ବର୍ଷା ଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା। ଟସ୍ ଜିତି ଭାରତ ପ୍ରଥମେ ଘରୋଇ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ୱେଷ୍ଟଇଣ୍ଡିଜ ୫.୪ ଓଭରରେ କୌଣସି ଉଇକେଟ ନହରାଇ ୯ ରନ କରିଥିବାବେଳେ ବର୍ଷା ହୋଇଥିଲା। ପାଗ ପରିଷ୍କାର ହେବାପରେ ଓଭର ସଂଖ୍ୟା କମାଯାଇ ମ୍ୟାଚକୁ ୩୪ ଓଭର ବିଶିଷ୍ଟ କରାଯାଇଥିଲା। ୱେଷ୍ଟଇଣ୍ଡିଜ ୧୩ ଓଭରରେ ୧ ଉଇକେଟ ହରାଇ ୫୪ ରନ କରିଥିବାବେଳେ ପୁଣି ବର୍ଷା ହୋଇଥିଲା। ସେତେବେଳକୁ ଇଭିନ ଲିୱିସ ୪୦(୩୬ ବଲ, ୨ ଚୌକା, ୩ ଛକା) ଓ ଶାଇ ହୋପ୍ ୬ ରନରେ ଅପରାଜିତ ରହିଥିଲେ। ଓପନର କ୍ରିସ୍ ଗେଲ୍ ୩୧ ବଲ୍‌ରୁ ମାତ୍ର ୪ ରନ କରି କୁଲଦୀପ ଯାଦବଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ବର୍ଷା କିଛିସମୟ ଛାଡ଼ିଥିଲେ ହେଁ ପୁଣି ବର୍ଷା ହେବାରୁ ଫିଲ୍ଡ କଣ୍ଡିଶନକୁ ଦୃଷ୍ଟିରେ ରଖି ଅମ୍ପାୟର ମ୍ୟାଚକୁ ବାତିଲ କରିଥିଲେ। ଦ୍ୱିତୀୟ ଦିନିକିଆ ୧୧ ତାରିଖରେ ପୋର୍ଟ ଅଫ୍ ସ୍ପେନର କୁଇନ୍ସ ପାର୍କ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।




ଗୁୟାନାଠାରେ ଗୁରୁବାର ଭାରତ-ୱେଷ୍ଟଇଣ୍ଡିଜ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଛି।

- ୟୁନିଲାଇଟ କପ୍ ଆନ୍ତଃ ସ୍କୁଲ ଫୁଟ୍‌ବଲ

## ଡିଏଭି ପୋଖରୀପୁଟ, ସାଇ ଇଣ୍ଟରନ୍ୟାଶନାଲ ବିଜୟୀ

ଭୁବନେଶ୍ୱର, ୮।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଗୁରୁବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଡିଏଭି ପୋଖରୀପୁଟ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ଡିଏଭି ପୋଖରିପୁଟ ୨-୧ ଗୋଲରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲକୁ ପରାସ୍ତ କରିଛି। ସଂଘର୍ଷପୂର୍ଣ୍ଣଭାବେ ଶେଷ ହୋଇଥିବା ଏହି ମ୍ୟାଚର ୧୧ତମ ମିନିଟରେ ଫ୍ୟୁଚର ସ୍କୁଲର ବିକାଶ ଘୁଟା ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ୧୮ତମ ମିନିଟରେ ପୋଖରୀପୁଟ ଦଳର ସୌମିତ ପଟ୍ଟନାୟକ ୪୦ ଗଜ ଦୂରରୁ ଏକ ଦର୍ଶନୀୟ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟାର୍ଦ୍ଧର ୧୬ତମ ମିନିଟରେ ଆଶ୍ରୟ ଦାସଙ୍କ ପେନାଲ୍ଟି ଗୋଲ ବଳରେ ଡିଏଭି ପୋଖରୀପୁଟ ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚରେ ସାଇ ଇଣ୍ଟରନ୍ୟାଶନାଲ ୬-୦ ଗୋଲରେ ଜାଭିୟର ଖଣ୍ଡଗିରିକୁ ପରାସ୍ତ କରିଥିଲା। ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଶେଷ ହୋଇଥିବା ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ସାଗର ପ୍ରଧାନ ୨ଟି ଏବଂ ଅର୍ଚ୍ଚିତ ବାନ୍ଦୋ, ରୋନିତ ବେହୁରା, ସିଦ୍ଧାର୍ଥ ମାନୋଟ ଓ ପ୍ରିୟାଂଶ ତ୍ରିପାଠୀ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଆୟୋଜକ ଆସୋସିଏଶନର ଉପସଭାପତି ନବରଞ୍ଜନ ପଟ୍ଟନାୟକ ଏବଂ ଟାଇମ୍ସ ଗୁରୁକୁଳ ସ୍କୁଲର ଅଧ୍ୟକ୍ଷା ଭାରତୀ ନାୟକ ଅତିଥିଭାବେ ଯୋଗଦେଇ ଯଥାକ୍ରମେ ସୌମିତ ପଟ୍ଟନାୟକ ଏବଂ ସାଗର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଟି. ମୋହନ ରାଓ, ଅମିତ ନାୟକ, କୀର୍ତ୍ତିରଞ୍ଜନ ସ୍ୱାଇଁ, ଦେବଜ୍ୟୋତି ସିଂ, ଚନ୍ଦ୍ରକାନ୍ତ ବାରିକ, ଦୁର୍ଗା ଆଚାର୍ଯ୍ୟ ଓ ଶ୍ରୀକାନ୍ତ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।




ସାଗର ପ୍ରଧାନ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

"ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ଭଲ ପ୍ରଦର୍ଶନ ଆଗକୁ ଟୋକିଓ ୨୦୨୦ କ୍ୱାଲିଫାୟର୍ସ ପାଇଁ ଆମ ଦଳର ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ ।

–ମନଦୀପ ସିଂ, ଭାରତୀୟ ହକି ଦଳର ଉପ ଅଧିନାୟକ



"ପାକିସ୍ତାନ କ୍ରିକେଟ ବୋର୍ଡ ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ସ୍ଥାନ ପାଇଥିବା ଖେଳାଳି ଭଲ ପ୍ରଦର୍ଶନ କରିବେ ବୋଲି ଆମର ଆଶା ଓ ଭରସା ରହିଛି ।

–ୱାସିମ ଖାଁ, ପିସିବି ପରିଚାଳନା ନିର୍ଦ୍ଦେଶକ



## ସଂକ୍ଷେପରେ

### ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

କଟକ ଅଫିସ,୮।୮: କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ୩-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଜନସନ କିରୋ ୧୬ତମ ମିନିଟରେ, ଅରବିନ୍ଦ ଲାକ୍ରା ୫୦ତମ ମିନିଟରେ, ଏଡୱିନ ତିର୍କୀ ୬୧ ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୟଙ୍ଗ ଉତ୍କଳ କ୍ଲବ ପକ୍ଷରୁ ଦୀପକ ବିଶ୍ୱାଳ ୭୦ତମ ମିନିଟରେ ଏକମାତ୍ର ଗୋଲ ଦେଇଛନ୍ତି।

### ପୃଥ୍ୱୀ ଶ' ଡୋପିଂ ମାମଲା ବିସିସିଆଇର କାର୍ଯ୍ୟଧାରାକୁ ସମାଲୋଚନା

ନୂଆଦିଲ୍ଲୀ, ୮।୮ (ପି.ଟି.): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ପୃଥ୍ୱୀ ଶ' ଡୋପିଂ ଉଲ୍ଲଂଘନ ମାମଲା ଉପରେ ଏହାର ଟାଇମ୍ ଲାଇନ୍ ପ୍ରକାଶ କରିଛି। ୧୯ ବର୍ଷୀୟ ଓପନରଙ୍କଠାରୁ ସାମ୍ପଲ ସଂଗ୍ରହ ଏବଂ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରି (ଏନ୍‌ଡିଟିଏଲ୍) ରିପୋର୍ଟ ମଧ୍ୟରେ ସମୟ ବ୍ୟବଧାନ ଦୁଇ ମାସରୁ ଅଧିକ ଥିବା ଏଥିରୁ ସୂଚନା ମିଳିଛି। ବିସିସିଆଇର ଏହି ମନ୍ଥର କାର୍ଯ୍ୟ ଯୋଗୁ ପୃଥ୍ୱୀ ଆଇପିଏଲ, ମୁମ୍ବାଇ ଟି୨୦ରେ ଖେଳିପାରିଥିଲେ। ଏହାଛଡ଼ା ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ରେ ଟ୍ରେନିଂ ନେଇ ପାରିଥିଲେ। ଟାଇମ୍ ଲାଇନ୍‌ରେ ଆହୁରି ମଧ ଏନ୍‌ଡିଟିଏଲ୍ ନିକଟକୁ ବୋର୍ଡ ଏକ ରିମାଇଣ୍ଡର ପଠାଇଥିବା ସୂଚିତ ହୋଇଛି। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ଏହି ମାମଲାରେ ପ୍ରଶ୍ନ ଉଠାଇପାରେ। ବିସିସିଆଇ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପରିସରଭୁକ୍ତ ହେବା ଲାଗି ବାରମ୍ବାର ଗୁରୁତ୍ୱାରୋପ କରିଆସୁଛି। ସୂଚନାଯୋଗ୍ୟ, ଏକ ଡୋପ୍ ଟେଷ୍ଟରେ ବିଫଳ ହେବାରୁ ବିସିସିଆଇ ଗତ ମାସରେ ପୃଥ୍ୱୀଙ୍କୁ ୮ମାସ ବାସନ୍ଦ କରିଛି। ବିସିସିଆଇ ପକ୍ଷରୁ କୁହାଯାଇଥିଲା ଯେ, ଅସୁସ୍ଥତା କାରଣରୁ ପୃଥ୍ୱୀ କଫ୍ ସିରପ୍ ବ୍ୟବହାର କରିଥିଲେ। ସେଥିରେ ନିଷିଦ୍ଧ ଦ୍ରବ୍ୟ ଟର୍ବୁଟାଲିନର ମାତ୍ରା ରହିଥିବା ବିଷୟରେ ସେ ଅଜ୍ଞ ଥିଲେ। ପୃଥ୍ୱୀଙ୍କ ବାସନ୍ଦ ଦଣ୍ଡ ପିଛିଲା ମାର୍ଚ୍ଚ ୧୬ରୁ ଲାଗୁ କରାଯାଇଥିଲା। ନଭେମ୍ବର ୧୫ରେ ଏହାର ମିଆଦ ଶେଷ ହେବ। ଯାହାଫଳରେ ପୃଥ୍ୱୀ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ଭାରତର ଘରୋଇ ସିରିଜରେ ଖେଳିପାରିବେ ନାହିଁ। ଇନ୍ଦୋରରେ ସୟେଦ ମୁସ୍ତାକ ଅଲୀ ଟ୍ରଫି ବେଳେ ଗତ ଫେବୃୟାରୀ ୨୨ରେ ଅନୁଷ୍ଠିତ ବିସିସିଆଇର ଆଣ୍ଟି ଡୋପିଂ ଟେଷ୍ଟିଂ ପ୍ରୋଗ୍ରାମ୍ ବେଳେ ପୃଥ୍ୱୀଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇଥିଲା।



କଟକରେ ଚାଲିଥିବା ପ୍ରଥମ ଡିଭିଜନ ଫୁଟ୍‌ବଲ ଲିଗରେ ଗୁରୁବାର ରାଇଜିଂ ଷ୍ଟୁଡେଣ୍ଟ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଭାରତୀୟ ଆର୍ଚେରୀ ଆସୋସିଏଶନ ସସ୍‌ପେଣ୍ଡ

କୋଲକାତା, ୮।୮ (ପି.ଟି.)

ବିଶ୍ୱ ଆର୍ଚେରି (ଡବ୍ଲ୍ୟୁଆଇ) ଗୁରୁବାର ଭାରତୀୟ ଆର୍ଚେରି ଆସୋସିଏଶନ (ଏଏଆଇ)କୁ ସସ୍‌ପେଣ୍ଡ କରିଛି। ଏଏଆଇରେ ଦୁଇ ପରସ୍ପର ବିରୋଧୀ ଗୋଷ୍ଠୀ ସମାନ୍ତରାଳ ନିର୍ବାଚନ କରିବା ଦ୍ୱାରା ବିଶ୍ୱ ଆର୍ଚେରିର ଗାଇଡ୍‌ଲାଇନ୍ ଭଙ୍ଗହୋଇଛି। ନିଷ୍ପତ୍ତି ସୋମବାରଠାରୁ କାର୍ଯ୍ୟକାରୀ ହେବ। କିନ୍ତୁ ଭାରତୀୟ ତୀରନ୍ଦାଜମାନଙ୍କୁ ଅଗଷ୍ଟ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ମାଡ୍ରିଡଠାରେ ହେବାକୁଥିବା ୱାର୍ଲ୍ଡ ଆର୍ଚେରି ୟୁଥ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ଅନୁମତି ଦିଆଯାଇଛି। ୱାର୍ଲ୍ଡ ଆର୍ଚେରି ସାଧାରଣ ସମ୍ପାଦକ ଟମ୍ ଡିଲେନ୍ କହିଛନ୍ତି, ଭାରତୀୟ ଆର୍ଚେରୀ ଆସୋସିଏଶନକୁ ସସ୍‌ପେଣ୍ଡ କରିବା ଲାଗି ଜୁନ୍‌ରେ ସ୍ଥିର କରାଯାଇଥିଲା କିନ୍ତୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ଜୁଲାଇ ଶେଷ ସୁଦ୍ଧା ବିବାଦର ସମାଧାନ ପାଇଁ କୁହାଯାଇଥିଲା ମାତ୍ର ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ଏଏଆଇ ଅଧିକ ଦିନ ସମୟ ଲୋଡ଼ିଥିଲା। ମାତ୍ର ତାହା ପ୍ରତ୍ୟାଖ୍ୟାତ ହୋଇଥିଲା। କୌତୂହଳର କଥା ଏହିକିଯେ, କୋର୍ଟ ମାମଲାର ଶୁଣାଣି କରିବାକୁ ଥିବା ବେଳେ ଏହାର ଦିନକ ପୂର୍ବରୁ ଡବ୍ଲ୍ୟୁଆଇ ସସ୍‌ପେଣ୍ଡ କରିଛି। ସୂଚନାଯୋଗ୍ୟ, ନଭେମ୍ବରରେ ବ୍ୟାଙ୍କକ୍‌ଠାରେ ଏସିଆନ ଚାମ୍ପିୟନଶିପ୍ ଏବଂ ଏସିଆନ ପାରା ଚାମ୍ପିୟନଶିପ ହେବ। ଏଥିରେ ଅଲିମ୍ପିକ କୋଟାର ବ୍ୟବସ୍ଥା ରହିଛି। ଭାରତର ଇତିମଧ୍ୟରେ ୩ ଜଣ ପୁରୁଷ ତୀରନ୍ଦାଜ ଆସନ୍ତା ଅଲିମ୍ପିକ ପାଇଁ କୋଟା ହାସଲ କରିସାରିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଜଣେ ମହିଳା କୋଟା ହାସଲ କରିପାରି ନାହାନ୍ତି। ଅନ୍ୟପକ୍ଷରେ ଇନ୍‌ଡୋର ଆର୍ଚେରି ୱାର୍ଲ୍ଡ ସିରିଜରେ ବ୍ୟକ୍ତିଗତ ଆଥଲେଟ୍‌ମାନେ ଅଂଶଗ୍ରହଣ କରିପାରିବେ କି ନା ତାହା ୱାର୍ଲ୍ଡ ଆର୍ଚେରି ସ୍ଥିର କରିବ। ଇନ୍‌ଡୋର ଆର୍ଚେରି ୱାର୍ଲ୍ଡ ସିରିଜ ଅନ୍ତର୍ଗତ ଟୁର୍ନାମେଣ୍ଟଗୁଡ଼ିକ ନଭେମ୍ବରରୁ ଫେବୃୟାରୀ ମଧ୍ୟରେ ହେବ। ଏଥିରେ ଜାତୀୟ ଦଳ ବ୍ୟତୀତ ତୀରନ୍ଦାଜମାନେ ବ୍ୟକ୍ତିଗତ ଭାବେ ଭାଗ ନେଇପାରିବେ। ମାତ୍ର ତୀରନ୍ଦାଜ ଜଣକ ଜାତୀୟ ମହାସଂଘର ଜଣେ ସଦସ୍ୟ ହୋଇଥିବା ଆବଶ୍ୟକ। ସୂଚନାଯୋଗ୍ୟ, ଜୁନ୍ ୯ରେ ଏକ ସଙ୍ଗରେ ନୂଆଦିଲ୍ଲୀ ଏବଂ ଚଣ୍ଡିଗଡ଼ରେ ପୃଥକ୍ ପୃଥକ୍ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ବିଭିପି ରାଓ ଏଏଆଇର ସଭାପତି ଭାବେ ଦୁଇ ଜଣ ନିର୍ବାଚିତ ହୋଇଥିଲେ। ମୁଣ୍ଡାଙ୍କ ପଛରେ ୨୦ ରାଜ୍ୟ ଆସୋସିଏଶନର ସମର୍ଥନ ଥିବାବେଳେ ରାଓଙ୍କୁ ଅନ୍ୟ ୧୦ଟି ରାଜ୍ୟ ଆସୋସିଏଶନ ନିର୍ବାଚିତ କରିଛନ୍ତି।

# ଗୋଥାମଙ୍କ ହ୍ୟାଟ୍ରିକ, ଗିଲ୍‌ଙ୍କ ଶତକ

### ୩ୟ ଅନ୍‌ଅଫିସିଆଲ୍ ଟେଷ୍ଟ

ତରୌବା(ତ୍ରିନିଦାଦ ଆଣ୍ଡ ଟବାଗୋ),୮।୮(ପି.ଟି.)

ଯୁବ ଭାରତୀୟ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍‌ଙ୍କ ଶତକ ଓ ହନୁମା ବିହାରୀଙ୍କ ଅର୍ଦ୍ଧଶତକ ବଳରେ ଭାରତ ଏ' ଦଳ ତା'ର ଦ୍ୱିତୀୟ ଇନିଂସ ୩ୟ ଦିବସ ଚା' ପାନ ବିରତି ସୁଦ୍ଧା ୪ ଉଇକେଟ ହରାଇ ୧୯୦ ରନ୍ କରିଛି। ଫଳରେ ୱେଷ୍ଟଇଣ୍ଡିଜ ଏ' ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍‌ଅଫିସିଆଲ ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ୧୯୭ ରନ୍‌ରେ ଆଗୁଆ ରହିଛି। ଭାରତ ଏ' ଗୁରୁବାର ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୩/୨ରୁ ବ୍ୟାଟିଂ ଆରମ୍ଭକରି ସଅଳ ଦୁଇ ଉଇକେଟ ହରାଇଥିଲା। ଦଳ ମାତ୍ର ୫୦ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅଧିନାୟକ ବିହାରୀ ଓ ଗିଲ ଅସମାପ୍ତ ୫ମ ଉଇକେଟ ଲାଗି ୧୪୦ ରନ୍ ଯୋଡ଼ିଥିଲେ। ଚା' ପାନ ବିରତି ସୁଦ୍ଧା ଗିଲ୍ ୧୦୦ ଓ ବିହାରୀ ୫୧ ରନ୍ କରି ଅପରାଜିତ ଥିଲେ। ପୂର୍ବରୁ ପ୍ରଥମ ଇନିଂସରେ ଭାରତ ଏ' ୨୦୧ ରନ୍‌ରେ ସୀମିତ ରହିଥିଲା। ଜବାବରେ ଅଫ୍ ସ୍ପିନର କ୍ରିଷ୍ଣପା ଗୋଥାମଙ୍କ ହ୍ୟାଟ୍ରିକ ଯୋଗୁ ୱେଷ୍ଟଇଣ୍ଡିଜ ଏ' ୧୯୪ ରନରେ ସୀମିତ ରହିଥିଲା। ଭାରତ ପକ୍ଷରୁ ଗୋଥାମ ସର୍ବାଧିକ ୬ ଓ ଉମେଶ ଯାଦବଙ୍କୁ ୨ଟି ଉଇକେଟ୍ ମିଳିଥିଲା। ୱେଷ୍ଟଇଣ୍ଡିଜ-ଏ'ର ୭୩ତମ ଓଭରର ୨ୟ, ୩ୟ ଓ ୪ର୍ଥ ବଲ୍‌ରେ ଯଥାକ୍ରମେ ରେମନ୍ ରିଲିଫ୍ (୫), ଚେମର ହୋଲ୍ଡର (୦) ଓ ମିଗୁଏଲ୍ସ କୁମିନ୍ସ (୦)ଙ୍କୁ ଆଉଟ୍ କରି ଗୋଥାମ ହ୍ୟାଟ୍ରିକ ପୂରଣ କରିଥିଲେ।



କ୍ରିଷ୍ଣାପ୍ପା ଗୋଥାମ

## ଚୟନ କମିଟିରେ ମେରୀକମ୍, ବାଇଚୁଙ୍ଗ୍

ନୂଆଦିଲ୍ଲୀ, ୮।୮ (ପି.ଟି.)

ଚଳିତ ବର୍ଷ ଜାତୀୟ କ୍ରୀଡ଼ା ପୁରସ୍କାର ଚୟନ ଲାଗି ଗୋଟିଏ ମାତ୍ର କମିଟି ଗଠନ କରାଯାଇଛି। ଯେଉଁଥିରେ ୬ଥର ବିଶ୍ୱ ଟାଇଟଲ ବିଜୟିନୀ ଷ୍ଟାର୍ ବକ୍ସର ଏମ୍.ସି. ମେରୀକମ୍ ଓ ଭାରତୀୟ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ବାଇଚୁଙ୍ଗ୍ ଭୁଟିଆ ସ୍ଥାନ ପାଇଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମତିଥି ତଥା ଜାତୀୟ କ୍ରୀଡ଼ା ଦିବସ ଭାବେ ପରିଚିତ ଅଗଷ୍ଟ ୨୯ରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଏହି ୧୨ ଜଣିଆ କମିଟିରେ ସୁପ୍ରିମ କୋର୍ଟର ଅବସରପ୍ରାପ୍ତ ଜଜ୍ ଜଷ୍ଟିସ ମୁକୁନ୍ଦକାମ ଶର୍ମା ଅଧ୍ୟକ୍ଷ ରହିଥିବାବେଳେ କେନ୍ଦ୍ର କ୍ରୀଡ଼ା ସଚିବ ରାଧେଶ୍ୟାମ ଝୁଲଣିୟା, ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ଡିଜି ସନ୍ଦୀପ ପ୍ରଧାନ, ଟାର୍ଗେଟ୍ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ) ସିଇଓ କମାଣ୍ଡର ରାଜେଶ ରାଜଗୋପାଳନ, ମେରୀକମ୍, ଭୁଟିଆ, ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟିକା ଅଞ୍ଜୁମ ଚୋପ୍ରା, ଜଣାଶୁଣା ଲଙ୍ଗ୍ ଜମ୍ପର ଅଞ୍ଜୁ ବବି ଜର୍ଜ ଓ ଜାତୀୟ ଟେବୁଲ ଟେନିସ କୋଚ୍ କମଳେଶ ମେହେଟ୍ଟା ରହିଛନ୍ତି। ଏହାବାଦ୍ ଗଣମାଧ୍ୟମ ଜଗତର ଦୁଇଜଣ ଚର୍ଚ୍ଚିତ ଚେହେରା ଟାଇମ୍ସ ଗ୍ରୁପ୍ (ଡିଜିଟାଲ)ର ମୁଖ୍ୟ ସମ୍ପାଦକ ରାଜେଶ କଲରା ଓ ପ୍ରସିଦ୍ଧ କ୍ରୀଡ଼ା ଭାଷ୍ୟକାର ଚାରୁ ଶର୍ମା ଏହି କମିଟିରେ ସ୍ଥାନ ପାଇଛନ୍ତି।

### ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍

## ନିରପେକ୍ଷ ଭେନ୍ୟୁ ପାଇଁ ଏଆଇଟିଏ ଅନୁରୋଧ କରିବ

ନୂଆଦିଲ୍ଲୀ,୮।୮(ପି.ଟି.)

ଜମ୍ମୁ- କଶ୍ମୀରରେ ଧାରା ୩୭୦ର ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ରାଜନୈତିକ ଓ କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଛି। ଫଳରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦ୍‌ରେ ଆସନ୍ତା ମାସରେ ଆୟୋଜନ ହେବାକୁ ଥିବା ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍ ନେଇ ଭାରତ ଚିନ୍ତା ପ୍ରକଟ କରିଛି। ପାକିସ୍ତାନରେ ନ ଖେଳି ଭାରତ ଏହି ଟାଇ କୌଣସି ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ଚାହୁଁଛି। ଏ ନେଇ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ୍ (ଏଆଇଟିଏ) ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ (ଆଇଟିଏଫ୍)କୁ ସମସ୍ୟା ଜଣାଇବା ସହ ନିରପେକ୍ଷ ଭେନ୍ୟୁ ପାଇଁ ଅନୁରୋଧ କରିବ ବୋଲି କହିଛି। ପାକିସ୍ତାନ ଟେନିସ ଫେଡେରେଶନ ମଧ୍ୟ ଆଇଟିଏଫ୍ ଯେଉଁ ନିଷ୍ପତ୍ତି ନେବ ତାହାକୁ ଗ୍ରହଣ କରିବ ବୋଲି କହିଛି। ଦୁଇଦିନିଆ ଡେଭିସ୍ କପ୍ ଟାଇ ଇସ୍‌ଲାମାବାଦ୍‌ରେ ସେପ୍ଟେମ୍ବର ୧୪ ତାରିଖରୁ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ପାକିସ୍ତାନରେ ଭାରତୀୟ ଖେଳାଳିଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ଏଆଇଟିଏ ସାଧାରଣ ସମ୍ପାଦକ ହିରନ୍ମୟ ଚାଟାର୍ଜୀ କହିଛନ୍ତି। ଡେଭିସ୍ କପ୍ ଟାଇ ଏବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେବେ ବର୍ତ୍ତମାନ କିଛି କହିବା ଠିକ୍ ନୁହଁ। ଦିନେ ଦୁଇଦିନ ମଧ୍ୟରେ ଏ ନେଇ ସ୍ଥିତି ସ୍ପଷ୍ଟ ହେବ ବୋଲି ଚାଟାର୍ଜୀ ଆଶା ପ୍ରକାଶ କରିଛନ୍ତି। ଏହାପରେ ଯାଇ ଆମେ ଆଇଟିଏଫ୍‌କୁ ଅବଗତ କରାଇବୁ ଓ ଆବଶ୍ୟକ ହେଲେ ନିରପେକ୍ଷ ଭେନ୍ୟୁ ନେଇ ଅନୁରୋଧ କରିବୁ ବୋଲି ସେ କହିଛନ୍ତି।

ପାକିସ୍ତାନ ଭିଜା ନ ଦେଲେ ଆମେ ସେଠାକୁ କିପରି ଯିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ବି ଭିଜା ମିଳେ ତାହେଲେ ପାକିସ୍ତାନର ଅବଶ୍ରକୀୟ ସୁରକ୍ଷା ମିଳିବା ନେଇ ମଧ୍ୟ ଆଶଙ୍କା ରହିଛି। ତେଣେ ଏଆଇଟିଏ ସମ୍ମୁଖରେ ଏକାଧିକ ସମସ୍ୟା ରହିଛି ବୋଲି ସେ କହିଛନ୍ତି। ସେପଟେ ଏଭଳି ପରିସ୍ଥିତିରେ ଆଇଟିଏଫ୍ ଯାହା ନିର୍ଦ୍ଦେଶ ଦେବ ଆମେ ତାହା ପାଳନ କରିବୁ ବୋଲି ପାକିସ୍ତାନ ଟେନିସ ଫେଡେରେଶନ (ପିଟିଏଫ୍) ଅଧ୍ୟକ୍ଷ ସଲିମ ସୈଫୁଲ୍ଲା ଖାଁ କହିଛନ୍ତି। ଇସଲାମାବାଦ୍‌ରେ ଭାରତୀୟ ଖେଳାଳିଙ୍କୁ ଆମେ ସୁରକ୍ଷା ଦେଇପାରିବୁ। ବିଜୟ କିମ୍ବା ପରାଜୟ ବଡ଼ କଥା ନୁହଁ। କିନ୍ତୁ ସୁରକ୍ଷା ତଥା ନିରାପତ୍ତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ ଏବେଠାରୁ ଏ ନେଇ କିଛି କହିବା ଠିକ୍ ହେବ ନାହିଁ। ବର୍ତ୍ତମାନ ମ୍ୟାଚ୍‌କୁ ସ୍ଥାନାନ୍ତର କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ୧୯୬୪ ପରଠାରୁ କୌଣସ ଭାରତୀୟ ଡେଭିସ୍ କପ୍ ଦଳ ପାକିସ୍ତାନ ଗସ୍ତ କରିନାହିଁ। ପୁଣି ୨୦୦୮ରେ ମୁମ୍ବାଇ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ସ୍ଥାଣୁ ପ୍ରାୟ ହୋଇଛି।

# ପୁମା ସହ ଦୂତୀଙ୍କ ଚୁକ୍ତି

ନୂଆଦିଲ୍ଲୀ,୮।୮(ପି.ଟି.)

ଦେଶର ଦ୍ରୁତତମ ମହିଳା ଧାବିକା ତଥା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଗ୍ଲୋବାଲ ସ୍ପୋର୍ଟ୍ସ କମ୍ପାନୀ ପୁମା ସହ ଚୁକ୍ତି କରିଛନ୍ତି। ଗୁରୁବାର ଏ ନେଇ ପୁମା ତରଫରୁ ଘୋଷଣା କରାଯାଇଛି। ପ୍ରଥମଥର ପାଇଁ ଦୂତୀ ଏଭଳି ବିଶ୍ୱସ୍ତରୀୟ ବ୍ରାଣ୍ଡ ସହ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଏଥିସହିତ ସ୍ପ୍ରିଣ୍ଟ କିମ୍ବଦନ୍ତୀ ଉସେନ ବୋଲ୍ଟଙ୍କ ସମେତ ସେ ବିଶ୍ୱସ୍ତରୀୟ ପୁମା ଆଥଲେଟ୍ ତାଲିକାରେ ଯୋଗଦେଇଛନ୍ତି। ଜାତୀୟ ରେକର୍ଡ ହାସଲ କରିଥିବା ୨୩ ବର୍ଷୀୟା ଦୂତୀ ଏବେ ପୁମାର ଜିନିଷ ବ୍ୟବହାର କରି ତାଙ୍କ ପ୍ରଦର୍ଶନକୁ ଆହୁରି ଉନ୍ନତି କରିପାରିବେ।

ଗତମାସରେ ସେ ପ୍ରଥମ ଭାରତୀୟ ମହିଳା ଆଥଲେଟ୍ ଭାବେ ଟ୍ରାକ୍ ଆଣ୍ଡ ଫିଲ୍ଡରେ ବିଶ୍ୱ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲକରି ଇତିହାସ ସୃଷ୍ଟି କରିଥିଲେ। ସେ ଇଟାଲୀର ନାପୋଲିରେ ଅନୁଷ୍ଠିତ ଏହି ଗେମ୍ସରେ ମହିଳାର ୧୦୦ମିଟର ଦୌଡରେ ସ୍ୱର୍ଣ୍ଣିମ ସଫଳତା ହାସଲ କରିଥିଲେ। ସେ ୧୧.୩୨ ସେକେଣ୍ଡ ସମୟ ନେଇ ଏହି ସଫଳତା ହାସଲ କରିଥିଲେ। ଅବଶ୍ୟ ପୂର୍ବରୁ ସେ ୧୧.୨୬ ସେକେଣ୍ଡ ନେଇ ଜାତୀୟ ରେକର୍ଡ ହାସଲ କରିଥିଲେ।

ପ୍ରଥମଥର ପାଇଁ ସେ କୌଣସି ବିଶ୍ୱସ୍ତରୀୟ କମ୍ପାନୀ ତଥା ବ୍ରାଣ୍ଡ ସହ ଚୁକ୍ତି କରିଛନ୍ତି। ଏହି କମ୍ପାନୀ ପୂର୍ବରୁ ଉସେନ ବୋଲ୍ଟଙ୍କ ଭଳି କିମ୍ବଦନ୍ତୀ ଆଥଲେଟ୍‌ଙ୍କ ସହ କାର୍ଯ୍ୟ କରିଛି। ଏଥିପାଇଁ ବହୁତ ଖୁସି ବୋଲି ଦୂତୀ କହିଛନ୍ତି। କ୍ରୀଡ଼ାରେ ପୁମା ବିଶ୍ୱବ୍ୟାପୀ ଆଥଲେଟ୍‌ଙ୍କୁ ପ୍ରୋତ୍ସାହିତ କରିଆସୁଛି। ଭାରତରେ ମୋ ଭଳି ଖେଳାଳିଙ୍କୁ ଭରସା କରିଥିବାରୁ ପୁମା ନିକଟରେ କୃତଜ୍ଞ। ପୁମା ସହ ଜଡିତ ହେବା ଦ୍ୱାରା ବେଶ୍ ଉତ୍ସାହିତ ଅଛି ବୋଲି ସେ କହିଛନ୍ତି। ଦୂତୀ ଜଣେ ବିଶ୍ୱସ୍ତରୀୟ ଖେଳାଳି ଓ ସେ ଭାରତୀୟ କ୍ରୀଡ଼ାରେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ତେଣୁ ତାଙ୍କ ସହ ଚୁକ୍ତି କରି ଆମେ ବେଶ୍ ଖୁସି ବୋଲି ପୁମା ଇଣ୍ଡିଆ ମ୍ୟାନେଜିଂ ଡାଇରେକ୍ଟର ଅଭିଷେକ ଗାଙ୍ଗୁଲି କହିଛନ୍ତି। ଦୂତୀଙ୍କ ଯୋଗୁ ଦେଶର ଟ୍ରାକ୍ ଆଣ୍ଡ୍ ଫିଲ୍ଡ ନୂଆ ରୂପ ନେବ। ଦୂତୀ ଜଡିତ ହେବା ଆମ ପାଇଁ ଏକ ସୌଭାଗ୍ୟ ବୋଲି ସେ କହିଛନ୍ତି।




ଦୁତୀ ଚାନ୍ଦ

## ଭିଜା ଲାଗି ସାହାଯ୍ୟ ଲୋଡିଲେ

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ଯୋଗ୍ୟତା ହାସଲ ପାଇଁ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ୟୁରୋପରେ କେତୋଟି ରେସ୍‌ରେ ଭାଗ ନେବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ତେବେ ଏଥିପାଇଁ ଭିଜା ପାଇବାରେ ସମସ୍ୟା ଉପୁଜିଛି। ଫଳରେ ସେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସାହାଯ୍ୟ ଲୋଡିଛନ୍ତି। ଅଗଷ୍ଟ ୧୩ରେ ଆୟର୍ଲାଣ୍ଡ ଓ ୧୯ରେ ଜର୍ମାନୀରେ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ) ଅନୁମୋଦିତ ରେସ୍‌ଗୁଡିକରେ ସେ ଭାଗନେବେ। ତେବେ ତାଙ୍କୁ ଏପର୍ଯ୍ୟନ୍ତ ଭିଜା ମିଳିନାହିଁ।

କୌଣସି କାରଣରୁ ଭିଜା ମିଳିପାରିନାହିଁ ବୋଲି ଦୂତୀ ଟୁଇଟ୍ କରି ଜଣାଇଛନ୍ତି। ଗତ ସପ୍ତାହରେ ଦୂତୀ ଭିଜା ପାଇଁ ଆବେଦନ କରିଥିଲେ ଓ ଶୁକ୍ରବାର ଗସ୍ତ ଆରମ୍ଭ କରିବାର ଯୋଜନା ରଖିଥିଲେ। ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ହାସଲ ପାଇଁ ସେ ଏହି ଦୁଇଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ। ତେବେ ସେ ଏଥିପାଇଁ ପାଣ୍ଠି ସଂଗ୍ରହ କରିପାରି ନ ଥିଲେ। ଶେଷରେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ସହଯୋଗ କରାଯାଇଥିଲା ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଦୂତୀ ଏବେ କିଟ୍‌ରେ ପାଠ ପଢୁଛନ୍ତି। ଆଗାମୀ କିଛି ଦିନରେ ତାଙ୍କୁ ଭିଜା ମିଳିବ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ବିଶ୍ୱ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ଟାଇମିଙ୍ଗ ହେଉଛି ୧୧.୨୪ ସେକେଣ୍ଡ। ସେହିପରି ୨୦୨୦ ଅଲିମ୍ପିକ୍ସ ଗେମ୍ସ ପାଇଁ କଟ-ଅଫ୍ ୧୧.୧୫ ରହିଛି। ତେବେ ଦୂତୀ ଗତ ଏପ୍ରିଲ୍‌ରେ ଦୋହାରେ ଅନୁଷ୍ଠିତ ହୋଇଥିବା ଏସିଆନ ଚାମ୍ପିୟନଶିପ୍‌ରେ ସେ ୧୧.୨୬ ସେକେଣ୍ଡ ନେଇ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏବେ ଏଥିରେ ଉନ୍ନତି ଆଣି ସେ ବିଶ୍ୱ ଚାମ୍ପିୟନଶିପ ଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଛନ୍ତି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମହେଶ୍ୱର ବେହେରା

ସିମେଣ୍ଟ ସେଣ୍ଟର ପ୍ରତିଷ୍ଠାତା ଏବଂ ସିମେଣ୍ଟ ଦୁନିଆର ବାଦ୍‌ଶାହା

(କଲ୍ୟାଣପୁର, ମାହାଙ୍ଗା, କଟକ)

ଆବିର୍ଭାବ: ୧୨।୦୫।୧୯୬୪

ତିରୋଧାନ: ୩୦।୦୮।୨୦୧୯

ଆପଣ ଛାଡ଼ି ଯାଇଥିବା ସ୍ଥାନ ଅପୁରଣୀୟ। ଆପଣଙ୍କ ଆମାୟିକ ବ୍ୟବହାର, ଶ୍ରଦ୍ଧା, ସ୍ନେହ, ତ୍ୟାଗ ଓ ପରୋପକାର ସବୁଦିନ ଆମପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଆପଣଙ୍କର ଅମର ଆତ୍ମା ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:

ସ୍ତ୍ରୀ: ପାର୍ବତୀ, ପୁତ୍ର: ସାଗର, କୁକୁ, ଭାଇ: ଅଶୋକ, ଭାଇବୋହୂ: ଭାରତୀ, ଝିଅ, କ୍ୱାଇଁ, ବେହେରା ପରିବାରବର୍ଗ ଓ ସିମେଣ୍ଟ ସେଣ୍ଟର ପରିବାରବର୍ଗ।

ଧ-୧୩୮୨୮

ପ୍ରଥମ ଶ୍ରାଦ୍ଧବାର୍ଷିକ



✓ଦେବବାଳା ସାହାଣୀ

ଅବସରପ୍ରାପ୍ତ ଶିକ୍ଷୟତ୍ରୀ

ପଟ୍ଟନାୟକପଡା, ସମ୍ବଲପୁର

ଆବିର୍ଭାବ-୦୬.୦୨.୧୯୪୬

ତିରୋଧାନ-୧୯.୦୮.୨୦୧୮

ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ :

ସାମୀ-ପ୍ରୀତି ରଞ୍ଜନ ଦାସ ଓ ପରିବାରବର୍ଗ (ହାଟବଜାର ଜଟଣୀ)

ଧ-୧୩୮୨୭

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



✓ନିକୁଞ୍ଜ ବିହାରୀ ପାଇକରାୟ

ଶିଶୁପାଳଗଡ, ଭୁବନେଶ୍ୱର

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ବନ୍ଧୁ ଓ ପରିବାରବର୍ଗ

ଧ-୬୬୯୩୮

## ରାଜ୍ୟସ୍ତରୀୟ ଆଭିମୁଖୀକରଣ କର୍ମଶାଳା

# ଏସ୍‌ଏଚ୍‌ଜି ମହିଳା ଏବେ ସ୍ୱରୋଜଗାରୀ



କର୍ମଶାଳାରେ ମିଶନ୍ ଶକ୍ତିର କମିଶନର ସୁଜାତା କାର୍ତ୍ତିକେୟନ ଓ ଅନ୍ୟମାନେ ।

**ଭୁବନେଶ୍ୱର, ୮।୮ (ବ୍ୟୁରୋ)**

ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ କୃଷିଭିତ୍ତିକ ଆୟକାରୀ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଛି। ସେମାନେ ଏବେ ସ୍ୱରୋଜଗାରୀ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସହ କୃଷି ଆନୁଷଙ୍ଗିକ ବିଭାଗ ତଥା ବିତ୍ତୀୟ ସଂସ୍ଥାମାନେ ଆଗଭରା ହୋଇ ସେମାନଙ୍କ ସହ ମିଶି କାମ କରିବାର ଆବଶ୍ୟକତା ରହିଛି। ଗୁରୁବାର ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ରାଜ୍ୟସ୍ତରୀୟ ଆଭିମୁଖୀକରଣ କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମିଶନ୍ ଶକ୍ତିର କମିଶନର ସୁଜାତା କାର୍ତ୍ତିକେୟନ୍ ଏହି ମତ ରଖିଛନ୍ତି।

ସେ କହିଛନ୍ତି, ଓଡ଼ିଶା ଭଳି ଏକ ରାଜ୍ୟରେ ମିଶନ ଶକ୍ତି ଅଧୀନରେ ଗଠିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କେବଳ ବଡ଼ି, ପାମ୍ପଡ କରିବାରେ ସେମାନଙ୍କର କାର୍ଯ୍ୟକ୍ରମକୁ ସୀମିତ ରଖିନାହାନ୍ତି। ବରଂ ଧାନ ସଂଗ୍ରହ, ଅଙ୍ଗନୱାଡ଼ି କେନ୍ଦ୍ରକୁ ଶିଶୁ ଖାଦ୍ୟ ଏପରିକି ଡାକ୍ତରଖାନାଗୁଡ଼ିକରେ ରୋଗୀଙ୍କ ପାଇଁ ଖାଦ୍ୟ ଯୋଗାଇବା ପରି କାର୍ଯ୍ୟ ହାତକୁ ନେଇଛନ୍ତି। ଏହା କେବଳ ରୋଜଗାର ପାଇଁ ନୁହେଁ ବରଂ ଦେଶ ସେବା ଓ ଦେଶର ଉନ୍ନତିରେ ସହାୟକ ସଫଳ ପଦକ୍ଷେପ ବୋଲି ସେ କହିଛନ୍ତି।

ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପବନ କୁମାର ଅଗ୍ରୱାଲ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ରାଉଳ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତଥା ରାଜ୍ୟ ଉଦ୍ୟାନ ବିଭାଗ ଦ୍ୱାରା ନିଆଯାଇଥିବା ଏହି ଦୁଇଟି ପ୍ରକଳ୍ପ ମିଶନ ଶକ୍ତିର ଆର୍ଥିକ ସହାୟତାରେ ପରିଚାଳିତ ହେଉଛି। କର୍ମଶାଳାର ପରବର୍ତ୍ତୀ କାର୍ଯ୍ୟକ୍ରମରେ ଏହି ପ୍ରକଳ୍ପଗୁଡ଼ିକର ବିଭିନ୍ନ ଦିଗ ଏବଂ ପରିଚାଳନା ଗତ କାର୍ଯ୍ୟପନ୍ଥା ତଥା ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ କୃଷି ଭିତ୍ତିକ ଆୟକାରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିରେ ୧୨ଟି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ସମସ୍ତ ଜିଲାର ଜିଲା ଉଦ୍ୟାନ ଅଧିକାରୀ ଏବଂ ମିଶନ ଶକ୍ତି ବିଭାଗର ଅଧିକାରୀ ବୃନ୍ଦ ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦ ଯୋଗ ଦେଇଥିଲେ।

# ହାଇ ଆଲର୍ଟ: ବିମାନ ବନ୍ଦର ସୁରକ୍ଷା ବଢ଼ିଲା

**ଭୁବନେଶ୍ୱର, ୮।୮ (ବ୍ୟୁରୋ)**

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ ଭାରତରେ ଆତଙ୍କବାଦୀ ଆକ୍ରମଣ ନେଇ ଗୋଇନ୍ଦା ରିପୋର୍ଟ ଦେଇଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଭିନ୍ନ ରାଜ୍ୟକୁ ସତର୍କ କରାଇଛନ୍ତି। ଆଗକୁ ସ୍ୱାଧୀନତା ଦିବସ ଥିବାରୁ ଏଭଳି ଆକ୍ରମଣ ଆଶଙ୍କାକୁ ଏଡ଼ାଇବା ପାଇଁ କେନ୍ଦ୍ର ସରକାର ବିଶେଷକରି ବିମାନ ବନ୍ଦର ଓ ରେଲ୍‌ୱେ ଷ୍ଟେଶନ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ସୁରକ୍ଷାକୁ କଡ଼ାକଡ଼ି କରିବାକୁ ବିଭିନ୍ନ ରାଜ୍ୟର ଡିଜିପି ଓ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଓଡିଶା ସମେତ ଅନ୍ୟ ରାଜ୍ୟରେ ଥିବା ବିମାନ ବନ୍ଦରକୁ ହାଇଆଲର୍ଟ ଜାରି କରିଛି। ବିମାନ ବନ୍ଦର ନିକଟ କିମ୍ବା ପରିସର ଅନ୍ୟ କୌଣସି ସ୍ଥାନରେ ଗାଡ଼ି ପାର୍କିଂ ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ସେହିଭଳି ପ୍ରତି ସେକେଣ୍ଡରେ ବିମାନ ବନ୍ଦର ପରିସର ଓ ଏହାର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ ସହ ସ୍ଥିତି ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ଏହି ନିର୍ଦ୍ଦେଶ ଆସିବା ପରେ ଅପରାହ୍ନରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସିଆଇଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି। ଏହି ଯବାନମାନେ ବିମାନ ବନ୍ଦରକୁ ଆସୁଥିବା ପ୍ରତ୍ୟେକ ଯାତ୍ରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି। କୌଣସି ଯାତ୍ରୀଙ୍କ ଉପରେ ସନ୍ଦେହ ହେଲେ ଯାଞ୍ଚ କରୁଛନ୍ତି। କେବଳ ବିମାନ ବନ୍ଦର ନୁହେଁ, ରାଜ୍ୟ ପୋଲିସ ପକ୍ଷରୁ ମଧ୍ୟ ରେଲୱେ ଷ୍ଟେଶନ ଓ ଅନ୍ୟ ପର୍ଯ୍ୟଟନ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ଷ୍ଟେଶନକୁ ଆସୁଥିବା ଯାତ୍ରୀଙ୍କୁ ଯାଞ୍ଚ କରାଯିବା ସହ ସେମାନେ ଆଣିଥିବା ସାମଗ୍ରୀକୁ ସ୍କାନିଂ କରାଯାଇ ଭିତରକୁ ଛଡ଼ାଯାଉଛି। ସେହିଭଳି ବିଭିନ୍ନ ଛକରେ ବ୍ଲକିଂ ଓ ଚେକିଂକୁ ଜୋର୍‌ଦାର କରାଯାଇଛି। ହୋଟେଲ ଓ ଲଜ୍ ଉପରେ ମଧ୍ୟ ନଜର ରଖାଯାଇଛି। ରାଜ୍ୟ ବାହାରୁ ଓ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ସମ୍ପର୍କରେ ଟକିନିଖି ତଥ୍ୟ ରଖିବାକୁ କୁହାଯାଇଛି। ଗୁଇନ୍ଦା ପୋଲିସକୁ ଅଧିକ ସକ୍ରିୟ ରହିବାକୁ କୁହାଯାଇଛି। ସେଭଳି କିଛି ଘଟଣା ଘଟିଲେ ତୁରନ୍ତ ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ଏହାପୂର୍ବରୁ ମଧ୍ୟ ଡିଜିପି ରାଜ୍ୟର ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ହିଂସା କିମ୍ବା ଆକ୍ରମଣ ଆଶଙ୍କା ଥିବା ନେଇ ଅବଗତ କରାଇବା ସହ ସତର୍କ ରହିବାକୁ କହିଛନ୍ତି।

- ମୁତୟନ ହେଲେ ସିଆଇଏସ୍‌ଏଫ୍ ଯବାନ
- ପାର୍କିଂସ୍ଥଳ ବାହାରେ ଗାଡ଼ି ପାର୍କିଂ ମନା
- ସୁରକ୍ଷା ବଳରେ ରେଲ୍‌ୱେ ଷ୍ଟେଶନ, ପର୍ଯ୍ୟଟନସ୍ଥଳୀ

# ୧୨.୮୪ କୋଟି ଜିଏସ୍‌ଟି ଠକେଇ: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୮।୮**

ମିଥ୍ୟା ବ୍ୟବସାୟ ତଥା ଟ୍ୟାକ୍ସ ଫାଙ୍କିବା ଅଭିଯୋଗରେ ଗୁରୁବାର ବଲାଙ୍ଗୀର ଜିଲା ଟିଟିଲାଗଡ ସାଇ ଇଣ୍ଟରନାଶନ୍ୟାଲ ମାଇନ୍ସ ଆଣ୍ଡ ମିନେରାଲ୍ସର ମାଲିକ ତୀର୍ଥଙ୍କର ପଟେଲଙ୍କୁ ଗିରଫ କରାଯାଇଛି। ୨୦୧୭-୨୦୧୯ ମଧ୍ୟରେ ଏହି ବ୍ୟବସାୟ ପ୍ରତିଷ୍ଠାନ ୧୨ କୋଟି ୮୪ ଲକ୍ଷ ଟଙ୍କା ଟିକସ ଫାଙ୍କିଥିବା ଜିଏସ୍‌ଟି ବିଭାଗ ସୂଚନା ପାଇଥିଲା। ଜିଏସଟି ଆଇନର ଧାରା ୬୯ ଅନୁସାରେ ତାଙ୍କୁ ଗିରଫ କରାଯାଇଛି। ପଟେଲ୍‌ଙ୍କୁ ସିଟି ଆଣ୍ଡ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗିରଫ କରି ଟିଟିଲାଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଛି ବୋଲି ଅତିରିକ୍ତ କମିଶନର ମାନସ ଭଞ୍ଜନ ଆଚାର୍ଯ୍ୟ କଟକ ବକ୍ସିବଜାରସ୍ଥିତ ବିଭାଗୀୟ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମ୍ମିଳନୀରେ ଅତିରିକ୍ତ କମିଶନର(ରେଭିନ୍ୟୁ) ଅରୁଣ କୁମାର ବିଶ୍ୱାଳ, ଏନ୍‌ଫୋର୍ସମେଣ୍ଟ ଯୁଗ୍ମ ସଚିବ ବିଶ୍ୱଜିତ୍ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

ତୀର୍ଥଙ୍କର ପଞ୍ଜାବର ୨ଜଣ ବ୍ୟବସାୟୀଙ୍କୁ ୮୪କୋଟି ୭୧ଲକ୍ଷ ଟଙ୍କାର ଜିନିଷ ବିକି ଜିଏସ୍‌ଟି ବାବଦରେ ୧୨କୋଟି ୮୪ ଲକ୍ଷ ଟଙ୍କା ଦେଇଛନ୍ତି ବୋଲି ଦର୍ଶାଇଥିଲେ। ତେବେ ପଞ୍ଜାବର ଉକ୍ତ ଦୁଇ ବ୍ୟବସାୟୀ ତୀର୍ଥଙ୍କର ଦେଇଥିବା ଟିକସ୍‌କୁ ଇନ୍‌ପୁଟ ଭାବେ ଦର୍ଶାଇ ବକେୟା ୮୪ ଲକ୍ଷ ଟଙ୍କା ଆଉଟ୍‌ପୁଟ୍ ଟ୍ୟାକ୍ସ ଭାବେ ଜିଏସ୍‌ଟି ରିଟର୍ନ ଫାଇଲ କରିଥିଲେ। ତଦନ୍ତରୁ ଜଣାପଡ଼ିଛି, ତୀର୍ଥଙ୍କର କୌଣସି ଜିନିଷ କ୍ରୟବିକ୍ରୟ କରିନାହାନ୍ତି। ଯେଉଁ ଗାଡ଼ିଗୁଡ଼ିକରେ ୧୫ ରୁ ୧୯ ଟନ୍ ମାଲ ପଞ୍ଜାବକୁ ପଠାଯାଇଥିବା ଦର୍ଶାଯାଇଛି ସେସବୁ ବାଇକ, ଟ୍ରାକ୍ଟର ଓ ବସ୍ ବୋଲି ଜଣାପଡ଼ିଛି। ତୀର୍ଥଙ୍କର ଜାଲ୍ ବିଲ୍‌ରେ ପଞ୍ଜାବର ଉକ୍ତ ଦୁଇ ବ୍ୟବସାୟୀ ନିଜର ଚୋରା ଜିନିଷ ବିକ୍ରି କରିବାରେ ସଫଳ ହୋଇଥିଲେ। ଲୁଧିଆନାର ଜଣେ ବ୍ୟକ୍ତିଙ୍କ ମଧ୍ୟସ୍ଥିରେ ଏହି ସମସ୍ତ ଜାଲ କାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାରୁ ତୀର୍ଥଙ୍କରଙ୍କ ପାଖକୁ କୋଟି କୋଟି ଟଙ୍କାର ଟ୍ରାନ୍‌ଜାକ୍ସନ ହୋଇଛି। ତୀର୍ଥଙ୍କର ଗିରଫ ପରେ ସମସ୍ତ ଘଟଣା ସାମ୍ନାକୁ ଆସିଥିବାବେଳେ ସମ୍ପୃକ୍ତ ବ୍ୟକ୍ତି ଓ ପଞ୍ଜାବର ୨ ଜଣ ଅଭିଯୁକ୍ତ ବ୍ୟବସାୟୀଙ୍କୁ ଗିରଫ ଲାଗି ପଞ୍ଜାବର ଜିଏସଟି କମିଶନରଙ୍କୁ ଅବଗତ କରାଯିବ ବୋଲି ଜିଏସ୍‌ଟି ଓଡ଼ିଶା ଅତିରିକ୍ତ କମିଶନର ଆଚାର୍ଯ୍ୟ କହିଛନ୍ତି।




# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଗ୍ରାମରକ୍ଷୀ ସଂଘ

**ଭୁବନେଶ୍ୱର, ୮।୮ (ବ୍ୟୁରୋ)**

ନିଖିଳ ଉତ୍କଳ ଗ୍ରାମରକ୍ଷୀ ମହାସଂଘ ପକ୍ଷରୁ ୪ ଦଫା ଦାବି ନେଇ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମନ୍ତ୍ରୀଙ୍କ ସଚିବାଳୟ ପ୍ରକୋଷ୍ଠରେ ଗ୍ରାମରକ୍ଷୀ ସଂଘର ନବନିର୍ବାଚିତ ପ୍ରତିନିଧିମାନେ ସାକ୍ଷାତ କରିବା ସହ ଦୀର୍ଘଦିନର ଦାବି ପୂରଣ ପାଇଁ ଅନୁରୋଧ କରିଛନ୍ତି। ଗ୍ରାମରକ୍ଷୀଙ୍କୁ ସରକାରୀ ଚାକିରି ମାନ୍ୟତା, ବେତନ ବୃଦ୍ଧି, ଖାଲି ପଡ଼ିଥିବା ସ୍ଥାନରେ ନୂଆ ନିଯୁକ୍ତି ଓ ମୃତ ଗ୍ରାମରକ୍ଷୀଙ୍କ ପରିବାରକୁ କ୍ଷତିପୂରଣ ଦାବିଗୁଡ଼ିକୁ ମନ୍ତ୍ରୀଙ୍କ ନିକଟରେ ସେମାନେ ଉପସ୍ଥାପନ କରିଥିଲେ। ମନ୍ତ୍ରୀ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର କିଛି ନିଷ୍କର୍ଷ ବାହାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଥାଉ କି, ଗ୍ରାମାଞ୍ଚଳରେ ଚୌକିଦାରି ବ୍ୟବସ୍ଥା ଉଚ୍ଛେଦ ପରେ ୧୯୬୭ରେ ଗ୍ରାମରକ୍ଷୀ ଆଇନରେ ରାଜ୍ୟରେ ୧୮୪୪୧ ଗ୍ରାମରକ୍ଷୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେମାନେ ଅବସର ନେବା ପରେ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରି ଦିଆଯାଇଛି। ଏବେ ରାଜ୍ୟରେ ୧୫ ହଜାର ଗ୍ରାମରକ୍ଷୀ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ପୂର୍ବ ଘୋଷିତ ମଡର୍ନ ପୋଲିସ ଆକ୍ଟରେ ବେତନ ମିଳୁନାହିଁ। ଏ ନେଇ ସରକାର କିଛି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଉତ୍ତରାଖଣ୍ଡର ପୌଡ଼ି ଜିଲା କୋଟ୍‌ଦ୍ୱାରଠାରେ ଜଣେ ନେପାଳୀ ନାବାଳିକା(୧୦)ଙ୍କୁ ଗଣବଳାତ୍କାର କରାଯିବା ପରେ ହତ୍ୟା କରାଯାଇଛି। ସୋମବାର ସନ୍ଧ୍ୟାରୁ ନିଖୋଜ ଏହି ନାବାଳିକାର ମୃତଦେହ ରେଳଷ୍ଟେଶନ ନିକଟରୁ ମଙ୍ଗଳବାର ଉଦ୍ଧାର କରାଯାଇଥିଲା। ନେପାଳର ଦୁଇ ଯୁବକ ଏହି ନାବାଳିକାକୁ ଅପହରଣ କରି ବଳାତ୍କାର କରିବା ପରେ ହତ୍ୟା କରିଥିବା ପୋଲିସ କହିଛି। ଗିରଫ ଦୁଇ ଅଭିଯୁକ୍ତ ମଧ୍ୟ ଏହା ପ୍ରକାଶ କରିଛନ୍ତି। ଘରପାଖ ଦୋକାନକୁ ଯାଉଥିବାବେଳେ ନାବାଳିକାକୁ ଅପହରଣ କରିଥିବା ଅଭିଯୁକ୍ତଦ୍ୱୟ ମାନିଥିବା ପୋଲିସ ଏଏସ୍‌ପି ପ୍ରଦୀପ ରାୟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବର୍ଷକୁ ୪ ଥର ବସିବ ଅଭିଭାବକ-ଶିକ୍ଷକ ବୈଠକ

#### ବ୍ୟତିକ୍ରମ ହେଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୮।୮(ବ୍ୟୁରୋ):** ପିଲାମାନଙ୍କ ପାଠପଢ଼ା ଠିକ୍ ଚାଲିଛି ନା ନାହିଁ ସେଦିଗରେ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ବିଶେଷତଃ ଅଭିଭାବକ ଏବଂ ଶିକ୍ଷକ ବୈଠକ ଉପରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ସ୍କୁଲରେ ପିଲାଙ୍କୁ କ'ଣ ଅସୁବିଧା ହେଉଛି, ଅଭିଭାବକମାନେ କିଛି ଭଲ ପରାମର୍ଶ ଦେବାକୁ ଚହୁଁଥିଲେ ଏହି ବୈଠକରେ ଆଲୋଚନା କରାଯିବ। ପୂର୍ବରୁ ବର୍ଷକୁ ଦୁଇଥର ଏହି ବୈଠକ ବସିବାକୁ ସରକାରୀ ନିୟମ ରହିଥିଲା। ହେଲେ ଅଧିକାଂଶ ସ୍କୁଲରେ ଏହି ବୈଠକ କରାଯାଉ ନ ଥିବା ଜଣାପଡିଛି। ଏନେଇ ବହୁ ଅଭିଭାବକ ଅଭିଯୋଗ କରିଛନ୍ତି। କିନ୍ତୁ ଏ ଦିଗରେ ସରକାର ଅଧିକ ଗୁରୁତ୍ୱ ଦେଇ ବର୍ଷକୁ ୪ଥର ଅଭିଭାବକ ଏବଂ ଶିକ୍ଷକମାନଙ୍କ ବୈଠକ କରିବାକୁ ନିୟମ କରାଯାଇଛି। ଏଥିସହିତ ବର୍ଷକୁ କେଉଁ ତାରିଖରେ ଏହି ବୈଠକ ହେବ ସେନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ବୈଠକ ଏପ୍ରିଲ ମାସର ଦ୍ୱିତୀୟ ସପ୍ତାହରେ, ଦ୍ୱିତୀୟ ବୈଠକ ଜୁଲାଇ ପ୍ରଥମ ସପ୍ତାହ, ତୃତୀୟ ବୈଠକ ନଭେମ୍ବର ପ୍ରଥମ ସପ୍ତାହ ଏବଂ ୪ର୍ଥ ବୈଠକ ଜାନୁୟାରୀ ଶେଷ ସପ୍ତାହରେ ହେବ ବୋଲି ଜଣାପଡିଛି। ଯଦି ଏହି ସମୟ ବ୍ୟବଧାନରେ ଅଭିଭାବକ ଏବଂ ଶିକ୍ଷକ ବୈଠକ ନ ବସେ ତେବେ ଅଭିଭାବକ ସଭାପତି ଏବଂ ଯେଉଁ ଶିକ୍ଷକଙ୍କ ଦାୟିତ୍ୱ ରହିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ସାପ କାମୁଡ଼ାରେ ପୁଅ ମୃତ, ବାପା ଗୁରୁତର

**ଅନୁଗୋଳ ଅଫିସ, ୮।୮:** ଅନୁଗୋଳ ଜିଲା ତଳଗଡ଼ ପଞ୍ଚାୟତ କନ୍ତମେଘ ଗ୍ରାମରେ ସାପ କାମୁଡ଼ାରେ ପୁଅ ଟୁକୁନା ଗଡନାୟକ(୧୨)ଙ୍କ ମୃତ୍ୟୁ ହୋଇଥିବାବେଳେ ବାପା ସୁକାନ୍ତ ଗଡ଼ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ରାତି ପ୍ରାୟ ୨ଟାରେ ଉଭୟେ ଶୋଇଥିବା ବେଳେ ଏକ ଚିତି ସାପ କାମୁଡି ଦେଇଥିଲା। ପରିବାର ଲୋକେ ଦୁଇଜଣଙ୍କୁ ମେଡିକାଲ ନେବା ପରିବର୍ତ୍ତେ ଗୁଣିଆ ପାଖରେ ଝଡାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ବାପ ଓ ପୁଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ପୁଅ ଟୁକୁନାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ବାପା ସୁକାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ରେଫର କରାଯାଇଥିବା ସୂଚନା ମିଳିଛି।




# ପ୍ରଣବ, ନାନାଜୀ, ଭୂପେନଙ୍କୁ ଭାରତ ରତ୍ନ



**ନୂଆଦିଲ୍ଲୀ,୮।୮(ପି.ଟି.)**

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ଭାରତୀୟ ଜନସଂଘ ନେତା ସ୍ୱର୍ଗତ ନାନାଜୀ ଦେଶମୁଖ ଏବଂ ସ୍ୱର୍ଗତ ଗାୟକ ଭୂପେନ ହଜାରିକାଙ୍କୁ ଗୁରୁବାର ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖାର୍ଜୀ, ହଜାରିକାଙ୍କ ପୁତ୍ର ତେଜ୍ ଏବଂ ଦେଶମୁଖଙ୍କ ଘନିଷ୍ଠ ସମ୍ପର୍କୀୟ ବିକ୍ରମଜିତ୍ ସିଂଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ହଜାରିକା ଓ ଦେଶମୁଖଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରାଯାଇଛି।

ରାଷ୍ଟ୍ରପତି ଭବନର ଦରବାର ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହୁ କେନ୍ଦ୍ରମନ୍ତ୍ରୀ, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ସମେତ ଅନେକ ଅତିଥି ଉପସ୍ଥିତ ଥିଲେ। ୪ବର୍ଷର ବ୍ୟବଧାନ ପରେ ଚଳିତବର୍ଷ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଇଛି। ୨୦୧୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ବନାରସ ହିନ୍ଦୁ ୟୁନିଭର୍ସିଟି ପ୍ରତିଷ୍ଠାତା ମଦନ ମୋହନ ମାଲବ୍ୟାଙ୍କୁ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱାରା ଭାରତ ରତ୍ନ ପ୍ରଦାନ କରାଯାଇଥିଲା।

ଭାରତ ରତ୍ନ ପାଇବାରେ ପ୍ରଣବ ମୁଖାର୍ଜୀ ହେଉଛନ୍ତି ପଞ୍ଚମ ରାଷ୍ଟ୍ରପତି। ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରପତି ଥିଲେ। ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନପ୍ରାପ୍ତ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ରାଜେନ୍ଦ୍ର ପ୍ରସାଦ, ଜାକିର ହୁସେନ ଏବଂ ଭିଭି ଗିରିଙ୍କ ଏଲିଟ୍ କ୍ଲବରେ ପ୍ରଣବ ସାମିଲ ହୋଇଛନ୍ତି। ଦେଶମୁଖ ୧୯୨୮ରୁ ମୃତ୍ୟୁ ପର୍ଯ୍ୟନ୍ତ ଆରଏସ୍ଏସ୍ ସହ ଜଡିତ ରହିଥିଲେ। ୨୦୧୦ରେ ମଧ୍ୟପ୍ରଦେଶର ସତ୍‌ନାଠାରେ ୯୪ବର୍ଷରେ ତାଙ୍କର ପରଲୋକ ଘଟିଥିଲା। ସେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଥିଲେ। ପରେ ଉକ୍ତ ସଂଗଠନ ଭାରତୀୟ ଜନତା ପାର୍ଟିରେ ପରିଣତ ହୋଇଥିଲା। ୧୯୨୬ରେ ଜନ୍ମିତ ହଜାରିକା ଜଣେ ପ୍ରଚ୍ଛଦପଟ ଗାୟକ, ଗୀତିକାର, ସଂଗୀତଜ୍ଞ, କବି ଏବଂ ଅହମିୟା ଫିଲ୍ମ ନିର୍ମାତା। କେନ୍ଦ୍ର ସରକାର ମୁଖାର୍ଜୀ, ଦେଶମୁଖ ଏବଂ ହଜାରିକାଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ଜାନୁୟାରୀରେ ନିଷ୍ପତ୍ତି ନେଇଥିଲେ। ଚଳିତ ବର୍ଷ ଏହି ୩ଜଣଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ୪୮ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ରତ୍ନ ପ୍ରଦାନ କରାଗଲାଣି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଭାରତ ରତ୍ନରେ ସମ୍ମାନିତ ବ୍ୟକ୍ତିବିଶେଷ ଓ ପରିବାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବନ୍ୟା ପ୍ରଭାବ: ଶକ୍ତି ଉତ୍ପାଦନ ପ୍ରଭାବିତ

# ଦୈନିକ ୧୬ କୋଟି ବ୍ୟୟରେ କିଣାଯାଉଛି ୯୦୦ ମେଗାୱାଟ୍ ବିଜୁଳି

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ପ୍ରାନ୍ତରେ ଲଗାଣ ବର୍ଷା ଯୋଗୁ କେତେକ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି। ତେଣୁ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ ପ୍ରଭାବିତ ହୋଇଥିବା ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୁରୁବାର ସୂଚନା ଦେଇଛନ୍ତି। ବିଶେଷ କରି ଇନ୍ଦ୍ରାବତୀ କ୍ୟାଚମେଣ୍ଟ ଅଞ୍ଚଳରେ ବନ୍ୟା ପାଣିର ପ୍ରକୋପ ଦେଖିବାକୁ ମିଳିଛି। ସେହିପରି ଏନ୍‌ଟିପିସି ୟୁନିଟ୍‌କୁ କୋଲ ଲିଙ୍କେଜ୍ ଦ୍ୱାରା କୋଇଲା ପଠାଇବାରେ ବିଳମ୍ବ ହୋଇଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ଏହା ଦ୍ୱାରା ଏନ୍‌ଟିପିସିର ୩ଟି ୟୁନିଟ୍‌ରେ ବିଦ୍ୟୁତ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ତେଣୁ ଆବଶ୍ୟକ ଶକ୍ତି ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ସରକାର ଦୈନିକ ପ୍ରାୟ ୧୬ କୋଟି ଟଙ୍କା ବ୍ୟୟ କରି ୯୦୦ ମେଗାୱାଟ୍ ଶକ୍ତି କ୍ରୟ କରୁଥିବା ଶକ୍ତିମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ୭୨ ଘଣ୍ଟା ମଧ୍ୟରେ ଏନ୍‌ଟିପିସି ୟୁନିଟ୍‌ଗୁଡିକ କୋଇଲା ପଠାଇବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି।




### ସୁଧୁରୁଛି ବନ୍ୟା ପରିସ୍ଥିତି

# ଆଜି କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା

**ଭୁବନେଶ୍ୱର,୮।୮(ବ୍ୟୁରୋ)**

ଧୀରେ ଧୀରେ ରାଜ୍ୟରେ ସୁଧୁରୁଛି ବନ୍ୟା ପରିସ୍ଥିତି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଦୁର୍ବଳ ହୋଇ ଛତିଶଗଡ଼ ଆଡ଼କୁ ମୁହାଁଇଛି। ଏହାର ପ୍ରଭାବରେ ଗୁରୁବାର ଆଭ୍ୟନ୍ତରୀଣ ଓଡ଼ିଶାର ୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଥିଲେ ମଧ୍ୟ ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ତେବେ ମାଲକାନଗିରି, ଗଜପତି, ରାୟଗଡା, କୋରାପୁଟ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲାରେ ବନ୍ୟା ପାଇଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ବହୁ ଅଞ୍ଚଳ ଏବେ ବି ପାଣି ଘେରରେ ରହିଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା ଓ ପୋଲ ଭାସିଯିବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଗୁରୁବାର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦକ୍ଷିଣ ଓଡ଼ିଶାରେ ବନ୍ୟା ହେବାନେଇ ଯେଉଁ ଆଶଙ୍କା ରହିଥିଲା ତାହା ଟଳିଯାଇଛି। ବର୍ଷାର ପରିମାଣ କମିବା ସହ ଯେଉଁ ଅଞ୍ଚଳ ପାଣିଘେରରେ ରହିଥିଲା ସେଠାରେ ପାଣିର ସ୍ତର ହ୍ରାସ ପାଇଛି। ମାଲାକାନାଗିରି ଓ ରାୟଗଡ଼ା ଭଳି ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୁଧୁରୁଛି ବୋଲି ମାର୍ଣ୍ଡି କହିଛନ୍ତି। ରାଜ୍ୟ ସରକାର ବନ୍ୟା ଅଞ୍ଚଳରେ ପୂରା ନଜର ରଖିଛନ୍ତି। ଏହି ଅଞ୍ଚଳକୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। କୋରାପୁଟର ୨ଟି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଥିଲା, କିନ୍ତୁ ଏବେ ସ୍ଥିତି ସୁଧୁରିଛି ବୋଲି ସେ ସୂଚନା ଦେଇଛନ୍ତି। ରାୟଗଡାରେ ୩୧୨୮ ଜଣଙ୍କୁ ପ୍ରଶାସନ ସ୍ଥାନାନ୍ତର କରିଥିବା ବେଳେ ମାଲକାନଗିରିର ୬ଟି ବ୍ଲକର ୨୦୭୨ ଜଣ, କଳାହାଣ୍ଡିରେ ୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବନ୍ୟା ଅଞ୍ଚଳକୁ ଓଡ୍ରାଫ, ଅଗ୍ନିଶମ ବାହିନୀ, ଡାକ୍ତରୀ ଦଳ ଆଦି ପଠାଯାଇଛି। ବନ୍ୟାରେ ଭାସି ଯାଇ ତୁମୁଡିବନ୍ଧ ଓ କୋଟଗଡ ବ୍ଲକର ୨ ଜଣ ଲୋକ ନିଖୋଜ ଅଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ବିପନ୍ନ ଲୋକଙ୍କ ନିକଟରେ ରିଲିଫ୍ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ କ୍ଷତିଗ୍ରସ୍ତ ଜିଲାର ଜିଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ବନ୍ୟା ଛାଡ଼ିବା ପରେ ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପଠାଇବା ଓ କ୍ଷତିଗ୍ରସ୍ତ ଅଞ୍ଚଳରେ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେଠୀ ଜିଲ୍ଲା ପ୍ରଶାସନଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଶୁକ୍ରବାର ଓଡ଼ିଶାର ବିଭିନ୍ନ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ଛତିଶଗଡ଼ ଆଡ଼କୁ ଏହି ଲଘୁଚାପ ମୁହାଁଇଥିବା ବେଳେ ଏହାର ପ୍ରଭାବରେ ଓଡ଼ିଶା ଉପକୂଳରେ ସମୁଦ୍ର ଅଶାନ୍ତ ରହିବା ସହ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

## ଆଜିର ମନ୍ତବ୍ୟ

"ମୋଦି ସରକାର ୩୭୦ ଧାରା ଉଚ୍ଛେଦ କରି ଜମ୍ମୁ-କଶ୍ମୀରରେ ଶାନ୍ତି ସ୍ଥାପନ କରିବା ସହ ଆତଙ୍କବାଦ ଦୂର ଲାଗି ଯେଉଁ ଉଦ୍ୟମ କରିଛନ୍ତି, ତାହା କେତେ ସଫଳ ହେବ ସମୟ କହିବ।

**– କମଳନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ**

## କିଛି ତଥ୍ୟ

ଚଳିତ ବର୍ଷ ଜୁନ୍‌ରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନ ଯାତ୍ରୀଙ୍କ ଟ୍ରାଫିକ୍‌ରେ ୭.୯% ବୃଦ୍ଧି ଘଟିଛି।

**– ଇଣ୍ଟରନ୍ୟାଶନାଲ ଏୟାର ଟ୍ରାଫିକ ଆସୋସିଏଶନ**





ପୁରୁଷାର୍ଥ ହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ଟିଗିରିଆ,୮।୮(ଡି.ଏନ୍.ଏ.)- ଟିଗିରିଆ ଥାନା ହରିଡ଼ାପଶି ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲର ଚିରୁଗୁଟିଆ ଆମ୍ବତୋଟାରୁ ଗୁରୁବାର ହାତଗୋଡ଼ ବନ୍ଧା ହୋଇଥିବା ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଖବରପାଇ ଟିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ଏବଂ ଥାନା ଏଏସଆଇ ପି.କେ. କାନୁନ୍‌ଗୋ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ମୃତକଙ୍କ ବୟସ ପ୍ରାୟ ୩୦ବର୍ଷ ହୋଇଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ପ୍ରାୟ ୨/୩ଦିନ ତଳେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରିଛି। ମୃତ ଯୁବକ ଏକ ଜିନ୍ସ ପ୍ୟାଣ୍ଟ ଓ ଗଞ୍ଜି ପିନ୍ଧିଥିବା ବେଳେ ହାତ ଗୋଡ଼ ଦଉଡ଼ି ଦ୍ୱାରା ବନ୍ଧାଯାଇଛି । ଏଥିସହ ବେକରେ ଏକ ଓଢ଼ଣି ବନ୍ଧା ହୋଇଛି । ମୃତଦେହ ନଷ୍ଟ ହୋଇଯାଇଥିବାରୁ ଅଦ୍ୟାବଧି ତାଙ୍କ ପରିଚୟ ମିଳିପାରିନାହିଁ। ଏନେଇ ଟିଗିରିଆ ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ କରାଯାଇଛି। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ କଟକ ଶବ ସଂରକ୍ଷଣ କେନ୍ଦ୍ରକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଭୁଜବଳ ସୂଚନା ଦେଇଛନ୍ତି।

### ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ

**କଟକ ଅଫିସ, ୮।୮:** ଫାଇଲେରିଆ ଓ ଗୋଦର ରୋଗର ନିରାକରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁବାରଠାରୁ ଜିଲାରେ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିବ। ଏଥିରେ ଆକ୍ରାନ୍ତ ଲୋକମାନଙ୍କୁ ତାଲିମପ୍ରାପ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱେଚ୍ଛାସେବୀମାନେ ଡିଇସି ବଟିକା ଏବଂ ଆଲବେଣ୍ଡାଜଲ ବଟିକା(କୃମିନାଶ) ଘରକୁ ଘର ବୁଲି ଖାଇବାକୁ ଦେବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ୪୫୫୪ ତାଲିମପ୍ରାପ୍ତ ଔଷଧ ବିତରଣକାରୀ ଏବଂ ୪୫୫ ସ୍ୱାସ୍ଥ୍ୟ ପରିଦର୍ଶକ ନିୟୋଜିତ ହୋଇଛନ୍ତି । ମାଇକ୍ୟୁଲେକ୍ସ ମଶା ଓ ବୁଜାୟା ମାଲାୟୀ ମାଇ ମାନସୋନିଆ ମଶା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ଜିଲା ସ୍ୱାସ୍ଥ୍ୟ ଭବନ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବିଭୂତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବଟିକା ସେବନ କରି କଟକ ଜିଲାକୁ ବାତଜ୍ୱରରୁ ମୁକ୍ତ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନାୟକ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଭକ୍ତ ଚରଣ ସ୍ୱାଇଁ, ରାଜ୍ୟ ଆଇଇସି ପରାମର୍ଶଦାତା ଚାରୁଚନ୍ଦ୍ର ମହାପାତ୍ର, ଡ. ନୃସିଂହ ଚରଣ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ତୃପ୍ତିରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଏସ୍‌ଟି ସମ୍ପର୍କିତ କର୍ମଶାଳା

**କଟକ ଅଫିସ, ୮।୮:** କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ଆନୁକୂଲ୍ୟରେ ଆନୁଆଲ ରିଟର୍ନ ଆଣ୍ଡ ଅଡିଟ୍ ଅଣ୍ଡର ଦି ଜିଏସ୍‌ଟି ଆକ୍ଟ ଶୀର୍ଷକ କର୍ମଶାଳା ସିଡିଏସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଜିଏସ୍‌ଟି ସର୍କଲର ସହାୟକ ଆୟୁକ୍ତ ଶ୍ରୀଦାସ ନାଥ ଏବଂ ସୁପରିଣ୍ଟେଣ୍ଡେଣ୍ଟ ଜି.ସି. ନାଥ ଯୋଗଦେଇ ଜିଏସ୍‌ଟି ଆକ୍ଟର ଆନୁଆଲ ରିଟର୍ନ ଓ ଅଡିଟ୍ ବିଷୟରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ବହୁ ସଦସ୍ୟ ଯୋଗଦେଇ ଜିଏସ୍‌ଟି ସମ୍ପର୍କିତ ସୁବିଧାଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଏଥିରେ ଟ୍ୟାକ୍ସ ବାର୍ ଆସୋସିଏଶନ ସଭାପତି ନଟବର ପଣ୍ଡା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଦିଲ୍ଲିପ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଆସୋସିଏଶନ ସଦସ୍ୟ ପ୍ରଦୀପ ପଟ୍ଟନାୟକ, ଦୁଲାଲ ସତ୍ୟନାରାୟଣ ସେଠୀ, ରାକେଶ ଚନ୍ଦ୍ର ଜେନା, ଦାମୋଦର ପତି, ରବୀନ୍ଦ୍ର ନାଥ ପାଲ୍, ଦୀପ୍ତିରଞ୍ଜନ ମହାପାତ୍ର, ଅନୁପ ନାରାୟଣ ମହାନ୍ତି, ସନ୍ତୋଷ ମିଶ୍ର, ଲକ୍ଷ୍ମୀଧର ଦାସ, ମନୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଲଳିତଗିରି ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ

# ୧୦ ଶ୍ରେଣୀକୁ ୬ ଶିକ୍ଷକ

ଲଳିତଗିରି,୮।୮(ସ୍ୱ.ପ୍ର.)



■୨୮୨ ଜଣ ପିଲା ପାଠ ପଢୁଛନ୍ତି
■ଘରୋଇ ଶିକ୍ଷକଙ୍କ ଆଶ୍ରୟ ନେଉଛନ୍ତି ଛାତ୍ରୀଛାତ୍ର
■ଜନ ଆନ୍ଦୋଳନ ଲାଗି ଚେତାବନୀ

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି। ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ଅନେକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦବୀ ଖାଲି ରହିଥିବାରୁ ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲାର ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ଗ୍ରାମରେ। ଏଠାରେ ୧୯୭୫ରେ ଲଳିତଗିରି ଉଚ୍ଚ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ୧୯୯୪ ଜୁନ ମାସରେ ବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳିଥିଲା। ସେହିପରି ୧୯୩୨ରୁ ସ୍ଥାପିତ ହୋଇଥିବା ଲଳିତଗିରି ପ୍ରାଥମିକ ବିଦ୍ୟାଳୟକୁ ୨୦୧୭ରେ ଏହି ଲଳିତଗିରି ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ କରିଦିଆଯାଇଥିଲା। ଏବେ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଯାଉଥିବା ବେଳେ ୨୮୨ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ମାତ୍ର ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଶିକ୍ଷାଦାନ ପାଇଁ ବିଦ୍ୟାଳୟରେ ପ୍ରାଥମିକସ୍ତରରେ ୪ ଜଣ ଓ ହାଇସ୍କୁଲସ୍ତରରେ ୨ ଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ପଦବୀ ଖାଲି ପଡ଼ିଥିବା ବେଳେ ଡେପୁଟେଶନରେ ଥିବା ଜଣେ ହିନ୍ଦୀ ଶିକ୍ଷକ ଏହି ଦାୟିତ୍ୱରେ ରହିଛନ୍ତି। ସେହିପରି କ୍ରୀଡା,ଇଂଲିଶ୍ ଓ ସଂସ୍କୃତ ଶିକ୍ଷକଙ୍କ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି। ବାଧ୍ୟହୋଇ ଛାତ୍ରୀଛାତ୍ରମାନେ ଘରୋଇ ଶିକ୍ଷକଙ୍କ ଆଶ୍ରୟ ନେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମର କୃପାସିନ୍ଧୁ ସିଂ ଓ ଦେବେନ୍ଦ୍ର ପରିଡା କୁହନ୍ତି, ୧୯୯୯ ମହାବାତ୍ୟା ବେଳେ ଏହି ବିଦ୍ୟାଳୟର ବହୁଳ କ୍ଷୟକ୍ଷତି ହୋଇଥିଲା। ସରକାରୀ ସାହାଯ୍ୟ ନ ମିଳିବାରୁ ଗ୍ରାମର କିଛି ବଦାନ୍ୟ ବ୍ୟକ୍ତି, ଡା. ପ୍ରାଣବଲ୍ଲଭ ଦାସ ଓ ତାଙ୍କ ସ୍ତ୍ରୀ ନିଶିକେତାଙ୍କ ଦାନରେ ବିଦ୍ୟାଳୟଟି ପୁନର୍ବାର ନିର୍ମିତ ହୋଇଥିଲା। ଏବେ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ରହିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରା ନ ଗଲେ ଆଗାମୀ ଦିନରେ ଜନଆନ୍ଦୋଳନ ହେବ ବୋଲି ଅଭିଭାବକ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ମାହାଙ୍ଗା ବ୍ଲକ୍ ଶିକ୍ଷା ଅଧିକାରୀ ଚକ୍ରଧର ବେହେରାଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସମ୍ପର୍କ ହୋଇ ପାରି ନଥିଲା। ଏନେଇ ମାହାଙ୍ଗା ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ମଦନମୋହନ ମଲ୍ଲଙ୍କୁ ପଚରାଯିବାରୁ ଏ ବିଷୟରେ ସେ ଅବଗତ ନାହାନ୍ତି ବୋଲି କହିଥିଲେ। ଶିକ୍ଷକ ପଦବୀ ପୂରଣ ଲାଗି ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ସରପଞ୍ଚଙ୍କୁ ବଟିକା ଖୁଆଇ ଅଭିଯାନ ଆରମ୍ଭ କରାଯାଉଛି।

## ବାତଜ୍ୱର ନିରାକରଣ ଅଭିଯାନ ଆରମ୍ଭ

### ପ୍ରଥମ ଦିନରେ ୧୯,୫୯୩ ଜଣ ଖାଇଲେ ବଟିକା

ବାଙ୍କୀ,୮।୮(ବି.ପ୍ର.)

ବାଙ୍କୀ ବ୍ଲକ ଅଧୀନ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରପକ୍ଷରୁ ବାତଜ୍ୱର ନିରାକରଣ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହୋଇଛି । ୩ ଦିନ ଧରି ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନରେ ଘରଘର ବୁଲି ଡିଇସି ବଟିକା ସହ ଗୋଟିଏ ଲେଖାଁଏ କୃମି ନାଶକ ବଟିକା ଲୋକଙ୍କୁ ଖୁଆଇବା ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀ ଓ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ଓ ଆଶାକର୍ମୀମାନେ ସାମିଲ ହୋଇଛନ୍ତି। ଗର୍ଭବତୀ ମା',୨ବର୍ଷରୁ କମ୍ ଶିଶୁ ଓ କିଛି ରୋଗୀଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଏହି ବଟିକା ଖାଇବାକୁ ଦିଆଯାଉଛି ବୋଲି ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କହିଛନ୍ତି । ଏହି ଅଭିଯାନ ସମୟରେ ୧ଲକ୍ଷ ୧ ହଜାର ୪୮୫ ଜଣଙ୍କୁ ଡିଇସି ବଟିକା ଖୁଆଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରଥମ ଦିନରେ ୧୯,୫୯୩ଜଣଙ୍କୁ ବାତଜ୍ୱର ନିରାକରଣ ବଟିକା ଖୁଆଯାଇଛି ବୋଲି ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କୁହାଯାଇଛି।ସୁବର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତରୁଣ କୁମାର ମହାପାତ୍ର ଯୋଗଦେଇଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ସାହୁ ସରପଞ୍ଚଙ୍କୁ ଡିଇସି ବଟିକା ଓ କୃମି ନାଶକ ବଟିକା ସେବନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ମାନଭଞ୍ଜନ ଦଳାଇ ଓ ସ୍ଥାନୀୟ ଆଶା ଓ ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

ସାଲେପୁର, ୮।୮(ଡି.ଏନ୍.ଏ)

ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ଭାତପଡ଼ା ନିକଟରେ ଗୁରୁବାର କେତେ ଜଣ ଦୁର୍ବୃତ୍ତ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ କରିବା ସହ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଆକ୍ରମଣରେ ସମ୍ପୃକ୍ତ ବ୍ୟବସାୟୀ ଆହତ ହୋଇଥିବା ବେଳେ ତାଙ୍କୁ କଟକ ବଡ଼ ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଯାଇଛି। ସେ ହେଲେ ବୋଦାମୁଣ୍ଡାଇର ବୀରକିଶୋର ସାହୁ। ଏନେଇ ତାଙ୍କ ସ୍ତ୍ରୀ ନର୍ମଦା ସାହୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଅଭିଯୋଗ ଅନୁଯାୟୀ, ବୀରକିଶୋର ଦିନ ପ୍ରାୟ ୨ଟା ୧୫ ମିନିଟ୍‌ରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ନିଜ ତେଜରାତି ଦୋକାନ ପାଇଁ ବିଭିନ୍ନ ସାମଗ୍ରୀ ଆଣିବା ଲାଗି କଟକ ମାଲ୍‌ଗୋଦାମକୁ ଯାଉଥିଲେ। ଏହି ସମୟରେ ଭାତପଡ଼ା ଛକ ନିକଟରେ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ପିକ୍‌ଅପ୍ ଭ୍ୟାନ୍ ଆଗକୁ ଆସି ଗାଡ଼ିକୁ ଅଟକାଇ ଥିଲେ। ଏଥିସହ ବୀରକିଶୋରଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ କରିଥିଲେ। ତାଙ୍କ ପାଖରେ ଥିବା ଟଙ୍କାବ୍ୟାଗ୍ ଓ ପିକଅପ୍ ଭ୍ୟାନ୍‌ର ଚାବିକୁ ଛଡ଼ାଇ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ୩ ଲକ୍ଷ ୫୦ହଜାର ଟଙ୍କା ଥିଲା ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏସମ୍ପର୍କରେ ସବ୍‌ଇନ୍ସପେକ୍ଟର ସୁବାସ ଚନ୍ଦ୍ର ଉଦୟଭାନୁ କହିଛନ୍ତି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

## ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର



ନିଯୁକ୍ତି ପରାମର୍ଶ ଶିବିରରେ ଯୁବତୀଯୁବକଙ୍କ ନାମ ପଞ୍ଜୀକରଣ କରାଯାଉଛି।

ଟିଗିରିଆ,୮।୮(ଡି.ଏନ୍.ଏ.)

ଟିଗିରିଆରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଗାଁସ୍ଥିତ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପରିସରରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରୂପା ଦଳେଇ ଯୋଗଦେଇଥିଲେ। ବ୍ଲକ ଆକାଉଣ୍ଟ ଅଫିସର ବିଜୟ କୁମାର ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ସଭାରେ ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ଗୌରହରି ପରିଡ଼ା, ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ପାଞ୍ଚଗାଁ ସରପଞ୍ଚଙ୍କ ପ୍ରତିନିଧି ସରୋଜ କୁମାର ଦାଶ, ସମିତିସଭ୍ୟା ଅନୁପମା ସ୍ୱାଇଁ, ବ୍ଲକ ମୁଖ୍ୟ କିରାଣି ଗୋକୁଳାନନ୍ଦ ବେହେରା ଓ ପ୍ରଗତି ସହାୟକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇଥିଲେ। ଏହି ନିଯୁକ୍ତି ପରାମର୍ଶ ଶିବିରରେ ବ୍ଲକର ୧୪ ପଞ୍ଚାୟତର ୧୬୧ଜଣ ବେକାର ଯୁବତୀ ଯୁବକ ଯୋଗଦେଇ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭୩ଜଣଙ୍କୁ ତାଲିମ ପାଇଁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ କମ୍ୟୁନିଟି କ୍ୟାଡ଼ର ଓ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଜ୍ଞାନରଞ୍ଜନ ଦାସ ଉପସ୍ଥିତ ରହି ସହଯୋଗ କରିଥିଲେ। ବ୍ଲକ ଜୀବିକା ସଂଯୋଜକ ଦିଲୀପ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସରକାରୀ ଜମିରେ ବେଆଇନ କୋଠା ନିର୍ମାଣ

କଟକ ଅଫିସ, ୮।୮

**ଥାନାରେ ମାମଲା ରୁଜୁ**

ସରକାରୀ ଜମି ହଡ଼ପ କରାଯିବା ସହ ସେଥିରେ କୋଠା ନିର୍ମାଣ କରି ବିକ୍ରି କରାଯାଇଥିବା ନେଇ ବିଡ଼ାନାସୀ ଥାନାରେ ଅଭିଯୋଗ ହୋଇଛି। ସିଡିଏସ୍ଥିତ କୃଷକବଜାର ବସ୍ତିରେ ରହୁଥିବା ପିଣ୍ଟୁ ଓରଫ ସ୍ମୃତିରଞ୍ଜନ ସ୍ୱାଇଁ ଏହି ଅଞ୍ଚଳର କେତେଜଣ ଯୁବକଙ୍କୁ ଧରି କିଛିଦିନ ହେବ ସରକାରୀ ଜମି ଉପରେ କୋଠା ନିର୍ମାଣ କରି ବିକ୍ରି କରୁଥିଲେ। ଏ ସମ୍ପର୍କରେ ସଦର ତହସିଲଦାର ବିଡ଼ାନାସୀ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୧୧୬/୧୯) ରୁଜୁ ହୋଇଛି। ପିଣ୍ଟୁ ଓ ତାଙ୍କ ସହଯୋଗୀ କୃଷକବଜାରସ୍ଥିତ ସରକାରୀ ଜମିରେ କୋଠା ନିର୍ମାଣ କରି ୨ରୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଥିଲେ। ଏପରିକି ସେଠାକାର ଅବକାରୀ କାର୍ଯ୍ୟାଳୟକୁ ଘେରି ରହିଥିବା ସରକାରୀ ଜମି କିଣାବିକା ହେଉଥିଲା। ପିଣ୍ଟୁ କୃଷକବଜାର ବସ୍ତିରେ ୧୨ରୁ ଊର୍ଦ୍ଧ୍ୱ କୋଠାଘର ନିର୍ମାଣ କରି ଭଡ଼ାସୂତ୍ରରେ ଲଗାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ମଧ୍ୟ ପୋଲିସ ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରିବା ପାଇଁ ତତ୍ପରତା ପ୍ରକାଶ କରୁନାହିଁ। ଜମି ମାଫିଆଙ୍କୁ ତୁରନ୍ତ ଗିରଫ କରିବା ଲାଗି ସାଧାରଣରେ ଦାବି ହେଉଛି।

## ସରକାରଙ୍କୁ ଧାନ ବିକ୍ରି ପାଇଁ ନୂଆ ନିୟମ

କଟକ ସଦର,୮।୮(ଡି.ଏନ୍.ଏ.)

୨୦୧୯-୨୦ ଆର୍ଥିକ ବର୍ଷର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଧାନ ଓ ଅନ୍ୟାନ୍ୟ ଶସ୍ୟ ବିକ୍ରି କରିବାକୁ ଚାହୁଁଥିବା ଚାଷୀମାନଙ୍କ ନାମ ପଞ୍ଜୀକରଣ ଗତ ଜୁଲାଇ ଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଇଚ୍ଛୁକ ଚାଷୀମାନେ ନିଜ ନିଜ ଅଞ୍ଚଳର ସେବା ସମବାୟ ସମିତି ମାଧ୍ୟମରେ ନାମ ପଞ୍ଜୀକୃତ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ଅଗଷ୍ଟରେ ପଞ୍ଜୀକରଣ ନିୟମରେ ପରିବର୍ତ୍ତନ କରାଯାଇଛି। ଖାଦ୍ୟ ନିରାପତ୍ତା ଯୋଜନାରେ ଅନ୍ତର୍ଭୁକ୍ତ ପରିବାରର ଜଣେ ଚାଷୀ ଧାନ ବିକ୍ରି କରିବାକୁ ଇଚ୍ଛା କଲେ ପ୍ରଥମେ ନିଜର ରାଶନ କାର୍ଡ ସମ୍ବନ୍ଧୀୟ ସୂଚନା ଏକ ନିର୍ଦ୍ଦିଷ୍ଟ ଫର୍ମରେ ଦେବାକୁ ପଡ଼ିବ। ଏହା ପରେ ନାମ ପଞ୍ଜୀକୃତ କମ୍ପ୍ୟୁଟର ମାଧ୍ୟମରେ କରାଯିବ। ଅର୍ଥାତ୍ ସରକାରଙ୍କଠାରୁ କିଲୋ ପିଛା ୧ ଟଙ୍କା ଦାମରେ ଚାଉଳ ପାଉଥିବା ପରିବାର ପାଇଁ ଏହି ନୂଆ ନିର୍ଦ୍ଦେଶନାମା ସତର୍କ ଘଣ୍ଟି ବୋଲି ଚାଷୀଙ୍କ ମହଲରେ ଆଲୋଚନା ହେଉଛି। ଖାଦ୍ୟ ପାଉଥିବା ପରିବାରଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ସୁଲଭ ମୂଲ୍ୟରେ ଚାଉଳ ଓ ଗହମ ଯୋଗାଇ ଦେଉଛନ୍ତି। ହେଲେ ସରକାରଙ୍କୁ ପ୍ରତିବର୍ଷ ବଳକା ଧାନ ବିକ୍ରି କରୁଥିବା ପରିବାରର ତଥ୍ୟ ରାଜ୍ୟ ସରକାର ସଂଗ୍ରହ କରୁଛନ୍ତି ବୋଲି ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା କହିଛନ୍ତି। ଏହି ସଂଶୋଧିତ ନିୟମ କଟକ ସଦର ବ୍ଲକର ସେବା ସମବାୟ ସମିତିକୁ ଆସିଯାଇଛି। ଫଳରେ ଗତ ଜୁଲାଇରେ ନାମ ପଞ୍ଜୀକୃତ କରିଥିବା ଚାଷୀଙ୍କୁ ଆଉଥରେ ନୂଆ ନିୟମରେ ଫର୍ମ ପୂରଣ କରି ପଞ୍ଜୀକୃତ କରିବାକୁ ପଡ଼ିବ ବୋଲି କଟକ ସ୍ଥିତ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ବିଜୁଳି ଦର କମାଇବା ପାଇଁ ଦାବିପତ୍ର

କଟକ ଅଫିସ, ୮।୮

ଜଗତ୍‌ପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ବିଦ୍ୟୁତ୍ ଦର କମାଇବା ପାଇଁ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ତୀର୍ଥାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଜଗତ୍‌ପୁରସ୍ଥିତ ସେସୁ କାର୍ଯ୍ୟାଳୟରେ ଡେପୁଟି ମ୍ୟାନେଜରଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଆମ ରାଜ୍ୟରେ ବିଜୁଳି ଉତ୍ପାଦନ ହେଉଛି। ହେଲେ ଆମ ରାଜ୍ୟରୁ ବିଜୁଳି କିଣି ଦିଲ୍ଲୀରେ ଉପଭୋକ୍ତାମାନେ ମାଗଣାରେ ବିଜୁଳି ପାଉଛନ୍ତି। ଅଥଚ ଆମେ ଅଧିକ ଟଙ୍କା ଦେଇ ବିଜୁଳି ବ୍ୟବହାର କରୁଛୁ। ଆମ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ହେଉଥିବାବେଳେ ଓଡ଼ିଶାବାସୀ କାହିଁକି ଅଧିକ ବିଜୁଳି ବିଲ୍ ଦେବେ ବୋଲି ସଂଘ ପ୍ରଶ୍ନ କରିଛି। ରାଜ୍ୟ ଏବେ ବିଜୁଳି ଚୋରିର ଚରାଭୂଇଁ ପାଲଟିଛି। ପ୍ରତି ମାସରେ ହଜାର ହଜାର କୋଟି ଟଙ୍କାର ବିଜୁଳି ଚୋରି ହେଉଛି, ଯାହାର ପ୍ରଭାବ ଉପଭୋକ୍ତାଙ୍କ ଉପରେ ପଡୁଛି। ଦିଲ୍ଲୀରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା, ୨୦୦ରୁ ୪୦୦ ୟୁନିଟ୍ ପିଛା ୧.୨୫ପଇସା ଥିବାବେଳେ ଓଡ଼ିଶାରେ ୫୦ ୟୁନିଟ୍ ପର୍ଯ୍ୟନ୍ତ ପ୍ରତି ୟୁନିଟ୍ ପିଛା ୨.୫୦ ପଇସା, ୫୦ରୁ ୧୫୦ ୟୁନିଟ୍ ପର୍ଯ୍ୟନ୍ତ ୟୁନିଟ୍ ପିଛା ୪.୩୦ ପଇସା, ୧୫୦ରୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ୫.୩୦ ପଇସା, ୨୦୦ରୁ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ୟୁନିଟ୍ ପିଛା ୫.୭୦ ପଇସା ଦେବାକୁ ପଡୁଛି। ଦିଲ୍ଲୀର ଉପଭୋକ୍ତା ୪୦୦ ୟୁନିଟ୍ ପାଇଁ ମାସକୁ ୨୫୦ ଟଙ୍କା ଦେଉଥିବା ବେଳେ ଓଡ଼ିଶାରେ ଉପଭୋକ୍ତା ଦେବେ ୧୯୬୦ ଟଙ୍କା। ତେଣୁ ରାଜ୍ୟରେ ତୁରନ୍ତ ଦିଲ୍ଲୀର ଦରକୁ ଲାଗୁ କରାଯାଇ ଚାଷୀଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦିଆଯାଉ। ଲୋଭୋଲଟେଜ ଦୂର କରିବା ନିମନ୍ତେ ନୂତନ ଟ୍ରାନ୍ସଫର୍ମର ଲଗାଯିବା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ମାନସ ପରିଡ଼ା, ଅଲେଖ ଚନ୍ଦ୍ର ବେହେରା, ନିର୍ମଳ ଚନ୍ଦ୍ର ପଣ୍ଡା, ବିଶ୍ୱଜିତ ମହାନ୍ତି, ସନାତନ ନାୟକ, ଗୋବର୍ଦ୍ଧନ ସାହୁ, ପ୍ରବୀର ରଥ, ରବୀନ୍ଦ୍ର ପଣ୍ଡା, ସନ୍ତୋଷ ଗିରି, ରଶ୍ମିକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଷମା ଥିଲେ ଅଦ୍ୱିତୀୟ ନାରୀନେତ୍ରୀ

ଲଳିତଗିରି/ବାଙ୍କୀ,୮।୮(ସ୍ୱ.ପ୍ର.)



ଲଳିତଗିରିରେ ସୁଷମା ସ୍ୱରାଜଙ୍କୁ ଭାଜପା କର୍ମୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଗୁରୁବାର ମାହାଙ୍ଗା ବ୍ଲକ୍ ବରାହୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭାଜପା ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଛି । ସରପଞ୍ଚ କିଶୋର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥିଭାବେ କଟକ ଜିଲା ମହିଳା ଭାଜପା ସଭାନେତ୍ରୀ ଯାଜ୍ଞସେନୀ ଜେନା ଯୋଗଦେଇଥିଲେ। ଏଥିରେ ରଞ୍ଜନ ବେହୁରା, ମନୋରଞ୍ଜନ ନାୟକ, ଗୌତମ ଶତପଥୀ ଓ ଶ୍ରୀକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାଙ୍କୀ ଭାଜପା ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସୁନାଦେଇ ରୋଡ ଭାଜପା କାର୍ଯ୍ୟାଳୟରେ ସୁଷମାଙ୍କ ବିୟୋଗରେ ଏକ ଶୋକସଭା ଆୟୋଜିତ ହୋଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ସୁଷମା ଜଣେ ଅଦ୍ୱିତୀୟ ନାରୀନେତ୍ରୀ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ବରିଷ୍ଠ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ, ଉତ୍କଳମଣି ମନ୍ତ୍ରୀ ଓ ସରୋଜ ମତଗଜ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହାଛଡା ବାଙ୍କୀ ଆଦିମାତା ଛକସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ପୋଲିସ ଡିଜି ପ୍ରକାଶ ଚନ୍ଦ୍ର ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ ପରିଚାଳନା କରିଥିଲେ। ଯଯାତି କେଶରୀ ପଟ୍ଟନାୟକ, କୈଳାସ ଚନ୍ଦ୍ର ରଥ,ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଉଦ୍ଦେଶ୍ୟରେ ସ୍ମୃତି ଗେଟ୍ ନିର୍ମାଣ

## ବିତିଲାଣି ଦେଢ଼ ବର୍ଷ, ସରୁନି କାର୍ଯ୍ୟ

ବାଙ୍କୀ,୮।୮(ସ୍ୱ.ପ୍ର.)




ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଭିତ୍ତିପ୍ରସ୍ତର।

ବାଙ୍କୀର ବରପୁତ୍ର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସ୍ମୃତି ଉଦ୍ଦେଶ୍ୟରେ ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ପଶ୍ଚିମ ପାର୍ଶ୍ୱ ପ୍ରବେଶ ଦ୍ୱାରରେ ଗେଟ୍ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଅଦ୍ୟାବଧି ଦେଢ଼ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଦାବି ହୋଇଛି।

ସୂଚନାଯୋଗ୍ୟ, ବାଙ୍କୀର ପଣ୍ଡିତ ନୀଳମଣି ଥିଲେ ଓଡ଼ିଶାର ବରପୁତ୍ରମାନଙ୍କ ମଧ୍ୟରେ ଅନ୍ୟତମ। ସେ ଥିଲେ ଜଣେ ଅଦ୍ୱିତୀୟ ଭାଷା ସେବକ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ଆଦ୍ୟ ପ୍ରବର୍ତ୍ତକ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜ୍ଞାପିତ ପରିଷଦ ପକ୍ଷରୁ ଏନ୍‌ଏସିର ପଶ୍ଚିମ ପାର୍ଶ୍ୱରେ ଗେଟ୍ ନିର୍ମାଣ କରାଯାଉଛି। ଏନେଇ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ଦ୍ୱାରା ୧୪ ଡିସେମ୍ବର ୨୦୧୭ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର କାର୍ଯ୍ୟଟି ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏଠାରେ ଉଲ୍ଲେଖଯୋଗ୍ୟଯେ, ଏନ୍‌ଏସିର ପୂର୍ବ ପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱସ୍ଥିତ ପ୍ରବେଶ ଦ୍ୱାରରେ ଯଥାକ୍ରମେ ବାଙ୍କୀର ଅନ୍ୟତମ ବରପୁତ୍ର କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ଓ ପଣ୍ଡିତ ଗୋବିନ୍ଦ ରଥଙ୍କ ଉଦ୍ଦେଶ୍ୟରେ ସ୍ମୃତି ଗେଟ୍ ନିର୍ମାଣ କରାଯାଇଛି। ମାତ୍ର ପଶ୍ଚିମ ପାର୍ଶ୍ୱ ଗେଟ୍ ନିର୍ମାଣ ବିଳମ୍ବ ହୋଇଥିବାରୁ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏନେଇ ସଂଘର ସଭାପତି ତଥା ଆଇନଜୀବୀ ବିରଞ୍ଚି ଦାସ ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ତୁରନ୍ତ ଏହି କାର୍ଯ୍ୟ ଶେଷ କରିବାକୁ ସେ ଦାବି କରିଛନ୍ତି। ଏନେଇ ବାଙ୍କୀ ଏନ୍‌ଏସି କାର୍ଯ୍ୟକାରୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର କହିଛନ୍ତି, ଏ ସମ୍ପର୍କରେ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନିଆଯିବ।



ପୁରୁଷାର୍ଥ ହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଜଣେ ମୃତ

**କୃଷ୍ଣପ୍ରସାଦ,୮।୮(ଡି.ଏନ.ଏ.)**-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତସ୍ଥ ନୂଆଗାଁ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ଗୁରୁବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ମୃତକ ହେଲେ ଦାଶରଥି ବାରିକ (୫୦)। ଗ୍ରାମସ୍ଥିତ ପୋଖରୀରେ ଗାଧୋଇବା ସମୟରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି। ଖବରରୁ ପ୍ରକାଶ, ଦାଶରଥି ସକାଳୁ ଧାନଜମିକୁ ଯାଇ ଘରକୁ ଫେରିବା ପରେ ପୂର୍ବାହ୍ନ ୧୧ଟା ବେଳେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରିଥିଲେ। ପରିବାର ଲୋକେ କୃଷ୍ଣପ୍ରସାଦ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ପୋଲିସ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଉକ୍ତ ଘଟଣା ନେଇ କେସ୍ ନଂ.୬/୨୦୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁପୂର୍ବକ ତଦନ୍ତ ଆରମ୍ଭ କରିଛି।

### ସର୍ପ ଦଂଶନରେ ଶିଶୁ ମୃତ

**କୃଷ୍ଣପ୍ରସାଦ,୮।୮(ଡି.ଏନ.ଏ.)**-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତସ୍ଥ ନୂଆଗାଁରେ ସର୍ପ ଦଂଶନ ଯୋଗୁ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଉତ୍ତମ କୁମାର ପାହାନ(ଅଢେଇ ବର୍ଷ)। ଗୁରୁବାର ଘରେ ଶୋଇଥିବାବେଳେ ଏକ ବିଷାକ୍ତ ସର୍ପ ଦଂଶନ କରିବାର ଘଟଣାସ୍ଥଳରେ ଉତ୍ତମଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ପରିବାର ତରଫରୁ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗକ୍ରମେ ପୋଲିସ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗକ୍ରମେ କେସ୍ ନଂ.୫/୨୦୧୯ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଫାଇଲେରିଆ, କୃମିନାଶ ଅଭିଯାନ ଆରମ୍ଭ

**ଖୋର୍ଦ୍ଧା ଅଫିସ,୮।୮:**ଗୁରୁବାର ଜାତୀୟ କୃମିନାଶ ଦିବସରେ ଫାଇଲେରିଆ ଓ କୃମିନାଶକ ଔଷଧ ଅଭିଯାନ ଖୋର୍ଦ୍ଧା ଜିଲାରେ ଆରମ୍ଭ ହୋଇଛି। ତେବେ ଏଥିପାଇଁ ସାଧାରଣରେ ସଚେତନତା ସୃଷ୍ଟି କରାଯାଇ ନ ଥିବାର ଅଭିଯୋଗ ଉଠିଛି। ଜିଲାସ୍ତରରେ ଖବରଦାତା ସମ୍ମିଳନୀ ମଧ କରାଗଲାନି। ଫାଇଲେରିଆ ଓ କୃମିନାଶ ଔଷଧ ଖାଇ ବିଭିନ୍ନ ସମୟରେ ଅସୁସ୍ଥ ହେବା ଘଟଣାରେ ସାଧାରଣରେ ଭୟ ଲାଗି ରହିଥିବାବେଳେ ଅନେକ ଔଷଧ ନେଇ ବି ଗୁରୁବାର ଖାଇ ନ ଥିବା ଜଣାପଡିଛି। ଅଗଷ୍ଟ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବାର ଥିଲା। ଅଭିଯାନକୁ ସଫଳ କରିବାକୁ ଏହାକୁ ୨୦ ତାରିଖ ପର୍ଯ୍ୟନ୍ତ ବଢ଼ା ଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଏ ନେଇ ସିଡିଏମଓ ବିଜୟ ମହାପାତ୍ରଙ୍କୁ ପଚାରିବାରୁ ମାସେ ପୂର୍ବରୁ ଜିଲା ସୂଚନା ଅଧିକାରୀଙ୍କୁ ଡକାଇ ସଚେତନତା କରାଯାଇଥିଲା ବୋଲି ସେ କହିଥିଲେ।



ଅତିଥିମାନେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ

**ଯାଁଳା ୮।୮(ଡ଼ି.ଏନ.ଏ.) :**

ଜଟଣୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କୃତୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ଉତ୍ସବ ଯାଁଳା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ୨୦୧୮-୧୯ ଶିକ୍ଷାବର୍ଷରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଏହି ବ୍ଲକରୁ ଏ-୧ ଓ ଏ-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ୪୭ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ତୃତୀୟ ଓ ପଞ୍ଚମ ଶ୍ରେଣୀରେ ବୃତ୍ତି ପ୍ରାପ୍ତ ୫୬ ଜଣ ବିଦ୍ୟାର୍ଥୀଙ୍କୁ ମଧ୍ୟ ସମ୍ମାନିତ କରିବା ସହ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଟଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋନାଲିକା ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କୃତୀ ସମ୍ବର୍ଦ୍ଧନା ଉତ୍ସବରେ ଜିଲା ଶିକ୍ଷାଅଧିକାରୀ ବୃନ୍ଦାବନ ଶତପଥୀ, ଜିଲା ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଅମିତା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯାଁଳା ପଞ୍ଚାୟତର ସରପଞ୍ଚ ପ୍ରଦୋଷ କୁମାର ଜେନା, ବ୍ଲକ ସହକାରୀ ଶିକ୍ଷାଅଧିକାରୀ ପ୍ରେମାନନ୍ଦ ମହାନ୍ତି, ମନମୋହନ ଭୂୟାଁ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସମସ୍ତ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରି ଦେଶର ଟେକ ରଖିବାକୁ ଅତିଥିମାନେ ବକ୍ତବ୍ୟରେ କହିଥିଲେ। ବ୍ଲକ ଏଲିମେଣ୍ଟାରି ଶିକ୍ଷକ ସଂଘ, ଶିକ୍ଷୟିତ୍ରୀଶିକ୍ଷକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଓ ବିଭାଗୀୟ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ■ ପଢ଼େଇବା ଛାଡ଼ି ଶିକ୍ଷକ ଛାତ୍ରୀଙ୍କୁ କରୁଥିଲେ ଅଶ୍ଳୀଳ ଇଙ୍ଗିତ

## ଲୋକଙ୍କୁ ଦେଖାଇଲେ ଉଠାଇଥିବା ଫଟୋ

■ **ପଞ୍ଚାୟତ ଅଞ୍ଚଳରେ ଉତ୍ତେଜନା**

■ **ତଦନ୍ତକରି ଫେରିଲେ ୨ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ**

**ଖୋର୍ଦ୍ଧା ଅଫିସ/ବୋଲଗଡ,୮।୮(ଡି.ଏନ୍.ଏ.)**

ବୋଲଗଡ ବ୍ଲକ ଅଞ୍ଚଳର ଏକ ସ୍କୁଲରେ ଜଣେ ଶିକ୍ଷକ ପାଠପଢ଼ାକୁ ଛାଡି ସପ୍ତମ ଶ୍ରେଣୀର ଏକାଧିକ ଛାତ୍ରୀଙ୍କୁ କିଛିଦିନ ହେଲା ଅଶ୍ଳୀଳ ଇଙ୍ଗିତ କରି ଆସୁଥିଲେ। ହେଲେ ଛାତ୍ରୀମାନଙ୍କର ନୀରବତାର ସୁଯୋଗ ନେଇ ଶିକ୍ଷକ ଅଶ୍ଳୀଳ ଫଟୋ ଦେଖାଇବା ଘଟଣା ଆଉ ଲୁଚି ନାହିଁ। ଘଟଣା ପଦାକୁ ଆସିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଛି। ବୁଧବାର କେତେଜଣ ଅଭିଭାବକ ଯାଇ ଶିକ୍ଷକଙ୍କୁ ସ୍କୁଲରେ ଖୋଜିଥିଲେ। ହେଲେ ଶିକ୍ଷକ ବାହାନା ଦେଖାଇ ସ୍କୁଲକୁ ଆସି ନ ଥିଲେ। ସେପଟେ କେତେଜଣ ଅଭିଭାବକ ଘଟଣା ସମ୍ପର୍କରେ ବୋଲଗଡ ବ୍ଲକ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଦୁଇଜଣ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୁରୁବାର ତଦନ୍ତ କରି ଫେରିଛନ୍ତି। ସେପଟେ ଘଟଣା ସମ୍ପର୍କରେ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କୁ ପଚାରିବାରୁ ମୁହଁ ଖୋଲୁନାହାନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଶୀତଳଭଣ୍ଡାରକୁ ଫୋପାଡି ଶିକ୍ଷକଙ୍କୁ ସୁରକ୍ଷା ଦେବାକୁ ଲବି ଆରମ୍ଭ ହୋଇଗଲାଣି। ଏ ସମ୍ପର୍କରେ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ମୁଁ ନୂଆ, କିଛି ଜାଣିନି କହି ଏଡାଇ ଯାଇଥିଲେ।

### ଦୋଷୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଉ

ଛାତ୍ରୀଙ୍କୁ ଅଶ୍ଳୀଳ ଫଟୋ ଓ ଇଙ୍ଗିତ କରିଥିବା ଶିକ୍ଷକଙ୍କୁ ନିଲମ୍ବନ ସହ ଗିରଫ କରାଯାଉ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଭଳି କରାଗଲେ ଆଗକୁ କେହି ଏପରି କରିବାକୁ ସାହସ କରିବେ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଗୁରୁ ଶିଷ୍ୟ ସମ୍ପର୍କରେ କଳଙ୍କ ଲାଗିବା ପରେ ସମ୍ପୃକ୍ତ ଶିକ୍ଷକଙ୍କର ଦୋଷକୁ ମାଫ କରାଯିବାକୁ କେତେଜଣ ଲୋକ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି ତା'ର ବିରୋଧାଭାସ ଦେଖାଦେଇଛି। ଗୁରୁବାର ସନ୍ଧ୍ୟାରେ କେତେଜଣ ଯୁବକ ଏକତ୍ରିତ ହୋଇ ଦୋଷୀ ଶିକ୍ଷକଙ୍କୁ ଦଣ୍ଡ ଦେବାକୁ ଶୁକ୍ରବାର ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି। ଛାତ୍ରୀମାନେ ଉପଯୁକ୍ତ ନ୍ୟାୟ ନ ପାଇଲେ ଏଠାରେ ଗଣ୍ଡଗୋଳିଆ ପରିସ୍ଥିତି ଦେଖାଦେବ ବୋଲି ଏବେଠାରୁ ଜଣାପଡିଲାଣି। ଏ ନେଇ ଆଇନଜୀବୀ ପ୍ରଶାନ୍ତ ପରିଡା କୁହନ୍ତି, ଦୋଷୀ ଶିକ୍ଷକ ଖସିଗଲେ ପୁଣି ଆଉ କେଉଁ ସ୍କୁଲରେ ସେପରି ବ୍ୟବହାର ଦେଖାଇବେ। ଏଣୁ ଏଭଳି ଶିକ୍ଷକଙ୍କୁ ଦଣ୍ଡ ନ ଦେଇ ଛାଡିଦେବା ଭବିଷ୍ୟତରେ ପୁଣି କଳଙ୍କିତ ଅଧ୍ୟାୟ ସୃଷ୍ଟି କରିବ। ଅଶ୍ଳୀଳ ଫଟୋ ଓ ଇଙ୍ଗିତ ପାଇଥିବା ଜନୈକା ଛାତ୍ରୀଙ୍କ ମା' କୁହନ୍ତି, ଶିକ୍ଷା ବିଭାଗ ଏହାର ଉପଯୁକ୍ତ ତଦନ୍ତ କରି ଦୋଷୀ ଶିକ୍ଷକଙ୍କୁ ଦଣ୍ଡିତ କରିବା ଦରକାର। ଯଦି ଚାପର ବଶବର୍ତ୍ତୀ ହୋଇ ଛାଡି ଦେବେ ଭବିଷ୍ୟତରେ ପୁଣି ନୂଆ ସମସ୍ୟା ଦେଖାଦେଇପାରେ।

### ■ ଫନୀରେ କ୍ଷତିଗ୍ରସ୍ତ ରେଲୱେ ଷ୍ଟାଡିୟମ

## ୩ ମାସ ପରେ ପୁନରୁଦ୍ଧାର ହେଲାନାହିଁ



ଷ୍ଟାଡିୟମରେ ଭାଙ୍ଗି ପଡିଥିବା ଗଛ ।



ଖେଳପଡିଆ ଖାଲଖମାରେ ଭର୍ତ୍ତି ।

**ଜଟଣୀ ୮।୮(ଡ଼ି.ଏନ.ଏ.)**

**ଖେଳରୁ ବଞ୍ଚିତ ଖେଳାଳି**

ଜଟଣୀସ୍ଥିତ ରେଲୱେ ଷ୍ଟାଡ଼ିୟମ ଉପରେ ବିଭିନ୍ନ ଖେଳର ଖେଳାଳିମାନେ ବିଶେଷ ଭାବେ ନିର୍ଭର କରିଥାନ୍ତି। ଏହାଛଡ଼ା ଅନେକ ବରିଷ୍ଠ ନାଗରିକଙ୍କଠାରୁ ଯୁବତୀଯୁବକମାନେ ମର୍ନିଂ ୱାକ ରେଲୱେର ଏହି ଖେଳପଡ଼ିଆରେ କରିଥାନ୍ତି। ସମସ୍ତ ଭିତିଭୂମି ଥିବା ଭଳି ଜଟଣୀରେ ଏକ ପୂର୍ଣ୍ଣାଙ୍ଗ ଖେଳପଡ଼ିଆ ନ ଥିବାରୁ ଅନେକ ଟୁର୍ନାମେଣ୍ଟ ଓ ମ୍ୟାଚ ଏହି ଷ୍ଟାଡ଼ିୟମରେ ହୋଇଥାଏ। ତେବେ ବାତ୍ୟା ଫନୀରେ ଏହି ଷ୍ଟାଡିୟମରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଦିବାରାତ୍ର ମ୍ୟାଚ ପାଇଁ ଏଠାରେ ଲାଗିଥିବା ଫ୍ଲଡ ଲାଇଟ୍‌ର ୭ଟି ହାଇମ୍ୟାଷ୍ଟ ଷ୍ଟ୍ରକଚର ଭାଙ୍ଗି ପଡ଼ିବା ସହ ନଷ୍ଟ ହୋଇଯାଇଥିଲା। ୨୦୧୫ରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ହାଇମାଷ୍ଟ ଲାଇଟ୍ ପୋଷ୍ଟ ଲାଗିଥିଲା। ଫଳରେ ରାତିରେ ବିଭିନ୍ନ ମ୍ୟାଚ୍ ଓ ଟୁର୍ନାମେଣ୍ଟ ଆୟୋଜିତ ହୋଇପାରୁଥିଲା। ଏହି ଷ୍ଟ୍ରକଚରଗୁଡ଼ିକ ଭାଙ୍ଗିଯିବା ଦ୍ୱାରା ବାତ୍ୟା ପୂର୍ବରୁ ଆରମ୍ଭ ହୋଇଥିବା ନୀଳାଞ୍ଚଳ ଏକ୍ସପ୍ରେସ୍ ଫୁଟବଲ୍ ଟୁର୍ନାମେଣ୍ଟ ବାଧାପ୍ରାପ୍ତ ହୋଇଥିଲା। ଅଧାରୁ ଟୁର୍ନାମେଣ୍ଟକୁ ବନ୍ଦ କରିବାକୁ ପଡ଼ିଥିଲା। ଏଥିସହ ଷ୍ଟାଡ଼ିୟମର ଗ୍ୟାଲେରୀ, ପାଚେରି, ଶୌଚାଳୟ ଆଦି ଅନେକ ଭିତିଭୂମି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟା ପରଠାରୁ ଏହି ଖେଳପଡ଼ିଆରେ କୌଣସି ଖେଳ ହୋଇପାରୁନାହିଁ। ଖେଳାଳିମାନେ ପଡ଼ିଆରେ ଅଭ୍ୟାସ କରିବା ସହ ମର୍ନିଂ ୱାକ କରିବାରୁ ବଞ୍ଚିତ ହେଉଛନ୍ତି। ପୂର୍ବତନ ଫୁଟବଲ୍ ଖେଳାଳି ତଥା ଅବସରପ୍ରାପ୍ତ ରେଳ କର୍ମଚାରୀ ସୁମନ ପଟ୍ଟନାୟକ କୁହନ୍ତି, ଏହି ଖେଳପଡ଼ିଆରୁ ପ୍ରାକ୍ଟିସ୍ କରି ଅନେକ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ ଭାଗ ନେବାରେ ସକ୍ଷମ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ସହ ଅଗ୍ରଣୀ ଘରୋଇ ସଂସ୍ଥାରେ ନିଯୁକ୍ତି ମଧ୍ୟ ପାଇଛନ୍ତି। ଜଟଣୀର ଏହି ଗୁରୁତ୍ୱପୂର୍ଣ୍ଣ ଷ୍ଟାଡ଼ିୟମ ବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏଣୁ ଶୀଘ୍ର ଏହାର ପୁନରୁଦ୍ଧାର ଉପରେ ରେଲୱେ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ ରହିଛି। ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର ଖୋର୍ଦ୍ଧାରୋଡ଼ ଡିଭିଜନ ଓପନ୍ ଲାଇନ୍ ଶାଖାର ସମ୍ପାଦକ ଏଲ୍.ଡି. ମହାନ୍ତି କୁହନ୍ତି ଖେଳାଳିମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୀଘ୍ର ଷ୍ଟାଡିୟମର ପୁନରୁଦ୍ଧାର ଉପରେ ରେଲୱେର ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଉଚିତ।

### ■ ଗୋଲାପାଟଣା ପ୍ରାଥମିକ ବିଦ୍ୟାଳୟ

## ଆମ ପିଲାଙ୍କୁ ନ ଫେରାଇଲେ ଆନ୍ଦୋଳନ

**ବେଗୁନିଆ, ୮।୮ (ଡି.ଏନ.ଏ.)**-

ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅଳ୍ପ ପିଲା ଆସୁଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ଏକ ଅଭିନବ ପଦକ୍ଷେପ ନିଆଯାଇଛି। ଉକ୍ତ ବିଦ୍ୟାଳୟଗୁଡିକୁ ବନ୍ଦ କରି ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରି ଦିଆଯାଇଛି। ଏଭଳି ବେଗୁନିଆ ବ୍ଲକର ୧୩ଟି ପ୍ରାଥମିକ ବିଦ୍ୟାଳୟକୁ ଚଳିତ ଶିକ୍ଷା ବର୍ଷରେ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ସାମିଲ କରାଯାଇଛି। ଫଳରେ ଅଭିଭାବକମାନଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ବନ୍ଦ ହୋଇଥିବା ବିଦ୍ୟାଳୟର ଗ୍ରାମବାସୀ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି ଏବଂ ଜିଲା ପ୍ରଶାସନ ନିକଟକୁ ଦୌଡି ଦୌଡି ନୟାନ୍ତ ହେଲେଣି। ହେଲେ ଭୁଲ କାହାର ବୋଲି ସ୍ଥାନୀୟ ଅଞ୍ଚଳରେ ସ୍ୱର ଉଠିଲାଣି। ସରକାରୀ ସ୍କୁଲ ଛାଡି କ'ଣ ପାଇଁ ଘରୋଇ ସ୍କୁଲ ମୁହାଁ ପିଲା ହେଉଛନ୍ତି ଅଭିଭାବକ ତା'ର ପ୍ରକୃତ କାରଣ ସରକାର ବୋଧେ ଜାଣୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ବିଦ୍ୟାଳୟକୁ ଦୈନିକ ଶିକ୍ଷକମାନେ ଆସୁ ନ ଥିବା ବେଳେ ଅନେକ ବ୍ୟତିକ୍ରମ ମଧ ଘଟାଉଛନ୍ତି। ସ୍ଥାନୀୟ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଭାବକମାନଙ୍କ ପକ୍ଷରୁ ଅଭିଯୋଗ କଲେ ତା'ର ସୁଫଳ ନ ପାଇ ଉକ୍ତ ବିଦ୍ୟାଳୟରୁ ଆମେ ମୁହଁ ଫେରାଉଛୁ ବୋଲି ଗୋଲାପାଟଣା ପ୍ରାଥମିକ ବିଦ୍ୟାଳୟର ଅଭିଭାବକମାନେ ମତ ଦେଇଛନ୍ତି। ସେହିପରି ଗୋଲାପାଟଣା ସ୍କୁଲଠାରୁ ଭୂଇଁପୁର ସ୍କୁଲର ଦୂରତା ପ୍ରାୟ ୧.୫ କିମିରୁ ଅଧିକ। ଆମେ ଏତେବାଟ ବସ୍ତାନୀ ଭାର ବୋହି ଚାଲି କରିଯିବା ସମ୍ଭବ ପର ନୁହେଁ ବୋଲି ଆଳ ଦେଖାଇ କୋମଳମତି ପିଲାମାନେ ସ୍କୁଲକୁ ଯାଉନାହାନ୍ତି। ତେବେ ସଭିଏଁ ପଢିବା ସଭିଏଁ ବଢିବା, ଆସ କୁନିକୁନି ଭାଉଣୀଭାଇ ମଣିଷ ତିଆରି କାରଖାନରେ ସାକ୍ଷର ହେବା ମହତ୍ତ ବାର୍ତ୍ତା ଆଜି ଅବାଟକୁ ଚାଲିଯିବ ବୋଲି ବହୁ ଶିକ୍ଷାବିତ୍ ମତ ଦେଇଛନ୍ତି। ପିଲାମାନଙ୍କ ଭବିଷ୍ୟତ ବାଟ ଅନ୍ଧକାର ନ ହେଉ ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି। ତେବେ ପ୍ରକୃତ ଭୁଲ କାହାର ଏହାର ବାସ୍ତବତାକୁ ପ୍ରଥମେ ସ୍ଥିରୀକୃତ କରାଯାଉ ବୋଲି ବନ୍ଦ ହୋଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କହିଛନ୍ତି।




ଗୋଲପାଟଣା ପ୍ରାଥମିକ ବିଦ୍ୟାଳୟର ଅଭିଭାବକମାନେ ଫାଟକ ସମ୍ମୁଖରେ ପ୍ରତିବାଦ କରୁଛନ୍ତି।

## ୧୧ରେ ଆନ୍ତର୍ଜାତିକ ଗ୍ରୀନ୍ ୱାକ୍‌ଥନ୍ : ଶୋଭାଯାତ୍ରାରେ ବୁଲିଲା ଲୋଗୋ

**ଖୋର୍ଦ୍ଧା ଅଫିସ,୮।୮**

ଆସନ୍ତା ୧୧ ତାରିଖରେ ରାମେଶ୍ୱରଠାରେ ଅନୁଷ୍ଠିତ ହେବ ଆନ୍ତର୍ଜାତିକ ଗ୍ରୀନ୍ ୱାକ୍‌ଥନ୍ ସାରସ୍ୱତ ସାଂସ୍କୃତିକ ସମାବେଶ। ଏହାର ଲୋଗୋକୁ ଭୁବନେଶ୍ୱରରେ ରାଜ୍ୟପାଳ ଗଣେଶୀ ଲାଲ ଉଦ୍‌ଘାଟନ କରିଥିଲେ। ସେହି ଲୋଗୋ ଗୁରୁବାର ଶୋଭାଯାତ୍ରାରେ ଖୋର୍ଦ୍ଧା ସହର ପରିକ୍ରମା କରିଥିଲା। ଏହି ଅବସରରେ ପ୍ରେରଣା ଗ୍ରୀନ ଆର୍ମି, ସିଗମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସୁସ୍ଥ ପରିବେଶ, ସୁସ୍ଥ ଜୀବନ, ଗୋଟିଏ ଗଛ କୋଟିଏ ଜୀବନ ନାରା ଦେଇ ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରା ପୂର୍ବରୁ ଖୋର୍ଦ୍ଧା ଟାଉନ ହଲଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେରଣା ଗ୍ରୀନ ଅର୍ମିର ଚିଫ୍ କମାଣ୍ଡର ଦିଲୀପ ଶ୍ରୀଚନ୍ଦନ କହିଥିଲେ ଆନ୍ତର୍ଜାତିକ ଗ୍ରୀନ୍ ୱାକ୍‌ଥନ୍ ସାରସ୍ୱତ ସାଂସ୍କୃତିକ ସମାବେଶରେ ୧୪ ଗୋଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ। ସେହିପରି ରାଜ୍ୟର ସାହିତ୍ୟିକ, ସାମାଜିକ କର୍ମୀ, ଚିତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ, କ୍ରୀଡାବିତ୍, ଗଣମାଧ୍ୟମର ପ୍ରତିନିଧି, ରାଜନେତା ଯୋଗ ଦେବେ। ସଭା ଓ ଶୋଭାଯାତ୍ରାରେ ଆଇନଜୀବୀ ଶିଶିର ପରିଡା, ନରେନ୍ଦ୍ର ପୃଷ୍ଟି, ବିଚିତ୍ର ମାର୍ଥା, ଶିକ୍ଷକ ତୁଷାରକାନ୍ତି ମହାନ୍ତି ଯୋଗ ଦେଇଥିଲେ।



### ଡାଲା ଅଟୋକୁ ଅଟକାଇ ମୋବାଇଲ, ଟଙ୍କା ଲୁଟ୍

**ଖୋର୍ଦ୍ଧା ଅଫିସ,୮।୮:**

ଖୋର୍ଦ୍ଧା ଆଦର୍ଶ ଥାନାର ଜାଗୁଲାଇପାଟଣା ଠାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ଡାଲା ଅଟୋ ଅଟକାଇ ମୋବାଇଲ ଓ ୪ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ଡାଲା ଅଟୋ ଡ୍ରାଇଭର କଟକର ଯତୀନ୍ଦ୍ର ନାଥ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୩୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ସୁବର୍ଣ୍ଣ ଜୟନ୍ତୀ ପାଳନ ସ୍ମୃତି ସମାରୋହ

### ରାଷ୍ଟ୍ରପତି ଭବନକୁ ପଠାଗଲା ବିଦ୍ୟାଳୟ ଫଟୋ

**ନିରାକାରପୁର,୮।୮(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ରାମେଶ୍ୱର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ୨୦୧୫ ଅଗଷ୍ଟ ୭ରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ସେ ବିଦ୍ୟାଳୟ ପରିସରରେ ଏକ ବଉଳ ଚାରା ରୋପଣ କରିଥିଲେ। ଗୁରୁବାର ଉକ୍ତ ଜୟନ୍ତୀ ପାଳନର ୪ର୍ଥ ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟ ପରିସରରେ ସୁବର୍ଣ୍ଣ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉଲ୍ଲେଖଯୋଗ୍ୟ, ଏହି ବୃକ୍ଷ ସହ ଶିକ୍ଷାବିତ୍, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଫଟୋ ରାଷ୍ଟ୍ରପତି ଭବନକୁ ପଠାଯାଇଛି। ସମାରୋହରେ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ର ପୌରୋହିତ୍ୟ କରିଥିବାବେଳେ ଖୋର୍ଦ୍ଧା ପ୍ରାକ୍ତନ ବିଧାୟକ ତଥା ପ୍ରେରଣା ଅନୁଷ୍ଠାନର ଅଧ୍ୟକ୍ଷ ଡ. ଦିଲୀପ କୁମାର ଶ୍ରୀଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସୁବର୍ଣ୍ଣ ଜୟନ୍ତୀ ସ୍ମୃତିର ଆବାହକ ଇଂ. ବିଶ୍ୱମୋହନ ପଟ୍ଟନାୟକ, ଗ୍ରାମ କମିଟି ସଭାପତି ନୀଳକଣ୍ଠ ରଥ ପ୍ରମୁଖ ଉତ୍ତମ ପରିବେଶ ପ୍ରତିଷ୍ଠା ନିମନ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ସ୍ମୃତି ସମାରୋହ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଚନ୍ଦ୍ରମୋହନ ପଟ୍ଟନାୟକ, ରାକେଶ ତ୍ରିପାଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମୋ ସ୍କୁଲ ଅଭିଯାନର ସମ୍ପାଦକ ବୀରେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ପୂର୍ବତନ ରାଷ୍ଟ୍ରପତିଙ୍କ ଦ୍ୱାରା ରୋପିତ ବୃକ୍ଷ ନିକଟରେ ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର।

### ■ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣା

## ଅନ୍ଧାରରେ ବାଡ଼ି ବୁଲାଉଛି କ୍ରାଇମବ୍ରାଞ୍ଚ

**ଖୋର୍ଦ୍ଧା ଅଫିସ,୮।୮:**

**୩ ସନ୍ଦିଗ୍ଧଙ୍କ ଫୁଟେଜ୍ ଜାରି ପରେ ବି ଟେର ପାଉନି ହତ୍ୟାକାରୀଙ୍କର**

ବହୁ ଚର୍ଚ୍ଚିତ ଭାଜପା ନେତା ମଙ୍ଗୁଳି ଜେନା ହତ୍ୟା ଘଟଣାର ହତ୍ୟାକାରୀଙ୍କୁ ଧରିବା ଓ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ୩ ସନ୍ଦିଗ୍ଧଙ୍କ ଫୁଟେଜ ଜାରି କରିବାର ୩ ମାସରୁ ଊର୍ଦ୍ଧ୍ୱ ବିତିଯିବାକୁ ବସିଥିବାବେଳେ କ୍ରାଇମବ୍ରାଞ୍ଚର ହାତ ଖାଲି ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି।

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ତଥା ନିରାକାରପୁର ଥାନା ବଡପୋଖରିଆର ପୂର୍ବତନ ସରପଞ୍ଚ ମଙ୍ଗୁଳିଙ୍କୁ ଏପ୍ରିଲ ୧୪ ରାତିରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କାଳୁଚରଣ ଖଣ୍ଡାଇତରାୟଙ୍କର ନବୀନାବାଗସ୍ଥିତ ଘର ସମ୍ମୁଖରେ ହୋଇଥିଲା। ଏହି ହତ୍ୟାକାଣ୍ଡ ନେଇ ଭାଜପା ବିଜେଡିକୁ ଦାୟୀ କରି ଆନ୍ଦୋଳନକୁ ଓହ୍ଲାଇଥିଲା। ଏପ୍ରିଲ ୧୪ ରାତିରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଏପ୍ରିଲ ୧୫ ପର୍ଯ୍ୟନ୍ତ କରାଯାଇ ୬ ଘଣ୍ଟିଆ ଖୋର୍ଦ୍ଧା ବନ୍ଦ କରାଯାଇଥିଲା। ସେହିଭଳି ଏପ୍ରିଲ ୧୬ରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଖବରଦାତା ସମ୍ମିଳନୀ କରି ହତ୍ୟାକାଣ୍ଡରେ ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି ବୋଲି କହିଥିଲେ। ଏପରିକି ମଙ୍ଗୁଳି ହତ୍ୟାକାଣ୍ଡର ତଦନ୍ତ କ୍ରାଇମବ୍ରାଞ୍ଚ ନେଲା ବୋଲି କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଦୁଇ ସନ୍ଦିଗ୍ଧ ବ୍ୟକ୍ତି ସମ୍ପୃକ୍ତ ନ ଥିବା ଦର୍ଶାଇ ଛାଡି ଦେଇଥିଲା। ସେହିଭଳି ଏପ୍ରିଲ ୨୧ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଗୋଟିଏ ୧ ମିନିଟ୍ ଓ ଅନ୍ୟଟି ୩୬ ସେକେଣ୍ଡର ଦୁଇଟି ଭିଡିଓ ଫୁଟେଜ ଜାରି କରାଯାଇଥିଲା। ଦୁଇ ଫୁଟେଜରେ ୩ ଜଣ ଯୁବକ ହତ୍ୟାକାଣ୍ଡସ୍ଥଳଠାରୁ କିଛି ଦୂର ଏକ ଛକରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଗୋଟିଏ ଫୁଟେଜରେ ୩ ଜଣ ଯୁବକ ଗୋଟିଏ ବାଇକ୍‌ରେ ଆସିଥିଲେ। ଏଥିରୁ ୨ ଜଣ ଓହ୍ଲାଇ ଛକରେ ବସିଥିବାବେଳେ ବାଇକ୍ ଚାଳକ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା କାଳୁ ଚରଣ ଖଣ୍ଡେଇତରାୟଙ୍କର ଘର ଦେଇ ଯାଇଥିଲେ। ଅନ୍ୟ ଭିଡିଓରେ ବାଇକ୍ ଚାଳକ ଫେରି ଆସି ଛାଡି ଯାଇଥିବା ଦୁଇ ଯୁବକଙ୍କ ସହ ଆଲୋଚନା କରିଥିଲେ। ତେବେ ଗୁଳିକାଣ୍ଡ ସମୟର କୌଣସି ଫୁଟେଜ୍ କ୍ରାଇମବ୍ରାଞ୍ଚ ପାଇଥିବା ପ୍ରକାଶ କରି ନ ଥିଲା। ପୁଣ ଗୁଳି ଓ ଲକ୍ଷ୍ୟଭ୍ରଷ୍ଟ ହୋଇ କାନ୍ଥରେ ଲାଗିଥିବା ଗୁଳିର ସ୍ଥାନକୁ କ୍ରାଇମବ୍ରାଞ୍ଚର ସାଇଣ୍ଟଫିକ୍ ଟିମ୍ ତଦନ୍ତ କରି ଫେରିଥିଲା। ତେବେ ପୋଲିସ ପରି କ୍ରାଇମବ୍ରାଞ୍ଚ ମଙ୍ଗୁଳି ହତ୍ୟାକାଣ୍ଡରେ ଫେଲ ହୋଇ ସାରିଲାଣି ବୋଲି କୁହାଯାଉଛି। ଅନ୍ୟପକ୍ଷେ ନିର୍ବାଚନ ସମୟରେ ଭାଜପା ମଙ୍ଗୁଳି ହତ୍ୟାକାଣ୍ଡକୁ ଗୁରୁତ୍ୱ ଦେଇ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ହତ୍ୟାକାରୀଙ୍କୁ ଧରିବାକୁ ଚାପ ପ୍ରୟୋଗ କରିଥିଲେ। ତେବେ ନିର୍ବାଚନ ଶେଷ ପରେ ଭାଜପା ନେତାଙ୍କ ସ୍ୱର ଦବି ଯାଇଛି। ଏହି ପ୍ରସଙ୍ଗ ଏବେ ଶୀତଳଭଣ୍ଡାରକୁ ଚାଲି ଯାଇଛି। ହତ୍ୟାକାରୀଙ୍କୁ ଧରିବା ଦିଗରେ କ୍ରାଇମବ୍ରାଞ୍ଚର ଅସଫଳତାକୁ ନେଇ ଭାଜପା ନେତାମାନେ ଚୁପ ହୋଇ ବସି ରହିବାର କାରଣ ବୁଝାପଡୁନି।



ପୁରୁଷାର୍ଥ ହୀନ ବ୍ୟକ୍ତି ବଞ୍ଚିଥାଉ ଥାଉ ମରିଥାଏ।
-ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଏନ୍‌ଏସିର ଚଢ଼ାଉ: ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ

ନିମାପଡ଼ା,୮।୮(ଡି.ଏନ୍.ଏ.): ନିମାପଡ଼ା ଏନ୍‌ଏସି ପକ୍ଷରୁ ଗୁରୁବାର ବଡ଼ବଜାର, ରାଜାବଜାର, ଦୋଳବେଦୀ ଛକ, ପୁରୁଣା ବସଷ୍ଟାଣ୍ଡ, ଗଣେଶ ବଜାର ଆଦି ଅଞ୍ଚଳରେ ଥିବା ୧୨ ଗ୍ରସେରି ଦୋକାନ, ୫ ଜଳଖିଆ ଦୋକାନ, ୪ ହୋଟେଲ ଓ କେତେକ ଗୋଦାମ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବହୁ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜବତ ହୋଇଥିଲା। ଯଦି କୌଣସି ବ୍ୟବସାୟୀ ପଲିଥିନ, ପ୍ଲାଷ୍ଟିକର ବ୍ୟବହାର ଓ ବିକ୍ରି କରନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ୍ ଦାସ କହିଛନ୍ତି। ଏହି ଚଢ଼ାଉ ବେଳେ କେତେଜଣ ବ୍ୟବସାୟୀ ଗୋଦାମ ବନ୍ଦ କରି ଖସି ପଳାଉଥିବା ଦେଖିବାକୁ ମିଳିଥିଲା। ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଦାସଙ୍କ ନେତୃତ୍ୱରେ ପୋଲିସ ବାହିନୀଙ୍କ ସହାୟତାରେ ଏହି ଚଢ଼ାଉ କରାଯାଇଥିଲା। ନିମାପଡ଼ା ସହରରୁ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ କରି ଏକ ସୁନ୍ଦର ସହର ଗଢ଼ିବା ଏନ୍‌ଏସିର ମୂଳମନ୍ତ୍ର ବୋଲି ତହସିଲଦାର ଦାସ କହିଛନ୍ତି।

### ଜବରଦଖଲରେ ପୁରୀ-ସାତପଡ଼ା ଜାତୀୟ ରାଜପଥ

ବ୍ରହ୍ମଗିରି, ୮।୮(ଡି.ଏନ୍.ଏ.): ପୁରୀ-ସାତପଡା ଜାତୀୟ ରାଜପଥ ଏବେ ଦିନକୁ ଦିନ ଜବରଦଖଲକାରୀଙ୍କ କବ୍‌ଜାରେ ରହୁଛି। ଜାତୀୟ ରାଜପଥ ସଙ୍କୁଚିତ ହେବା କାରଣରୁ ବିଭିନ୍ନ ଦୁର୍ଘଟଣା ବଢୁଛି ଏନେଇ ବ୍ରହ୍ମଗିରି ସଚେତନ ମଞ୍ଚ ତରଫରୁ ବିନାୟ ପାତ୍ର ଗୁରୁବାର ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ପୁରୀ-ସାତପଡା ଜାତୀୟ ରାଜପଥରେ ପ୍ରତ୍ୟେକ ଦିନ ରାଜ୍ୟ ତଥା ବାହାରର ହଜାର ହଜାର ଯାନବାହନ ଯାତାୟାତ କରୁଛି। କିନ୍ତୁ କେତକ ଅସାଧୁ ବ୍ୟବସାୟୀ ରାଜରାସ୍ତାର ଦୁଇ ପାର୍ଶ୍ୱରେ ଇଟା, ବାଲି, ଗୋଡି ଗଦା କରି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତାପାର୍ଶ୍ୱରେ ଏସବୁ ଜମା ହୋଇ ରାସ୍ତା ସଙ୍କୁଚିତ ହେଉଛି। ପବନ ଦ୍ୱାରା ବାଲି ଉଡି ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଆଖିରେ ପଡିବାରୁ ବିଭିନ୍ନ ଦୁର୍ଘଟଣା ମାନ ଘଟୁଛି। ତୁରନ୍ତ ଏମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାସ୍ତା ପାର୍ଶ୍ୱରୁ ଏହି ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଛନ୍ତି।

### ନଡ଼ିଆ ଚାରା ବାଣ୍ଟିଲେ ବିଧାୟକ

ସାକ୍ଷୀଗୋପାଳ, ୮।୮(ଡି.ଏନ୍.ଏ.)- ବାତ୍ୟାରେ ଅଧିକ ନଡିଆ ଗଛ ହରାଇଥିବା ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ଗ୍ରାମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଗୁରୁବାର ନଡିଆ ଓ କଦଳୀ ଚାରା ବଣ୍ଟନ କରିଛନ୍ତି। ଇଫକୋ ପକ୍ଷରୁ ବାତ୍ୟା ପ୍ରଭାବିତ ଚାଷୀଙ୍କୁ କୃଷି ସହାୟତା ଯୋଜନାରେ ଏହି ପଞ୍ଚାୟତରେ ୧ ହଜାର ୬ଶହ ଚାଷୀଙ୍କୁ ୫ଟି ଲେଖାଏଁ ନଡିଆ ଓ କଦଳୀ ଚାରା ବଣ୍ଟନ କରିଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଇଫକୋର କ୍ଷେତ୍ର ଅଧିକାରୀ ଗଣେଶ ପ୍ରସାଦ ପାଢ଼ୀ, ସ୍ଥାନୀୟ ସରପଞ୍ଚ ଭାନୁମତି ମୁଦୁଲି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଚାରା ବଣ୍ଟନ କରିଥିଲେ। ପୂର୍ବତନ ସମିତି ସଭ୍ୟ ଶଙ୍କର ପ୍ରଧାନ, ମହମ୍ମଦ ଜିକିରିଆ, ଦୁର୍ଗା ପ୍ରସାଦ ମିଶ୍ର, ବିଷ୍ଣୁ ପ୍ରସାଦ ମିଶ୍ର, ନାରାୟଣ ମିଶ୍ର, ବିଜୟଲକ୍ଷ୍ମୀ ମିଶ୍ର, ଲକ୍ଷ୍ମୀଧର ମିଶ୍ର, ଶିବନ ସେଠୀ, ୱାର୍ଡସଭ୍ୟାସଭ୍ୟ ଓ ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### ବେଆଇନ୍ ମଦ ବନ୍ଦ ପାଇଁ ଏକଜୁଟ ହେଲେ ମହିଳା

ବ୍ରହ୍ମଗିରି, ୮।୮(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକରେ ଦିନକୁ ଦିନ ବେଆଇନ୍ ମଦ କାରବାର ବଢ଼ିବା ସହିତ ମଦ୍ୟପଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ନିଶା ବେପାରକୁ ରୋକିବା ପାଇଁ ଗୁରୁବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସଂକଳ୍ପ ନେଇଛନ୍ତି। ଗୋରୁଆଳ ବାତ୍ୟା ଆଶ୍ରୟସ୍ଥଳୀଠାରେ ଉକ୍ତ ଗ୍ରାମର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଶପଥ ଗ୍ରହଣ କରିଥିଲେ। ପରେ ଗୋରୁଆଳ ସମେତ ପାଖାପାଖି ଗ୍ରାମମାନଙ୍କରେ ଥିବା ବେଆଇନ୍ ମଦ ବେପାରୀଙ୍କ ନିକଟକୁ ଯାଇ ମଦ ବ୍ୟବସାୟ ବନ୍ଦ କରିବା ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ସଚେତନ କରିଥିଲେ। ଏଥିରେ ବ୍ୟତିକ୍ରମ ହେଲେ ଆଗାମୀ ଦିନରେ ମଦ ବିରୋଧୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ମହିଳା ମାନେ ଚେତାବନୀ ଦେଇଛନ୍ତି। ମାନସ ବିଶ୍ୱାଳ, କବିତା ସାହୁ, ଚୁନି ମିଶ୍ର, ରାଜଶ୍ରୀ ସ୍ୱାଇଁ, ଲାବଣ୍ୟ ପ୍ରଧାନ, ଜହ୍ନ ରାଉତ, ଜୟନ୍ତୀ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ବେହେରା, ବାସନ୍ତୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

■ ପେଣ୍ଠକଟାର ସ୍ୱଚ୍ଛତା ଉପରେ ଜିଲାପାଳଙ୍କ ଗୁରୁତ୍ୱ

# ପ୍ଲାଷ୍ଟିକ୍, ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ

ପୁରୀ ଅଫିସ,୮।୮:

ବାତ୍ୟା ଫନୀରେ ପୁରୀ ସହରସ୍ଥ ବସ୍ତିଗୁଡ଼ିକ ମଧ୍ୟରୁ ସମୁଦ୍ର ଉପକୂଳ ପେଣ୍ଠକଟା ବସ୍ତି ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏଠାରେ ବ୍ୟାପକ ସଂଖ୍ୟାରେ ଘର ଭାଙ୍ଗିଥିଲା। ତେଣୁ ଏହି ଅଞ୍ଚଳର ସ୍ୱଚ୍ଛତା ଓ ପରିମଳ ଉପରେ ଗୁରୁତ୍ୱ ଦେଇଛି ଜିଲା ପ୍ରଶାସନ। ପେଣ୍ଠକଟା ଅଞ୍ଚଳରୁ ଆବର୍ଜନା ହଟାଇବା ସହ ଶୌଚାଳୟ ନିର୍ମାଣ ସଂକ୍ରାନ୍ତରେ ଜିଲାପାଳ ବଲୱନ୍ତ ସିଂ ଗୁରୁବାର ପେଣ୍ଠକଟା ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ଏ ନେଇ ଟାଉନ ହଲ୍ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନିକ ଅଧିକାରୀ ଏବଂ ପେଣ୍ଠକଟା ବାସିନ୍ଦା ଯୋଗଦେଇଥିଲେ।

ପେଣ୍ଠକଟା ଅଞ୍ଚଳର ପ୍ରତି ଗଳିରୁ ଆବର୍ଜନା ହଟାଇବା ପାଇଁ ପୁରୀ ପୌର ସଂସ୍ଥାକୁ ସହଯୋଗ କରିବା ଲାଗି ବସ୍ତିବାସିନ୍ଦାଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିପାଇଁ ବସ୍ତିବାସିନ୍ଦାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ

### ଗାନ୍ଧୀ ଜୟନ୍ତୀ ପୂର୍ବରୁ ଶୌଚାଳୟ ନିର୍ମାଣ ସରିବ



ଜିଲାପାଳ ବଲୱନ୍ତ ସିଂ ଟାଉନ୍‌ହଲ୍‌ରେ ପେଣ୍ଠକଟାବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପେଣ୍ଠକଟାର ୪ଟି ୱାର୍ଡ ପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ କେ. ରାଜୁ, ଜି. ନାଗେଶ୍ୱର ରାଓ, ଜେ. ଚିନ୍ମୟୀ, ଜି. ଏରମା, ଆପଲା ରାଜୁ, କେ. ବାବୁ ରାଓ, ବି. କୋଦମା, ଚିନ୍ନାମା ଏବଂ ବାବୁଲା ପ୍ରସାଦ ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟି ଆବଶ୍ୟକ ବେଳେ ପୁରୀ ପୌରସଂସ୍ଥାର ନିର୍ବାହୀ ଅଧିକାରୀ କିମ୍ବା ଜିଲାପାଳଙ୍କ ସହ ଆଲୋଚନା କରିବ। କମିଟିର ସଭ୍ୟମାନେ ପ୍ରତ୍ୟେକ ଗଳିରେ ବାସିନ୍ଦାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବେ। ପ୍ରଥମ ୧ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଘରୁ ଆବର୍ଜନା ସଂଗ୍ରହ ପାଇଁ ପୌରସଂସ୍ଥା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ଆବର୍ଜନା ସଂଗ୍ରହ ଦିଗରେ ବଡ଼ଧରଣର ପରିବର୍ତ୍ତନ ଅଣାଯିବ। ଏପରିକି ପେଣ୍ଠକଟା ଅଞ୍ଚଳରେ ଥିବା ପ୍ରାୟ ୫ହଜାର ବାସଗୃହ ପାଇଁ ଶୌଚାଳୟ ନିର୍ମାଣ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରାଯିବ। ୭ଦିନ ମଧ୍ୟରେ ଏହି ରିପୋର୍ଟ ଦିଆଯିବ। ଆସନ୍ତା ଗାନ୍ଧୀ ଜୟନ୍ତୀ ସୁଦ୍ଧା ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏତଦ୍‌ବ୍ୟତୀତ ବେଳାଭୂମିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସହଯୋଗ କରିବାକୁ ପେଣ୍ଠକଟାବାସୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ଲାଷ୍ଟିକ କିମ୍ବା ପଲିଥିନ ସାମଗ୍ରୀ ପରିବର୍ତ୍ତେ ପରିବେଶ ଉପଯୋଗୀ ସାମଗ୍ରୀ ବ୍ୟବହାର କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ପୁରୀ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସମୁଦ୍ର କଡ଼ରେ ଅବସ୍ଥିତ ପେଣ୍ଠକଟା ଅଞ୍ଚଳକୁ ପରିଷ୍କାର ରଖିବା ଲାଗି ପେଣ୍ଠକଟା ବେଳାଭୂମିକୁ ସଫେଇ କରାଯାଉଛି। ଗୁରୁବାର ପୁରୀ ପୌରସଂସ୍ଥା, ଜାଗୃତି ଏବଂ ପେଣ୍ଠକଟା ଅଞ୍ଚଳବାସୀଙ୍କ ପକ୍ଷରୁ ବେଳାଭୂମି ସଫେଇ କରାଯାଇଥିଲା। ବୁଧବାର ସ୍ୱେଚ୍ଛାସେବୀ ସଙ୍ଗଠନ 'ହୋପ୍ ଇଜ୍ ଲାଇଫ୍' ପକ୍ଷରୁ ବେଳାଭୂମି ସଫେଇ କରାଯାଇଥିଲା। ଏଣିକି ବେଳାଭୂମିରେ କୌଣସି ପ୍ରକାର ଆବର୍ଜନା ନ ପକାଇବାକୁ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଛି।

# ସମ୍ବିଧାନର ଧାରା ୨୫ କ୍ରିୟାନ୍ୱିତ କରାଯାଉ : ଶଙ୍କରାଚାର୍ଯ୍ୟ

### ଅନୁଚ୍ଛେଦ ୩୭୦ ଉଚ୍ଛେଦ ଦ୍ୱାରା ଭାରତ ନିଜ ମାର୍ଗ ପ୍ରଶସ୍ତ କରିଛି

ପୁରୀ ଅଫିସ, ୮।୮:



ଭାରତୀୟ ସମ୍ବିଧାନର ଧାରା ୨୫କୁ କ୍ରିୟାନ୍ୱିତ କରିବା ଲାଗି ଗୋବର୍ଦ୍ଧନ ପୀଠାଧୀଶ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ଗୁରୁବାର ଗୋବର୍ଦ୍ଧନ ପୀଠରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ସରକାର ଅଥବା ବିପକ୍ଷ ଦଳ ପ୍ରତ୍ୟେକଙ୍କ ଉତ୍ତରଦାୟିତ୍ୱ ହେଉଛି ରାଷ୍ଟ୍ରର କଲ୍ୟାଣ ପାଇଁ କାର୍ଯ୍ୟ କରିବା। ସେହି ଦୃଷ୍ଟିରୁ ରାଜନୈତିକ ଦଳଗୁଡ଼ିକ ଧାରା ୨୫କୁ କ୍ରିୟାନ୍ୱିତ କରିବା ଲାଗି ମାର୍ଗ ପ୍ରଶସ୍ତ କରିବା ଉଚିତ। ଏକ ବିଶାଳ ବଟବୃକ୍ଷରୁ ଗୋଟିଏ କି ଦୁଇଟି ଶାଖା କଟିଗଲେ, ବଟବୃକ୍ଷ ମରିଯାଏ ନାହିଁ କି ଏହାର ମୌଳିକତା ହଜିଯାଏ ନାହିଁ। ମାତ୍ର କଟିଯାଇଥିବା ଶାଖାର ଅସ୍ତିତ୍ୱ ବିଲୁପ୍ତ ହୋଇଯାଏ। ଜୈନ, ବୌଦ୍ଧ, ଶିଖମାନଙ୍କ ମୌଳିକ କର୍ତ୍ତବ୍ୟ ହେଉଛି ସେମାନେ ନିଜକୁ ହିନ୍ଦୁ ଘୋଷଣା କରନ୍ତୁ। ଏହାଦ୍ୱାରା ବିଶ୍ୱସ୍ତରରେ ହିନ୍ଦୁ ଧର୍ମ ଓ ସଂସ୍କୃତିର ବିସ୍ତାର ଘଟିବ। କାହାର ଅସ୍ତିତ୍ୱ ବିଲୋପ ଲାଗି ନୁହେଁ ବରଂ ବସୁଧୈବ କୁଟୁମ୍ବକମ୍ ଭାବଧାରା ନିମନ୍ତେ ମୁଁ ଏହି ସନ୍ଦେଶ ଦେଉଛି। ସେ ଆହୁରି କହିଛନ୍ତି ଯେ, ଇଂରେଜ କୂଟନୀତି କାରଣରୁ ସ୍ୱତନ୍ତ୍ର ଭାରତରେ ହିନ୍ଦୁଙ୍କ ଅସ୍ତିତ୍ୱ ହଜିଯାଇଛି। ଏଥିଲାଗି ଭୟଙ୍କର ଷଡ଼ଯନ୍ତ୍ର ଚାଲିଛି। ଇଂରେଜ କୂଟନୀତି କରି ୧୮୪୬ରେ ଆଫଗାନିସ୍ତାନ ପରେ ବର୍ମା, ଶ୍ରୀଲଙ୍କା, ପାକିସ୍ତାନକୁ ବିଭାଜିତ କରିଦେଲେ। ଭାରତବର୍ଷ ବିଶ୍ୱକୁ ଅର୍ଥ, କାମ, ମୋକ୍ଷ, ବାସ୍ତୁଶାସ୍ତ୍ର ଓ ବୈଦିକ ଗଣିତ ପ୍ରଦାନ କରିଛି। ତେଣୁ ଭାରତ ନିକଟରେ ପୂରା ବିଶ୍ୱ ଋଣୀ। ଜମ୍ମୁ-କଶ୍ମୀର ଉପରୁ ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ଭାରତ ସହ ପାକିସ୍ତାନ ବାଣିଜ୍ୟିକ ସମ୍ପର୍କ ଛିନ୍ନ କରିଛି। ଏହାଦ୍ୱାରା ଭାରତ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। କାରଣ ଭାରତ କାହାର ଅସ୍ତିତ୍ୱ ଉପରେ କୁଠାରାଘାତ କରିନାହିଁ, ବରଂ ନିଜ ମାର୍ଗ ପ୍ରଶସ୍ତ କରିଛି। ଅଯୋଧ୍ୟା ପ୍ରସଙ୍ଗରେ ସେ କହିଥିଲେ, କୌଣସି ଅରାଜକ ତତ୍ତ୍ୱ ପ୍ରଭୁ ଶ୍ରୀରାମଙ୍କ ଜନ୍ମଭୂମିରେ ଯେଉଁ ଉପଦ୍ରବ କରିଛନ୍ତି, ଏହାଦ୍ୱାରା ସେମାନଙ୍କର କୌଣସି ଅଧିକାର ସିଦ୍ଧ ହୋଇଯିବ ନାହିଁ। ସେହି ଅରାଜକ ତତ୍ତ୍ୱକୁ ବିଶ୍ୱ ସ୍ତରରେ ଆତଙ୍କବାଦୀ ଘୋଷଣା କରାଯିବା ଉଚିତ। ଆଗ୍ରାସ୍ଥିତ ତାଜମହଲର ପ୍ରକୃତ ନାମ ହେଉଛି ତେଜୋ ମହାଳୟ। ବିଦେଶୀ ଯାତ୍ରୀମାନେ ତାହାକୁ ଶିବାଳୟ ତେଜୋ ମହାଳୟ ନାମରେ ନାମିତ କରିଛନ୍ତି। ତାଜମହଲର ଇତିହାସ ବିକୃତ ଭାବେ ଲେଖାଯାଇଛି। ଆଫଗାନିସ୍ତାନଠାରୁ ଆଗ୍ରା ପର୍ଯ୍ୟନ୍ତ ମହାରାଜା ରଣଜିତ ସିଂଙ୍କ ରାଜତ୍ୱ ଥିଲା। ସେ କୋହିନୁର ହୀରାକୁ ଶ୍ରୀଜଗନ୍ନାଥଙ୍କ ନାମରେ ଘୋଷିତ କରିଥିଲେ। ତାଙ୍କ ଦେହାନ୍ତ ପରେ ଏହାକୁ ଚୋରାଇ ନିଆଯାଇଥିଲା। କୁଚକ୍ରାନ୍ତ କାରଣରୁ ଏହା ବିଦେଶକୁ ଚାଲିଯାଇଛି। ଏବେ କୋହିନୁର ହୀରାକୁ ସମ୍ମାନର ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଦେବା ଉଚିତ ବୋଲି ଶଙ୍କରାଚାର୍ଯ୍ୟ ମତ ରଖିଛନ୍ତି।

# ସହାୟତା ପାଇଁ ଜିଲାପାଳଙ୍କୁ ଗୁହାରି



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷ୍ଣପ୍ରସାଦ ବ୍ଲକ କେଉଟପୁଦି ଗ୍ରାମ ୬ ଏସ୍‌ଏଚ୍‌ଜିର ମହିଳାମାନେ ବସିଛନ୍ତି।

ପୁରୀ ଅଫିସ, ୮।୮:

ବାତ୍ୟା କ୍ଷତିଗ୍ରସ୍ତ ଅନେକ ଅଞ୍ଚଳରେ ଏବେ ବି ଲୋକେ ଅସୁବିଧାରେ ରହିଛନ୍ତି। ପ୍ରାୟ ପ୍ରତିଦିନ ଜିଲାର ବିଭିନ୍ନ ଅଞ୍ଚଳରୁ ଲୋକେ ଆସି ଜିଲାପାଳଙ୍କୁ ସହାୟତା ପାଇଁ ନିବେଦନ କରୁଛନ୍ତି। ଗୁରୁବାର କୃଷ୍ଣପ୍ରସାଦ ବ୍ଲକ ଗୋପୀନାଥପୁର ପଞ୍ଚାୟତ କେଉଟକୁଦି ଗ୍ରାମ (ଘଡାଇସାହି)ର ୬ଟି ଏସ୍‌ଏଚ୍‌ଜିର ମହିଳା ଏଥିଲାଗି ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ସେମାନେ ଦେଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ଗତ ବାତ୍ୟାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ସହାୟତା ପ୍ରଦାନ ଲାଗି ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

### ଚମ୍ପଟ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

ଗୋପ, ୮।୮(ଡି.ଏନ୍.ଏ.)

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ଆସିଥିବା ଅଭିଯୁକ୍ତ ଡାକ୍ତରଖାନାରୁ ଚମ୍ପଟ ମାରିଥିଲା। କୋଣାର୍କ ପୋଲିସ୍ ଓ ଗୋପ ପୋଲିସ୍ ଦୀର୍ଘ ଚାରିଘଣ୍ଟା ଧରି ନାକେଦମ ହେବା ପରେ ତାଙ୍କୁ ଧରିବାରେ ସକ୍ଷମ ହୋଇଛି। ଗୁରୁବାର ମଧ୍ୟାହ୍ନରେ କୋଣାର୍କ ପୋଲିସ୍ ଜଣେ ଯୁବତୀଙ୍କୁ ଅପହରଣ ଅଭିଯୋଗରେ ଚନ୍ଦନପୁର ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଅଟକ ରଖିଥିଲା। ପରେ ତାଙ୍କୁ ଚିକିତ୍ସା ଲାଗି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ଅଭିଯୁକ୍ତ ପାଇଖାନା ଯିବା ଲାଗି କହିବାରୁ ପୋଲିସ୍ ତାକୁ ପାଇଖାନାକୁ ନେଇଥିଲା। କିନ୍ତୁ ଅଭିଯୁକ୍ତ କୌଶଳକ୍ରମେ ପାଇଖାନା ସ୍କାଇଲାଇଟ୍ ଭାଙ୍ଗି ଚମ୍ପଟ ମାରିଥିଲା। ପରେ ପୋଲିସ୍ ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବାରେ ଅଭିଯୁକ୍ତ ଜଣଙ୍କ ଏକ ଜୋର ପାଣିରେ ଲୁଚି ରହିଥିଲା। ଦୀର୍ଘ ୪ଘଣ୍ଟା ପରେ ଅଭିଯୁକ୍ତ ଜୋର ପାଣିରୁ ବାହାରି ଖସିଯିବାକୁ ଉଦ୍ୟମ କରୁଥିବାବେଳେ ଲୋକେ ହୋ-ହଲ୍ଲା କରିଥିଲେ। ଗୋପ ଥାନାଧିକାରୀ ଦିଲ୍ଲୀପ୍ କୁମାର ସ୍ୱାଇଁ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ।

### ସମୁଦ୍ରରେ ବୁଡ଼ିଯିବା ବେଳେ ୩ ପର୍ଯ୍ୟଟକ ଉଦ୍ଧାର

ପୁରୀ ଅଫିସ, ୮।୮:

ସମୁଦ୍ର ସ୍ନାନ ବେଳେ ବୁଡ଼ିଯାଉଥିବା ୩ଜଣ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗ ହାଓଡ଼ା ଅଞ୍ଚଳର ପ୍ରକାଶ ସାହୁ, ରୋହିତ ସାହୁ ଓ ହିମାଂଶୁ ବର୍ମା। ସୂଚନା ଅନୁଯାୟୀ, ଏମାନେ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ସେକ୍ଟର-୧ ଅଞ୍ଚଳର ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ଲହଡ଼ି ମାଡ଼ରେ ଗଭୀର ସମୁଦ୍ରକୁ ଚାଲିଯାଇଥିଲେ। ଏମାନେ ବୁଡ଼ି ଯାଉଥିବାବେଳେ ଡ୍ୟୁଟିରେ ଥିବା ଲାଇଫଗାର୍ଡମାନେ ଉଦ୍ଧାର କରି କୂଳକୁ ଆଣିଥିଲେ। ସେହି ୩ ପର୍ଯ୍ୟଟକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ସେମାନେ ପଶ୍ଚିମବଙ୍ଗ ଫେରିଯାଇଥିବା ଜଣାପଡ଼ିଛି।

# ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ

ପୁରୀ ଅଫିସ, ୮।୮:

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଏବଂ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ପୁରୀ ଜିଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୨୦ ଆରମ୍ଭ ହୋଇଛି। ଭୋଟର ତାଲିକା ପ୍ରକାଶିତ ହୋଇ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ପ୍ରାକ୍ ସଂଶୋଧନ କାର୍ଯ୍ୟକ୍ରମ ଗତ ୧ ତାରିଖଠାରୁ ଆରମ୍ଭ ହୋଇଛି। ଯେଉଁମାନଙ୍କ ବୟସ ୨୦୨୦ ଜାନୁୟାରୀ ୧ ତାରିଖ ସୁଦ୍ଧା ୧୮ ବର୍ଷ ହୋଇଥିବ ସେମାନେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ଗୁରୁବାର ଏହି ସଂଶୋଧନ ସଂକ୍ରାନ୍ତରେ ଆଲୋଚନା ଲାଗି ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଟର ତାଲିକା ସଂଶୋଧନ ଲାଗି ବିଭିନ୍ନ ପ୍ରକାର ଫର୍ମ ରହିଛି। ଫର୍ମ ୬ରେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ, ଫର୍ମ ୬(କ)ରେ ପ୍ରବାସୀ ଭାରତୀୟ ଭାବେ ନାମ ପଞ୍ଜୀକରଣ, ଫର୍ମ ୭ରେ ଭୋଟର ତାଲିକାରୁ ନାମ ବାଦ୍ ନିମନ୍ତେ, ଫର୍ମ ୮ରେ ତ୍ରୁଟି ସଂଶୋଧନ ଏବଂ ଫର୍ମ ୮(କ)ରେ ଭୋଟରଙ୍କ ନାମ ସ୍ଥାନାନ୍ତୀକରଣ ନିମନ୍ତେ ଆବେଦନ ବୁଥ୍‌ସ୍ତରରେ ଦାଖଲ କରାଯାଇପାରିବ। ଭୋଟରମାନେ ସେମାନଙ୍କ ସମସ୍ତ ତଥ୍ୟ ଭୋଟର ସମୀକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ଜାଣିପାରିବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୬ରୁ ସେପ୍ଟମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଭୋଟର ହେଲ୍‌ପ ଲାଇନ ଆପ୍, ସାଧାରଣ ଜନସେବା କେନ୍ଦ୍ର ଏବଂ ଭୋଟର ସହାୟତା କେନ୍ଦ୍ର ମାଧ୍ୟମରେ ଭୋଟରଙ୍କ ତଥ୍ୟ ଉପଲବ୍ଧ ହେବ। ଉପଜିଲାପାଳ ଏବଂ ସମସ୍ତ ବିଡିଓଙ୍କ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି। ଏହି ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ନିର୍ବାଚନ ଡେପୁଟି କଲେକ୍ଟର ସୁମନ୍ତ କରଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ। ପୁରୀ ଜିଲାରେ ବର୍ତ୍ତମାନ ମୋଟ ଭୋଟରଙ୍କ ସଂଖ୍ୟା ୧୩, ୮୧,୫୬୧। ଏମାନଙ୍କ ମଧ୍ୟରୁ ୭,୧୫,୩୦୧ ପୁରୁଷ, ୬,୬୬,୧୯୧ ମହିଳା ଭୋଟର ଥିବାବେଳେ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ରହିଛି ୬୯।

### ଦାଦାଙ୍କୁ ମାଡ଼ ମାରି ପୁତୁରା ଗିରଫ

ପୁରୀ ଅଫିସ, ୮।୮:

ଦାଦାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁତୁରାଙ୍କୁ ଗୁରୁବାର ଗିରଫ କରିଛି ସମୁଦ୍ରକୂଳ ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ଷ୍ଟେଶନ ବଜାର ଧୋବାସାହିର ଭୋଳା ନାୟକ। କୌଣସି କାରଣକୁ ନେଇ ଭୋଳା ଓ ତାଙ୍କ ଦାଦାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଭୋଳା ଦାଦାଙ୍କୁ ମାଡ ମାରିବାରୁ ଦାଦା ଥାନାରେ ଅଭିଯୋଗ କରିଥିଲେ।

### ସ୍କୁଲ ପରିଦର୍ଶନ କଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ



ଶ୍ରେଣୀ ଗୃହ ବୁଲି ଦେଖୁଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ।

ପିପିଲି, ୮।୮(ଡି.ଏନ୍.ଏ.)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜବାହର ବିଦ୍ୟାପୀଠକୁ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଅଚାନକ ପରିଦର୍ଶନ କରିଛନ୍ତି। ଏହି ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, କ୍ରୀଡ଼ା ଶିକ୍ଷକଙ୍କ ସମେତ ୩ଜଣ ଶିକ୍ଷକ ଅନୁପସ୍ଥିତ ଥିଲେ। ଏନେଇ ୩ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ପରେ ମନ୍ତ୍ରୀ ନିମାପଡ଼ା ଅଭିମୁଖେ ଯାତ୍ରା କରିଥିଲେ।

# 'ଓଡ଼ିଶାରେ ମାଟିକଳା ବୋର୍ଡ ଗଠନ ହେଉ'



ନବକଳେବର ରୋଡ ପଟ୍ଟଚିତ୍ର ସେଣ୍ଟରରେ କୁରାଳ ମହାସଂଘର ବୈଠକ।

ପୁରୀ ଅଫିସ, ୮।୮:

ରାଜ୍ୟ ସରକାର କୁମ୍ଭକାରମାନଙ୍କୁ ହସ୍ତଶିଳ୍ପ ବର୍ଗରେ ସାମିଲ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ଓଡ଼ିଶା କୁରାଳ ମହାସଂଘ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ, ହସ୍ତଶିଳ୍ପ ମନ୍ତ୍ରୀ ଓ ସଚିବଙ୍କୁ ଧନ୍ୟବାଦ ଜଣାଇଛି। ଏ ନେଇ ଗୁରୁବାର ନବକଳେବର ରୋଡସ୍ଥିତ ପଟ୍ଟଚିତ୍ର ସେଣ୍ଟରରେ କୁରାଳ ମହାସଂଘର ରାଜ୍ୟ ସଭାପତି ସରୋଜ ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଏଥିରେ ସଂଘ ଉପଦେଷ୍ଟା କନ୍ଧମାଳ ବିଧାୟକ ମହୀଧର ରଣା ଉପସ୍ଥିତ ଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ କୁମ୍ଭକାରମାନଙ୍କ ଆର୍ଥିକ ମାନଦଣ୍ଡରେ ଅଭିବୃଦ୍ଧି ଘଟିବା ସହ ମାଟି କାମର ଚାହିଦା ବୃଦ୍ଧି ପାଇବ। ମାଟି କଳା ପ୍ରତି ମୁହଁ ଫେରାଉ ନେଉଥିବା ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇବ ବୋଲି ମତ ପ୍ରକାଶ ପାଇଥିଲା। ରାଜ୍ୟ କମିଟିର ସଦସ୍ୟ ମହେନ୍ଦ୍ର ବିଶୋଇ କହିଥିଲେ, ଅନ୍ୟ ରାଜ୍ୟ ପରି ଓଡ଼ିଶାରେ ମଧ୍ୟ ମାଟିକଳା ବୋର୍ଡ ଗଠନ ପ୍ରତି ସରକାର ଗୁରୁତ୍ୱ ଦେବା ଉଚିତ। ଏହି ବୈଠକରେ ରାଧାମୋହନ ବିଶୋଇ, ଉତ୍ସବ ବିଶୋଇ, ସୁକାନ୍ତ ବିଶୋଇ, ବୃନ୍ଦାବନ ବିଶୋଇ, ଗୋବିନ୍ଦ୍ର ଚନ୍ଦ୍ର ବିଶୋଇ, ତ୍ରିଲୋଚନ ବିଶୋଇଙ୍କ ସମେତ ବହୁ କୁମ୍ଭକାର ଉପସ୍ଥିତ ଥିଲେ। ମାଟିକାମକୁ ହସ୍ତଶିଳ୍ପର ମାନ୍ୟତା ଦେବାକୁ ଦାବି ହୋଇଥିଲା।

■ ଜଙ୍ଗଲକୁ ନେଇ ୨ ଗାଁ ମଧ୍ୟରେ ବିବାଦ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ବାଲିପଡ଼ିଆବାସୀଙ୍କ ଧାରଣା

### ପ୍ରଶାସନ କହିଲା ଗୋଚର ଜମିରେ ଗୋରୁ ଚରିବେ

ପୁରୀ ଅଫିସ, ୮।୮:

ସରକାରୀ ଗୋଚର ଜମିକୁ ନେଇ ଦୀର୍ଘ ୫ବର୍ଷ ହେଲା ବ୍ରହ୍ମଗିରି ବ୍ଲକର ବାଲିପଡ଼ିଆ ଓ ଗୋରୁଆଳ ଗାଁ ମଧ୍ୟରେ ବିବାଦ ରହିଆସିଛି। ଏହି ଜମିରେ ସୃଷ୍ଟ ଜଙ୍ଗଲରୁ କିଛି ଗଛକୁ ଗୋରୁଆଳ ଗ୍ରାମର ଲୋକେ କାଟି ନେଉଥିବା ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବିରେ ବାଲିପଡ଼ିଆ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ଜିଲାପାଳଙ୍କ ସହିତ ଆଲୋଚନା ପରେ ସେମାନେ ଧାରଣାରୁ ଓହରିଥିଲେ।

ବାଲିପଡ଼ିଆ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଗୋରୁଆଳ ମୌଜାର ପ୍ରାୟ ୧୭ଏକର ଗୋଚର ଜମି ବାଲିପଡ଼ିଆ ଗାଁ ପାଖାପାଖି ରହିଛି। ଏହି ଜଙ୍ଗଲରୁ ଗୋରୁଆଳ ଗାଁର ପ୍ରାୟ ୫୦ ଘର ଗଛ କାଟି ନେଉଛନ୍ତି। ଏ ନେଇ ବାଲିପଡ଼ିଆ ଗ୍ରାମବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହେବାରୁ ଗୁରୁବାର ଧାରଣାରେ ବସିଥିଲେ। ଜିଲାପାଳ ବଲୱନ୍ତ ସିଂ ସେମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ। ଏଥିରେ ସ୍ଥାନୀୟ ଆର୍‌ଆଇ ଏବଂ ଟାଉନ ଥାନା ଆଇଆଇସି ଉପସ୍ଥିତ ଥିଲେ। ଗୋଚର ଜମି ହୋଇଥିବାରୁ ଏହାକୁ ଗୋରୁ ଚରିବା ଉଦ୍ଦେଶ୍ୟରେ ରଖାଯିବ। କୌଣସି ଗାଁ ବ୍ୟକ୍ତିଗତ ଭାବେ ଏହି ଜମି ଉପରେ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ। ଯେଉଁମାନେ ଜଙ୍ଗଲରୁ ଗଛ କାଟି ନେଇଛନ୍ତି ସେମାନଙ୍କଠାରୁ ଆର୍‌ଆଇ, ତହସିଲଦାର କାଠ ଜବତ କରିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଯେଉଁ ଜମିକୁ ନେଇ ଉଭୟ ଗୋରୁଆଳ ଏବଂ ବାଲିପଡ଼ିଆ ଗାଁ ମଧ୍ୟରେ ବିବାଦ ଚାଲିଛି ତାହା ସରକାରୀ ଗୋଚର ଜମି। ତେଣୁ ଏହା ଉପରେ କୌଣସି ଗାଁ ଲୋକେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ। ଉଭୟ ଗାଁର ଗୋରୁ ଏହା ମଧ୍ୟରେ ଚରିବେ।



ଧାରଣାରେ ବସିଛନ୍ତି ବାଲିପଡିଆବାସୀ।